ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୦/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, September 20/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୨୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 297 | ମୂଲ୍ୟ ₹୭/-




**ବାଂଲାଦେଶ ବିପକ୍ଷରେ ଅଶ୍ୱିନଙ୍କ ଶତକ**

ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଶତକ ହାସଲ କରି ଅପରାଜିତ ଅଛନ୍ତି ଭାରତର ରବିଚନ୍ଦ୍ରନ ଅଶ୍ୱିନ। ୧୬

୦୫ **ନଭେମ୍ବର ୧୫ରେ 'ଦି ସାବରମତି ରିପୋର୍ଟ'**

ଅଭିନେତା ବିକ୍ରାନ୍ତ ମେସିଙ୍କ ଫିଲ୍ମ 'ଦି ସାବରମତି ରିପୋର୍ଟ' ଆସନ୍ତା ନଭେମ୍ବର ୧୫ରେ ରିଲିଜ୍ ହେବ। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।



# ସଂକଳ୍ପପତ୍ର ଆମ ଧର୍ମଗ୍ରନ୍ଥ: ମୁଖ୍ୟମନ୍ତ୍ରୀ





ରାଜ୍ୟରେ ଭାଜପା ସରକାରର ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ ପୁରୀ ଶରଧାବାଲିଠାରେ ଗୁରୁବାର ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ଜଣେ ପିଏମ୍ ଆବାସ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ।

**ଭାଜପା ସରକାରଙ୍କ ୧୦୦ ଦିନ ପୂର୍ତ୍ତିର ରାଜ୍ୟସ୍ତରୀୟ ସମାବେଶ**

**ଶରଧାବାଲିରେ ରିପୋର୍ଟ କାର୍ଡ ଉପସ୍ଥାପନ କଲେ ମୋହନ**

ପୁରୀ,୧୯।୯(ଅଜିତ୍ କୁମାର ମହାନ୍ତି)

ରାଜ୍ୟରେ ଗତ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ପକ୍ଷରୁ ପ୍ରକାଶିତ ସଂକଳ୍ପପତ୍ର (ମେନିଫେଷ୍ଟୋ)କୁ ଆମ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ସଂକଳ୍ପପତ୍ର ଆମ ପାଇଁ ଧର୍ମଗ୍ରନ୍ଥ ସଦୃଶ। ଏଥିରେ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତିକୁ ଆମେ ପୂରଣ କରିବୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟରେ ଭାଜପା ସରକାର ଗୁରୁବାର ୧୦୦ ଦିନ ପୂରଣ କରିଥିବାବେଳେ ଏହି ଉପଲକ୍ଷେ ପୁରୀ ଶରଧାବାଲିଠାରେ ଆୟୋଜିତ ହୋଇଛି ରାଜ୍ୟସ୍ତରୀୟ ସମାବେଶ। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ଦେବା ସହ ତାଙ୍କ ସରକାରଙ୍କ ୧୦୦ ଦିନର ରିପୋର୍ଟ କାର୍ଡ ଉପସ୍ଥାପନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଜନତାଙ୍କ ଆଶୀର୍ବାଦରେ ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପ ପୂରଣ ହେବ। ଏହାର ମୂଳଦୁଆ ପ୍ରଥମ ୫ ବର୍ଷରେ ପଡ଼ିବ। ଏ ନେଇ ପ୍ରକ୍ରିୟା ପ୍ରଥମ ୧୦୦ ଦିନ ମଧ୍ୟରେ ଆରମ୍ଭ ହୋଇସାରିଛି। ବିକଶିତ ଭାରତରେ ଓଡ଼ିଶା ନିଶ୍ଚିତ ଭାବେ ବିକାଶର ରେଳଗାଡ଼ିରେ ପ୍ରଥମ ☞ପୃଷ୍ଠା–୪

# ପେଜର, ୱାକିଟକି ବିସ୍ଫୋରଣ ପରେ ଏୟାରଷ୍ଟ୍ରାଇକ୍

**ନୂଆ ପର୍ଯ୍ୟାୟରେ ମଧ୍ୟପ୍ରାଚ୍ୟ ଯୁଦ୍ଧ**

**ଗାଜାରୁ ଲେବାନନ୍‌କୁ ମୁହାଁଇଲେ ଇସ୍ରାଏଲୀ ସୈନ୍ୟ**

**୨୦୨୪ ଅକ୍ଟୋବର ୭ରେ ଇସ୍ରାଏଲ୍–ହମାସ୍ ଯୁଦ୍ଧକୁ ବର୍ଷେ ପୂରିବାକୁ ଯାଉଥିବାବେଳେ ଲେବାନନ୍‌ରେ ମୋସାଦ୍‌ର ପେଜର ଓ ୱାକିଟକି ବିସ୍ଫୋରଣ ମଧ୍ୟପ୍ରାଚ୍ୟ ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି। ଇସ୍ରାଏଲୀ ସୈନ୍ୟ ଏବେ ଗାଜାରୁ ଲେବାନନ୍ ସୀମା ଅଭିମୁଖେ ଅଗ୍ରସର ହେଉଛନ୍ତି। ଏଭଳି ସମୟରେ ଯୁଦ୍ଧ ଏକ ନୂଆ ପର୍ଯ୍ୟାୟ ଆଡ଼କୁ ମୁହାଁଉଛି ବୋଲି ଇସ୍ରାଏଲ୍ ଚେତାବନୀ ଦେବା ସହ ଦକ୍ଷିଣ ଲେବାନନ୍‌ର ଅନେକ ସ୍ଥାନରେ ଏୟାରଷ୍ଟ୍ରାଇକ୍ କରିଛି। ସାଢ଼େ ୧୧ ମାସ ଭିତରେ ୪୫୦ ଫାଇଟର୍ସଙ୍କୁ ହରାଇଥିବା ହେଜ୍‌ବୋଲ୍ଲା ଇସ୍ରାଏଲ୍‌କୁ ଯୁଦ୍ଧର ଖୋଲା ଧମକ ଦେଇଛି।**



ଦକ୍ଷିଣ ଲେବାନନ୍‌ସ୍ଥିତ ଟାୟାରରେ ଗୁରୁବାର ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ପରେ ଧୂଆଁ ଉଠୁଛି।

ବେରୁଟ୍/ଜେରୁଜେଲମ୍,୧୯।୯

ଲଗାତର ୨ ଦିନ ଧରି ପେଜର ଓ ୱାକିଟକି ବିସ୍ଫୋରଣରେ ଲେବାନନ୍ ଥରି ଉଠିଥିବାବେଳେ ଗୁରୁବାର ଇସ୍ରାଏଲ୍ ପକ୍ଷରୁ ଏହାର ଦକ୍ଷିଣ ଭାଗରେ ପ୍ରଥମ ପ୍ରତ୍ୟକ୍ଷ ଆକ୍ରମଣ କରାଯାଇଛି। ଇସ୍ରାଏଲୀ ସେନା ଯୁଦ୍ଧବିମାନରୁ ଲେବାନନ୍‌ର ଅନେକ ସ୍ଥାନରେ ଏୟାରଷ୍ଟ୍ରାଇକ୍ କରିଛି। ବିଶେଷକରି ଦକ୍ଷିଣ ଲେବାନନ୍‌ର ଚିଚିନେ, ତୟିବେ, ମେଇସ୍ ଏଲ୍ ଜବାଲ, ଅଇଟାରୋନ୍ ଏବଂ କେଫରକେଲା ଅଞ୍ଚଳ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଖିଆମ୍‌ସ୍ଥିତ ହେଜ୍‌ବୋଲ୍ଲାର ଏକ ଅସ୍ତ୍ରାଗାର ମଧ୍ୟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ସଦ୍ୟ ଆକ୍ରମଣରେ କେତେଜଣ ମୃତାହତ ହୋଇଛନ୍ତି ତାହା ଜଣାପଡ଼ିନାହିଁ। ତେବେ ଲେବାନନ୍‌ରୁ କରାଯାଇଥିବା ଆଣ୍ଟି–ଟ୍ୟାଙ୍କ ମିଶାଇଲ୍ ଆକ୍ରମଣରେ ଅନେକ ଇସ୍ରାଏଲୀ ଆହତ ହୋଇଥିବା ଇସ୍ରାଏଲ୍ କହିଛି। ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟ କହିଛନ୍ତି, ଯୁଦ୍ଧ ଏକ ନୂଆ ପର୍ଯ୍ୟାୟକୁ ଆଡ଼କୁ ଯାଉଛି। ଉତ୍ତର ସୀମାକୁ ବହୁ ସେନା ୟୁନିଟ୍ ଏବଂ ସମ୍ବଳ ପ୍ରେରଣ କରାଯାଉଛି। ଏପରି କି ଗାଜାରେ ଗତବର୍ଷ ଅକ୍ଟୋବରରୁ ଯୁଦ୍ଧ ଚଳାଇଥିବା ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ମିଥେନ୍ ଚିନ୍ତା

# ପୋଲିସକୁ ବଞ୍ଚାଇବାକୁ ଜୋରଦାର ଉଦ୍ୟମ

ଭୁବନେଶ୍ୱର, ୧୯।୯(ସୁନିତ୍ ମିଶ୍ର)

**ଭରତପୁର ଥାନା: ଏଠି ନ୍ୟାୟ ନୁହେଁ, ଘାଡ଼ ଅନ୍ୟାୟ**

- ରୋଡ୍ ରୋମିଓଙ୍କୁ ଧରାଯିବ: ଡିଜିପି
- ଘଟଣାର ୫ ଦିନ ପରେ ମୁହଁ ଖୋଲିଲେ ଡିଜିପି, କମିଶନର ନୀରବ
- ୩ ଦିନରେ ରିପୋର୍ଟ ଦେବାକୁ ଡିଜିପିଙ୍କୁ ଏନ୍‌ସିଡବ୍ଲ୍ୟୁଙ୍କ ନୋଟିସ

ଭରତପୁର ଥାନାରେ ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ପ୍ରତି କରାଯାଇଥିବା ନିର୍ଯାତନା ଓ ଅତ୍ୟାଚାର ଘଟଣାକୁ ଇତିମଧ୍ୟରେ ୫ଦିନ ବିତିଲାଣି। ସମୟ ଯେତିକି ଗଡ଼ିଚାଲିଛି ନୂଆ କଥା ସବୁ ସାମ୍ନାକୁ ଆସିବାରେ ଲାଗିଛି। ଗତ ଶନିବାର ବିଳମ୍ବିତ ରାତିରେ ଘଟିଥିବା ଜଘନ୍ୟକାଣ୍ଡରେ ଗୁରୁବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜି) ୱାଇ.ବି. ଖୁରାନିଆ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ସେନା ଅଧିକାରୀଙ୍କ ଅଭିଯୋଗ ଆଧାରରେ ଏକ ନୂଆ ମାମଲା ରୁଜୁ କରାଯିବ। ଉକ୍ତ ମାମଲା ଆଧାରରେ ଗୁରୁଭନ୍ସ ଏବଂ ତାଙ୍କ ବାନ୍ଧବୀଙ୍କୁ ଯେଉଁମାନେ ରାସ୍ତାରେ ଦୁର୍ବ୍ୟବହାର କରିଥିଲେ ସେମାନଙ୍କୁ ଚିହ୍ନଟ କରାଯିବ। ଏହାପରେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜି କହିଛନ୍ତି। ଡିଜିଙ୍କ ଏଭଳି ମନ୍ତବ୍ୟ ପରେ ପୋଲିସ ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ଯେଉଁ କାମ ପ୍ରଥମେ କରିବାର ଥିଲା ସେକଥା ହେଲାନାହିଁ। ଏବେ ପୋଲିସର ଅମାନବୀୟ ଏବଂ ଆପରାଧିକ କାର୍ଯ୍ୟକଳାପ ଧୀରେ ଧୀରେ ସାମ୍ନାକୁ ଆସିବା ପରେ ଡିଜି ମୂଳ ପ୍ରସଙ୍ଗକୁ ଯିବା ନେଇ ସନ୍ଦେହ ସୃଷ୍ଟି କରୁଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏହି ଘଟଣାରେ ପୋଲିସକୁ ବଞ୍ଚାଇବା ଲାଗି ସର୍ବୋଚ୍ଚ ଅଧିକାରୀଙ୍କ ଏହି ଉଦ୍ୟମ। ଭୁବନେଶ୍ୱର–କଟକ କମିଶନରେଟ୍ ଅଧୀନରେ ଭରତପୁର ଥାନା ଆସୁଛି। ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏହି ଥାନା ଦାୟିତ୍ୱରେ ଥିବା ମୁଖ୍ୟଅଧିକାରୀ। ତେଣୁ ଯଦି ଭରତପୁର ଥାନାରେ କିଛି ଘଟଣା ଏଭଳି ଘଟିଲା ଏହାର ପରଦିନ ହିଁ ପୋଲିସ କମିଶନର ସାମ୍ନାକୁ ଆସି ଘଟଣାକୁ ଗୁରୁତର ସହ ବିଚାର କରିବାର ଆବଶ୍ୟକତା ଥିଲା। ହେଲେ ଏଯାଏଁ ପୋଲିସ କମିଶନର ଏ ବାବଦରେ ପଦୁଟିଏ ନ କହିବା ନାନା ପ୍ରକାର ପ୍ରଶ୍ନ ସୃଷ୍ଟି କରୁଛି। ଗତ ଶନିବାର ବିଳମ୍ବିତ ରାତିରେ ଗୁରୁଭନ୍ସ ଏବଂ ଅଙ୍କିତା ପଟିଆରୁ ଫେରିବା ସମୟରେ ଗୋଟିଏ ଗାଡ଼ିକୁ ☞ପୃଷ୍ଠା–୪

## ଗୁପ୍ତାଙ୍ଗ ଦେଖାଇଥିଲେ ଆଇଆଇସି

ଭୁବନେଶ୍ୱର,୧୯।୯(ସୁନିତ୍ ମିଶ୍ର)

ଭରତପୁର ଥାନାରେ ନିର୍ଯାତନା ଓ ଅତ୍ୟାଚାରର ଶିକାର ହୋଇଥିବା ଅଙ୍କିତା ପ୍ରଧାନ ଜାମିନରେ ମୁକୁଳିବା ପରେ ଗଣମାଧ୍ୟମ ଆଗକୁ ଆସି ମୁହଁ ଖୋଲିଛନ୍ତି। ଶନିବାର ବିଳମ୍ବିତ ରାତିରୁ ରବିବାର ଭୋର୍ ପର୍ଯ୍ୟନ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ କିପରି ଭାବେ ତାଙ୍କ ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ ସେ ସବୁ ଘଟଣା କାନ୍ଦି କାନ୍ଦି ବଖାଣିଛନ୍ତି। ଅଙ୍କିତାଙ୍କ କଥା ଶୁଣିବା ପରେ କମିଶନରେଟ୍ ପୋଲିସ ଅଧୀନରେ ଆସୁଥିବା ଭରତପୁର ଥାନାର କର୍ମଚାରୀ ଓ ଅଧିକାରୀ କିପରି ବେଆଇନ ଏବଂ ଆପରାଧିକ କାର୍ଯ୍ୟକଳାପ କରିଥିଲେ ସେସବୁ ଲୋକଲୋଚନକୁ ଆସିଛି। ବିଳମ୍ବିତ ରାତିରେ ଅଭିଯୋଗ କରିବାକୁ ଆସିଥିବା ମେଜର ଗୁରୁଭନ୍ସ ଏବଂ ତାଙ୍କ ବାନ୍ଧବୀ ଅଙ୍କିତାଙ୍କୁ ରାତି ତମାମ ଥାନା କର୍ମଚାରୀ ଅକଥନୀୟ ନିର୍ଯାତନା ଦେଇଛନ୍ତି। ଖାଲି ନିର୍ଯାତନା ନୁହେଁ, ଅଙ୍କିତାଙ୍କୁ ମାଡ଼ ମାରିବା ସହ ତାଙ୍କ ପ୍ରାଇଭେଟ୍ ପାର୍ଟକୁ ପୁରୁଷ ପୋଲିସ ଗୋଇଠା ମଧ୍ୟ ମାରିଥିଲେ। କିଛି ସମୟ ପରେ ଆଇଆଇସି ଆସି ତାଙ୍କ ପ୍ୟାଣ୍ଟ ଖସାଇ ଦେଇଥିଲେ। ଏହାପରେ ଆଇଆଇସି ନିଜର ଗୁପ୍ତାଙ୍ଗ ଦେଖାଇ କେତେ ଥର ନେଲା ପରେ ଚୁପ୍ ରହିବୁ ବୋଲି କହିଥିବା ଅଙ୍କିତା କହିଛନ୍ତି। ☞ପୃଷ୍ଠା–୪

# ଗୋରୁ ଚର୍ବି, ମାଛ ତେଲରେ ତିରୁପତି ଲଡୁ



ଅମରାବତୀ,୧୯।୯

ତିରୁପତିର ଶ୍ରୀଭେଙ୍କଟେଶ୍ୱର ମନ୍ଦିରର ପ୍ରସାଦ ଭାବେ ଶ୍ରଦ୍ଧାଳୁମାନଙ୍କୁ ମିଳୁଥିବା ଲଡୁରେ ଗୋରୁ ଚର୍ବି, ମାଛ ତେଲ ରହିଥିବା ଏକ ଲାବରେଟୋରି ରିପୋର୍ଟରୁ ସ୍ପଷ୍ଟ ହୋଇଛି। ରିପୋର୍ଟ ଅନୁଯାୟୀ ତିରୁପତି ଲଡୁରେ ବ୍ୟବହୃତ ଘିଅରେ ଗୋରୁ ଓ ଘୁଷୁରି ଚର୍ବି, ମାଛ ତେଲ ଏବଂ ତାଳତେଲ ରହିଛି। ଏହି ଖବର ପ୍ରକାଶ ପାଇବା ପରେ ଭକ୍ତଙ୍କ ମହଲରେ ହଇଚଇ ସୃଷ୍ଟି ହୋଇଛି।

ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍‌ସିପି ସରକାର ସମୟରେ ତିରୁପତି ଲଡୁ ପ୍ରସ୍ତୁତିରେ ପ୍ରାଣୀ ଚର୍ବି ଓ ନିମ୍ନମାନର ଉପାଦାନ ବ୍ୟବହାର କରାଯାଉଥିଲା ବୋଲି ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଅଭିଯୋଗ ଆଣିବା ପରେ ଏହି ବିବାଦ ସାମ୍ନାକୁ ଆସିଥିଲା। ଏବେ ଏନ୍‌ଡିଡିବି ସିଏଏଲ୍‌ଏଫ୍ ନାମକ ଏକ ଘରୋଇ ଗବେଷଣାଗାର ରିପୋର୍ଟରୁ ଲଡୁରେ ଗୋରୁ ଚର୍ବି ଓ ମାଛ ତେଲ ରହିଥିବା ଜଣାପଡ଼ିଛି। ଏହି ଲାବ୍ ପ୍ରାଣୀ ଖାଦ୍ୟ ଓ ଦୁଗ୍ଧଜାତ ଦ୍ରବ୍ୟଗୁଡ଼ିକର ପରୀକ୍ଷା କରିଥାଏ। ତିରୁପତି ପ୍ରସାଦମ୍‌ରେ ଘିଅ ବଦଳରେ ପ୍ରାଣୀ ଚର୍ବି ବ୍ୟବହାର କରାଯାଉଥିବା ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ସରକାରଙ୍କୁ ଆନ୍ଧ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ନର ଲୋକେଶ ଟାର୍ଗେଟ କରିଛନ୍ତି। ତିରୁପତିର ତିରୁମାଲାଠାରେ ଥିବା ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର ଆମର ସବୁଠୁ ପବିତ୍ର ମନ୍ଦିର। ସେଠାରେ ପ୍ରସ୍ତୁତ ଲଡୁରେ ୱାଇଏସ୍‌ଆର୍‌ସି ସରକାର ପ୍ରାଣୀ ଚର୍ବି ☞ପୃଷ୍ଠା–୪




## ସଂକ୍ଷେପରେ

### ୩୭ ହଜାର ସୁପ୍ରିମକୋର୍ଟ ରାୟ ହିନ୍ଦୀରେ ଅନୂଦିତ

ନୂଆଦିଲ୍ଲୀ,୧୯।୯(ପି.ଟି.)

ସ୍ୱାଧୀନତା ପରବର୍ତ୍ତୀ ସମୟରୁ ସୁପ୍ରିମକୋର୍ଟଙ୍କ ପ୍ରାୟ ୩୭,୦୦୦ ରାୟକୁ ହିନ୍ଦୀରେ ଅନୁବାଦ କରାଯାଇଛି। ଏବେ ସେଗୁଡ଼ିକୁ ସମ୍ବିଧାନ ସ୍ୱୀକୃତ ଅନ୍ୟ ଆଞ୍ଚଳିକ ଭାଷାରେ ଅନୁବାଦ କରାଇବା କାର୍ଯ୍ୟ ଚାଲିଥିବା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଗୁରୁବାର କହିଛନ୍ତି। ହିନ୍ଦୀ ପରେ ତାମିଲ ଭାଷାରେ ପ୍ରଥମେ ଅନୁବାଦ କରାଯାଉଛି। ଶୁଣାଣି ବେଳେ ଆଇନଜୀବୀମାନେ ଇଲେକ୍ଟ୍ରୋନିକ୍ ସୁପ୍ରିମକୋର୍ଟ ରିପୋର୍ଟ (ଇ-ଏସ୍‌ସିଆର୍)ରୁ ରାୟର ଉଦ୍ଧୃତାଂଶ ଦେବାକୁ ସିଜେଆଇ ନିବେଦନ କରିଛନ୍ତି। ୨୦୨୩ରେ ଇ-ଏସ୍‌ସିଆର୍ ପ୍ରୋଜେକ୍ଟ ଶୁଭାରମ୍ଭ ହୋଇଥିଲା। ଏଥିରେ ଦିଆଯାଇଥିବା ରାୟଗୁଡ଼ିକ ଆଇନଜୀବୀ, ଆଇନ ଛାତ୍ରୀଛାତ୍ର ଏବଂ ସାଧାରଣ ଜନତାଙ୍କ ପାଇଁ ମାଗଣାରେ ଉପଲବ୍ଧ।

### ସନ୍ଦୀପ୍ ଘୋଷଙ୍କ ମେଡିକାଲ ପଞ୍ଜୀକରଣ ବାତିଲ

କୋଲକାତା,୧୯।୯

ପଶ୍ଚିମବଙ୍ଗ ମେଡିକାଲ କାଉନ୍‌ସିଲ (ଡବ୍ଲ୍ୟୁବିଏମ୍‌ସି) ଗୁରୁବାର ଆର୍.ଜି. କର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କ ପଞ୍ଜୀକରଣକୁ ବାତିଲ କରିଦେଇଛି। ପଞ୍ଜୀକୃତ ଡାକ୍ତର ତାଲିକାରୁ ସେ ବାଦ୍ ପଡ଼ିଛନ୍ତି। ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲା ସହ ସମ୍ପୃକ୍ତି ନେଇ ସନ୍ଦୀପ୍ ଏବେ ସିବିଆଇ ହାଜତରେ ରହିଛନ୍ତି। ଅଗଷ୍ଟ ୯ ରାତିରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ପରେ ସନ୍ଦିପ୍ ଏହାର ଅନୁଧ୍ୟାନ କରିବା ପରିବର୍ତ୍ତେ ଜାଣିଶୁଣି ଅପରାଧ ସ୍ଥଳରୁ ଦୂରେଇ ରହିଥିଲେ ବୋଲି ସିବିଆଇ ଅଦାଲତଙ୍କୁ ଜଣାଇଛନ୍ତି। ହସ୍ପିଟାଲରେ ପୋଲିସ ଏବଂ ତଦନ୍ତକାରୀ ଅଧିକାରୀ ପହଞ୍ଚିବା ପରେ ସନ୍ଦୀପ୍ ପହଞ୍ଚିଥିଲେ। ଏହା ପୂର୍ବରୁ ସେ ତଲା ଥାନା ଅଧିକାରୀ ଅଭିଜିତ ମଣ୍ଡଳ ଏବଂ ହସ୍ପିଟାଲର ଏକାଧିକ ଅଧିକାରୀଙ୍କ ସହ ବହୁଥର ଫୋନ୍ ଯୋଗେ କଥା ହୋଇଥିଲେ।

### ରାହୁଲ ବିରୋଧୀ ମନ୍ତବ୍ୟ: କେନ୍ଦ୍ରମନ୍ତ୍ରୀ ବିଟ୍ଟୁଙ୍କ ବିରୋଧରେ ମାମଲା ରୁଜୁ



ରଭନୀତ୍ ସିଂହ ବିଟ୍ଟୁ

ବେଙ୍ଗାଲୁରୁ, ୧୯।୯

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଜ ଆମେରିକା ଗସ୍ତରେ ଭାରତରେ ଶିଖ୍‌ଙ୍କର ସ୍ଥିତିକୁ ନେଇ ଦେଇଥିବା ଏକ ମନ୍ତବ୍ୟକୁ କେନ୍ଦ୍ରମନ୍ତ୍ରୀ ରଭନୀତ୍ ସିଂହ ବିଟ୍ଟୁ ଘୋର ସମାଲୋଚନା କରିଥିଲେ। ରାହୁଲଙ୍କର ବୟାନକୁ ବିରୋଧ କରିବା ସହ ସେ ଦେଶର ଏକ ନମ୍ବର ଆତଙ୍କବାଦୀ ହୋଇଥିବା ବିଟ୍ଟୁ କହିଥିଲେ। ତେବେ ଗୁରୁବାର ଜଣେ ସ୍ଥାନୀୟ କଂଗ୍ରେସ ନେତାଙ୍କ ଅଭିଯୋଗ ଆଧାରରେ ବିଟ୍ଟୁଙ୍କ ବିରୋଧରେ ବେଙ୍ଗାଲୁରୁର ହାଇ ଗ୍ରାଉଣ୍ଡସ୍ ଥାନାରେ ମାମଲା ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଧାରା ୩୫୩(୨), ୧୯୨ ଏବଂ ୧୯୬ ଅନୁଯାୟୀ, ପୋଲିସ ବିଟ୍ଟୁଙ୍କ ବିରୋଧରେ ମାମଲା ରୁଜୁ କରିଛି।

### ମହିଳା ସହକର୍ମୀଙ୍କୁ ଯୌନ ନିର୍ଯାତନା: କୋରିଓଗ୍ରାଫର ଜାନି ମାଷ୍ଟର ଗିରଫ

ହାଇଦ୍ରାବାଦ, ୧୯।୯

'ବାହୁବଳୀ' ଓ 'ପୁଷ୍ପା' ଭଳି ବ୍ଲକ୍‌ବଷ୍ଟର ଫିଲ୍ମରେ କୋରିଓଗ୍ରାଫର ଭାବେ କାର୍ଯ୍ୟ କରିଥିବା ଜାନି ମାଷ୍ଟର ଗୁରୁବାର ଗିରଫ ହୋଇଛନ୍ତି। ଜଣେ ୨୧ ବର୍ଷୀୟା ମହିଳା ସହକର୍ମୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଗତ ୧୬ ତାରିଖରେ ହାଇଦ୍ରାବାଦର ରାୟ ଦୁର୍ଗମ ଥାନାରେ ଜାନିଙ୍କ ବିରୋଧରେ ପୀଡ଼ିତା ମାମଲା ରୁଜୁ କରିଥିଲେ। ଗୁରୁବାର ସାଇବରାବାଦ ପୋଲିସର ସ୍ୱତନ୍ତ୍ର ଅପରେଶନ୍ ଟିମ(ଏସ୍‌ଓଟି) ଜାନିଙ୍କୁ ଗୋଆରୁ ଗିରଫ କରିବାରେ ସଫଳ ହୋଇଛି। ପୋଲିସ ତାଙ୍କୁ ଶୁକ୍ରବାର କୋର୍ଟଙ୍କ ସମ୍ମୁଖରେ ହାଜର କରିବ।

# ପ୍ରତିଶୋଧ ଧମକ ଦେଲା ହେଜ୍‌ବୋଲ୍ଲା




ବେରୁଟ୍‌ରେ ପେଜର ବିସ୍ଫୋରଣରେ ପ୍ରାଣ ହରାଇଥିବା ହେଜ୍‌ବୋଲ୍ଲା ସଦସ୍ୟମାନଙ୍କ କଫିନ୍‌କୁ ଗୁରୁବାର ଶୋଭାଯାତ୍ରାରେ ନିଆଯାଉଛି।

ବେରୁଟ୍,୧୯।୯

ଲେବାନନ୍‌ରେ ୨ ଦିନ ଧରି ଯୋଗାଯୋଗ ଉପକରଣ ବିସ୍ଫୋରଣରେ ମୃତକଙ୍କ ସଂଖ୍ୟା ୩୭କୁ ବୃଦ୍ଧି ପାଇଥିବାବେଳେ ୨୮୭ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ହେଜ୍‌ବୋଲ୍ଲା ନେତା ହସନ୍ ନସରଲ୍ଲା କହିଛନ୍ତି, ପେଜର ଓ ୱାକିଟକି ଆକ୍ରମଣ ଏକ ଆତଙ୍କବାଦୀ କାର୍ଯ୍ୟ ଏବଂ ଲେବାନନ୍ ନାଗରିକ ଓ ଦେଶର ସାର୍ବଭୌମତ୍ୱ ବିରୋଧରେ ଏକ ଯୁଦ୍ଧ ଘୋଷଣା। ଏହି ବିପଜ୍ଜନକ ଘଟଣାକ୍ରମ ଏକ ବିସ୍ତୃତ ଯୁଦ୍ଧର ସଙ୍କେତ ଦେଇଛି ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ଦେଶର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକ ଯାତ୍ରୀମାନଙ୍କୁ ବିମାନ ଯାତ୍ରାବେଳେ ପେଜର ଓ ୱାକିଟକି ସାଙ୍ଗରେ ନେଇ ନ ଯିବା ପାଇଁ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି।

ଲେବାନନ୍‌ରେ ଉପକରଣଗୁଡ଼ିକରେ ବିସ୍ଫୋରଣ ଘଟିବା ଯୋଗୁ ହେଜ୍‌ବୋଲ୍ଲାର ଅନେକ ଆତଙ୍କବାଦୀ ମୃତାହତ ହୋଇଛନ୍ତି। ସେପ୍ଟେମ୍ବର ୧୭ରୁ ଚାଲିଥିବା ଏହି ସିରିଜ ବିସ୍ଫୋରଣକୁ ନେଇ କ୍ରୋଧିତ ହେଜ୍‌ବୋଲ୍ଲା ଇସ୍ରାଏଲ ଉପରେ ପ୍ରତିଶୋଧ ନେବା ପାଇଁ ଧମକ ଦେଇଛି। ସଙ୍ଗଠନର ମିଡିଆ ଅଲ୍-ମନାରରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ହେଜ୍‌ବୋଲ୍ଲା ଏଭଳି କଡ଼ା ଜବାବ ଦେବାକୁ ଯାଉଛି, ଯାହାକି ଇସ୍ରାଏଲ୍ କେବେ ହେଲେ କଳ୍ପନା କରି ନ ଥିବ।

ଗତବର୍ଷ ଅକ୍ଟୋବର ୮ରେ ଇସ୍ରାଏଲ୍ ପକ୍ଷରୁ ଗାଜାରେ ଆକ୍ରମଣ କରାଯିବା ପରଠୁ ସଶସ୍ତ୍ର ଶାସକ ହମାସ୍‌କୁ ହେଜ୍‌ବୋଲ୍ଲା ସହଯୋଗ କରିଆସୁଛି। ଏପରି କି ଉତ୍ତର ଇସ୍ରାଏଲ୍‌ରେ ହେଜ୍‌ବୋଲ୍ଲା ଏକାଧିକ ଆକ୍ରମଣ କରିଛି। ଯେତେବେଳେ ବି ଇସ୍ରାଏଲ୍ ଲେବାନନ୍‌କୁ ଟାର୍ଗେଟ କରିଥିବା ହେଜ୍‌ବୋଲ୍ଲା ସନ୍ଦେହ କରିଛି, ତତ୍‌କ୍ଷଣାତ ଜବାବ ଦେବାକୁ ପଛାଇନାହିଁ। ଇସ୍ରାଏଲ୍-ହମାସ୍ ଯୁଦ୍ଧର ୧୧ ମାସ ଭିତରେ କେତେକ ଘଟଣା 'ଯେସାକୁ ତେସା'ରୁ ସୀମା ବାହାରକୁ ଚାଲିଯାଇପାରେ ବୋଲି ହେଜ୍‌ବୋଲ୍ଲା କହିଆସିଛି। ଅନ୍ୟପକ୍ଷେ ଗାଜାରେ ଅସ୍ତ୍ରବିରତି ହେଲେ ଇସ୍ରାଏଲ୍ ଉପରେ ଆକ୍ରମଣ ବନ୍ଦ କରାଯିବ ବୋଲି ଆତଙ୍କବାଦୀ ସଙ୍ଗଠନ ସ୍ପଷ୍ଟ କରିଛି। ଇତିମଧ୍ୟରେ ଆହତଙ୍କୁ ସେବା ପ୍ରଦାନ ପାଇଁ ଇରାନ୍‌ର ଏକ ମେଡିକାଲ ଟିମ୍ ଲେବାନନ୍‌ରେ ପହଞ୍ଚିଛି। ଅନେକ ଆହତଙ୍କୁ ଇରାନ୍‌କୁ ଦେଶାନ୍ତର କରାଯାଉଛି। ନିକଟ ଭବିଷ୍ୟତରେ ଇରାନ୍ ସହାୟତାରେ ଇସ୍ରାଏଲ୍ ଉପରେ ହେଜ୍‌ବୋଲ୍ଲା ଏକ ବଡ଼ ଧରଣର ରକେଟ ଆକ୍ରମଣ କରିପାରେ।



### ଲେବାନନ୍ ଆକ୍ରମଣ ଏକ ଯୁଦ୍ଧ ଘୋଷଣା: ନସରଲ୍ଲା

ପେଜର ଏକ ଯୋଗାଯୋଗର ମାଧ୍ୟମ, ଯାହା ଜରିଆରେ କେବଳ ମେସେଜ୍ ପଠାଯାଇଥାଏ। ପେଜରରେ ଇଣ୍ଟରନେଟ୍ ଆବଶ୍ୟକ ହୋଇ ନ ଥାଏ। ରେଡିଓ ତରଙ୍ଗରେ ଚାଳିତ ଏହି ପୁରୁଣାକାଳିଆ ଉପକରଣକୁ ମୋବାଇଲ୍ ଫୋନ୍ ଭଳି ଟ୍ରାକ୍ କରି ଏହାର ଅବସ୍ଥିତି ଠାବ କରିବା ଅସମ୍ଭବ। ତେଣୁ ହେଜ୍‌ବୋଲ୍ଲା ମୁଖ୍ୟ ହାସନ୍ ନସରଲ୍ଲା ସୁରକ୍ଷା ଦୃଷ୍ଟିରୁ ନିଜ ସଦସ୍ୟମାନଙ୍କୁ ପେଜର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ସେହି ପେଜରକୁ ଅସ୍ତ୍ର କରି ହେଜ୍‌ବୋଲ୍ଲା ଫାଇଟର୍ସଙ୍କୁ ଟାର୍ଗେଟ କରିଛି ଇସ୍ରାଏଲୀ ଗୁପ୍ତଚର ସଂସ୍ଥା ମୋସାଦ୍। ଇତିମଧ୍ୟରେ ଲେବାନନ୍‌ର ବେରୁଟ୍ ସମେତ ଅନେକ ସହରରେ ବହୁଳ ଭାବେ ବ୍ୟବହୃତ ୱାକିଟକି, ସ୍ମାର୍ଟଫୋନ୍, ରେଡିଓ, ଲାପ୍‌ଟପ୍, ହୋମ୍ ଇଣ୍ଟରକମ୍, ହୋମ୍ ସୋଲାର ଏନର୍ଜି ସିଷ୍ଟମ୍ ଓ ବ୍ୟାଟେରି ଆଦିରେ ବିସ୍ଫୋରଣ ଘଟୁଥିବା ଖବର ସାମ୍ନାକୁ ଆସିବାରେ ଲାଗିଛି। ନସରଲ୍ଲା ଏହାକୁ ଇସ୍ରାଏଲ୍‌ର ଯୁଦ୍ଧ ଘୋଷଣା ବୋଲି ଅଭିହିତ କରିଛନ୍ତି।

### ବିସ୍ଫୋରଣ ପଛରେ ଇସ୍ରାଏଲୀ ଶେଲ୍ କମ୍ପାନୀ

ଜେରୁଜେଲମ୍,୧୯।୯



ଲେବାନନ୍‌ରେ ସିରିଜ ବିସ୍ଫୋରଣର କାରଣ ସାଜିଥିବା ପେଜରଗୁଡ଼ିକର ନିର୍ମାତା ହେଉଛି ଇସ୍ରାଏଲ୍‌ର ଏକ ଶେଲ୍ କମ୍ପାନୀ। ଉକ୍ତ କମ୍ପାନୀ ନିୟମିତ ଭାବେ ଅନ୍ୟ କ୍ଲାଏଣ୍ଟଙ୍କ ପାଇଁ ପେଜର ନିର୍ମାଣ କରି ନ ଥାଏ। ତେବେ ହେଜ୍‌ବୋଲ୍ଲା ପାଇଁ ତିଆରି କରିଥିବା ପେଜରଗୁଡ଼ିକର ବ୍ୟାଟେରିରେ କମ୍ପାନୀ ବିସ୍ଫୋରକ ଖଞ୍ଜିଥିଲା ବୋଲି ୩ ଜଣ ଗୋଇନ୍ଦା ଅଧିକାରୀଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ନ୍ୟୁୟର୍କ ଟାଇମ୍ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ପେଜର ତିଆରିରେ ନିୟୋଜିତ ବ୍ୟକ୍ତି ଓ ସଂସ୍ଥାର ପରିଚୟ ଗୋପନ ରଖିବା ଉଦ୍ଦେଶ୍ୟରେ ଅତିରିକ୍ତ ୨ଟି ଶେଲ୍ କମ୍ପାନୀ ଗଢ଼ାଯାଇଥିଲା। ହେଜ୍‌ବୋଲ୍ଲା ସେକ୍ରେଟାରି ଜେନେରାଲ ହାସନ ନସରଲ୍ଲା ସେଲ୍‌ଫୋନ୍‌କୁ ଇସ୍ରାଏଲୀ ଏଜେଣ୍ଟ ଆଖ୍ୟା ଦେଇ ଏହାର ବ୍ୟବହାର ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପେଜର ବ୍ୟବହାର କରିବାକୁ କହିଥିଲେ। ନସରଲ୍ଲାଙ୍କ ସମ୍ବୋଧନ ପରେ ଲେବାନନ୍‌ର ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ବିଏସି ନିର୍ମିତ ପେଜର ମଗାଇବା ପାଇଁ ବହୁସଂଖ୍ୟାରେ ଅର୍ଡର କରାଯାଇଥିଲା।

ନସରଲ୍ଲା ହେଜ୍‌ବୋଲ୍ଲା ଅଧିକାରୀମାନଙ୍କୁ ସେଲ୍‌ଫୋନ ପରିବର୍ତ୍ତେ ପେଜର ଧରି ସାଙ୍ଗଠନିକ ବୈଠକ କରିବାକୁ ପରାମର୍ଶ ଦେଇଥିଲେ। ଏପରି କି ହେଜ୍‌ବୋଲ୍ଲାର ଗତିବିଧି ଓ ଯୋଜନା ସମ୍ପର୍କରେ କୌଣସି ସେଲ୍ ଫୋନ୍‌ରେ ନିଜର କୌଣସି ସହଯୋଗୀ କିମ୍ବା ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ ନ କରାଇବା ପାଇଁ ସେ କହୁଥିଲେ। ହେଜ୍‌ବୋଲ୍ଲା ପେଜରକୁ ଏକ ଆତ୍ମରକ୍ଷାମୂଳକ ଉପକରଣ ଭାବେ ବ୍ୟବହାର କରୁଥିଲା। କିନ୍ତୁ ମୋସାଦ ଏହାକୁ 'ବଟନ୍' ରୂପେ ବର୍ଗୀକୃତ କରିଥିଲା, ଯାହାକୁ ରଣନୈତିକ ସ୍ଥିତିରେ ଆକ୍ଟିଭେଟ୍ କରିହେବ। ପେଜରଗୁଡ଼ିକୁ ବିପ୍ ପାଇଁ ସେଟ୍ କରାଯାଇଥିଲା। ବିପ୍ କରିବା ପରେ ସେଗୁଡ଼ିକୁ ଧରିଥିବା ଲୋକେ ହେଜ୍‌ବୋଲ୍ଲା ଅଧିକାରୀମାନଙ୍କଠାରୁ କ'ଣ ମେସେଜ୍ ଆସିଛି ବୋଲି ଯାଞ୍ଚ କରିଥିଲେ। ଏହାର କିଛି ସେକେଣ୍ଡ ଭିତରେ ପେଜରଗୁଡ଼ିକରେ ବିସ୍ଫୋରଣ ଘଟି ଲେବାନନ୍‌ସାରା ଆତଙ୍କ ସୃଷ୍ଟି ହୋଇଥିଲା।

### ଭାରତ ସରକାର, ଡୋଭାଲଙ୍କ ନାଁରେ ମାମଲା ଦାଏର କଲେ ପନ୍ନୁନ



ଲଣ୍ଡନ,୧୯।୯

**ଆମେରିକା କୋର୍ଟଙ୍କ ସମନ**

ଖଲିସ୍ତାନୀ ସଂଗଠନ ଶିଖ୍‌ସ ଫର୍ ଜଷ୍ଟିସ୍‌ର ଜେନେରାଲ କାଉନସିଲ ଗୁରପତ୍‌ୱନ୍ତ ସିଂ ପନ୍ନୁନ ତାଙ୍କ ଓକିଲଙ୍କ ଜରିଆରେ ଭାରତ ସରକାର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଓ ଅନ୍ୟମାନଙ୍କ ବିରୋଧରେ ଆମେରିକାର ସଂଘୀୟ ଜିଲା ଅଦାଲତରେ ମାମଲା ଦାଏର କରିଛନ୍ତି। ଅନ୍ୟ ଯେଉଁମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ସେମାନଙ୍କ ମଧ୍ୟରେ ଅଛନ୍ତି ର'(ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍) ପୂର୍ବତନ ମୁଖ୍ୟ ସାମନ୍ତ ଗୋଏଲ, ର' ଏଜେଣ୍ଟ ବିକ୍ରମ ଯାଦବ, ଭାରତୀୟ ବ୍ୟବସାୟୀ ନିଖିଲ ଗୁପ୍ତା। ଗତବର୍ଷ ଜୁନ୍‌ରେ ଆମେରିକା ମାଟିରେ ପନ୍ନୁନଙ୍କୁ ହତ୍ୟା ଉଦ୍ୟମ ହୋଇଥିବାରୁ ସେ ଏଥିପାଇଁ କ୍ଷତିପୂରଣ ଦାବି କରିଛନ୍ତି। ଏହି ଲ' ଶୁଟ୍ ପରେ ଆମେରିକା କୋର୍ଟ ଭାରତ ସରକାର ଓ ଅନ୍ୟମାନଙ୍କୁ ସମନ ଜାରି କରି ୨୧ ଦିନ ମଧ୍ୟରେ ଜବାବ ରଖିବାକୁ କହିଛନ୍ତି। ଭାରତୀୟ ବଂଶୋଦ୍ଭବ ତଥା ଆମେରିକା-କାନାଡାର ଦ୍ୱୈତ ନାଗରିକତ୍ୱ ପାଇଥିବା ପନ୍ନୁନଙ୍କୁ ଭାରତ ଆତଙ୍କବାଦୀ ଘୋଷଣା କରିଛି। ତାଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ ସମ୍ପୂର୍ଣ୍ଣ ଅବାଞ୍ଛିତ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

### ମୁଖ୍ୟ ବିଚାରପତି ନିଯୁକ୍ତିରେ ବିଳମ୍ବ, କେନ୍ଦ୍ର ବିରୋଧରେ ଅଦାଲତ ଅବମାନନା ପିଟିଶନ



ନୂଆଦିଲ୍ଲୀ,୧୯।୯

ସୁପ୍ରିମକୋର୍ଟ କଲେଜିୟମ୍‌ର ସୁପାରିସ ସତ୍ତ୍ୱେ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତିରେ ବିଳମ୍ବ ପାଇଁ ରାଜ୍ୟ ସରକାର କେନ୍ଦ୍ର ବିରୋଧରେ ଅଦାଲତ ଅବମାନନା ପିଟିଶନ ଦାଏର କରିଛନ୍ତି। କଲେଜିୟମ୍‌ଙ୍କ ସୁପାରିସ ପରେ ବିଚାରପତି ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଁ ସମୟସୀମା ଧାର୍ଯ୍ୟ କରାଯାଉ ବୋଲି ଏକ ଜନସ୍ୱାର୍ଥ ମାମଲା ଉପରେ ଜବାବ ରଖିବା ନିମନ୍ତେ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ଗୁରୁବାର ଆଉ ସପ୍ତାହେ ସମୟ ମାଗିଥିଲେ। ଏହି ସମୟରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଆର୍ଟର୍ନି ଜେନେରାଲଙ୍କୁ ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ଦାଏର ଅଦାଲତ ଅବମାନନା ପିଟିଶନ ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ସମ୍ପର୍କରେ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଭେଙ୍କଟରମଣୀ କହିଛନ୍ତି। ସୂଚନାଯୋଗ୍ୟ, ସୁପ୍ରିମକୋର୍ଟ କଲେଜିୟମ୍ ୮ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ନିମନ୍ତେ ଜୁଲାଇ ୧୧ରେ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ନିଯୁକ୍ତି ଦିଆଯାଇ ନାହିଁ।

# ଦଳିତଙ୍କ ୮୦ ଘର ଜାଳିଦେଲେ

### ବିହାର ସରକାରଙ୍କୁ କଂଗ୍ରେସ, ଆର୍‌ଜେଡିର ନିନ୍ଦା

ପାଟନା,୧୯।୯

ବିହାରର ନୱାଦା ଜିଲାରେ ଏକ ଜମି ବିବାଦକୁ କେନ୍ଦ୍ରକରି ଉତ୍ତ୍ୟକ୍ତ ଲୋକେ ମହାଦଳିତ ଟୋଲାର ପ୍ରାୟ ୮୦ ଘର ଜାଳିଦେଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଛି। ଏହି ଘଟଣା ପାଇଁ ବିରୋଧୀ ଦଳଗୁଡ଼ିକ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ନିନ୍ଦା କରିବା ସହ ରାଜ୍ୟରେ ଜଙ୍ଗଲରାଜ ଚାଲିଥିବା କହିଛନ୍ତି। ପୋଲିସ ୧୫ ଜଣଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ଚଳାଇଛି।

ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ, କେତେକ ଅଣଚାଷଜମିକୁ ନେଇ ପାସ୍ୱାନ ଏବଂ ମାନ୍‌ଝି ସମ୍ପ୍ରଦାୟ ମଧ୍ୟରେ ଦୀର୍ଘବର୍ଷ ହେଲା ବିବାଦ ରହିଥିଲା। ମହାଦଳିତ ସମ୍ପ୍ରଦାୟ ୧୦ ବର୍ଷ ହେଲା ସରକାରୀ ଜମିରେ ଘର କରି ରହିଆସୁଥିଲେ। ବୁଧବାର ରାତିରେ କେତେକ ଦୁର୍ବୃତ୍ତ ମହାଦଳିତ ଟୋଲାରେ ପହଞ୍ଚି ଗୁଳି ଚଳାଇବା ପରେ ଦଳିତମାନଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା କରିବା ସହ ତଦନ୍ତର ଅନୁଧ୍ୟାନ ପାଇଁ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଜିଡି)ଙ୍କୁ ନୱାଦା ପଠାଇଛନ୍ତି। ଘର ଜାଳିଦେବା ଘଟଣାକୁ କେନ୍ଦ୍ରମନ୍ତ୍ରୀ ଚିରାଗ ପାସ୍ୱାନ ନିନ୍ଦା କରିଛନ୍ତି। ଅପରାଧୀମାନଙ୍କୁ ଛଡ଼ାଯିବ ନାହିଁ ବୋଲି ସେ କହିଛନ୍ତି। କ୍ଷତିଗ୍ରସ୍ତ ଲୋକମାନଙ୍କୁ ଖାଦ୍ୟ ଓ ଅସ୍ଥାୟୀ ଆଶ୍ରୟସ୍ଥଳ ଯୋଗାଇ ଦିଆଯାଇଛି।

ନୱାଦାରେ ଦଳିତମାନଙ୍କ ପ୍ରତି ଅନ୍ୟାୟର ଏହା ଭୟଙ୍କର ଚିତ୍ର ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଦଳିତ ବସ୍ତିରେ ଗୁଣ୍ଡାଙ୍କ ଆତଙ୍କରାଜ ଏନ୍‌ଡିଏ ଡବଲ ଇଞ୍ଜିନ୍ ସରକାରର ଗୁଣ୍ଡାରାଜର ପ୍ରମାଣ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ନୀତୀଶ ସରକାର ଆଇନ ଶୃଙ୍ଖଳା ରକ୍ଷାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ଯାଦବ କହିଛନ୍ତି।



ନୱାଦା ଜିଲାର ମହାଦଳିତ ଟୋଲାରେ ଦଳିତଙ୍କ ଘର ପୋଡ଼ି ପାଉଁଶ ହୋଇଯାଇଛି।

### ଇୱାଇ କର୍ମଚାରୀଙ୍କ ମୃତ୍ୟୁର ତଦନ୍ତ କରିବ କେନ୍ଦ୍ର

କୋଚି,୧୯।୯

ଏର୍ନେଷ୍ଟ ଆଣ୍ଡ ୟୁଙ୍ଗ୍ (ଇୱାଇ)ର ୨୬ ବର୍ଷୀୟା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଆନ୍ନା ସେବାଷ୍ଟିଆନ୍ ପେରାୟିଲ୍‌ଙ୍କ ମୃତ୍ୟୁ ଘଟଣା ସାରା ଦେଶରେ ଉତ୍ତେଜନା ସୃଷ୍ଟି କରିଥିବାବେଳେ ଏହାର ତଦନ୍ତ କେନ୍ଦ୍ର ସରକାର କରିବେ ବୋଲି ଶ୍ରମ ମନ୍ତ୍ରଣାଳୟ ଘୋଷଣା କରିଛି। ପେରାୟିଲଙ୍କ ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଏକ୍ସ'ରେ ପୋଷ୍ଟ କରିଥିବାବେଳେ ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଅସୁରକ୍ଷିତ ତଥା ଶୋଷଣକାରୀ କାର୍ଯ୍ୟ ପରିବେଶ ଅଭିଯୋଗର ଉପଯୁକ୍ତ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଅସୁରକ୍ଷିତ ପରିବେଶ ଏବଂ ଅତ୍ୟଧିକ କାର୍ଯ୍ୟ ଚାପ ଯୋଗୁ ପେରାୟିଲ୍‌ଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ମାଆ ଅଭିଯୋଗ କରିଥିଲେ। ଇୱାଇରେ ପେରାୟିଲ୍ ଅଡିଟ୍ ଆଣ୍ଡ ଆସ୍ୟୁରାନ୍ସ ଏକ୍‌ଜିକ୍ୟୁଟିଭ୍ ଭାବେ ଯୋଗ ଦେଇଥିଲେ। ମାତ୍ର ୪ ମାସ ହେଲା ସେ ନିଯୁକ୍ତି ପାଇଥିବାବେଳେ ଅତ୍ୟଧିକ କାର୍ଯ୍ୟ ଚାପ ଯୋଗୁ ତାଙ୍କର ଦୁଃଖଦ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।



ଆନ୍ନା ସେବାଷ୍ଟିଆନ୍ ପେରାୟିଲ୍

### ୪୦୦ କି.ମି. ଉଚ୍ଚରେ ଜନ୍ମଦିନ ପାଳିଲେ ସୁନୀତା

ୱାଶିଂଟନ,୧୯।୯

ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଗୁରୁବାର ୫୯ ବର୍ଷରେ ପଦାର୍ପଣ କରିଛନ୍ତି। ସେ ପୃଥିବୀଠାରୁ ୪୦୦ କିଲୋମିଟର ଉପରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ଅଟକି ରହିଥିବାବେଳେ ସେଠାରେ ଜନ୍ମଦିନ ପାଳନ କରିଛନ୍ତି। ମହାକାଶରେ ସୁନୀତା ଦ୍ୱିତୀୟ ଥର ପାଇଁ ଜନ୍ମଦିନ ପାଳନ କରିଛନ୍ତି। ଏହା ପୂର୍ବରୁ ୨୦୧୨ ମିଶନରେ ଥାଇ ମହାକାଶରେ ଜନ୍ମଦିନ ମନାଇଥିଲେ। ବୋଇଂର ଷ୍ଟାରଲାଇନ୍ ମହାକାଶ ଯାନରେ ସୁନୀତା ଓ ତାଙ୍କ ସହଯୋଗୀ ବୁଚ୍ ୱିଲମୋର ଆଇଏସ୍‌ଏସ୍‌କୁ ଯାଇଥିଲେ। ତେବେ ଉକ୍ତ ଯାନରେ ତ୍ରୁଟି ଦେଖାଦେବାରୁ ଉଭୟ ମହାକାଶଚାରୀ ମହାକାଶ କେନ୍ଦ୍ରରେ ଅଟକି ରହିଛନ୍ତି। ସେମାନଙ୍କୁ ଆସନ୍ତାବର୍ଷ ଫେବୃଆରୀ ପର୍ଯ୍ୟନ୍ତ ସେଠାରେ ରହିବାକୁ ପଡ଼ିବ। ଦୀର୍ଘ ମିଶନ ସତ୍ତ୍ୱେ ସୁନୀତା ଏବଂ ବୁଚ୍ ମହାକାଶ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ଗବେଷଣା ଏବଂ ମେଣ୍ଟେନାନ୍ସ କାର୍ଯ୍ୟ ଜାରି ରଖିଛନ୍ତି।



ସୁନୀତା ୱିଲିୟମ୍ସ

### ଫୁଡ୍ ପ୍ୟାକେଜିଂ: ମଣିଷ ଶରୀରରେ ୩୬୦୦ କେମିକାଲ

ଜୁରିଚ୍, ୧୯।୯

ଫୁଡ୍ ପ୍ୟାକେଜିଂରେ ବ୍ୟବହୃତ ହେଉଥିବା ୩୬୦୦ରୁ ଅଧିକ କେମିକାଲ ମଣିଷ ଶରୀରରେ ଥିବା ନେଇ ବୈଜ୍ଞାନିକମାନଙ୍କର ଏକ ଅଧ୍ୟୟନ ସାମ୍ନାକୁ ଆସିଛି। ସୁଇଜରଲାଣ୍ଡର ଜୁରିଚ୍‌ସ୍ଥିତ ଫୁଡ୍ ପ୍ୟାକେଜିଂ ଫୋରମ ଫାଉଣ୍ଡେଶନ ନାମକ ଏକ ଏନ୍‌ଜିଓ ପକ୍ଷରୁ କରାଯାଇଥିବା ଏହି ଅଧ୍ୟୟନର ତଥ୍ୟ ଗୁରୁବାର 'ଜର୍ନାଲ ଅଫ୍ ଏକ୍ସପୋଜର ସାଇନ୍ସ ଆଣ୍ଡ ଏନ୍‌ଭରମେଣ୍ଟାଲ ଏପିଡେମିଓଲୋଜି'ରେ ପ୍ରକାଶ ପାଇଛି। ତେବେ ମଣିଷ ଶରୀରରୁ ମିଳିଥିବା ୩,୬୦୦ କେମିକାଲ ମଧ୍ୟରୁ ୧୦୦ କେମିକାଲ ସ୍ୱାସ୍ଥ୍ୟ ପ୍ରତି ଚିନ୍ତାଜନକ ହୋଇଥିବା ନେଇ ଏହି ଅଧ୍ୟୟନର ମୁଖ୍ୟ ଗବେଷକ ବିର୍‌ଗିଟ ଗ୍ୟୁକେ କହିଛନ୍ତି। ଉକ୍ତ ୧୦୦ କ୍ଷତିକାରକ କେମିକାଲ ମଧ୍ୟରୁ କେତେକଙ୍କୁ ନେଇ ପୂର୍ବରୁ ମଧ୍ୟ ଅଧ୍ୟୟନ ହୋଇଛି। ଖାସ୍‌କରି 'ପର୍ ଆଣ୍ଡ ପଲିଫ୍ଲୁଏରୋକିଲ୍ ସବ୍‌ଷ୍ଟାନ୍ସେସ (ପିଏଫ୍‌ଏସ୍)' ଏବଂ 'ବିସ୍ଫେନଲ ଏ(ବିପିଏ)' ପରି କେତେକ ରାସାୟନିକ ପଦାର୍ଥ ମଣିଷ ଶରୀର ପ୍ରତି କ୍ଷତିକାରକ ହୋଇଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ତେଣୁ ଉଭୟ କେମିକାଲ ଉପରେ ନିଷେଧାଦେଶ ଲଗାଇବା ପାଇଁ ବହୁ ଦେଶ ସ୍ଥିର କରିଥିବା ନେଇ ଗ୍ୟୁକେ କହିଛନ୍ତି। ତେବେ ଅନ୍ୟ ସମସ୍ତ କେମିକାଲଗୁଡ଼ିକର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ନେଇ ବିଶେଷ ତଥ୍ୟ ଉପଲବ୍ଧ ନାହିଁ। ତେବେ ଅଧ୍ୟୟନରୁ ମିଳିଥିବା ୧୦୦ କ୍ଷତିକାରକ କେମିକାଲକୁ ଛାଡ଼ି ଅନ୍ୟ ସମସ୍ତ କେମିକାଲଗୁଡ଼ିକ ମଣିଷ ଶରୀର ଉପରେ କେଉଁ ପ୍ରଭାବ ପକାଉଛି, ସେନେଇ ବ୍ୟାପକ ଅଧ୍ୟୟନର ଆବଶ୍ୟକତା ରହିଛି। ମଣିଷ ଶରୀରରେ ମିଳିଥିବା ସମସ୍ତ କେମିକାଲ କେବଳ ଖାଦ୍ୟ ପ୍ୟାକେଜିଂ ମାଧ୍ୟମରେ ମଣିଷ ଶରୀରରେ ପ୍ରବେଶ କରିଛି କିମ୍ବା ଏହାର ଅନ୍ୟାନ୍ୟ ଉତ୍ସ ରହିଛି ତାହା ଉକ୍ତ ଅଧ୍ୟୟନରୁ ସ୍ପଷ୍ଟ ହୋଇନାହିଁ। ତେଣୁ ଏନେଇ ଅଧିକ ଅଧ୍ୟୟନ ଆବଶ୍ୟକ ବୋଲି ଗ୍ୟୁକେ କହିଛନ୍ତି।

ତେବେ ପୂର୍ବରୁ ମଧ୍ୟ ଗବେଷକମାନେ ମଣିଷ ଶରୀରରୁ ଖାଦ୍ୟ ପ୍ୟାକେଜିଂ ଜରିଆରେ ଆସୁଥିବା ୧୪ ହଜାର କେମିକାଲ ଚିହ୍ନଟ କରିଥିଲେ। ଉକ୍ତ ସମସ୍ତ ରସାୟନିକ ପଦାର୍ଥ ପ୍ଲାଷ୍ଟିକ, ଧାତୁ, କାଗଜ କିମ୍ବା କାଚ ଆଦିରେ ପ୍ରସ୍ତୁତ ପ୍ୟାକେଜିଂ ସାମଗ୍ରୀ ମାଧ୍ୟମରେ ଖାଦ୍ୟରେ ପ୍ରବେଶ କରିଥାଏ ବୋଲି ଅନୁମାନ କରାଯାଇଥିଲା। ସେହିପରି ଉକ୍ତ କେମିକାଲଗୁଡ଼ିକ ଖାଦ୍ୟ ପ୍ରସ୍ତୁତି ସମୟରେ ରୋଷେଇ ଘରର ବାସନକୁସନ କିମ୍ବା ଫ୍ୟାକ୍ଟ୍ରିରେ ଖାଦ୍ୟ ସାମଗ୍ରୀର ପରିବହନ ପାଇଁ ବ୍ୟବହୃତ ହେଉଥିବା କନ୍‌ଭେନର୍ ବେଲ୍ଟ ଆଦି ମାଧ୍ୟମରେ ଖାଦ୍ୟରେ ମିଶିଥାଏ ବୋଲି ବୈଜ୍ଞାନିକମାନେ ଅନୁମାନ କରିଥିଲେ।






## ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଆରମ୍ଭ

**ଭୁବନେଶ୍ୱର,୧୯।୯(ଅନିଲ ଦାସ)**

ଆସନ୍ତା ସେପ୍ଟେମ୍ବର ୨୩ ତାରିଖ ସୋମବାର ମୁଖ୍ୟମନ୍ତ୍ରୀ ବିଭିନ୍ନ ଜନ ଅଭିଯୋଗର ଶୁଣାଣି କରିବେ। ଜନ ଶୁଣାଣି ପାଇଁ ଗୁରୁବାରଠାରୁ ଅନ୍‌ଲାଇନ ପଞ୍ଜୀକରଣ ଆରମ୍ଭ ହୋଇଛି। ଜନଶୁଣାଣି ୱେବ୍‌ସାଇଟ https://janasunani.odisha.gov.in/ କିମ୍ବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ପଞ୍ଜୀକରଣ କରାଯାଉଛି। ସର୍ବାଧିକ ୧୦୦୦ ପଞ୍ଜୀକୃତ ଆବେଦନକାରୀ ୨୩ ତାରିଖ ପୂର୍ବାହ୍ନ ୧୧ଟାରୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ଅଭିଯୋଗ ଜଣାଇପାରିବେ। ଭୁବନେଶ୍ୱରସ୍ଥିତ ୟୁନିଟ-୫ ସରକାରୀ ବାସଗୃହ ନମ୍ବର ଭିଆଇଆଇଏମ୍‌ଆର୍‌-୪୦ାରେ ଏହି ଜନଶୁଣାଣି ହେବ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ୨୬୫ ଜଣ ଅନ୍‌ଲାଇନ ଅଭିଯୋଗ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି।

# ମଙ୍କିପକ୍ସ ମୁକାବିଲା ପାଇଁ ସର୍ଭେଲାନ୍ସ ବଢ଼ାଇବାକୁ ନିର୍ଦ୍ଦେଶ

## ଫୋକସ୍‌ରେ ବିମାନବନ୍ଦର, ସାମୁଦ୍ରିକ ବନ୍ଦର

**ଭୁବନେଶ୍ୱର, ୧୯।୯ (ବନ୍ଦନା ସେଠୀ)**

ଭାରତରେ ଦ୍ୱିତୀୟ ମଙ୍କିପକ୍ସ ରୋଗୀ ଚିହ୍ନଟ ହେବାପରେ ଏହାକୁ ଗୁରୁତ୍ୱର ସହ ନେଇଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ସମ୍ଭାବ୍ୟ ମଙ୍କିପକ୍ସ ସଂକ୍ରମଣର ମୁକାବିଲା ପାଇଁ ସର୍ଭେଲାନ୍ସ ବଢାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସଂକ୍ରମଣ ରୋକିବା ପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଉପରେ ଧ୍ୟାନ ଦେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କ୍ୟାପିଟାଲ ହସ୍ପିଟାଲ, ପିଜିଆଇଏମ୍‌ଇଆର୍ କ୍ୟାପିଟାଲ ହସ୍ପିଟାଲ୍, ଆର୍‌ଜିଏଚ୍ ରାଉରକେଲାର ନିର୍ଦ୍ଦେଶକ, ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ, ପାରାଦୀପ ବନ୍ଦର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଗତ ୨୧ ଦିନ ଭିତରେ ମଙ୍କିପକ୍ସ ପ୍ରଭାବିତ ଦେଶକୁ ଯାତ୍ରା କରି ଫେରିଥିବା ବ୍ୟକ୍ତିଙ୍କଠାରେ ଜ୍ୱର, ଦୁର୍ବଳତା କିମ୍ବା ମଙ୍କିପକ୍ସର ଅନ୍ୟ କିଛି ଲକ୍ଷଣ ଦେଖାଦେଇଥିଲେ ସେମାନଙ୍କର ତୁରନ୍ତ ଟେଷ୍ଟ କରିବାକୁ ପରାମର୍ଶ ଦିଆଯାଇଛି। ବିମାନବନ୍ଦର ଏବଂ ସାମୁଦ୍ରିକ ବନ୍ଦରରେ ଭାରତକୁ ପ୍ରବେଶ କରୁଥିବା ଯାତ୍ରୀଙ୍କ ଉପରେ ସୀମା ପ୍ରବେଶ ପଏଣ୍ଟରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି। ପ୍ରବେଶ ପଏଣ୍ଟରେ ଚିହ୍ନଟ ହୋଇଥିବା ସମସ୍ତ ସନ୍ଦିଗ୍ଧ ମାମଲା ସମ୍ପର୍କରେ ତୁରନ୍ତ ସମନ୍ୱିତ ରୋଗ ସର୍ଭେଲାନ୍ସ ପ୍ରୋଗ୍ରାମର ରାଜ୍ୟ କିମ୍ବା ଜିଲା ସର୍ଭେଲାନ୍ସ ଅଧିକାରୀଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ଏହିପରି ସନ୍ଦିଗ୍ଧ ମାମଲାଗୁଡ଼ିକ ପରିଚାଳନା କରିବା ସମୟରେ ସମସ୍ତ ନିୟମକୁ ଅନୁସରଣ କରିବା ଆବଶ୍ୟକ। ସନ୍ଦିଗ୍ଧଙ୍କୁ ଆମ୍ବୁଲାନ୍ସ ଯୋଗେ ଚିହ୍ନିତ ବା ଆଇସୋଲେଶନ ସୁବିଧା ଥିବା ନିର୍ଦ୍ଦିଷ୍ଟ ରେଫରାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ। ରେଫରାଲ ହସ୍ପିଟାଲରୁ ସନ୍ଦିଗ୍ଧଙ୍କ ନମୁନା ପରୀକ୍ଷଣ ପାଇଁ ଏମ୍ସ ଭୁବନେଶ୍ୱର ଲାବକୁ ପଠାଯିବ। କୌଣସି ଦ୍ୱନ୍ଦ୍ୱ ଥିଲେ ଏନ୍‌ସିଡିସି ହେଲ୍ପଲାଇନ ନମ୍ବର (+୯୧) ୦୧୧-୨୩୯୦୯୩୪୮କୁ ଯୋଗାଯୋଗ କରାଯାଇପାରିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ବେଆଇନ ଖଣି ଉତ୍ତୋଳନ | ଦାୟୀ ଅଧିକାରୀଙ୍କୁ ସରକାରୀ ସୁରକ୍ଷା

### କାଳିଆପାଣି ଇଡ୍‌କଲ ତଳଙ୍ଗୀ ଖଣି | ସିଏଜି ରିପୋର୍ଟ

- **ଇଡ୍‌କଲ ପୈଠ କରିଛି ୭୫୧.୭୪ କୋଟି ଜରିମାନା**
- **ଓଏମ୍‌ସି ଅଧିକ ଦରରେ କ୍ରୋମାଇଟ୍ କ୍ରୟ ଯୋଗୁ ୨୨.୯୯ କୋଟି ଟଙ୍କା କ୍ଷତି**

**ଯାଜପୁର,୧୯।୯ (ହର୍ଷବର୍ଦ୍ଧନ ବେହେରା)**

ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ(ଇଡ୍‌କଲ) ପରିଚାଳିତ ଯାଜପୁର ଜିଲା କାଳିଆପାଣି ତଳଙ୍ଗୀ(ବି) କ୍ରୋମାଇଟ ଖଣି(ଟିସିଏମ୍)ରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଛି। ଏହି ଖଣିରୁ ଓଏମ୍‌ସି(ଓଡ଼ିଶା ଖଣି ନିଗମ) ଅଧିକ ଦରରେ ଖଣିଜ ପଥର କ୍ରୟ କରିବା ଯୋଗୁ ୨୨.୯୯ କୋଟି ଟଙ୍କା କ୍ଷତି ସହିଛି। ଏହାବାଦ୍ ପରିବେଶ ମଞ୍ଜୁରୀଠାରୁ ଅଧିକ କ୍ରୋମାଇଟ୍ ଉତ୍ତୋଳନ ଯୋଗୁ ଇଡ୍‌କଲକୁ ସମୁଦାୟ ୭୫୧.୭୪ କୋଟି ଟଙ୍କାର ଜରିମାନା ଦେବାକୁ ପଡିଥିଲା। ଇଡ୍‌କଲ ନିଜର ପାଣ୍ଠି ସମସ୍ୟା ହେତୁ ଓଏମ୍‌ସିରୁ ୬୩୫.୨୬ କୋଟି ଟଙ୍କା ଆନ୍ତଃନିଗମ ଋଣ ବ୍ୟବସ୍ଥା କରି ନିଜର ବାକି ଅର୍ଥ ମିଶାଇ ଅଗଷ୍ଟ ୨୦୨୨ରେ କ୍ଷତିପୂରଣ ରାଶି ପଇଠ କରିଥିଲା। ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ରିପୋର୍ଟ ୨୦୨୪ରେ ଏହା ଦର୍ଶାଯାଇଛି। ଏହି କ୍ରମରେ ସେବେଠାରୁ ତଳଙ୍ଗୀ ଖଣି ବନ୍ଦ ପଡିଥିବାବେଳେ ସେଠାରେ କାମ କରୁଥିବା ପ୍ରାୟ ୧ହଜାର ଶ୍ରମିକଙ୍କ ଜୀବିକା ଦୁର୍ବିଷହ ହୋଇ ପଡିଛି। ଅନ୍ୟପକ୍ଷେ ଇଡ୍‌କଲ ପରିଚାଳିତ ଯାଜପୁର ରୋଡ଼ସ୍ଥିତ ଫେରୋକ୍ରୋମ କାରଖାନାର ଆର୍ଥିକ ସ୍ଥିତି ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇଥିଲା। ଏଥିରେ ସଂପୃକ୍ତ କେତେଜଣ ଅଧିକାରୀ ମାଲାମାଲ ହୋଇଥିବାବେଳେ ଏନେଇ କୌଣସି ଉପଯୁକ୍ତ ତଦନ୍ତ ଏଯାଏ ହୋଇ ପାରିନାହିଁ।

ଭାରତ ସରକାର ୧୯୯୨ରେ ଇଡ୍‌କଲ ସପକ୍ଷରେ ୨୨୧.୨୨ ହେକ୍ଟରରୁ ଅଧିକ ଖଣି ପଟ୍ଟା ଅନୁମୋଦନ କରିଥିଲେ। ଅଗଷ୍ଟ ୨୦୧୭ରେ ଉଚ୍ଚତମ ନ୍ୟାୟାଳୟଙ୍କ ନିଷ୍ପତ୍ତି ଅନୁଯାୟୀ ଏମ୍‌ଏମ୍‌ଡିଆର ଅଧିନିୟମ-୧୯୫୭ର ଧାରା ୨୧(୫)ରେ ପରିବେଶ ମଞ୍ଜୁରୀଠାରୁ ଅଧିକ ଉତ୍ପାଦନ କାରଣରୁ ତଳଙ୍ଗୀ ଖଣିକୁ ୩୩୮.୬୫ କୋଟି ଟଙ୍କାର କ୍ଷତିପୂରଣ ଦେବାକୁ ଏପ୍ରିଲ ୨୦୧୮ରେ ଡିମାଣ୍ଡ ନୋଟିସ ହୋଇଥିଲା। ଏହାବାଦ୍ ଖଣି କ୍ଷତିପୂରଣ ସମ୍ବନ୍ଧୀୟ ୩୦୦.୧୬ କୋଟି ଟଙ୍କା ସୁଧ ଦେବାକୁ ପଡ଼ିଥିଲା। ଅନ୍ୟପକ୍ଷେ ଖଣି ଯୋଜନା ଅଧୀନରେ ଅନୁମୋଦିତ ସୀମାଠାରୁ ଅଧିକ ଉତ୍ପାଦନ ପାଇଁ ଇଡ୍‌କଲ ପରିଚାଳିତ ରୋଏଡା-ସି ଖଣି ଉପରେ ୧୧୧.୫୫ କୋଟି ଟଙ୍କାର କ୍ଷତିପୂରଣ ରାଶି ଦେବାକୁ ଡିମାଣ୍ଡ ନୋଟିସ ହୋଇଥିଲା। ତେଣୁ କମ୍ପାନୀ ଏକ ରାଜ୍ୟ ସରକାରୀ ଉଦ୍ୟୋଗ ହୋଇଥିଲେ ହେଁ ଦେଶର ନିୟମ ଉଲ୍ଲଂଘନ କରି ବେଆଇନ ଖଣି ଖନନ କରିଥିଲା ଏବଂ କରଜ କରି ବିପୁଳ ପରିମାଣରେ ଜରିମାନା ପ୍ରଦାନ ହେତୁ ଆର୍ଥିକ ସ୍ଥିତି ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ମାର୍ଚ୍ଚ ୨୦୨୩ରେ ରାଜ୍ୟ ସରକାର କହିଥିଲେ, ପରିବେଶଗତ ଅନୁମତି ପାଇଁ ଦସ୍ତାବିଜ ପ୍ରକ୍ରିୟାକରଣ ସମୟରେ ସେମାନେ ଏହି ଖଣିଗୁଡିକ ପରିଚାଳନା କରିଥିଲେ। ନଚେତ୍ ଖଣି ପ୍ରକଳ୍ପ ବନ୍ଦ ହୋଇଯାଇଥାନ୍ତା ବୋଲି ଯୁକ୍ତି ବାଢିଥିଲେ। ତେବେ ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ବେଆଇନ ଖଣି ଖନନ କୌଣସି ଉପାୟରେ ଯୁକ୍ତିଯୁକ୍ତ ହୋଇ ପାରିବ ନାହିଁ ବୋଲି ସିଏଜି ପକ୍ଷରୁ କୁହାଯାଇଛି।

ନଭେମ୍ବର ୨୦୧୮ରେ ତଳଙ୍ଗୀ ଖଣି କାର୍ଯ୍ୟ ବନ୍ଦ ହେବା ପରେ କ୍ରୋମ୍ ଖଣି ପଥରର ଅଭାବ ଯୋଗୁ ଏହାର ଫେରୋକ୍ରୋମ୍ କାରଖାନା ଡିସେମ୍ବର ୨୦୧୯ଠାରୁ କ୍ରମାଗତ ଭାବେ ଚାଲୁ ନ ଥିଲା। ୨୦୧୭-୧୮ ଏବଂ ୨୦୧୮-୧୯ ମଧ୍ୟରେ କମ୍ପାନୀ ବଜାରରେ ୬୫,୫୭୯.୨୩୦ ଏମ୍‌ଟି ନିମ୍ନ ଗ୍ରେଡ୍ କ୍ରୋମ୍ ଖଣିଜ ବେନିଫିସିଏଶନ୍ ନ କରି ବିକ୍ରି କରିଥିଲା। ସେହିସମୟରେ କମ୍ପାନୀ ଫେରୋକ୍ରୋମ୍ କାରଖାନାରେ ବ୍ୟବହାର ପାଇଁ ଓଏମ୍‌ସିଠାରୁ ଉଚ୍ଚଗ୍ରେଡ କ୍ରୋମ୍ ପଥର କ୍ରୟ କରୁଥିଲା। ଏହି ପ୍ରକ୍ରିୟାରେ ଫେରୋକ୍ରୋମ୍ କାରଖାନା ୨୨.୯୯ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିଥିଲା ବୋଲି ସିଏଜି ପକ୍ଷରୁ ଦର୍ଶାଯାଇଛି। ତେବେ ଯେଉଁମାନଙ୍କ ଷଡ଼ଯନ୍ତ୍ରରେ ଉପରୋକ୍ତ ଭାବେ ଆର୍ଥିକ ଅନିୟମିତତା ହୋଇଛି, ସେମାନେ ଏବେ ଶାନ୍ତିରେ ଜୀବନ ଅତିବାହିତ କରୁଛନ୍ତି। ସେତେବେଳେ ଏହି ଅନିୟମିତତାର ତଦନ୍ତ କରି ଦୋଷୀ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଶ୍ରମିକ ନେତା ଦୁଷ୍ମନ୍ତ ରାଉତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ନାନା ଉପାୟରେ ଏହି ଆର୍ଥିକ ଅନିୟମିତତା ଅଭିଯୋଗକୁ ଚାପି ଦିଆଯାଇଥିଲା। ଏବେ ସିଏଜି ରିପୋର୍ଟରେ ସେହି ଆର୍ଥିକ ଅନିୟମିତତା ସ୍ପଷ୍ଟ ହୋଇଛି।

# ପ୍ରତି ଜିଲାରେ ଖୋଲିବ ମେଡିକାଲ କଲେଜ

**ଭୁବନେଶ୍ୱର,୧୯।୯(ସୁନିତ ମିଶ୍ର)**

ରାଜ୍ୟରେ ଡାକ୍ତର ଅଭାବ ଦୂର କରିବାକୁ ଖୁବ୍‌ଶୀଘ୍ର ପ୍ରତି ଜିଲାରେ ମେଡିକାଲ କଲେଜ ଖୋଲିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବାଲେଶ୍ୱରଠାରେ ଆୟୋଜିତ ମେଡିକାଲ ସର୍ଭିସ୍ ଆସୋସିଏଶନର ବାର୍ଷିକ ଉତ୍ସବରେ ଯୋଗ ଦେଇ କହିଛନ୍ତି। ଏହି ଅବସରରେ ଡାକ୍ତରମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଣେ ରୋଗୀ ରୋଗକୁ ଡରିଥାଏ। ରୋଗକୁ ଭୟ କରି ସେ ନିଜକୁ ଅସୁସ୍ଥ ମନେ କରିଥାଏ। ଏହି ସମୟରେ ଡାକ୍ତର ରୋଗୀଙ୍କୁ ଆରୋଗ୍ୟର ଯେଉଁ ସ୍ପର୍ଶ ଦିଅନ୍ତି, ତାହାହିଁ ରୋଗୀଙ୍କୁ ସାହାସ ଓ ବିଶ୍ୱାସ ଦେଇଥାଏ। ତେଣୁ ଆପଣମାନେ ରୋଗୀ ଏବଂ ଲୋକମାନଙ୍କ ଥିବା ବିଶ୍ୱାସକୁ କେବେ ତୁଟାଇବାକୁ ଦିଅନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ଦେଶରେ ଡିଜିଟାଲ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିଛି। କୋ-ୱିନ ଆପ୍, ଇ-ସଂଜୀବନୀ, ଆରୋଗ୍ୟ ସେତୁ ଏବଂ ଇ-ହସ୍ପିଟାଲ ଆଦି ବ୍ୟବସ୍ଥା ଦେଶର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିପାରିଛି। ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ହିଁ ଆମର ପ୍ରାଥମିକତା। ଖାଲି ଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



**ଆଜିର ମନ୍ତବ୍ୟ**
"ଜମ୍ମୁ-କଶ୍ମୀର ଜିନ୍ନାଙ୍କ ନୁହେଁ, ଆମ୍ବେଡ଼କରଙ୍କ ସମ୍ବିଧାନ ଅନୁସାରେ ପରିଚାଳିତ ହେବ। ପାକିସ୍ତାନ ସହ ମିଶି ଭାରତକୁ ବଦନାମ କରୁଥିବା ଏନ୍‌ସି ଏବଂ କଂଗ୍ରେସକୁ କଶ୍ମୀରବାସୀ ଉପଯୁକ୍ତ ଜବାବ ଦେବେ।
– ଜି. କିଷନ ରେଡ୍ଡୀ, କେନ୍ଦ୍ରମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡିଏମ୍ ଗ୍ଲୋବାଲ ସ୍କୁଲ ପକ୍ଷରୁ ଗ୍ଲୋବାଲ ମଡେଲ ୟୁନାଇଟେଡ୍ ନେଶନ୍‌ସ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ –୨୦୨୪, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରାମଦାସପୁର, ସମୟ: ପୂର୍ବାହ୍ନ ୧୦ଟା।
- ଖୋର୍ଦ୍ଧା ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋ–ଖୋ ପ୍ରତିଯୋଗିତା, ସ୍ଥାନ: କଣ୍ଟାବାଡ଼ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ହାଉସିଂବୋର୍ଡ ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନିର୍ମାଣାଧୀନ ଜଗନ୍ନାଥ ମନ୍ଦିରର ରତ୍ନମୁଦ, ସ୍ଥାନ: ସୁଦର୍ଶନ ଦାରୁପୀଠ, ଗଡ଼କଣ୍ଟୁଣିଆ, ବାଳକାଟି, ସମୟ: ଅପରାହ୍ନ ୨ଟା ୩୦।
- ୬ଷ୍ଠ ମାସିକ ବାର୍ତ୍ତା ସମାରୋହ, ସ୍ଥାନ: ଜାତୀୟ ଅଭିଲେଖାଗାର, ସମୟ: ଅପରାହ୍ନ ୪ଟା ୩୦।
- 'ମୋ ଜୀବନ ମୋ ସମୟ' ଉନ୍ମୋଚନ, ସ୍ଥାନ: ହୋଟେଲ କ୍ରାଉନ, ଜୟଦେବ ବିହାର, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍‌ର ମାସିକ ସାହିତ୍ୟ ଆଲୋଚନା ଚକ୍ର, ସ୍ଥାନ: ସମିତି ପରିସର, ସମୟ: ସନ୍ଧ୍ୟା ୬ଟା ୧୫।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ 'ଦେବଦାସୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କ୍ଲବ ଷ୍ଟ୍ରୀମ୍ ଲାଇନ ଦୁର୍ଗାବଜାର ତରଫରୁ ଗଜାନନଙ୍କ ଆଜ୍ଞା ଲଡୁ ନିଲାମ ଓ ଭସାଣି ଉତ୍ସବ, ସ୍ଥାନ: ନୂଆପାଟଣା ଦୁର୍ଗାବଜାର, ତିଗିରିଆ, ସମୟ: ଅପରାହ୍ନ ୪ଟା।

## ପୁରୀ
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ବରିଷ୍ଠ ଏବଂ କନିଷ୍ଠ ବିଭାଗ ଜଣାଅଜଣା ପ୍ରତିଯୋଗିତା, ସ୍ଥାନ: ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପୁରୁଣା କୋଠା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ, ଗୋପ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ଭୁବନେଶ୍ୱର ଆନୁକୂଲ୍ୟରେ ବୈଜ୍ଞାନିକ କର୍ମଶାଳା, ସ୍ଥାନ: ଭୂଆସୁଣୀ ପାଟଣା ହାଇସ୍କୁଲ, ବେଗୁନିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଓରମାସ ପକ୍ଷରୁ ଜିଲାସ୍ତରୀୟ ପ୍ରଦର୍ଶନୀ ଓ ବିକାଶ ମେଳା, ସ୍ଥାନ: ହାବେଳି ପଡିଆ, ଖୋର୍ଦ୍ଧା, ସମୟ: ଅପରାହ୍ନ ୫ଟା।
- ଶ୍ରୀମଦ ଭାଗବତ ସପ୍ତାହ ପ୍ରବଚନ ଓ ଜ୍ଞାନଯଜ୍ଞ, ସ୍ଥାନ: ଅରାଙ୍ଗ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ପଞ୍ଚାୟତ ସମିତି ବୈଠକ, ସ୍ଥାନ:ବ୍ଲକ ପରିସର, ସିମୁଳିଆ,ସ୍ଥାନ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଖୋ–ଖୋ, କବାଡ଼ି, ଭଲିବଲ୍, ବିଚ୍ ଭଲିବଲ ଏବଂ ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ନବାଗତ ବିଦ୍ୟାର୍ଥୀଙ୍କ ଦିଗ୍ଦର୍ଶନ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ: ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୧ଟା।
- 'ଜାତୀୟ ଶିକ୍ଷା ନୀତି–୨୦୨୦' ଆଲୋଚନା ଚକ୍ର, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ଗୁପସା,ସମୟ: ପୂର୍ବାହ୍ନ ୧୧ଟା ୩୦।

## ଭଦ୍ରକ
- କସ୍‌ମୋ ବଜାର ଉଦ୍‌ଘାଟନ, ସ୍ଥାନ: ବାଇପାସ୍ ରୋଡ୍, ଭଦ୍ରକ, ସମୟ: ସକାଳ ୮ଟା।
- ନୂତନ ଶିକ୍ଷାନୀତି ଉପରେ କର୍ମଶାଳା ଓ ଆଲୋଚନାଚକ୍ର, ସ୍ଥାନ: ଟାଉନହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ସରକାରୀ ଆବାସ ଯୋଜନାର ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ ସମାରୋହ, ସ୍ଥାନ: କାନପୁର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ବାରିପଦା ବ୍ଲକ ସ୍ତରୀୟ ଖେଳକୁଦ ପ୍ରତିଯୋଗତା, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟ ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଠିକାଦାର ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଶୀର୍ବାଦ ଲଡୁ ନିଲାମ, ସ୍ଥାନ: ଉଦଳା ଅତୁଲ ବାବୁଙ୍କ ଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର
- ବିସିସି ବ୍ୟାଙ୍କର ସାଧାରଣ ସଭା, ସ୍ଥାନ: ବ୍ୟାଙ୍କ ପରିସର, ସମୟ: ସକାଳ ୯ଟା।

## ଗଞ୍ଜାମ
- ରସାୟନ ବିଜ୍ଞାନ ବିଭାଗର ପାଠଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ସିନର୍ଜି ଇଞ୍ଜିନିୟରିଂ କଲେଜର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ବାଇକ ଶୋଭାଯାତ୍ରା, ସ୍ଥାନ: କଲେଜ ପରିସର, ସମୟ: ଅପରାହ୍ନ ୨ଟା।
- ଉପ ମୁଖ୍ୟମନ୍ତ୍ରୀଙ୍କ ବୈଠକ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ଟା ୪୫।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ପଲ୍ଲିଶ୍ରୀ ମେଳା ପଡିଆ, ମହିଷାପାଟ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ଭାରତୀୟ ମଜ୍‌ଦୁର ସଂଘ ବିଶ୍ୱକର୍ମା ପୂଜା ମଣ୍ଡପ ଆଗରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସନ୍ଧ୍ୟା ୬ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ଉତ୍କୃଷ୍ଟ ତୋରଣ ସାଜସଜ୍ଜା କରିଥିବା ତୋରଣ ପାଇଁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବିଶ୍ୱକର୍ମା ପୂଜା ମଣ୍ଡପ ସୂଚନା ଭବନ, ବ୍ୟାଙ୍କ ଛକ ପାରାଦୀପ, ସମୟ: ରାତି ୯ଟା।

## କେନ୍ଦ୍ରାପଡ଼ା
- ରକ୍ତଦାନ ଶିବିର, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାସ୍ତରୀୟ ଦକ୍ଷତା ବିକାଶ ଏବଂ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା–୨୦୨୪, ସ୍ଥାନ: ଯାଜପୁର କୁସୁମା ପୋଖରୀ ସମ୍ମୁଖ ପଡ଼ିଆ,ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏସିଡ୍ ଆକ୍ରମଣ ଉପରେ ସଚେତନତା ସଭା, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ (ପିଟିଏସ୍) ପଡ଼ିଆ, ସମୟ: ପୂର୍ବାହ୍ନ ୯ଟା।

## ରାୟଗଡ଼ା
- ମେଗା ରକ୍ତଦାନ ଶିବିର, ସ୍ଥାନ: ଗୁଣପୁର କଲେଜ, ସମୟ: ସକାଳ ୯ଟା।
- ଶ୍ରମ ରାଷ୍ଟ୍ର ମନ୍ତ୍ରୀଙ୍କ ରାୟଗଡା ଗସ୍ତ ଏବଂ ନୂତନ ସରକାରଙ୍କ ୧୦୦ ଦିନ ପୂର୍ତ୍ତିପାଳନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା–୨୦୨୪ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ରେଲୱେ ଖେଳ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଳାକାରଙ୍କ ପାଇଁ କ୍ୟାରିୟର କାଉନସିଲିଂ କାର୍ଯ୍ୟକ୍ରମ, ସ୍ଥାନ: ଆଜାଦ ହିନ୍ଦ ୟୁଥ୍ କ୍ଲବ, ରାୟଗଡା, ସମୟ: ଅପରାହ୍ନ ୩ରୁ ୬ ଟା।

## ନବରଙ୍ଗପୁର
- ବିକାଶ ମେଳା ଉଦ୍‌ଘାଟନୀ ଉତ୍ସବ,ସମାବେଶ, ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ମଣ୍ଡେଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ଜିଲା ପରିଷଦ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ ଟା।
- କୋରାପୁଟ ଦିଶା ବୈଠକ, ସ୍ଥାନ : ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ଅପରାହ୍ନ ୩ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଯୋଗ ଶିବିର, ସ୍ଥାନ: ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୭ଟା।
- ମିଶନ ଶକ୍ତି ଇସି ସଂଘ ପକ୍ଷରୁ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ମଧ୍ୟାହ୍ନ ୧୨ଟା।
- ସ୍ୱର ଝଙ୍କାର ଓ ସୁରଭି ଅନୁଷ୍ଠାନ ପକ୍ଷରୁ ଭକ୍ତକବି ପ୍ରଭାକର ପାଣିଗ୍ରାହୀଙ୍କ ଜୟନ୍ତୀ, ସ୍ଥାନ : ଧନୁପାଲିସ୍ଥିତ ମେହେର କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୫ଟା ୩୦।

## ବଲାଙ୍ଗୀର
- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ଜିଲା ପରିଷଦ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟନ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପଠନ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଶ୍ରୀ ଶ୍ରୀ ଗୌରୀ କଲ୍ୟାଣ ମଣ୍ଡପ, ସୋହେଲା, ସମୟ: ସକାଳ ୯ଟା।
- ଫାଇଟର୍ସ ଗ୍ରୁପ୍ ଟ୍ରଷ୍ଟର ଖବରଦାତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସେମିନାର, ସ୍ଥାନ: ପଦ୍ମପୁର ଅଞ୍ଚଳ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡ ସନ୍ତୋଶୀ ମନ୍ଦିର, ସମୟ: ସକାଳ ୭ଟା।
- ମୁସଲମାନ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ଓ ହଟଲିପଡ଼ା ମସଜିଦ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବିଶ୍ୱକର୍ମା ପୂଜା ବିସର୍ଜନ, ସ୍ଥାନ: ସହରସ୍ଥିତ ରେଳ ଷ୍ଟେଶନ ପୂଜା, ସମୟ: ଅପରାହ୍ନ ୫ଟା।

## ରାଉରକେଲା
- ବୋନସ ଦାବିରେ ସିଟୁର ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୮ଟା।
- ଖୁଦୁରୁକୁଣୀ ମେଳଣ ମହୋତ୍ସବ, ସ୍ଥାନ: ସେକ୍ଟର–୧୫ ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଯୋଜନା ସଚେତନତା କର୍ମଶାଳା, ସ୍ଥାନ: ଶୀତଳପଡା, ଉଦିତନଗର କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ଗାପୂଜା କମିଟି ପକ୍ଷରୁ ବୈଠକ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ଅପରାହ୍ନ ୫ଟା।
- ଇସ୍କନ ପକ୍ଷରୁ ସାମୂହିକ ନଗର କୀର୍ତ୍ତନ, ସ୍ଥାନ: ଛେଣ୍ଡ ଅଞ୍ଚଳ, ସମୟ: ଭୋର୍ ୫ଟା ୩୦।

## ଦେବଗଡ଼
- ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ ୨୦୨୪–୨୫, ସ୍ଥାନ: ବାରକୋଟ ବ୍ଲକ, କଣ୍ଟେଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଦେବଗଡ଼ ଜିଲା ସୂଚନା ଶିକ୍ଷା ସଞ୍ଚାର କାର୍ଯ୍ୟକ୍ରମ ଓ ବିକାଶ ମେଳା ୨୦୨୪ ଉଦ୍‌ଘାଟିତ, ସ୍ଥାନ: ପ୍ରଧାନପାଟ, ବଡବଗିଚା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ମେଳା ୨୦୨୪ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଧାନପାଟ, ବଡବଗିଚା, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- କେସିଙ୍ଗା ଏନ୍‌ଏସି ପକ୍ଷରୁ ସ୍ୱାସ୍ଥ୍ୟ ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ମନ୍ଦିରରୁ ଦୈନିକ ବଜାର, ସମୟ: ସକାଳ ୮ଟା।
- ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନ, ସ୍ଥାନ: ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱକର୍ମା ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିନାପାଲି ବ୍ଲକ ଗଡ୍ରାମାଲ ଗାଁ, ସମୟ: ରାତି ୧୦ଟା।

## ବୌଦ୍ଧ
- ଜିଲା ପରିଷଦ ବୈଠକ, ସ୍ଥାନ: ପଞ୍ଚାୟତ ଭବନ ଜିଲା ପରିଷଦ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ୧୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପରିବାରରେ ପିଲାମାନଙ୍କ ଶିକ୍ଷାସମସ୍ୟାର ସମାଧାନ ସାଙ୍ଗକୁ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଘଟିବ। ଯାତ୍ରା, ବାଣିଜ୍ୟ, ପରିବହନ ଓ ପ୍ରକାଶନରେ ସମସ୍ୟା ମୁକ୍ତ ରହିବେ। ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିପାରନ୍ତି। ଆନୁଷ୍ଠାନିକ କାମ ସହ ବନ୍ଧୁ ଗହଣରେ ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟ ଦେଇ ସମୟ ଅତିବାହିତ ହେବ।

**ବୃଷ** – ଆଜିର ଗ୍ରହସ୍ଥିତି ପ୍ରଭାବରେ ପରକୁ ଆପଣାର କରି କାମ ହାସଲରେ ସମର୍ଥ ହେବେ। ନୀଚାରୋହୀ ମଙ୍ଗଳଙ୍କ ଦୁର୍ବଳତାଜନିତ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତି ଲାଗିରହିବ। ଖର୍ଚ୍ଚ ବୃଦ୍ଧିପାଇବାରୁ ବ୍ୟସ୍ତତା ମଧ୍ୟ ବଢ଼ିଯାଇପାରେ। ଜମିଜମା କାରବାର, ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ** – ଦୁଃସ୍ଥାନସ୍ଥ ବୃହସ୍ପତିଙ୍କ ଦୋଷରୁ ନିର୍ଦ୍ଦିଷ୍ଟ ସମୟରେ କାମ ନ ହେବାରୁ ବ୍ୟସ୍ତତା ବଢ଼ିବ। ଏହା ସାଙ୍ଗକୁ ଋଣ ଭାର ବୃଦ୍ଧିଜନିତ ମାନସିକ ଦୁଶ୍ଚିନ୍ତା ଲାଗିରହିବ। ମୃଗଶିରା ସକାଶେ କୌଣସି ହୃଦୟବାନ୍ ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ଘଟିବା ଯୋଗୁ ମନ ପ୍ରଫୁଲ୍ଲ ରହିପାରେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ସହ ଦୂରଯାତ୍ରାର ସୁଯୋଗ ପାଇପାରନ୍ତି।

**କର୍କଟ** – ପରୋକ୍ଷ ଶତ୍ରୁତା ହେତୁ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବେ। ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ରହିଥିବାରୁ ଅନ୍ୟମନସ୍କ ରହି ବିଭିନ୍ନ ସମସ୍ୟାକୁ ଡାକି ଆଣି ପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ, ପ୍ରତିଯୋଗିତା କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ** – ଆଜି କୌଣସି ନୂତନ କାମର ଯୋଜନା କରି ସଫଳତା ପାଇବେ। ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମସ୍ୟା ଆସିପାରେ। ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନ କାର୍ଯ୍ୟକ୍ରମ କିମ୍ବା ସଭାସମିତିରେ ସଫଳତା ହାସଲ କରିବେ। ଭ୍ରାତୃସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଖୁସି ହୋଇପାରନ୍ତି।

**କନ୍ୟା** – ଭାଗ୍ୟସ୍ଥାନରେ ଗୁରୁ ହେତୁ ଯେଉଁ କାମରେ ହାତଦେବେ ସଫଳ ହେବେ। ପଡ଼ୋଶୀଙ୍କ ମଧ୍ୟସ୍ଥତାରେ ଦୀର୍ଘଦିନରୁ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସହ ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବେ। ବିବାଦୀୟ ଘଟଣାରେ ବିଜୟ ସୁନିଶ୍ଚିତ। ସ୍ୱାସ୍ଥ୍ୟପ୍ରତି ସଚେତନ ରହିବା ଭଲ।

**ତୁଳା** – ରାଶିକୁ ଚନ୍ଦ୍ର ଅବଲୋକନ କରୁଥିବାରୁ ମନରେ ଅସ୍ଥିରତା ସୃଷ୍ଟି ହେଲେ ମଧ୍ୟ ଆର୍ଥିକ ଦିଗରୁ ଅସୁବିଧା ହେବନାହିଁ। ପରିଜନଙ୍କ ସହଯୋଗରେ କୌଣସି କର୍ମାରମ୍ଭ କରିବେ। ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେବାର ସୂଚନା ରହିଛି।

**ବିଛା** – ପ୍ରତ୍ୟେକ କ୍ଷେତ୍ରରେ ବିଫଳତା ହେତୁକ ନୈରାଶ୍ୟ ମାନସିକ ଅସୁସ୍ଥତାର କାରଣ ସାଜିପାରେ। ଆଜିର ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟା ସୃଷ୍ଟି କରିବ କିନ୍ତୁ କୌଣସି ଅସୁବିଧା ହେବ ନାହିଁ। ପ୍ରଶାସନ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ।

**ଧନୁ** – ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବାରୁ ମନୋବଳ ସାମାନ୍ୟ ବୃଦ୍ଧି ପାଇବ। ବାଣିଜ୍ୟ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସୁଧାରିନେବେ। କର୍ମକ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ମାଧ୍ୟମରେ ସମ୍ମାନିତ ହୋଇପାରନ୍ତି। ଆଗାମୀ କାଲି ସକଶେ କୌଣସି ଯୋଜନା ପ୍ରସ୍ତୁତ କରି ଖୁସି ରହିବେ।

**ମକର** – ଚନ୍ଦ୍ରଙ୍କ ଶୁଭଦୃ କାରଣରୁ ପାରିବାରିକ ସମସ୍ୟାର ସମାଧାନ କରି ମନକୁ ହାଲୁକା କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ସାଙ୍ଗକୁ ସମ୍ପର୍କୀୟମାନଙ୍କ ସହଯୋଗ ଲାଭକରିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗିରହିବ। ପାରିବାରିକ କ୍ଷେତ୍ର ପୂର୍ବପରି ରହିବା ଯୋଗୁ ମାନସିକ ସ୍ଥିତି ଭଲ ରହି ନ ପାରେ।

**କୁମ୍ଭ** – ନୀଚସ୍ଥ ଶୁକ୍ରଜନିତ ପରିବାରରେ ଘଟିଯାଇଥିବା ଘଟଣାକୁ ନେଇ ଅନୁତାପ କରିବେ। ଅନ୍ୟମନସ୍କତା କାରଣରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟରେ ଉନ୍ନତି କରିବା ସାଙ୍ଗକୁ ନିଜର କୃତି ଓ କୃତିତ୍ୱଜନିତ ସମାଜରେ ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**ମୀନ** – ପ୍ରତିବନ୍ଧକ ମଧ୍ୟରେ ଗତି କରିବା ସହ କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ଲାଗିରହିବ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧାର କାରଣ ନ ଖୋଜି କାମ କଲେ ଅଡୁଆରେ ପଡ଼ିବେ। ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ ନଚେତ୍ କଳହର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ।

ଆଜି ସେପ୍ଟେମ୍ବର ୨୦ ତାରିଖ, ଆଶ୍ୱିନ କୃଷ୍ଣ ତୃତୀୟା ଶୁକ୍ରବାର, ରାଶିନକ୍ଷତ୍ର–ଅଶ୍ୱିନୀ/ମେଷ, ପିତୃପକ୍ଷର ତୃତୀୟା ଶ୍ରାଦ୍ଧ (ମହାଳୟା ବିଧିରେ କରାଯିବ)। ସକାଳ ଘ.୦୫.୩୮ ଗତେ ଘ.୦୬.୨୬ ମଧ୍ୟେ, ଘ. ୦୭.୧୪ ଗତେ ଘ. ୦୮.୩୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୦୯ଗତେ ଘ.୧୧.୩୯ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ସଂକଳ୍ପପତ୍ର ଆମ...

ବଗି ହେବ। ମହାପ୍ରଭୁଙ୍କ ଆଶୀର୍ବାଦରୁ ସରକାର ଗଠନ ହୋଇଛି। ମହାପ୍ରଭୁ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ଏବଂ ଓଡ଼ିଶାର ଲୋକଙ୍କ ପାଇଁ କାମ କରିବା ଲାଗି ପ୍ରେରଣା ଦିଅନ୍ତୁ। ସରକାରର ଶହେ ଦିନ ପୂରଣ କରିଛୁ, ଏହି ଅବସରରେ ମହାପ୍ରଭୁଙ୍କୁ କୃତଜ୍ଞତାର ସହିତ ମନେପକାଉଛୁ। ସେ ହିଁ କର୍ତ୍ତା, ଆମେ କେବଳ ଦାୟିତ୍ୱ ନିର୍ବାହ କରୁଛୁ। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଏକ ପଂକ୍ତିକୁ ମନେପକାଇ ମୁଖ୍ୟମନ୍ତ୍ରୀ କହିଥିଲେ, ଗଣତନ୍ତ୍ରରେ ସରକାର ପ୍ରଜାଙ୍କର ଓ ପ୍ରଜାଙ୍କ ପାଇଁ। ଲୋକମତ, ଲୋକ ହିତ ଓ ଲୋକ ସ୍ୱାର୍ଥ ହିଁ ସର୍ବୋପରି। ଲୋକଙ୍କ ସମର୍ଥନରେ ଗଢ଼ା ହୋଇଥିବା ସରକାର ହେଉଛି ଲୋକଙ୍କ ସରକାର। ଦୀର୍ଘ ୨୪ ବର୍ଷର ଅହଙ୍କାରୀ ଓ ଲୋକ ବିରୋଧୀ ସରକାରର ପତନ ଘଟିଛି କେବଳ ଲୋକଙ୍କ ପାଇଁ। ଲୋକଙ୍କଠାରୁ ଦୂରେଇ ଗଲେ, ଲୋକ ବିରୋଧୀ ହେଲେ, ଲୋକଙ୍କ ସମସ୍ୟାକୁ ଅବହେଳା କଲେ ଲୋକେ ଗ୍ରହଣ କରିବେ ନାହିଁ ବୋଲି ୨୦୨୪ ନିର୍ବାଚନରେ ପ୍ରମାଣିତ ହୋଇଛି। ପୂର୍ବ ସରକାର ନିଜ ସ୍ୱାର୍ଥ ପୂରଣ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କୁ ମଧ୍ୟ ଭୋଟ ରାଜନୀତି ନିମନ୍ତେ ବ୍ୟବହାର କରିଥିଲେ। ନିର୍ବାଚନ ସମୟରେ ଭାଜପା ପକ୍ଷରୁ ଲୋକଙ୍କୁ କିଛି ପ୍ରତିଶ୍ରୁତି ଦିଆଯିବା ସହ ସଂକଳ୍ପ ଘୋଷଣା କରାଯାଇଥିଲା। ଏହା ଲୋକଙ୍କ ପ୍ରତି ଆମ ଦାୟିତ୍ୱବୋଧର ପ୍ରତିଫଳନ ଥିଲା। ଆମ ଦଳର ନେତୃବୃନ୍ଦ ଲୋକଙ୍କ ମତକୁ ଗୁରୁତ୍ୱ ଦେଇ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସଂକଳ୍ପପତ୍ର ତିଆରି କରିଥିଲେ। ଆମ ସଂକଳ୍ପପତ୍ର ଆମ ପାଇଁ ଧର୍ମଗ୍ରନ୍ଥ ବୋଲି ସେ କହିଥିଲେ। ଆମେ ଲୋକଙ୍କ ସରକାର ହିସାବରେ ନିଜକୁ ପ୍ରତିପାଦିତ କରିଛୁ। ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ସମାଧାନ ଲାଗି ପ୍ରୟାସ କରୁଛନ୍ତି। ଅଭିଯୋଗ ଶୁଣାଣି ଦ୍ୱାରା ଅନେକ ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆସିଥାଏ ଓ ପ୍ରତିକାର ସମ୍ଭବ ହୋଇଥାଏ। ଭୁବନେଶ୍ୱରରେ ଜନ ଶୁଣାଣି କରାଯାଉଛି। ଭବିଷ୍ୟତରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଶୁଣାଣି କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ସମୟରେ ଲୋକଙ୍କୁ କିଛି ପ୍ରତିଶ୍ରୁତି ଦେଇଥିଲେ। ତାହା ପୂରଣ କରିବାକୁ ପ୍ରଥମ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁଯାୟୀ, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଓ ରତ୍ନଭଣ୍ଡାର ଖୋଲି ମହାପ୍ରଭୁଙ୍କ ରତ୍ନର ସୁରକ୍ଷା କରିବା ପ୍ରଥମ ପଦକ୍ଷେପ ଥିଲା। ସେହିପରି ଗତ କିଛି ବର୍ଷ ଧରି ଓଡ଼ିଆ ଅସ୍ମିତା, ଭାଷା, ସ୍ୱାଭିମାନ, ପରିଚୟ ଅବହେଳିତ ହୋଇଥିଲା। ୨୦୨୪ ନିର୍ବାଚନରେ ଲୋକେ ଓଡ଼ିଆ ଅସ୍ମିତାର ପୁନଃ ପ୍ରତିଷ୍ଠା ପାଇଁ ମତ ପ୍ରଦାନ କରିଥିଲେ। ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ସହିତ ଓଡ଼ିଆ ଅସ୍ମିତାର ପୁନଃ ପ୍ରତିପାଦନ ନିମନ୍ତେ ୨୦୦ କୋଟି ଟଙ୍କାର ସ୍ଥାୟୀ ପାଣ୍ଠି ଗଠନ କରିଛୁ। ଓଡ଼ିଆ ଅସ୍ମିତା ଭବନ ନିର୍ମାଣ, ଓଡ଼ିଆ ଅନୁବାଦ ଏକାଡେମୀ ପ୍ରତିଷ୍ଠା ନିମନ୍ତେ ନିଷ୍ପତ୍ତି ନେଇଛୁ। ଶ୍ରୀମନ୍ଦିରର ଉନ୍ନତି ପାଇଁ ସରକାର ୫୦୦ କୋଟି ଟଙ୍କାର ସ୍ଥାୟୀ ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଓ ଏଥିପାଇଁ ବଜେଟରେ ୫ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଚାଷୀମାନେ ୪୮ ଘଣ୍ଟା ଭିତରେ ଧାନର ମୂଲ୍ୟ ପାଇବେ। ଚାଷୀଙ୍କ ପାଇଁ ସିଏମ୍ - କିଷାନ ଯୋଜନା ଆରମ୍ଭ କରାଯାଇଛି। ପିଏମ୍ ସମ୍ମାନ ନିଧି ସହିତ ସଂଯୁକ୍ତ ହୋଇ ଏହା ଚାଷୀଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରିବ। ଯେଉଁ ଚାଷୀମାନେ ଆଜି ପର୍ଯ୍ୟନ୍ତ କୌଣସି ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ଅଛନ୍ତି, ସେମାନଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। କୌଣସି ଯୋଗ୍ୟ ଚାଷୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେବେ ନାହିଁ। ସୁଭଦ୍ରା ଯୋଜନା ମହିଳାଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ଅଭିନବ ପରିକଳ୍ପନା। ଦେବୀ ସୁଭଦ୍ରାଙ୍କ ନାମରେ ନାମିତ ସୁଭଦ୍ରା ଯୋଜନାରେ ଏକ କୋଟିରୁ ଊର୍ଦ୍ଧ୍ୱ ମହିଳା ଉପକୃତ ହେବାକୁ ଯାଉଛନ୍ତି। ବର୍ଷକୁ ୧୦ ହଜାର ଟଙ୍କା ଲେଖାଏ ପାଞ୍ଚ ବର୍ଷରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ୫୦ ହଜାର ଟଙ୍କା ପାଇବେ। ଏହି ଟଙ୍କା ସେମାନଙ୍କୁ ଫେରାଇବାକୁ ପଡ଼ିବ ନାହିଁ, କାରଣ ଏହା ଋଣ ଆକାରରେ ସେମାନଙ୍କୁ ଦିଆଯାଉ ନାହିଁ। ଏହି ଟଙ୍କାକୁ ବିନିଯୋଗ କରି ସେମାନେ କ୍ଷୁଦ୍ର ବ୍ୟବସାୟ, ଖୁଚୁରା ଉତ୍ପାଦନ କିମ୍ବା ଛୋଟ ଦୋକାନଟିଏ କରି ନିଜର ଓ ପରିବାରର ରୋଜଗାରକୁ ବଢ଼ାଇ ପାରିବେ। ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, କ୍ରୀଡ଼ା, ଶିଳ୍ପ ସହ ବିଭିନ୍ନ କ୍ଷେତ୍ରରେ ସରକାର ଅନେକ ଜନହିତକର କାର୍ଯ୍ୟ ହାତକୁ ନେଇଛନ୍ତି। ଆଗାମୀ ଦିନରେ ରାଜ୍ୟ ତଥା ରାଜ୍ୟବାସୀଙ୍କ ବିକାଶ ଏକାନ୍ତ କାମ୍ୟ। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ସମ୍ଭବ ହୋଇପାରିବ। ଓଡ଼ିଶାର ସାଧାରଣ ଲୋକଙ୍କ ଜୀବନ ଧାରଣ ମାନରେ ଗୁଣାତ୍ମକ ପରିବର୍ତ୍ତନ ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍। ସମସ୍ତଙ୍କ ସହଯୋଗ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏକାନ୍ତ କାମ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେଜଣ ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ଯୋଜନାରେ ସହାୟତା ରାଶି ପ୍ରଦାନ କରିଥିଲେ। ସେହିଭଳି ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାବେଶରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରିମଣ୍ଡଳର ସଦସ୍ୟ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ଭାଜପା ସଭାପତି ତଥା ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସମସ୍ତ ଦଳୀୟ ଏମ୍‌ପି, ବିଧାୟକ, ପଦାଧିକାରୀ ଉପସ୍ଥିତ ଥିଲେ। ଏକ ଭିଡିଓ କ୍ଲିପ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଓ ଯୋଜନା ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। ସମାବେଶ ସରିବା ପରେ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତାଙ୍କ ସହିତ ବହୁ ମନ୍ତ୍ରୀ ଓ ଦଳୀୟ ନେତା ଉପସ୍ଥିତ ଥିଲେ।

## ପେଜର, ୱାକିଟକି...

ସୈନ୍ୟମାନଙ୍କୁ ମଧ୍ୟ ଲେବାନନ୍ ସୀମାକୁ ପଠାଯାଉଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ପେଜର ଓ ୱାକିଟକି ଭଳି ଯୋଗାଯୋଗ ଉପକରଣ ଜରିଆରେ ଆକ୍ରମଣ ପଛରେ ଇସ୍ରାଏଲ୍‌ର ସ୍ପାଏ ଏଜେନ୍ସି ମୋସାଦ୍‌ର ହାତ ଥିବା କୁହାଯାଉଥିବାବେଳେ ତେଲ୍ ଆଭିଭ୍ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ଆସିନାହିଁ। ୨ ଦିନ ଧରି ପେଜର ଓ ୱାକିଟକି ବିସ୍ଫୋରଣରେ ଅଦ୍ୟାବଧି ୩୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩,୦୦୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ଲେବାନନ୍ ପ୍ରଧାନମନ୍ତ୍ରୀ ନଜିବ ମିକାତି ଇସ୍ରାଏଲ୍‌ର ଆକ୍ରମଣ ଏବଂ 'ମନସ୍ତାତ୍ତ୍ୱିକ ଯୁଦ୍ଧ' ରୋକିବା ପାଇଁ ଜାତିସଂଘ ସୁରକ୍ଷା ପରିଷଦକୁ ଅନୁରୋଧ କରିଛନ୍ତି। ସେପଟେ ହେଜ୍‌ବୋଲ୍ଲା ମଧ୍ୟ ଇସ୍ରାଏଲ୍‌କୁ ଜବାବ ଦେବାକୁ ଯାଇ ଅନେକ ରକେଟ ଛାଡ଼ିଛି। ୨୦୨୩ ଅକ୍ଟୋବର ୭ ପରଠାରୁ ଇସ୍ରାଏଲ୍‌ର ଗାଜା ଆକ୍ରମଣ ଜାରି ରହିଥିବାବେଳେ ହମାସ୍ ସମର୍ଥକ ୪୫୦ ହେଜ୍‌ବୋଲ୍ଲା ଫାଇଟର୍ସଙ୍କ ମୃତ୍ୟୁ ଘଟିଲାଣି। ପେଜର ଆକ୍ରମଣରେ ଅନେକ ସଦସ୍ୟଙ୍କୁ ହରାଇଥିବା ଏହି ସଙ୍ଗଠନ ଏବେ ଇସ୍ରାଏଲ୍‌କୁ ଆକ୍ରମଣର ଖୋଲା ଧମକ ଦେଇଛି।

## ପୋଲିସକୁ ବଞ୍ଚାଇବାକୁ...

ଓଭରଟେକ୍ କରି ଆଗକୁ ବଢ଼ିଥିଲେ। ଏହାପରେ ହଠାତ୍ ଉକ୍ତ ଗାଡ଼ି ସହ ଆଉ ଦୁଇଟି ଗାଡ଼ିରୁ କେତେଜଣ ଯୁବକ ବାହାରି ଉଭୟ ଗୁରୁଭନ୍ସ ଏବଂ ଅଙ୍କିତାଙ୍କୁ ଧକ୍କାମାରିବା ସହ ଦୁର୍ବ୍ୟବହାର କରିଥିଲେ। ଏ ସମ୍ପର୍କରେ ଗୁରୁଭନ୍ସ ତାଙ୍କ ବାନ୍ଧବୀଙ୍କୁ ନେଇ ଅଭିଯୋଗ କରିବାକୁ ଭରତପୁର ଥାନାଠାରେ ପହଞ୍ଚିଥିଲେ। ତେଣୁ ରାସ୍ତାରେ ଗୁରୁଭନ୍ସ ଏବଂ ଅଙ୍କିତା ଦୁର୍ବ୍ୟବହାରର ଶିକାର ହେବା ଘଟଣାର ମୂଳ ବିଷୟ। ଏହି ଅଭିଯୋଗ କରିବାକୁ ଯାଇ ଉଭୟେ ଭରତପୁର ଥାନା ଅଧିକାରୀ ଓ କର୍ମଚାରୀଙ୍କ ନିର୍ଯାତନା ଏବଂ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣାର ତଦନ୍ତ ପ୍ରଥମ ଦିନରୁ କରିବା ପାଇଁ ନିର୍ଦ୍ଦେଶ ଦେବା ପରିବର୍ତ୍ତେ ଏତେ ବିଳମ୍ବରେ ପୋଲିସ ଡିଜି ଆସି ସେହି କଥା କହୁଛନ୍ତି। ହେଲେ ପୋଲିସ ଅଧିକାରୀମାନେ ସବୁ ପ୍ରକାର ବେଆଇନ କାର୍ଯ୍ୟକରି ଅଙ୍କିତାଙ୍କ ବିରୋଧରେ ବିଭିନ୍ନ ମିଛ ଦଫା ଲଗାଇ ତାଙ୍କୁ ପ୍ରଥମେ ଜେଲରେ ପୂରାଇଦେଲେ। ଏହାପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିଲା, କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଗଲା ଏବଂ ହାଇକୋର୍ଟ ଘଟଣାର ସ୍ଥିତି ପରଖିବା ସହ ଭର୍ତ୍ସନା କଲେ। ଏହାପରେ ପୋଲିସ ଡିଜି ହସ୍ତକ୍ଷେପକରି ଗୁରୁଭନ୍ସ ଏବଂ ଅଙ୍କିତା ଯେଉଁ ଅଭିଯୋଗ କରିବାକୁ ଯାଇଥିଲେ ସେକଥାକୁ ସେ ଗୁରୁତ୍ୱ ଦେଉଛନ୍ତି। ଡିଜିଙ୍କ ଏଭଳି ମନ୍ତବ୍ୟ ପରେ ରାଜ୍ୟର ବିଭିନ୍ନ ଥାନାରେ ଲୋକଙ୍କୁ କିପରି ନ୍ୟାୟ ମିଳୁଥିବ ସେକଥା ମଧ୍ୟ ବୁଝାପଡ଼ିଯାଉଛି। କାରଣ ଭରତପୁର ଥାନାର ଘଟଣା ଭଳି ସବୁ ବିଷୟ ଏଭଳି ଲୋକଲୋଚନକୁ ଆସିପାରୁ ନାହିଁ। ବର୍ତ୍ତମାନ ସମୟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ରାସ୍ତାରେ ଯେଉଁମାନେ ଗୁରୁଭନ୍ସ ଏବଂ ଅଙ୍କିତାଙ୍କୁ ଦୁର୍ବ୍ୟବହାର କରିଥିଲେ ସେମାନଙ୍କ ବିଷୟରେ ତଥ୍ୟ ମିଳିଥିବା କଥା କୁହାଯାଉଛି। ଗୁରୁଭନ୍ସ ଏବଂ ଅଙ୍କିତାଙ୍କୁ ଥାନାରେ କରାଯାଇଥିବା ଅତ୍ୟାଚାର ଓ ବେଆଇନ କାର୍ଯ୍ୟକଳାପ ବିଷୟରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ କରିବାକୁ କୁହାଯାଇଥିଲା। ହେଲେ ଡିଜି ରୋଡ୍ ରୋମିଓଙ୍କୁ ଧରିବା ବିଷୟ କହିବା ଏବଂ ଏହାପରେ କ୍ରାଇମବ୍ରାଞ୍ଚ ସେହି ବିଷୟରେ ମତ ରଖିବା ଏସବୁ କଥା ସ୍ପଷ୍ଟ କରୁଛି ପୋଲିସକୁ ଏହି ଘଟଣାରୁ ବଞ୍ଚାଇବା ଲାଗି ଏକ ସୁଚିନ୍ତିତ ଯୋଜନା ଆରମ୍ଭ କରାଯାଇଛି। କ୍ରାଇମବ୍ରାଞ୍ଚର ତଦନ୍ତ କେଉଁଠି ପହଞ୍ଚିଲା ସେନେଇ ମତ ନେବାକୁ ଏହି ଘଟଣାରେ ଦାୟିତ୍ୱ ପାଇଥିବା ଡିଏସ୍‌ପି ନରେନ୍ଦ୍ର ବେହେରାଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରି ନାହିଁ।

ଅନ୍ୟପକ୍ଷରେ ଘଟଣାକୁ ନେଇ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ)ଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। କମିଶନ ଏନେଇ ଡିଜିପିଙ୍କୁ ନୋଟିସ କରିଛନ୍ତି। ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି ସେନେଇ ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଅଧିକାରୀ ଓ କର୍ମଚାରୀ ଏଭଳି ଘଟଣା ଘଟାଇଛନ୍ତି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବା ନେଇ ଏନ୍‌ସିଡବ୍ଲ୍ୟୁ ଆଶା କରିଛନ୍ତି। ଏତେସବୁ ହେବା ପରେ ମଧ୍ୟ ଉକ୍ତ ଥାନା କର୍ମଚାରୀମାନଙ୍କୁ ବଞ୍ଚାଇବା ଲାଗି ରାଜ୍ୟ ପୋଲିସ କାହିଁକି ଉଦ୍ୟମ ଜାରି ରଖିଛି ସେକଥା ଜଣାପଡୁନାହିଁ। ସୂଚନାଯୋଗ୍ୟ, ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବା ପରେ ଭରତପୁର ଥାନାର ପୂର୍ବତନ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସମେତ ଅନ୍ୟ ୪ ଜଣଙ୍କୁ ନିଲମ୍ବନ କରାଯାଇଛି। ହାଇକୋର୍ଟ ଅଙ୍କିତାଙ୍କୁ ବେଲ୍ ଦେଇ ସାରିଥିବା ବେଳେ ସେ ଏମ୍‌ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ଗୁପ୍ତାଙ୍ଗ ଦେଖାଇଥିଲେ...

ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ଅଙ୍କିତା କହିଛନ୍ତି, ରାତି ଗୋଟାଏ ସମୟରେ ସେ ତାଙ୍କ ରେଷ୍ଟୁରାଣ୍ଟ ବନ୍ଦ କରି ଗୁରୁଭନ୍ସଙ୍କ ସହ ଘରକୁ ଫେରୁଥିଲେ। ତେବେ ଅଧା ରାସ୍ତାରେ କେତେଜଣ ବ୍ୟକ୍ତି ଗାଡ଼ି ଅଟକାଇ ଯୁକ୍ତିତର୍କ କରିଥିଲେ। ସେମାନଙ୍କ କବଳରୁ ବାହାରି ଅଭିଯୋଗ କରିବା ପାଇଁ ଭରତପୁର ଥାନାରେ ପହଞ୍ଚିଥିଲେ। ସେତେବେଳେ ଥାନା ଅଭ୍ୟର୍ଥନା କକ୍ଷରେ ଜଣେ ମହିଳା କନଷ୍ଟେବଲ ବସିଥିଲେ। ସେ ସେତେବେଳେ ୟୁନିଫର୍ମରେ ନ ଥିଲେ, ନାଇଟ୍ ପିନ୍ଧି ବସିଥିଲେ। ତାଙ୍କ ଛଡ଼ା ଆଉ କୌଣସି ପୋଲିସ କର୍ମଚାରୀ ନ ଥିଲେ। ତେଣୁ ସମ୍ପୃକ୍ତ ମହିଳା କନଷ୍ଟେବଲଙ୍କୁ ଏଫ୍‌ଆଇଆର୍ ରୁଜୁ କରିବା ପାଇଁ ଅନୁରୋଧ କରିଥିଲେ। ହେଲେ ସେ ଏଫ୍‌ଆଇଆର୍ ଲଜ୍ କରିବା ବଦଳରେ ଗାଳି ଦେଇଥିଲେ ବୋଲି ପୀଡ଼ିତା କହିଛନ୍ତି। ମହିଳା କନଷ୍ଟେବଲ ଗାଳିଦେବାର କିଛି ସମୟ ପରେ ଏକ ପାଟ୍ରୋଲିଂ ଗାଡ଼ି ଥାନାରେ ପହଞ୍ଚିଥିଲା। ସେଥିରେ ଥିବା ମହିଳା ଓ ପୁରୁଷ କର୍ମଚାରୀମାନେ ଏଫ୍‌ଆଇଆର୍ ଲେଖିବା ପାଇଁ ମେଜର ଗୁରୁଭନ୍ସଙ୍କୁ କହିଥିଲେ। ଗୁରୁଭନ୍ସ ଅଭିଯୋଗ ଲେଖିବା ପାଇଁ ରାଜି ହୋଇଥିଲେ। କିନ୍ତୁ ସେଠାରେ କ'ଣ ହେଲା ସେମାନେ ତାଙ୍କୁ କଷ୍ଟୋଡିରେ ରଖିଲେ। ଏହାକୁ ଅଙ୍କିତା ପ୍ରତିବାଦ କରିଥିଲେ। ଜଣେ ଆର୍ମି ଅଫିସରଙ୍କୁ କଷ୍ଟୋଡିରେ ରଖିପାରିବ ନାହିଁ, ଏହା ଆଇନ ବିରୋଧୀ ବୋଲି କହିଥିଲେ। ଠିକ୍ ସେତିକି ବେଳେ ୨ ଜଣ ମହିଳା ପୋଲିସ ଅଫିସର ତାଙ୍କ ଚୁଟି ଧରି ମାଡ଼ ମାରିଥିଲେ। ଏହାକୁ ଯେତେ ପ୍ରତିବାଦ କରିଥିଲେ ସୁଦ୍ଧା ସେମାନେ ଶୁଣି ନ ଥିଲେ। ସେମାନଙ୍କ ଭିତରୁ ଜଣେ ମହିଳା କନଷ୍ଟେବଲ ଅଙ୍କିତାଙ୍କ ଗଳା ଚିପିଦେବାକୁ ଉଦ୍ୟମ କରୁଥିବାବେଳେ ନିଜକୁ ବଞ୍ଚାଇବାକୁ ସେ ତାଙ୍କ ହାତକୁ କାମୁଡ଼ି ଦେଇଥିଲେ। ତା'ପରେ ସେମାନେ ଅଙ୍କିତାଙ୍କ ଜାକେଟ୍‌ରେ ପଛ ପାର୍ଶ୍ୱରେ ହାତକୁ ବାନ୍ଧି ଦେଇଥିଲେ। ଜଣେ କନଷ୍ଟେବଲଙ୍କ ସ୍କ୍ରାପ୍‌ରେ ତାଙ୍କ ଗୋଡ଼କୁ ବାନ୍ଧିଦେଇ ଲକ୍‌ଅପ୍ ପକାଇ ଦେଇଥିଲେ। ଲକ୍‌ଅପ୍‌ରେ ରହିବାର କିଛି ସମୟ ପରେ ଜଣେ ପୁରୁଷ ଅଫିସର ଆସିଥିଲେ। ସେ ତାଙ୍କ ଅନ୍ତର୍ବସ୍ତ୍ର ଖୋଲି ତାଙ୍କ ପ୍ରାଇଭେଟ୍ ପାର୍ଟକୁ ଗୋଇଠା ପରେ ଗୋଇଠା ମାରି ଚାଲିଥିଲେ। କିଛି ସମୟ ପରେ ଆଇଆଇସି ଆସି ତାଙ୍କ ପ୍ୟାଣ୍ଟ ଖସାଇ ଦେଇ ନିଜର ଗୁପ୍ତାଙ୍ଗ ଦେଖାଇ କେତେ ଥର ନେଲା ପରେ ଚୁପ୍ ରହିବୁ ବୋଲି କହିଥିଲେ। ସେତେବେଳେ ସହଯୋଗ ପାଇଁ ବଡ଼ ପାଟିରେ ଚିତ୍କାର କରୁଥିଲେ ସୁଦ୍ଧା କେହି କିଛି ଶୁଣି ନ ଥିଲେ ବୋଲି ଅଙ୍କିତା କହିଛନ୍ତି। ଅଙ୍କିତାଙ୍କ ଏଭଳି ବୟାନ ଶୁଣିବା ପରେ ଚାରିଆଡୁ ପୋଲିସ ବିଭାଗକୁ ସମସ୍ତେ ନିନ୍ଦା କରିବାରେ ଲାଗିଛନ୍ତି। କିପରି ଜଣେ ପୋଲିସ ଅଧିକାରୀ ଏଭଳି ବ୍ୟବହାର ଦେଖାଇପାରିଲେ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତୁରନ୍ତ ସେହି ପୋଲିସ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଚାକିରିରୁ ବରଖାସ୍ତ କରାଯିବା ସହ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅନେକେ ସାମାଜିକ ଗଣମାଧ୍ୟମରେ ମତ ରଖିଛନ୍ତି।

## ଗୋରୁ ଚର୍ବି, ମାଛ...

ବ୍ୟବହାର କରୁଥିବା ଜାଣି ମର୍ମାହତ ବୋଲି ଲୋକେଶ ଏକ୍ସ'ରେ ଲେଖିଛନ୍ତି। ବିଶ୍ୱହିନ୍ଦୁ ପରିଷଦର ରାଷ୍ଟ୍ରୀୟ ମୁଖପାତ୍ର ବିନୋଦ ବଂଶଲ ଏଥିପାଇଁ ଜଗନମୋହନଙ୍କୁ ନିନ୍ଦା କରିଛନ୍ତି। ଆନ୍ଧ୍ରପ୍ରଦେଶର ପୂର୍ବତନ ସରକାର ହିନ୍ଦୁ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ସମସ୍ତେ ଜାଣନ୍ତି। ତେବେ ତାହା ଏତେ ତଳ ସ୍ତରକୁ ଖସିଯିବ ବୋଲି କେହି ଆଶା କରିପାରିବେ ନାହିଁ। ଲଡୁରେ ଗୋରୁ ଚର୍ବି ବ୍ୟବହାର କରୁଥିବା ଲୋକମାନଙ୍କୁ ଦଣ୍ଡିତ କରାଯାଉ ବୋଲି ବଂଶଲ ଦାବି କରିଛନ୍ତି। ଲଡୁରେ ପ୍ରକୃତରେ ପ୍ରାଣୀ ଚର୍ବି ବ୍ୟବହାର ହେଉଥିଲା କି ନାହିଁ ତାହା ନିଶ୍ଚିତ କରିବା ପାଇଁ ସିବିଆଇ ତଦନ୍ତ କରାଯିବାକୁ ପ୍ରଦେଶ କଂଗ୍ରେସ କମିଟି ସଭାନେତ୍ରୀ ୱାଇ.ଏସ୍. ଶର୍ମିଳା ଦାବି କରିଛନ୍ତି। ଏହା ଅତି ଗମ୍ଭୀର ପ୍ରସଙ୍ଗ। ଅନ୍ୟପକ୍ଷରେ ରାଜନୈତିକ ଫାଇଦା ପାଇଁ ଟିଡିପି ସୁପ୍ରିମୋ ଚନ୍ଦ୍ରବାବୁ ଯେକୌଣସି ସ୍ତରକୁ ଯାଇପାରିବେ ବୋଲି ୱାଇଏସ୍‌ଆର୍‌ସିପିର ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ ୱାଇ.ଭି. ସୁବାରେଡ୍ଡୀ ପାଲଟା ଅଭିଯୋଗ କରିଛି। ଚନ୍ଦ୍ରବାବୁଙ୍କ ଏଭଳି ଫମ୍ପା ଅଭିଯୋଗ ଭକ୍ତମାନଙ୍କ ଭାବାବେଗକୁ ଆଘାତ ଦେଇଥିବା ସେ କହିଛନ୍ତି।

# ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବିଷ୍ଣୁ ସେଠୀ: ମୁଖ୍ୟମନ୍ତ୍ରୀ


## ପୂର୍ବତନ ବିଧାୟକଙ୍କ ୨ୟ ବାର୍ଷିକୀ ଶ୍ରାଦ୍ଧୋତ୍ସବ

ତିହିଡ଼ି,୧୯।୯ (ସଞ୍ଜିତ ବଳ)

ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କ ଉଦ୍ୟମରେ କାନ୍ତକବିଙ୍କ ଲିଖିତ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଥିଲା। ଏହାବ୍ୟତୀତ ମୋଗଲ ତାମସାକୁ ଲୋକଲୋଚନକୁ ଆଣିବାରେ ତାଙ୍କ ଅବଦାନ ଅବିସ୍ମରଣୀୟ ଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭଦ୍ରକ ଜିଲା ତିହିଡ଼ି କାଳୀପଡିଆରେ ବିଷ୍ଣୁ ସେଠୀ ସ୍ମୃତି ସଂସଦ ପକ୍ଷରୁ ଗୁରୁବାର ଅନୁଷ୍ଠିତ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ୨ୟ ବାର୍ଷିକୀ ଶ୍ରାଦ୍ଧୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ ଆହୁରି କହିଥିଲେ, ବିଷ୍ଣୁ ବିଧାୟକ ଥିବାବେଳେ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ଦେଖିଥିଲେ। ସେ ଲୋକଙ୍କ ସହ ଜଡ଼ିତ ରହି ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଉଦ୍ୟମ କରୁଥିଲେ। ଉଭୟ ସାହିତ୍ୟ ଓ ରାଜନୈତିକ କ୍ଷେତ୍ରରେ ସେ ବେଶ୍ ପାରଙ୍ଗମ ଥିଲେ। ଏଥିସହ ରାଜ୍ୟ ଓ ଭଦ୍ରକ ଜିଲାରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବାରେ ତାଙ୍କ ଅବଦାନ ଅବିସ୍ମରଣୀୟ ଥଲା ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ପୂର୍ବାହ୍ଣ ୧୧ଟା ୩୦ବେଳେ ସିନ୍ଦୋଳ ତାରିଣୀ ପଡ଼ିଆରେ ଅବତରଣ କରିବା ପରେ ତିହିଡି ଅଭିମୁଖେ ଯାତ୍ରା କରିଥିଲେ। ତିହିଡି ବଜାରରେ ଥିବା ପୂର୍ବତନ ବିଧାୟକ ସ୍ୱର୍ଗତ ସେଠୀଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରିବା ପରେ ଉତ୍ସବସ୍ଥଳରେ ପହଞ୍ଚିଥିଲେ। ବରେଣ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏଥିରେ ଯୋଗଦେଇ ପୂର୍ବତନ ବିଧାୟକ ସେଠୀ ତାଙ୍କ କଥାକୁ ସ୍ପଷ୍ଟତାର ସହ ଲୋକଙ୍କ ପାଖରେ ରଖିପାରୁଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଥିଲେ, ତ୍ୟାଗ ଓ ତପସ୍ୟା ବଳରେ ସ୍ୱର୍ଗତ ସେଠୀ ସାଧାରଣ କାର୍ଯ୍ୟକର୍ତ୍ତାରୁ ଅସାଧାରଣ ହୋଇପାରିଥିଲେ। ଅନ୍ୟତମ ଅତିଥି ଭାବେ ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ରାଜ୍ୟ ସଭା ସଦସ୍ୟ ବିଜୟ ପାଲ ସିଂ ତୋମାର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଖଣି ମନ୍ତ୍ରୀ ବିଭୂତି ଜେନା ଓ ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏହି ଅବସରରେ ସ୍ୱର୍ଗତ ସେଠୀଙ୍କ ରଚିତ କବିତା ସଂକଳନ 'ନଈ ପାଣି ନଈକୁ ଯା', ସାହିତ୍ୟିକ ଦୈତାରୀ ମହାପାତ୍ର ଓ ନାଟ୍ୟକାର ନିର୍ମଳ ରାଉତଙ୍କ ସମ୍ପାଦିତ ପୁସ୍ତକ 'କବିତାରେ କବିତାରେ ବିଷ୍ଣୁ ସେଠୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ସେଠୀଙ୍କ ସ୍ତ୍ରୀ ଉର୍ମିଳା ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉତ୍ସବରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଧନ୍ୟବାଦ ଅର୍ପଣ କରିଥିଲେ। ଗୀତିକାର ପଞ୍ଚାନନ ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ପରବର୍ତ୍ତୀ ଅଧିବେଶନରେ ଭଦ୍ରକ ବିଧାୟକ ସିତାଂଶୁ ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ଦୀନବନ୍ଧୁ ପତି, ମାଧବାନନ୍ଦ ମଲ୍ଲିକ, ଡା.ପ୍ରଦୀପ କୁମାର ନାୟକ, ଅଜୟ କୁମାର ନାୟକ, ବଦ୍ରିନାରାୟଣ ଧଳ, ମଳୟ ଜେନା, ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢ଼ୀ, ମନସ୍ୱିତା ଖୁଣ୍ଟିଆ, ରଞ୍ଜିତା ସ୍ୱାଇଁ, କଳ୍ପନା ଜେନା, ଶୁକଦେବ ମଲିକ, ତପନ ପାଢ଼ୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ଜ୍ୟୋତିର୍ମୟ କର, ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ, ପୀରହାଟ ଥାନା ଆଇଆଇସି ଅଜୟ କୁମାର ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ଭାଜପା ନେତା ରଘୁନାଥ ପାତ୍ର, ସୀତାକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ଶ୍ରାଦ୍ଧୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ନିକଟରେ ଅଛନ୍ତି ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅନ୍ୟମାନେ।

# ସାହାରା ଜମାକାରୀଙ୍କ ଫେରସ୍ତ ରାଶି ସୀମା ୫୦ହଜାରକୁ ବୃଦ୍ଧି

ଭୁବନେଶ୍ୱର,୧୯।୯ (ଅନୁରାଧା ମହାରଣା)

ସରକାର ସାହାରା ଗ୍ରୁପ୍ ସମବାୟ ସମିତିର କ୍ଷୁଦ୍ର ଜମାକାରୀଙ୍କୁ ଫେରସ୍ତ କରାଯିବାକୁ ଥିବା ଅର୍ଥ ରାଶିର ସୀମା ୧୦ହଜାର ଟଙ୍କାରୁ ୫୦ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ସମବାୟ ମନ୍ତ୍ରଣାଳୟର ଜଣେ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଫେରସ୍ତ ପରିମାଣର ସୀମା ୫୦ହଜାର ଟଙ୍କା ବୃଦ୍ଧି ସହିତ ଆସନ୍ତା ୧୦ ଦିନ ମଧ୍ୟରେ ପ୍ରାୟ ୧୦୦୦ କୋଟି ଟଙ୍କା ପ୍ରଦାନ କରାଯିବ। ବର୍ତ୍ତମାନ ପର୍ଯ୍ୟନ୍ତ ସାହାରା ରିଫଣ୍ଡ୍ ପୋର୍ଟାଲ ମାଧ୍ୟମରେ ସରକାର ସାହାରା ଗୋଷ୍ଠୀ ସମବାୟ ସମିତିର ୪.୨୯ ଲକ୍ଷରୁ ଅଧିକ ଜମାକାରୀଙ୍କୁ ୩୭୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସାହାରା ରିଫଣ୍ଡ୍ ପୋର୍ଟାଲ ମାଧ୍ୟମରେ ନିର୍ଦ୍ଧାରିତ ଜମାକାରୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରାଯାଉଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ କେନ୍ଦ୍ର ସରକାର ସାହାରା ଗ୍ରୁପ୍‌ର ୪ଟି ବହୁ-ରାଜ୍ୟ ସମବାୟ ସମିତିର ପ୍ରକୃତ ଜମାକାରୀଙ୍କ ବୈଧ ଜମା ଫେରସ୍ତ ପାଇଁ ଦାବି ଦାଖଲ କରିବାକୁ ୨୦୨୩ ଜୁଲାଇ ୧୮ରେ ଏହି ପୋର୍ଟାଲ ଆରମ୍ଭ କରିଥିଲେ। ସେହିଭଳି ୨୦୨୩ ମାର୍ଚ୍ଚ ୨୯ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ, ମେ ୧୯ରେ ସେବି-ସାହାରା ରିଫଣ୍ଡ୍ ଆକାଉଣ୍ଟରୁ ସେଣ୍ଟ୍ରାଲ ରେଜିଷ୍ଟ୍ରାର୍ ଅଫ୍ କୋଅପରେଟିଭ ସୋସାଇଟିଜ୍ (ସିଆର୍‌ସିଏସ୍)କୁ ୫ହଜାର କୋଟି ଟଙ୍କା ହସ୍ତାନ୍ତର କରାଯାଇଥିଲା। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଆର୍. ସୁଭାଷ ରେଡ୍ଡୀ ଡିଜିଟାଲ ମାଧ୍ୟମରେ ଟଙ୍କା ବଣ୍ଟନ ମାମଲା ପରିଚାଳନା କରୁଛନ୍ତି।

# ମହାପ୍ରଭୁଙ୍କ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ପୁରୀ,୧୯।୯(ଅଜିତ କୁମାର ମହାନ୍ତି)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସେ ମନ୍ତ୍ରୀ ଓ ଦଳୀୟ ନେତାଙ୍କ ସହ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନରୂଢ଼ ଚତୁର୍ଦ୍ଧାବିଗ୍ରହ ଏବଂ ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ବାଇଶିପାହାଚରେ କିଛି ସମୟ ବସି ମହାପ୍ରଭୁଙ୍କୁ ସ୍ମରଣ କରିଥିଲେ। ତାଙ୍କ ସହିତ ଥିବା ମନ୍ତ୍ରୀ ଓ ନେତାମାନେ ମଧ୍ୟ ବାଇଶି ପାହାଚରେ ବସିପଡ଼ିଥିଲେ। ପରେ ସମସ୍ତେ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ମହାପ୍ରଭୁଙ୍କ ଆଶୀର୍ବାଦରେ ନୂଆ ଭାଜପା ସରକାର ଗଠନ ହୋଇଛି। ନୂତନ ଓଡ଼ିଶା, ସମୃଦ୍ଧ ଓଡ଼ିଶା ଗଠନ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି। ଶରଧାବାଲିଠାରେ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଉତ୍ସବ ପାଳନ କରାଯାଇଛି।

# ଚିପିଲିମା ପାୱାର ଚ୍ୟାନେଲ ମରାମତି ହେବ

ଭୁବନେଶ୍ୱର,୧୯।୯(ଅନିଲ ଦାସ)

କେନ୍ଦ୍ର ସରକାରଙ୍କ ମିନିରତ୍ନ କମ୍ପାନୀ 'ୱାପକସ'ର ପ୍ରତିନିଧି ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନୁଷ୍ଠିତ ଏକ ବୈଠକରେ ଶକ୍ତି, ଜଳସେଚନ ଓ ଭିତ୍ତିଭୂମି ବିକାଶ ନେଇ ଆଲୋଚନା କରିଛନ୍ତି। ୱାପକସ ପୂର୍ବରୁ ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପ କରିସାରିଛି। ସେଥିରେ ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ଗଙ୍ଗାଧର ମେହେର ଉଠାଜଳସେଚନ, ଚିପିଲିମା ପାୱାର ଚାନେଲ୍ ଇତ୍ୟାଦି ଅନ୍ୟତମ। ଚିପିଲିମା ପାୱାର ଚାନେଲର କିଛି ଅଂଶ ମରାମତି ଆବଶ୍ୟକ କରୁଥିବାରୁ ଏହାର ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ଆଗାମୀ ପ୍ରକଳ୍ପଗୁଡ଼ିକ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ମଧ୍ୟ କରାଯାଇଛି। ପ୍ରକଳ୍ପଗୁଡ଼ିକର ଖର୍ଚ୍ଚ, ଅବଧି ଓ ବିଶେଷତ୍ୱ ବିଷୟରେ ଉପମୁଖ୍ୟମନ୍ତ୍ରୀ ପଚାରି ବୁଝିଥିଲେ। ବୈଠକରେ ହୋଇଥିବା ଆଲୋଚନା ଅଭିନବ ସମାଧାନ ଏବଂ ଅଗ୍ରଗାମୀ ଚିନ୍ତାଧାରା ଓଡ଼ିଶାର ଭିତ୍ତିଭୂମି ଏବଂ ବିକାଶ ପାଇଁ ବହୁତ ସମ୍ଭାବନା ସୃଷ୍ଟି କରିଛି ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି। ବୈଠକରେ ଶକ୍ତି ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ଏବଂ ଜଳସମ୍ପଦ ଓ ଶକ୍ତି ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ଡାକ୍ତରୀ ଶିକ୍ଷା, ଗବେଷଣା କ୍ଷେତ୍ରର ବ୍ୟାପକ ଉନ୍ନତି ହେବ



## ବିଭିନ୍ନ ସଂସ୍ଥା ସହ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଚୁକ୍ତି ସ୍ୱାକ୍ଷର

## ଅବସରପ୍ରାପ୍ତ ଡାକ୍ତର ପାଠପଢ଼ାଇବାକୁ ପ୍ରସ୍ତାବ

ଭୁବନେଶ୍ୱର, ୧୯।୯ (ବନ୍ଦନା ସେଠୀ)

ଓଡ଼ିଶାରେ ଡାକ୍ତରୀ ଶିକ୍ଷା, ଗବେଷଣାର ଗୁଣାତ୍ମକ ବିକାଶ ଓ ଚିକିତ୍ସା ସେବା କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣିବାକୁ ରାଜ୍ୟ ସରକାର ଉଦ୍ୟମ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରିଛି। ଗୁରୁବାର ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଏମସ୍ ଭୁବନେଶ୍ୱର, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, ଆଇଆଇଟି ଭୁବନେଶ୍ୱର ଏବଂ ଜାଭିୟର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଭୁବନେଶ୍ୱର ସହ ଚୁକ୍ତି ସ୍ୱାକ୍ଷର ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଲେ, ରାଜ୍ୟର ସମସ୍ତ ଜିଲାରେ ମେଡିକାଲ କଲେଜ ଖୋଲିବ। ଏନେଇ ଖୁବ୍‌ଶୀଘ୍ର କାର୍ଯ୍ୟଖସଡ଼ା ପ୍ରସ୍ତୁତ ହୋଇ କାମ ଆରମ୍ଭ ହେବ। ତାଳଚେର ଓ କନ୍ଧମାଳ ମେଡ଼ିକାଲ କଲେଜକୁ ଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ଓଡ଼ିଶା ସରକାର ପ୍ରଥମଥର ପାଇଁ ରାଜ୍ୟର ଡାକ୍ତରୀ ଛାତ୍ରୀଛାତ୍ରଙ୍କ ପାଇଁ ପିଏଚ୍.ଡି ପାଠ୍ୟକ୍ରମର ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏହା ସରକାରଙ୍କ ଏକ ବଡ଼ ଉପଲବ୍ଧି ବୋଲି ମନ୍ତ୍ରୀ କହିଛନ୍ତି। କୁଳପତି ପ୍ରଫେସର ଡା. ମାନସ ରଞ୍ଜନ ସାହୁ କହିଲେ, ରାଜ୍ୟର ବିଭିନ୍ନ ମେଡିକାଲ କଲେଜରେ ଅଧ୍ୟାପକଙ୍କ ପଦବୀ ଖାଲି ପଡି ଥିବାରୁ ମେଡିକାଲ ଛାତ୍ରୀଛାତ୍ର ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ମେଡିକାଲ କଲେଜଗୁଡିକରେ ଅବସରପ୍ରାପ୍ତ ଡାକ୍ତରମାନେ ପାଠ ପଢାଇବା ପାଇଁ ପ୍ରସ୍ତାବ ରହିଛି। ଏଥିରେ ଓଡ଼ିଶା ତଥା ବାହାର ରାଜ୍ୟର ଅବସରପ୍ରାପ୍ତ ଡାକ୍ତରଙ୍କୁ ସୁଯୋଗ ମିଳିବ। ବାହାର ରାଜ୍ୟର ପ୍ରଫେସରମାନେ ଚାହିଁଲେ ଅନ୍‌ଲାଇନ୍ ମୋଡ୍‌ରେ ମଧ୍ୟ ପାଠ ପଢାଇପାରିବେ। ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଚୟନ ଓ ସମସ୍ତ ପ୍ରକ୍ରିୟା ନିୟମ ଅନୁଯାୟୀ କରାଯିବ। ସେହିପରି ଖୁବ୍‌ଶୀଘ୍ର ପିଜି ଆଇଏମ୍‌ଇଆର୍ ଚଣ୍ଡିଗଡ଼, ଜିପ୍‌ମର ପଣ୍ଡିଚେରୀ, ଏସ୍‌ଜିପିଜିଆଇ ଲକ୍ଷ୍ନୌ, ଏଆଇଜି ହାଇଦ୍ରାବାଦ ଏବଂ ନାଇଜର ଭୁବନେଶ୍ୱର ସହିତ ଚୁକ୍ତି ସ୍ୱାକ୍ଷର ହେବ। ଏଥିସହ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ଶିକ୍ଷାବିତ୍‌ଙ୍କୁ ଆମନ୍ତ୍ରଣ କରିବ ବୋଲି ସେ ସୂଚନା ଦେଇଛନ୍ତି।

# ଭିସେରା ରିପୋର୍ଟ ଦାଖଲ କଲେ ରାଜ୍ୟ ସରକାର

## ହାଇକୋର୍ଟରେ ଭିସୁଟ୍ ଛାତ୍ରୀ ଚିନ୍ମୟୀ ମୃତ୍ୟୁ ମାମଲା

କଟକ,୧୯।୯ (କାର୍ତ୍ତିକ ସାହୁ)

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ଭିସୁଟ୍) ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁ ମୃତ୍ୟୁ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ମାମଲାର ତଦନ୍ତ ଦାୟିତ୍ୱ କାହିଁକି ସିବିଆଇକୁ ଦିଆ ନ ଯିବ, ସେଥିପାଇଁ ରାଜ୍ୟ ସରକାର ଉତ୍ତର ରଖିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚିନ୍ମୟୀ ମୃତ୍ୟୁ ମାମଲାର ଭିସେରା ରିପୋର୍ଟ ହାଇକୋର୍ଟରେ ଦାଖଲ କରାଯାଇଛି। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ଶୁଣାଣି କରି ଆସନ୍ତା ଶୁଣାଣି ସୁଦ୍ଧା ଜବାବ ଦାଖଲ ନିମନ୍ତେ ଆଦେଶ ଦେଇଛନ୍ତି। ଆସନ୍ତା ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁସାରେ, ୨୦୨୩ ଫେବୃୟାରୀ ୨୮ରେ ଭିସୁଟ୍ ସମାବର୍ତ୍ତନ ଉତ୍ସବ ପରେ ଚିନ୍ମୟୀ ନିଖୋଜ ହୋଇଯାଇଥିଲେ। ଚିନ୍ମୟୀଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ବୁର୍ଲା ଥାନାରେ ଏତଲା ଦିଆଯାଇଥିଲା। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଚିନ୍ମୟୀଙ୍କ ମୃତଦେହ ବୁର୍ଲା ପାୱାର ଚ୍ୟାନେଲ ବ୍ରିଜ୍‌ରୁ ମାର୍ଚ୍ଚ ୧ରେ ମିଳିଥିଲା। ବୁର୍ଲା ପୋଲିସ ଏହି ଘଟଣାକୁ ହତ୍ୟା ନୁହେଁ ବରଂ କେନାଲରେ ପଡ଼ି ମୃତ୍ୟୁ ଘଟିଥିବା ସ୍ପଷ୍ଟ କରିଥିଲା। ଏହାପରେ ଚିନ୍ମୟୀଙ୍କ ପରିବାର ଏହି ଘଟଣାର ସିବିଆଇ ତଦନ୍ତ ଆବଶ୍ୟକ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଚିନ୍ମୟୀଙ୍କ ମା' ଲବଙ୍ଗ ସାହୁଙ୍କ ଆବେଦନକ୍ରମେ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଚିନ୍ମୟୀଙ୍କ ପରିବାର ପକ୍ଷରୁ ଆଇନଜୀବୀ ସନ୍ଦୀପନ ଓ ବିପ୍ଳବ ବାହାଲି ମାମଲା ପରିଚାଳନା କରୁଛନ୍ତି।



# ୨ ଲକ୍ଷ କ୍ଷତିପୂରଣ ଦିଅ: ହାଇକୋର୍ଟ

## ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ ମାମଲା

କଟକ,୧୯।୯ (କାର୍ତ୍ତିକ ସାହୁ)

ପୋଲିସ ହେପାଜତରେ ଥିବାବେଳେ ଟ୍ରେନ୍‌ରୁ ଖସି ଅଭିଯୁକ୍ତଙ୍କ ମୃତ୍ୟୁ ମାମଲାରେ ହାଇକୋର୍ଟ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଗୁରୁବାର ମାମଲାର ଶୁଣାଣି କରି ୭ ଦିନ ମଧ୍ୟରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ୨୦୧୮ରେ ଏକ ମାମଲାରେ ଭଦ୍ରକ ଅଞ୍ଚଳର ଅଭିଯୁକ୍ତ ଅମ୍ରିତ ପୁହାଣଙ୍କୁ ମୁମ୍ବାଇରୁ ପୋଲିସ ଗିରଫ କରିଥିଲା। ସେଠାରୁ ତାଙ୍କୁ ଟ୍ରେନ୍‌ରେ ଆଣି ପୋଲିସ ଫେରିବାବେଳେ ସେ ଟ୍ରେନ୍‌ରୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଅମ୍ରିତଙ୍କ ମା' ବାସନ୍ତୀ ପୁହାଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଅଭିଯୁକ୍ତଙ୍କୁ ଟ୍ରେନ୍‌ରେ ନେଇ ଫେରୁଥିବା ୩ ପୋଲିସ କର୍ମଚାରୀ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଉତ୍ତର ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# ନଭେମ୍ବର ୧୫ରେ 'ଦି ସାବରମତି ରିପୋର୍ଟ'



ବିକ୍ରାନ୍ତ ମେସି

**ମୁମ୍ବାଇ:** ଅଭିନେତା ବିକ୍ରାନ୍ତ ମେସି ସମ୍ପ୍ରତି ତାଙ୍କ ଚଳଚ୍ଚିତ୍ର 'ସେକ୍ଟର ୩୬' କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଗତ ୧୩ ତାରିଖରେ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମରେ ବିକ୍ରାନ୍ତଙ୍କର ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର 'ଦି ସାବରମତି ରିପୋର୍ଟ' ଫିଲ୍ମରେ ଦେଖିବାକୁ ମିଳିବ। ଅନେକଥର ସ୍ଥଗିତ ରହିବା ପରେ ଏହି ଫିଲ୍ମର ଏକ ନୂତନ ରିଲିଜ୍ ତାରିଖ ସାମ୍ନାକୁ ଆସିଛି। ଗୁରୁବାର ବିକ୍ରାନ୍ତ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ଫିଲ୍ମର ଏକ ନୂତନ ପୋଷ୍ଟର ରିଲିଜ କରିଛନ୍ତି। ପୋଷ୍ଟର ଅନୁଯାୟୀ, 'ଦି ସାବରମତି ରିପୋର୍ଟ' ଆସନ୍ତା ନଭେମ୍ବର ୧୫ରେ ରିଲିଜ୍ ହେବ। ଉକ୍ତ ପୋଷ୍ଟ'ର କ୍ୟାପ୍‌ଶନ୍‌ରେ ବିକ୍ରାନ୍ତ ଲେଖିଛନ୍ତି, ନଭେମ୍ବର ୧୫ରେ ଜ୍ୱଳନ୍ତ ସତ୍ୟ ଉଜାଗର ହେବ।

ତେବେ 'ଦି ସାବରମତି ରିପୋର୍ଟ' ପ୍ରଥମେ ଗତ ମେ' ମାସରେ ରିଲିଜ୍ ହେବାର ଥିଲା। ପରେ ଅଗଷ୍ଟ ୨ରେ ଏହା ରିଲିଜ୍ ହେବ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ଉକ୍ତ ଦିନ ଫିଲ୍ମଟି ରିଲିଜ୍ ହୋଇ ପାରି ନ ଥିଲା। ଫିଲ୍ମର କିଛି ଦୃଶ୍ୟକୁ ନେଇ ସେନ୍ସର ବୋର୍ଡ ପକ୍ଷରୁ ଆପତ୍ତି ଉଠାଯିବାରୁ ଉଭୟ ଥର ଫିଲ୍ମ ରିଲିଜ୍ ହୋଇ ପାରି ନ ଥିଲା ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ଫିଲ୍ମରେ ବିକ୍ରାନ୍ତଙ୍କ ସହ ଅଭିନେତ୍ରୀ ରାଶି ଖାନ୍ନା ଏବଂ ରିଦ୍ଧି ଡୋଗ୍ରା ମଧ୍ୟ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରରେ ବିକ୍ରାନ୍ତ ସମର କୁମାର ନାମକ ଜଣେ ସାମ୍ବାଦିକଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ସେହିପରି ରାଶି ଖାନ୍ନା ଜଣେ ସାଥୀ ସାମ୍ବାଦିକ ଏବଂ ରିଦ୍ଧି ଡୋଗ୍ରା ଜଣେ ବରିଷ୍ଠ ଆଙ୍କରଙ୍କ ଭୂମିକାରେ ଉକ୍ତ ଫିଲ୍ମରେ ନଜରକୁ ଆସିବେ। ୨୦୦୨ ଫେବୃଆରୀ ୨୭ରେ ଗୋଧ୍ରା ଦଙ୍ଗା ସମୟରେ ସାବରମତି ଏକ୍ସପ୍ରେସ୍‌ରେ ନିଆଁ ଲଗାଯିବାର ପ୍ରକୃତ ଘଟଣା ଉପରେ ଉକ୍ତ ଫିଲ୍ମର କାହାଣୀ ଆଧାରିତ ରହିଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଧୀରଜ୍ ସରନାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମକୁ ଶୋଭା କପୁର, ଏକତା କପୁର ଓ ଅମୁଲ୍ ଭି ମୋହନ ନିର୍ମାଣ କରିଛନ୍ତି।

## ଫୁର୍‌ସତ୍

# ପ୍ରେମ ବିବାହ ପାଇଁ ସ୍ତ୍ରୀ ଚୋରି

## ଆଫ୍ରିକୀୟ ୱଡାବେ ଜନଜାତିର ଅଜବ ପରମ୍ପରା

ନିଆମି

ସମଗ୍ର ବିଶ୍ୱରେ ଏପରି ଅନେକ ଜନଜାତି ରହିଛନ୍ତି, ଯାହାଙ୍କ ବିଷୟରେ ଖୁବ୍ କମ୍ ଲୋକ ଜାଣିଥାନ୍ତି। ଏହି ଜନଜାତିର ଲୋକମାନଙ୍କର ଚାଲିଚଳନ ସାଧାରଣତଃ ଭିନ୍ନ ଏବଂ ସମାଜରେ ଚଳିବା ପାଇଁ ସେମାନଙ୍କର ନିଜସ୍ୱ ନିୟମ ମଧ୍ୟ ରହିଛି। ତେବେ ବିଭିନ୍ନ ଜନଜାତି ସମ୍ପ୍ରଦାୟ ପକ୍ଷରୁ ବିବାହକୁ ନେଇ ଭିନ୍ନ ଭିନ୍ନ ପରମ୍ପରା ପାଳନ କରାଯାଇଥାଏ। ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜରରେ ବସବାସ କରୁଥିବା ୱଡାବେ ଜନଜାତିର ବିବାହ ସମ୍ବନ୍ଧୀୟ ଏକ ଅଜବ ପରମ୍ପରା ରହିଛି। ଦ୍ୱିତୀୟ ବିବାହ ପାଇଁ ପରସ୍ପରର ସ୍ତ୍ରୀ ଚୋରି କରିବା ପରି ଏକ ଅଦ୍ଭୁତ ପରମ୍ପରାକୁ ଏହି ଜନଜାତି ସମ୍ପ୍ରଦାୟ ପକ୍ଷରୁ ପାଳନ କରାଯାଇଥାଏ।

ୱଡାବେ ଜନଜାତିର ଲୋକମାନେ ସାଧାରଣତଃ ବହୁବିବାହ କରିଥାନ୍ତି। ସେମାନଙ୍କର ଏକାଧିକ ସ୍ତ୍ରୀ ରହିଥାନ୍ତି। ପରମ୍ପରା ଅନୁଯାୟୀ, ଏହି ଜନଜାତିର ଲୋକମାନେ ୨ ପ୍ରକାରର ବିବାହ କରିଥାନ୍ତି। ପ୍ରଥମଟି ହେଉଛି ପାରମ୍ପରିକ ଭାବରେ ସଙ୍ଗଠିତ ବିବାହ ଏବଂ ଦ୍ୱିତୀୟଟି ହେଉଛି ନିଜ ପସନ୍ଦର ବିବାହ। ୱଡାବେ ଜନଜାତିର କୌଣସି ପୁରୁଷଙ୍କର ପ୍ରଥମ ବିବାହ ପାଇଁ ପରିବାରର ସଦସ୍ୟମାନେ ପ୍ରସ୍ତାବ ଖୋଜିଥାନ୍ତି। ତେବେ ବିବାହ ପରେ ଯଦି ଉକ୍ତ ପୁରୁଷ ନିଜ ଦାମ୍ପତ୍ୟ ଜୀବନରେ ଖୁସି ନ ଥାନ୍ତି ସେ ନିଜ ପାଇଁ କନ୍ୟା ଖୋଜିବା ଆରମ୍ଭ କରି ଦିଅନ୍ତି। କୌଣସି ପୁରୁଷଙ୍କ ଦ୍ୱିତୀୟ ବିବାହ ପାଇଁ ପରିବାର ସଦସ୍ୟ ମୁଣ୍ଡ ଖେଳାଇ ନ ଥାନ୍ତି। ଦ୍ୱିତୀୟ ବିବାହ ପାଇଁ ଇଚ୍ଛୁକ ପୁରୁଷମାନଙ୍କୁ ଅନ୍ୟ ପୁରୁଷଙ୍କ ସ୍ତ୍ରୀଙ୍କୁ ଚୋରି କରିବାକୁ ପଡ଼ିଥାଏ। ଏପରି ଚୋରି କରିବାରେ ଅସଫଳ ହେଲେ ସେମାନଙ୍କୁ ଦ୍ୱିତୀୟ ବିବାହ କରିବାକୁ ଅନୁମତି ମିଳି ନ ଥାଏ। ଦ୍ୱିତୀୟ ବିବାହ ପାଇଁ ୱଡାବେ ଜନଜାତି ପକ୍ଷରୁ ଗେରେୱଲ ଫେଷ୍ଟିଭାଲ ନାମକ ଏକ ପର୍ବ ଆୟୋଜନ ହୋଇଥାଏ। ଉକ୍ତ ପର୍ବ ଅନୁଯାୟୀ ଦ୍ୱିତୀୟ ବିବାହ କରିବାକୁ ଚାହୁଁଥିବା ପୁରୁଷମାନେ ସ୍ୱତନ୍ତ୍ର ଜନଜାତୀୟ ପୋଷାକ ପିନ୍ଧିବା ସହ ମୁହଁରେ ରଙ୍ଗ ବୋଳିଥାନ୍ତି। ଏହାପରେ ସେମାନେ ନୃତ୍ୟ ଏବଂ ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ବିବାହିତା ସ୍ତ୍ରୀମାନଙ୍କର ହୃଦୟ ଜିତିବାକୁ ଚେଷ୍ଟା କରିଥାନ୍ତି। ଏପରି ସ୍ଥିତିରେ, ଯଦି କୌଣସି ବିବାହିତା ସ୍ତ୍ରୀ ଦ୍ୱିତୀୟ ବିବାହ ପାଇଁ ଇଚ୍ଛୁକ ଥିବା କୌଣସି ପୁରୁଷଙ୍କୁ ପସନ୍ଦ କରନ୍ତି, ସେପରି ସ୍ଥଳେ ଉଭୟେ ପଳାୟନ କରିଥାନ୍ତି। ପରେ ଏହା ଜାଣିପାରି ୱଡାବେ ସମ୍ପ୍ରଦାୟର ଲୋକମାନେ ଉଭୟଙ୍କୁ ଖୋଜିଆଣିବା ସହ ସେମାନଙ୍କର ବିବାହ କରାଇଥାନ୍ତି। ସମ୍ପ୍ରଦାୟ ପକ୍ଷରୁ ଏହି ଦ୍ୱିତୀୟ ବିବାହକୁ ପ୍ରେମ ବିବାହ କୁହାଯାଇଥାଏ।



ତୁମର ମନ, ପ୍ରାଣ(ହୃଦୟ) ଓ ଦେହ– ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି– ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। ... ଶାରୀରିକ ଅସୁସ୍ଥତା ହେଉଛି– ଏହି ପରର ଯୁଦ୍ଧରତ ଆବେଗଗୁଡ଼ିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ଦ୍ୱନ୍ଦର ଫଳ। – ଶ୍ରୀମା



# ମିଥେନ୍ ଚିନ୍ତା



ମାର୍ସେଲୋ ମିନା

ଚିଲିର ପୂର୍ବତନ ପରିବେଶ ମନ୍ତ୍ରୀ



ସାରା ଆନ୍ ସ୍ମିଥ

ଏନର୍ଜୀ ପ୍ରୋଗ୍ରାମ ଡାଇରେକ୍ଟର, ଗ୍ଲୋବାଲ ମିଥେନ୍ ହବ

ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଗ୍ରୀଷ୍ମ ଶେଷ ହେବାକୁ ଯାଉଛି। ଏହି ସମୟରେ ଏଠାରେ ଅତ୍ୟଧିକ ତାପମାତ୍ରା ବୃଦ୍ଧି ରେକର୍ଡ କରାଯାଇଛି। ୨୦୨୩କୁ ଟପି ୨୦୨୪ ସବୁଠୁ ଉତ୍ତପ୍ତ ବର୍ଷ ହେବ ବୋଲି ପ୍ରାୟ ୯୫ ପ୍ରତିଶତ ସମ୍ଭାବନା ରହିଛି। ୨୦୨୩ରେ ଆମେରିକା ୨୮ଟି ଜଳବାୟୁଜନିତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରତ୍ୟେକଟିରେ ଅତିକମ୍‌ରେ ୧ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି କ୍ଷତି ଘଟିଥିଲାବେଳେ ଚାଇନା ମଧ୍ୟ ଅତ୍ୟଧିକ ତାପମାତ୍ରା ଏବଂ ବିନାଶକାରୀ ବନ୍ୟାକୁ ସାମ୍ନା କରିଥିଲା। ଏପରି କି ବେଜିଂରେ ଏକ ଝଡ଼ ଯୋଗୁ ୧,୨୦,୦୦୦ ଲୋକ ସ୍ଥାନାନ୍ତର ହୋଇଥିଲେ।

ଏହା ସ୍ପଷ୍ଟ ଯେ, ଆକଳନଠାରୁ ଅଧିକ ଗତିରେ ତାପମାତ୍ରା ବୃଦ୍ଧିପାଉଛି। ଏଭଳି ବୃଦ୍ଧିକୁ ରୋକିବା ଲାଗି ଜରୁରୀ ପଦକ୍ଷେପ ନିଆଯିବା ଆବଶ୍ୟକ। ବିଶ୍ୱର ମହାଶକ୍ତି ଆମେରିକା ଓ ଚାଇନା ଏଭଳି ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ଏକାଠି କାମ କରିପାରିବେ। ନିକଟରେ ସେମାନେ ଗ୍ରୀନ୍ ହାଉସ ଗ୍ୟାସ୍ ( ଜିଏଚ୍‌ଜି) ବା ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ପାଇଁ ରହିଥିବା ସୁଯୋଗଗୁଡ଼ିକ ସମ୍ପର୍କରେ ଆଲୋଚନା କରିବାକୁ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରିଥିଲେ। ୨୦୨୪ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କୋପ୍‌୨୯) ପୂର୍ବରୁ ହୋଇଥିବା ଏହି ଆଲୋଚନା ୨୦୨୫ରେ ଜାରି ରହିବ। ସେଥିପାଇଁ ସେମାନେ ଏବକାର ଜଳବାୟୁ ସଙ୍କଟର ମୁକାବିଲା ଉପରେ ଗୁରୁତ୍ୱ ଦେବା ଉଚିତ। ଜଳବାୟୁ ସଙ୍କଟର ସମାଧାନ କରିବା ପାଇଁ ସୁପର ପଲ୍ୟୁଟାଣ୍ଟସ୍ ବା ଅତ୍ୟଧିକ ପ୍ରଦୂଷଣକାରୀ ଗ୍ୟାସ ନିର୍ଗମନ ହ୍ରାସ କରିବାକୁ ହେବ। ଏଥିପାଇଁ ପଦକ୍ଷେପ ଆବଶ୍ୟକ। ଉଲ୍ଲେଖନୀୟ ଯେ, ଯେଉଁ ପରିମାଣରେ ଜଳବାୟୁ ପରିବର୍ତ୍ତନ ଘଟିଛି ତାହାର ଅଧାରୁ ଅଧିକ ସୁପର ପଲ୍ୟୁଟାଣ୍ଟ ଯୋଗୁ ହୋଇଛି।

ସୁପର ପଲ୍ୟୁଟାଣ୍ଟଗୁଡ଼ିକ ହେଉଛନ୍ତି ମିଥେନ୍, ନାଇଟ୍ରୋଜେନ ଡାଇଅକ୍ସାଇଡ୍, ଟ୍ରୋପୋସ୍ଫେରିକ ଓଜୋନ ଏବଂ ହାଇଡ୍ରୋଫ୍ଲୋରୋ କାର୍ବନ। ଏଗୁଡ଼ିକ ପୃଥିବୀର ଉତ୍ତାପ ବୃଦ୍ଧି କରିଥାନ୍ତି। ଏପରି କି ଏକଟନ୍ ପରିମାଣକୁ ହିସାବକୁ ନେଲେ କାର୍ବନ ଡାଇଅକ୍ସାଇଡ୍ ତୁଳନାରେ ଏସବୁ ଦଶ କି ଶହେ ନୁହେଁ, ଅନେକ ହଜାର ଗୁଣ ଶକ୍ତିଶାଳୀ। ଉଦାହରଣ ସ୍ୱରୂପ ମିଥେନ୍ ହେଉଛି ଏକ ସବୁଜଗୃହ ବାଷ୍ପ ଏବଂ ଏହା କାର୍ବନ ଡାଇଅକ୍ସାଇଡ୍ ତୁଳନାରେ ପାଖାପାଖି ୮୦ ଗୁଣ ଶକ୍ତିଶାଳୀ ଭାବେ ଉଭା ହୋଇଛି। ଏହା ଯୋଗୁ ଓଜୋନ କୁଡୁଡ଼ି ସୃଷ୍ଟି



ହେଉଛି। ତେବେ ମିଥେନ ବାୟୁମଣ୍ଡଳରେ ପାଖାପାଖି ଏକ ଦଶନ୍ଧି ପର୍ଯ୍ୟନ୍ତ ରହୁଥିବାବେଳେ କାର୍ବନ ଡାଇଅକ୍ସାଇଡ୍ ଅନେକ ଶତାବ୍ଦୀ ରହିଥାଏ। ଏଥିରୁ ବୁଝାପଡୁଛି ମିଥେନ୍ ନିର୍ଗମନକୁ ବାୟୁମଣ୍ଡଳରୁ ଶୀଘ୍ର ହ୍ରାସ କରାଯାଇପାରିବ । ଜଳବାୟୁ ପରିବର୍ତ୍ତନର ମୁକାବିଲା କରି ବାୟୁ ମାନରେ ଉନ୍ନତି ଆଣିବା ପାଇଁ ଏହା ସବୁଠୁ ପ୍ରଭାବୀ ଉପାୟ। ବିଶେଷକରି ଗୋ–ଫାର୍ମ, ତୈଳ ଏବଂ ଗ୍ୟାସ୍ ଭିତ୍ତିଭୂମି, ବର୍ଜ୍ୟ ଠୁଳ ହେଉଥିବା ସ୍ଥାନ ଏବଂ ଅନ୍ୟ ପ୍ରଦୂଷଣ ଉତ୍ସଗୁଡ଼ିକ ନିକଟରେ ରହୁଥିବା କିମ୍ବା କାମ କରୁଥିବା ଲୋକଙ୍କ ପାଇଁ ସ୍ୱଚ୍ଛବାୟୁ ଗୁରୁତ୍ୱପୂର୍ଣ୍ଣ। ବାୟୁମଣ୍ଡଳରେ ମିଥେନ୍ ଗ୍ୟାସ ସ୍ତର କମିଲେ ମୃତ୍ୟୁହାର ଏବଂ ଶ୍ୱାସ ରୋଗ କମିବା ସହ ବନାଗ୍ନି, ବନ୍ୟା, ସାମୁଦ୍ରିକ ଝଡ଼ ଓ ଅନ୍ୟ ଚରମ ଜଳବାୟୁ ଘଟଣାଗୁଡ଼ିକର ଗମ୍ଭୀରତା ହ୍ରାସ ପାଇବ।

ମିଥେନ୍ ଗ୍ୟାସ୍ ନିର୍ଗମନ ୪୫ ପ୍ରତିଶତରୁ ଅଧିକ ହ୍ରାସ କରିବା ପାଇଁ ବିଭିନ୍ନ ଉପାୟ ଅଛି ଏବଂ ଏହା ହେଲେ ୨୦୪୦ ସୁଦ୍ଧା ତାପମାତ୍ରା ୦.୩ ପ୍ରତିଶତ କମାଯାଇ ପାରିବ। ଏହା ଶକ୍ତି ଓ ଖାଦ୍ୟ ସୁରକ୍ଷା ନିରାପତ୍ତା ବଢ଼ାଇ ଏକ ସୁସ୍ଥ ପୃଥିବୀ ନିଶ୍ଚିତ କରିବ। ମିଥେନ୍ ନିର୍ଗମନର ମୁକାବିଲା କରିବାକୁ ସରକାର ନେଉଥିବା ପଦକ୍ଷେପ ପାଇଁ ବ୍ୟାପକ ସାମୂହିକ ସମର୍ଥନ ଆବଶ୍ୟକ। ଏହା ସହ ଅଣକାର୍ବନ ସବୁଜ ଗୃହ ବାଷ୍ପଗୁଡ଼ିକର ନିର୍ଗମନ କମାଇବା ସକାଶେ ବୈଶ୍ୱିକ ସଚେତନତା ଦରକାର।

୨୦୩୦ ସୁଦ୍ଧା ମିଥେନ୍ ଗ୍ୟାସ୍ ନିର୍ଗମନ ୩୦ ପ୍ରତିଶତ ହ୍ରାସ କରିବା ପାଇଁ ଏଯାବତ୍ ୧୫୮ଟି ଦେଶ ବୈଶ୍ୱିକ ମିଥେନ୍ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଗତ ବର୍ଷ ଦୁବାଇରେ ଅନୁଷ୍ଠିତ କପ୍ ୨୮ ସମ୍ମିଳନୀରେ ଦେଶଗୁଡ଼ିକ ୨୦୩୫ ନିର୍ଗମନ ହ୍ରାସ ଟାର୍ଗେଟ ବା ଲକ୍ଷ୍ୟ ଉନ୍ନତି ଆଣିବାକୁ ସହମତ ହୋଇଥିଲେ, ଯାହା ନ୍ୟାଶନାଲ ଡିଟରମାଇଣ୍ଡ କଣ୍ଟ୍ରିବ୍ୟୁଶନ୍‌ସ (ଏନ୍‌ଡିସିଏସ୍) ଭାବେ ଜଣାଶୁଣା। ଏହା ଅନ୍ୟସବୁ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ ଉପରେ ଗୁରୁତ୍ୱ ଦିଏ ଏବଂ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବା ଲକ୍ଷ୍ୟକୁ ସମର୍ଥନ କରେ।

ଫେବୃଆରୀ ୨୦୨୫ରେ ଏନ୍‌ଡିସିଏସ୍‌ର ନବୀକରଣ ହେବାର ଅଛି। ତେବେ କାର୍ବନ ଡାଇଅକ୍ସାଇଡ୍‌କୁ ଛାଡ଼ି ଅନ୍ୟ ସବୁ ଜିଏଚ୍‌ଜି ହ୍ରାସ ଉପରେ ଅଧିକ ଗୁରୁତ୍ୱ ଦେବା ଲାଭଦାୟକ ହୋଇପାରେ। ଏବକାର ଏନ୍‌ଡିସିଏସ୍ ଅଧିକ କାର୍ବନ ଡାଇଅକ୍ସାଇଡ୍ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। ସେସବୁରେ ସୁପର ପଲ୍ୟୁଟାଣ୍ଟଗୁଡ଼ିକୁ ହ୍ରାସ କରିବା ଲାଗି ସ୍ପଷ୍ଟ ଲକ୍ଷ୍ୟ ନାହିଁ। ମନେରଖିବା ଉଚିତ ଯେ, ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଏହି ପଦକ୍ଷେପ ସମ୍ପୂର୍ଣ୍ଣ ସକ୍ଷମ ନୁହେଁ ଏବଂ ଏହି କାରଣରୁ ସଫଳ ଜଳବାୟୁ ବିରୋଧୀ ଲଢ଼େଇ ପାଇଁ ସେମାନେ ଅଧିକ ଆଶାବାଦୀ ହେବା ଦରକାର। ମିଥେନ ଏବଂ ଅନ୍ୟ ସୁପର ପଲ୍ୟୁଟାଣ୍ଟଗୁଡ଼ିକୁ ହ୍ରାସ କରିବା ନିମନ୍ତେ ଧାର୍ଯ୍ୟ ୨୦୩୫ ଟାର୍ଗେଟ ମଧ୍ୟ ୨୦୫୦ ସୁଦ୍ଧା ଶୂନ୍ୟ ଜିଏଚ୍‌ଜି ନିର୍ଗମନ ସ୍ତର ହାସଲ କରିବା ପାଇଁ ଦରକାର।

ବାସ୍ତବରେ ମିଥେନ୍‌କୁ ଠାବ ବା ଚିହ୍ନଟ କରିବା କଷ୍ଟକର। ଏହାକୁ ମଧ୍ୟ ଏନ୍‌ଡିସିଏସ୍‌ରେ ସ୍ୱତନ୍ତ୍ର ଟାର୍ଗେଟରେ ସାମିଲ କରିବା କଠିନ। କିନ୍ତୁ ବର୍ତ୍ତମାନ ଜଟିଳ ପାଣ୍ଠି ଯୋଗାଣ ଓ ଟେକ୍‌ନୋଲୋଜି ମଧ୍ୟରେ ଥିବା ପ୍ରଭେଦ ଦୂର କରାଯିବା ପରେ ମିଥେନ୍‌କୁ ଠାବ କରୁଥିବା ସାଟେଲାଇଟ୍‌ଗୁଡ଼ିକ ଡେଟା ସଂଗ୍ରହରେ ଉନ୍ନତି ଆଣୁଛନ୍ତି। ପୂର୍ବ ଏନ୍‌ଡିସଗୁଡ଼ିକୁ ନବୀକରଣ ପରେ ସାଟେଲାଇଟ ପ୍ରୋଗ୍ରାମଗୁଡ଼ିକ ଯଥା ମିଥେନ୍ ସାଟ୍, କାର୍ବନ ମ୍ୟାପର ଏବଂ ୱେଷ୍ଟ ମ୍ୟାପ ଆରମ୍ଭ ହୋଇଥିଲା। ଏହି ପ୍ରୋଗ୍ରାମଗୁଡ଼ିକ ସ୍ଥାନୀୟ ଅଧିକାରୀଙ୍କୁ ମିଥେନ୍ ନିର୍ଗମନ ଉତ୍ସକୁ ଠାବ କରି ସମାଧାନ କରିବାରେ ସାହାଯ୍ୟ କରିଛି। ଏହି ବିକାଶକୁ ଦେଖିଲେ, ମିଥେନ୍ ହ୍ରାସ ଲକ୍ଷ୍ୟ ରଖି ନ ଥିବା ଏନ୍‌ଡିସିଗୁଡ଼ିକ ଉପରେ ନିଷ୍ପତ୍ତି ନେବା କେବେ ବି କ୍ଷମଣୀୟ ନୁହେଁ।

ଚାଇନା ଏବଂ ଆମେରିକା ଗତବର୍ଷର ସନିଲାଣ୍ଡ ଘୋଷଣାପତ୍ରରେ କରିଥିବା ଜଳବାୟୁ ପ୍ରତିବଦ୍ଧତାରେ ବିସ୍ତାର ତଥା ଉନ୍ନତି ଆଣିପାରିବେ। ସେମାନଙ୍କ ନବୀକରଣ ଏନ୍‌ଡିସିଏସ୍‌ରେ ସେମାନେ ଅତ୍ୟଧିକ ପ୍ରଦୂଷଣକାରୀ ଗ୍ୟାସ୍‌ଗୁଡ଼ିକର ନିର୍ଗମନ ହ୍ରାସର ଲକ୍ଷ୍ୟ ସାମିଲ କରି ଏହା କରିପାରିବେ। ଚାଇନା ସରକାର ଏହା କରିବା ଲାଗି ଆଗ୍ରହ ପ୍ରକାଶ କରିସାରିଥିବା ବେଳେ ଆମେରିକା ନିର୍ଗମନ ହ୍ରାସ ନୂତନତ୍ୱ ଉପରେ ଗବେଷଣାରେ ସହଯୋଗ ଏବଂ ମହତ୍ତ୍ୱାକାଂକ୍ଷୀ ଜଳବାୟୁ ନୀତି କାର୍ଯ୍ୟକରିବା ପାଇଁ ଇଚ୍ଛା ପ୍ରକାଶ କରିଛି। ଅତ୍ୟଧିକ ପ୍ରଦୂଷଣକାରୀ ଗ୍ୟାସ୍‌ଗୁଡ଼ିକୁ ହ୍ରାସ କରିବା ଲାଗି ବିଶ୍ୱର ସବୁ ଦେଶ ଏକାଠି କାମ କରିବା ଦରକାର। ସେମାନେ ଏକ ସ୍ୱଚ୍ଛ ବାୟୁ, ଉନ୍ନତ ଖାଦ୍ୟ ଉତ୍ପାଦନ ଏବଂ ବୃହତ୍ ଶକ୍ତି ସୁରକ୍ଷାର ଯୁଗରେ ପଥପ୍ରଦର୍ଶକ ହେବା ଆବଶ୍ୟକ। ସବୁ ସେକ୍ଟରରେ ମିଥେନ୍ ଚିହ୍ନଟ କରି ତାହାକୁ ହ୍ରାସ କରିବାରେ ବ୍ୟାପକ ବୈଶ୍ୱିକ ସମର୍ଥନ ଦରକାର ଏବଂ ଏହି ସମୟରେ ସରକାରଗୁଡ଼ିକ ଧ୍ୟାନଦେବା ଉଚିତ। ଆମେରିକା ଏବଂ ଚାଇନା ପାଇଁ ସେମାନଙ୍କ ସଂଶୋଧିତ ଏନ୍‌ଡିସିଗୁଡ଼ିକରେ ନିର୍ଦ୍ଦିଷ୍ଟ ପରିମାଣର ଅଣକାର୍ବନ ଡାଇଅକ୍ସାଇଡ୍ ପ୍ରଦୂଷଣକାରୀ ଗ୍ୟାସ୍ ନିର୍ଗମନ ହ୍ରାସ କରିବାର ଲକ୍ଷ୍ୟ ସ୍ଥିର କରିବା ପ୍ରଥମ ପଦକ୍ଷେପ ହେବା ଦରକାର; ଯାହା ଅନ୍ୟାନ୍ୟ ବୃହତ୍ ମଥେନ୍ ନିର୍ଗମନକାରୀ ଦେଶଗୁଡ଼ିକୁ ମଧ୍ୟ ଏହା କରିବାକୁ ଉତ୍ସାହିତ କରିବ।

# ଆଧୁନିକ ଦାସତ୍ୱ



ଅଭିମନ୍ୟୁ ଧଳ

ଦାସତ୍ୱ କଥା ଆଲୋଚନା ହେଲେ ଆମେରିକା କଥା ମନକୁ ଆସେ। ଏହା ସହ ଆଫ୍ରିକାରେ ଅଭାବ, ଅନଟନରେ ଶଢୁଥିବା ମଣିଷକୁ କ୍ରୀତଦାସ ରୂପେ କ୍ରୟ, ବିକ୍ରୟ କରି ବିଶ୍ୱ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ ସୃଷ୍ଟି କରିଦିଆଗଲା। ଯେଉଁ କେତେକ ପ୍ରଭାବଶାଳୀ ବ୍ୟକ୍ତି ଏହି ଘୃଣ୍ୟ ଦାସତ୍ୱ ପ୍ରଥାକୁ ଉଠାଇବାକୁ ପ୍ରୟାସ କରୁଥିଲେ ସେମାନେ ଲୁଚାଛପାରେ କ୍ରୀତଦାସ ଓ କ୍ରୀତଦାସୀ ରଖୁଥିଲେ। ହାଟରୁ ଲୋକେ ଏମାନଙ୍କ ବୟସ, ସ୍ୱାସ୍ଥ୍ୟ, ଦାନ୍ତ ଦେଖି ମୂଲଚାଲ କରି କ୍ରୟ କରୁଥିଲେ। ଏମାନେ ଆଜୀବନ ମାଲିକ ପାଖରେ ଖଟୁଥିଲେ। କ୍ରୀତଦାସୀଙ୍କର ସନ୍ତାନ ମଧ୍ୟ ଆଜୀବନ କ୍ରୀତଦାସ ରୂପେ ବିପର୍ଯ୍ୟସ୍ତ ଜୀବନ ବଞ୍ଚୁଥିଲେ। ଜୀବନରେ ସୁଖ, ସଉକ, ସ୍ୱପ୍ନ ବୋଲି କିଛି ନ ଥିଲା।

ଗରିବ ପରିବାରରେ ଜନ୍ମ ନେଇଥିବା ଆବ୍ରାହମ୍ ଲିଙ୍କନ ଦାସତ୍ୱ ପ୍ରଥାର ମୂଳୋତ୍ପାଟନ କରିବାପାଇଁ ସଂଗ୍ରାମ ଜାରି ରଖି ବାରମ୍ବାର ନିର୍ବାଚନରେ ପରାସ୍ତ ହୋଇ ମଧ୍ୟ ଭାଙ୍ଗି ପଡ଼ି ନ ଥିଲେ। ସେ ଆମେରିକାର ରାଷ୍ଟ୍ରପତି ପଦ ମଣ୍ଡନ କଲେ। ବହୁ ଘାତ ପ୍ରତିଘାତ ବିରୋଧ ସତ୍ତ୍ୱେ କ୍ରୀତଦାସ ପ୍ରଥାକୁ ଉଠାଇବାକୁ ସକ୍ଷମ ହୋଇଥିଲେ। ଆମ ଦେଶରେ ମୁସଲମାନ ଶାସନ କାଳରେ ପ୍ରଭାବଶାଳୀ ମୁସଲମାନମାନେ କ୍ରୀତଦାସ ଓ କ୍ରୀତଦାସୀ ରଖୁଥିଲେ। କାଳକ୍ରମେ ଏସବୁ କଳଙ୍କିତ ପ୍ରଥା ଉଠିଗଲେ ମଧ୍ୟ ଜମିଦାର ଓ ପ୍ରଭାବଶାଳୀ ଲୋକେ ନିଜ ଘରକାମ ଓ ଚାଷବାସ ବୁଝିବାପାଇଁ 'କୋଠିଆ' ରଖୁଥିଲେ। ସକାଳୁ ସଞ୍ଜଯାଏ ମାଲିକ ଘରେ କାମକରି ରାତିରେ ସେମାନେ ଘରକୁ ଫେରନ୍ତି। ଏମାନେ ମାଲିକ ପାଖରୁ ଆଣିଥିବା କରଜ ଶୁଝି ନ ପାରିବା ଏବଂ ଏମାନଙ୍କ ଅନ୍ତେ ପୁଅ ନାତି, ଜମିଦାରଙ୍କ ପୁଅ ନାତି ପାଖରେ 'କୋଠିଆ' ରୂପେ ରହିଥାନ୍ତି। ଏହି ପ୍ରଥା ଏବେ ଏକ ପ୍ରକାର ବନ୍ଦ ହୋଇଥିଲେ ମଧ୍ୟ ଆଧୁନିକ ଶିକ୍ଷିତ ମଣିଷ ଦାସତ୍ୱର ଶିକାର ହୋଇଛି।

ଆଧୁନିକ ଦାସତ୍ୱ ଉପରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼େ ପ୍ରତି ୩ଜଣରେ ୨ଜଣ ଏପରି ଦାସତ୍ୱର ଶିକାର ହୋଇଛନ୍ତି। ସର୍ଭେ ଅନୁସାରେ ୨୦୨୧ରେ ପ୍ରାୟ ୫୦ ନିୟୁତ ଭାରତୀୟ ଆଧୁନିକ ଦାସତ୍ୱର ଶିକାର ହୋଇଛନ୍ତି। ଯେଉଁ ସଂଖ୍ୟା ୨୦୧୬ ତୁଳନାରେ ୧୦ ନିୟୁତ ବୃଦ୍ଧିପାଇଛି। ଆଧୁନିକ ଦାସତ୍ୱ କହିଲେ 'କ୍ରୀତଦାସ' 'କୋଠିଆ' ପରି ଅବସ୍ଥା ନୁହେଁ, ଏହା ସାଧାରଣତଃ ଶୋଷଣକୁ ବୁଝାଏ। ଯେଉଁଥିରେ ଧମକ, ହିଂସା, ବାଧ୍ୟତାମୂଳକ ଶ୍ରମ, ଦାସତ୍ୱପୂର୍ଣ୍ଣ ବିବାହ, ଋଣବନ୍ଧକ, ବଳପୂର୍ବକ ବାଣିଜ୍ୟିକ ଯୌନଶୋଷଣ, ମାନବ ଚାଲାଣ ଏବଂ ଶିଶୁମାନଙ୍କ ଶୋଷଣ ଓ ବିକ୍ରୟ ଅନ୍ତର୍ଭୁକ୍ତ। ଆଧୁନିକ ଦାସତ୍ୱ ପଛରେ ରହିଛି ଜଳବାୟୁ ପରିବର୍ତ୍ତନ, ଲିଙ୍ଗଗତ ଅସମାନତା, କୋଭିଡ୍, ରୁଷ–ୟୁକ୍ରେନ ଯୁଦ୍ଧ, ଇସ୍ରାଏଲ–ପାଲେଷ୍ଟାଇନ ଯୁଦ୍ଧ ପ୍ରଭୃତି ଆହ୍ୱାନ। ବାଲ୍ୟବିବାହ ଓ ଅନାଥ ଶିଶୁମାନଙ୍କୁ ଚାଲାଣ, ରାଷ୍ଟ୍ର ପ୍ରାୟୋଜିତ ଗୋତି ଶ୍ରମିକ ଆଦି ଆଧୁନିକ ଦାସତ୍ୱର ଫଳ। ୨୦୨୧ରେ ପ୍ରାୟ ୩.୯ ନିୟୁତ ଲୋକ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୋତି ଖଟିବାକୁ ବାଧ୍ୟ ହୋଇଥିଲେ। ପ୍ରାୟ ୫.୪ ନିୟୁତ ଶିଶୁ ସାରା ବିଶ୍ୱରେ ଅନାଥାଶ୍ରମ ବା ଅନ୍ୟ ଅନୁଷ୍ଠାନରେ ବାସ କରୁଥିବା ଏହି ରିପୋର୍ଟରୁ ପ୍ରକାଶ।

ରିପୋର୍ଟରେ ଦେଶଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି, ସର୍ବାଧିକ ପ୍ରଚଳିତ ଓ କମ୍ ପ୍ରଚଳିତ। ସର୍ବାଧିକ ପ୍ରଚଳିତ ଦେଶଗଡ଼ିକରେ ଆଧୁନିକ ଦାସତ୍ୱ ଅଧିକ ଦେଖିବାକୁ ମିଳେ। ଏସବୁ ଦେଶରେ ରାଷ୍ଟ୍ର ପ୍ରାୟୋଜିତ ବେକାରି ଓ ଦୁର୍ବଳ ପ୍ରଶାସନ ଦେଖିବାକୁ ମିଳେ। କମ୍ ପ୍ରଚଳିତ ଦେଶରେ ଦୃଢ଼ ସରକାର ଥିବାରୁ ସେମାନେ ଆଧୁନିକ ଦାସତ୍ୱ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତି। ଉତ୍ତର–କୋରିଆ ଦାସତ୍ୱ କ୍ଷେତ୍ରରେ ସର୍ବାଧିକ ପ୍ରଚଳିତ ରାଷ୍ଟ୍ର ହୋଇଥିବା ବେଳେ ସୁଇଜରଲାଣ୍ଡ କମ୍ ପ୍ରଚଳିତ ରାଷ୍ଟ୍ର। ବିଶେଷକରି ଏକଚ୍ଛତ୍ରବାଦୀ ଶାସନର ଅର୍ଥ ଧର୍ମକୁ ନେଇ ଅନେକ କୁ–ସଂସ୍କାର, ଅହିତକାରୀ ପରମ୍ପରାକୁ ଜାବୁଡ଼ି ଧରିବା। ଅର୍ଥନୈତିକ ପ୍ରଗତିରେ ପଛୁଆ ଦେଶରେ ଏହି ଆଧୁନିକ ଦାସତ୍ୱ ଅଧିକ ଦେଖିବାକୁ ମିଳେ। ଆଧୁନିକ ଦାସତ୍ୱ ବିରୋଧରେ ଇଂଲଣ୍ଡ ସର୍ବାଧିକ ୬୭.୯ ପ୍ରତିଶତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବେଳେ ଇରାନ ସବୁଠାରୁ କମ୍ ୭.୭ ପ୍ରତିଶତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉତ୍ତର–କୋରିଆରେ ସର୍ବନିମ୍ନ ବିୟୁକ୍ତ ୨.୬ ପ୍ରତିଶତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଏକଚ୍ଛତ୍ରବାଦୀ ଶାସକ କିମ–ଉନ–ଜଂଗ ଇଙ୍ଗିତରେ ଦେଶ ଚଳେ। ସେ ନିଜର କାକାଙ୍କୁ କୁକୁର ଲଗାଇ ଖୁଣି ଖୁଣି ମାଂସଖାଇବା ଦୃଶ୍ୟ ଦେଖି ଆନନ୍ଦରେ ବିମୋହିତ ହେଉଥିଲେ। ସେଠାରେ ସାଧାରଣ ଜନତାଙ୍କ ଅବସ୍ଥା କ'ଣ ହୋଇପାରେ।

**ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ମୋ : ୯୮୬୧୦୪୮୦୫୨**

## ଏଇ ଭାରତରେ

ପେସାରେ ଶିକ୍ଷୟିତ୍ରୀ ହେଲେ ବି ଫୁଲଚାଷ ତାଙ୍କ ପାଇଁ ଆଣିଛି ସ୍ୱତନ୍ତ୍ର ପରିଚୟ। କେରଳ ଥ୍ରିଶୂର ଜିଲା ବାସିନ୍ଦା ଲତିକା ସୁତାନ ବଗିଚାରେ ପଦ୍ମ ଓ କଇଁ ଚାଷ କରି ମାସକୁ ୪୦ ହଜାରରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି। ଏହାସହ ଘରେ କିଭଳି ବିଭିନ୍ନ ବିଦେଶୀ ଫୁଲ ଚାଷ କରାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ଏବେ ସୁଦ୍ଧା ଲତିକା ୧୦୦ କିସମର ପଦ୍ମଫୁଲ ଏବଂ ୮୦ ପ୍ରକାରର କଇଁଫୁଲ ଚାଷ କରୁଛନ୍ତି। ଏଗୁଡ଼ିକୁ ସେ ଥାଇଲାଣ୍ଡ, ଜାପାନ, ଭିଏତ୍‌ନାମ ଆଦି ଦେଶରୁ ଆମଦାନୀ କରିଛନ୍ତି। ଫୁଲ ଚାଷ ଅଭ୍ୟାସ ଲତିକାଙ୍କର ପିଲାଦିନରୁ ରହିଥିଲା। ସେ ଶିକ୍ଷୟିତ୍ରୀ ଭାବେ ଯୋଗଦେବା ପରେ ମଧ୍ୟ ଏଥିରୁ ଓହରି ନ ଥିଲେ। ଏବେ ତାଙ୍କ ବୟସ ୫୧। ୨୦୧୮ରୁ ସେ ପଦ୍ମ ଓ କଇଁ ଫୁଲ ଚାଷର ବ୍ୟବସାୟୀକରଣ ଆରମ୍ଭ କରିଥିଲେ। ଲତିକା ଫୁଲ ବିକ୍ରି କରିବା ସହ ପ୍ରତିମାସରେ ୧୫୦ରୁ ଅଧିକ ପଦ୍ମଫୁଲ ଚାରା ଏବଂ ୧୦୦ରୁ ଊର୍ଦ୍ଧ୍ୱ କଇଁ ଚାରା ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୦ ସେପ୍ଟେମ୍ବର ୧୯୭୫

- ଆୟକର କର୍ତ୍ତୃପକ୍ଷ ମାନ୍ଦ୍ରାଜ ସହରର ଜଣେ ଚମଡ଼ା ରପ୍ତାନୀକାରୀଙ୍କ ଘର ଖାନତଲାସ କରିବା ସମୟରେ ଗୋଟିଏ ପୋଖରୀରୁ ବହୁ ପରିମାଣର ସୁନା ମାଛ ଜବତ କରିଛନ୍ତି।
- ଉତ୍ତର ପ୍ରଦେଶ ଅନ୍ତର୍ଗତ ଫରେନ୍ଦା ତହସିଲରେ ବଢ଼ନ୍ତା ରାପ୍ତି ନଦୀରେ ଗୋଟିଏ ଯାତ୍ରୀବାହୀ ଡଙ୍ଗା ବୁଡ଼ିଯିବାରୁ ପ୍ରାୟ ୧୦୦ ଜଣ ଯାତ୍ରୀଙ୍କ ମୃତ୍ୟୁ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 5 | | | 4 | | | |
| | | | | | | | 1 | |
| | 1 | | | 8 | 6 | 3 | | |
| | 9 | | 6 | | 5 | | | |
| | | | | | | | 2 | 1 |
| 6 | | | 3 | | 7 | 8 | | |
| | 5 | | | | | 2 | | |
| | | | | 6 | 3 | | | 4 |
| | | 2 | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 5 | 7 | 3 | 2 | 4 | 1 | 6 |
| 2 | 4 | 3 | 1 | 6 | 5 | 8 | 7 | 9 |
| 6 | 1 | 7 | 9 | 4 | 8 | 3 | 2 | 5 |
| 3 | 7 | 8 | 4 | 2 | 6 | 9 | 5 | 1 |
| 4 | 5 | 9 | 8 | 7 | 1 | 2 | 6 | 3 |
| 1 | 6 | 2 | 5 | 9 | 3 | 7 | 4 | 8 |
| 9 | 3 | 6 | 2 | 5 | 4 | 1 | 8 | 7 |
| 5 | 2 | 1 | 3 | 8 | 7 | 6 | 9 | 4 |
| 7 | 8 | 4 | 6 | 1 | 9 | 5 | 3 | 2 |

ଗତକାଲିର ଉତ୍ତର

# ଅକାଳ ଜାତ ଶିଶୁ ଓ କଙ୍ଗାରୁ ଯତ୍ନ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ୨୦୨୦ ମସିହାରେ କରିଥିବା ଏକ ଆକଳନ ଅନୁସାରେ ପ୍ରତିବର୍ଷ ଗର୍ଭଧାରଣର ସାଧାରଣ ସମୟକାଳ, ଅର୍ଥାତ୍ ୩୭ ସପ୍ତାହ ସମ୍ପୂର୍ଣ୍ଣ ହେବା ପୂର୍ବରୁ ପୃଥିବୀରେ ଜନ୍ମ ନିଅନ୍ତି ୧୩.୪ ନିୟୁତ ଶିଶୁ (ପ୍ରାୟ ପ୍ରତି ୧୦ ଜଣରେ ଜଣେ)। ଭାରତରେ ଏମାନଙ୍କ ସଂଖ୍ୟା ସର୍ବାଧିକ, ପ୍ରାୟ ୩.୦୨ ନିୟୁତ। ସମଗ୍ର ପୃଥିବୀର ମାତ୍ର ୮ଟି ଦେଶରେ ଏହା ୫୦ ଶତାଂଶ ବୋଲି ୨୦୨୩ରେ ସୂଚନା ଦେଇଥିଲା ପ୍ରଖ୍ୟାତ ସ୍ୱାସ୍ଥ୍ୟ ଗବେଷଣା ପତ୍ରିକା 'ଲାନସେଟ୍'। ଭାରତକୁ ବାଦ୍ ଦେଲେ କ୍ରମ ଅନୁସାରେ ସେଗୁଡ଼ିକ ହେଲେ ପାକିସ୍ତାନ, ଚାଇନା, ଇଥିଓପିଆ, ଶ୍ରୀଲଙ୍କା, ବାଂଲାଦେଶ, କଙ୍ଗୋ ଏବଂ ଆମେରିକା।

ଏପରି ଶିଶୁମାନେ ସାଧାରଣତଃ ଜନ୍ମକାଳରୁ କମ୍ ଓଜନବିଶିଷ୍ଟ (୨.୫ କିଲୋଗ୍ରାମରୁ କମ୍) ହୋଇଥାନ୍ତି। ସେମାନଙ୍କଠାରେ ରୋଗ ପ୍ରତିରୋଧ ଶକ୍ତି କମ୍ ହୋଇଥାଏ। ତାଙ୍କ ଶରୀରର ବୃଦ୍ଧି ମନ୍ଥର ଗତିରେ ହୁଏ ଏବଂ ତାଙ୍କଠାରେ ଦେଖାଯାଏ ପୁଷ୍ଟିହୀନତା ସମେତ ବିବିଧ ଜଟିଳ ଶାରୀରିକ ତଥା ମାନସିକ ଅକ୍ଷମତା। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ସୂଚନା ମୁତାବକ ବୟସ ୫ବର୍ଷ ହେବା ଆଗରୁ ମୃତ୍ୟୁବରଣ କରୁଥିବା ୫ଜଣ ଶିଶୁଙ୍କ ମଧ୍ୟରୁ ଜଣେ ଏହି ଶ୍ରେଣୀୟ। ଅନ୍ୟପକ୍ଷରେ, ୧ବର୍ଷ ବୟସ ହେବା ପୂର୍ବରୁ ଏମାନଙ୍କ ମଧ୍ୟରୁ ୧୪.୮ ଶତାଂଶଙ୍କର ମୃତ୍ୟୁ ଘଟିଥାଏ। ଅତଏବ ସେମାନଙ୍କୁ ଦୀର୍ଘ ଜୀବନ ଏବଂ ସୁସ୍ୱାସ୍ଥ୍ୟ ପ୍ରଦାନ ବିଶ୍ୱ ସମ୍ମୁଖରେ ଏକ ଆହ୍ୱାନ ରୂପେ ଉଭାହୋଇଛି। ଏ ସମସ୍ୟାର ସମାଧାନ ପାଇଁ ଏବେ ଉଦ୍ୟମ ଜାରିରହିଛି। ଫଳରେ କ୍ରମେ ବାହାରୁଛି ଏହାର ନାନାଦି ସୂତ୍ର। ତନ୍ମଧ୍ୟରୁ ସଦ୍ୟଜାତ, ବିଶେଷକରି ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମଲାଭ କରୁଥିବା ଶିଶୁଙ୍କୁ କଙ୍ଗାରୁ ମା'ର ଯତ୍ନ ବା କଙ୍ଗାରୁ ଯତ୍ନ ଯୋଗାଇବାକୁ ଏକ ସଫଳ ପ୍ରୟାସ ରୂପେ ଆବିଷ୍କାର କରିଛନ୍ତି କଲମ୍ବିଆସ୍ଥିତ ବାଗୋଟାର ଚିକିତ୍ସାବିଜ୍ଞାନୀ ଏଜର୍ ରେ ଏବଂ ହେକ୍ଟର ମାର୍ଟିନେଜ୍।

ସେଠାରେ ୧୯୭୦ ଦଶକର ଶେଷଭାଗକୁ ଅକାଳଜାତ ବା ପ୍ରିଟର୍ମ ବୋଲି କୁହାଯାଉଥିବା ଏ ପ୍ରକାର ଶିଶୁମାନଙ୍କ ମୃତ୍ୟୁସଂଖ୍ୟା ଖୁବ୍ ଅଧିକ ଥିଲା। ଏ ସମସ୍ୟାର ସମାଧାନ ଖୋଜୁଥିଲା ବେଳେ ଥରେ ସେମାନେ ଜଣେ ଗ୍ରାମୀଣ ସେବିକାଙ୍କ ସହିତ ବାର୍ତ୍ତାଳାପ କରିବା ସମୟରେ ଏହାର ସୂଚନା ପାଇଥିଲେ। ସେ ତାଙ୍କୁ ବୁଝାଇ ଦେଲେ ଯେ କିପରି ନବଜାତ ଶିଶୁଙ୍କୁ ମା'ମାନେ ଖୋଲା ଛାତିରେ ଜଡ଼ାଇ ଧରିବା ଫଳରେ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ଶାରୀରିକ ଅଭିବୃଦ୍ଧି ଉପରେ ସୁଫଳ ପଡୁଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମଲାଭ କରୁଥିବା ଅକାଳଜାତମାନେ ଏହାଦ୍ୱାରା ବିଶେଷଭାବେ ଉପକୃତ ହେଉଛନ୍ତି।

ଏଜର୍ ରେ ଏବଂ ମାର୍ଟିନେଜ ତାଙ୍କ ଡାକ୍ତରଖାନାରେ ଏହା ଉପରେ ପରୀକ୍ଷା ଚଳାଇଲେ। ସେମାନେ ଏହାର ନାମ ଦେଲେ କଙ୍ଗାରୁ ମାଆର ଯତ୍ନ ବା କଙ୍ଗାରୁ ଯତ୍ନ। କାରଣ ଏ ଜୀବଟି ତା'ର ନବଜାତ ଶିଶୁକୁ ନିଜ ମୁଣା ଭିତରେ ଏହିଭଳି ବହୁ ମାସ ଧରି ଜଡ଼ାଇ ରଖିଥାଏ। ସେ ନିଜେ ନିଜର ଖାଦ୍ୟ ଅନ୍ୱେଷଣ କରିବାକୁ ସମର୍ଥ ହେଲା ପର୍ଯ୍ୟନ୍ତ ବାଗୋଟାର ଏହି ଚିକିତ୍ସା ବିଜ୍ଞାନମାନେ ମା' ତାଙ୍କ ଖୋଲା ଛାତିରେ ଅକାଳଜାତ ଶିଶୁଙ୍କୁ



ଦିନକୁ ୮/୧୦ ଘଣ୍ଟା ଧରି ରଖିବା ଫଳରେ ପ୍ରଥମବର୍ଷରେ ସେମାନଙ୍କ ମୃତ୍ୟୁ ହାର ୭୦ ପ୍ରତିଶତ ହ୍ରାସ ପାଇବାର ଦେଖିବାକୁ ପାଇଲେ।

ଇତି ମଧ୍ୟରେ ଆମେରିକାର ଗବେଷକମାନେ ଚର୍ମ ସହିତ ଚର୍ମର ସ୍ପର୍ଶ ନବଜାତ ଶିଶୁ ଏବଂ ମା'ଙ୍କୁ କିପରି ସାହାଯ୍ୟ କରେ ତାହା ଉପରେ ଅନ୍ୱେଷଣ ଚଳାଇଥିଲେ। ସେମାନେ ଆବିଷ୍କାର କଲେ ଯେ, ଜନ୍ମ ହେବା ପରେ ପରେ ଏପରି କରିବା ସେମାନଙ୍କ ମଧ୍ୟରେ ସମ୍ପର୍କକୁ ଦୃଢ଼ କରିଥାଏ। ପରବର୍ତ୍ତୀ ଦଶକଗୁଡ଼ିକରେ ଗବେଷକମାନେ ଏହି ତଥାକଥିତ 'କଙ୍ଗାରୁ ଯତ୍ନ'ର ଉପକାରମାନ ଉନ୍ମୁକ୍ତ କରିବାକୁ ଲାଗିଲେ। ଅତଏବ ସେମାନେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଶିଶୁ ଏବଂ ମାତାଙ୍କର (ସ୍ଥଳବିଶେଷରେ ପିତାଙ୍କର ମଧ୍ୟ) ଚର୍ମ ସହିତ ଚର୍ମ ସ୍ପର୍ଶ ନବଜାତକକୁ ସୁନିଦ୍ରା ପ୍ରଦାନ କରିବା ସହିତ ତା'ର ଶ୍ୱାସକ୍ରିୟାକୁ ନିୟମିତ କରେ। ସେ ଅଧିକ ସକ୍ରିୟ ଏବଂ ସତେଜ ରହେ। ବର୍ତ୍ତମାନ ଗବେଷକମାନେ ଭିନ୍ନ ଭିନ୍ନ ପରିବେଶରେ ଏବଂ ଉନ୍ନତ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗକରି ଏହା କରୁଛନ୍ତି। ଫଳରେ ନବଜାତ ଶିଶୁ, ବିଶେଷକରି ଅକାଳଜାତ ଶିଶୁଙ୍କ ପାଇଁ ଏହା ଜୀବନ ରକ୍ଷାକାରୀ, ସୁସ୍ୱାସ୍ଥ୍ୟ ପ୍ରଦାନକାରୀ ଏବଂ ଶାରୀରିକ ବୃଦ୍ଧିରେ ସହାୟକ ହୋଇପାରେ ବୋଲି ପ୍ରମାଣିତ ହୋଇପାରିଛି।

ବର୍ତ୍ତମାନ 'କଙ୍ଗାରୁ ଯତ୍ନ' ଲାଗି ମାର୍ଗଦର୍ଶିକା ବାହାରି ସାରିଲାଣି। ତଦନୁଯାୟୀ ଏହା କଲାବେଳେ ମା'କୁ ଆରାମଦାୟକ ପୋଷାକ ପରିଧାନ କରିବା ଉଚିତ। ତା' ପରେ ସେ ଶିଶୁକୁ ଏପରି ସଳଖ ଭାବେ ଧରିରଖିବା ଦରକାର ଯେ, ତା'ର ମୁଣ୍ଡ ତାଙ୍କ ଛାତିର ଗୋଟିଏ ପାର୍ଶ୍ୱକୁ ଲାଗିରହିବ। ଏ ସମୟରେ ଶିଶୁଟି ଡାଇପର, ହ୍ୟାଟ୍ ଓ ମୋଜା ବ୍ୟତୀତ ଅନ୍ୟ କିଛି ପିନ୍ଧିବ ନାହିଁ। ତତ୍ପରେ ଶିଶୁର ଶରୀରକୁ ଉଷୁମ ରଖିବା ପାଇଁ ତାକୁ ଚାଦରଟିଏ ଘୋଡ଼ାଇ ଦିଆଯାଇପାରେ। ଏ ସମୟରେ ଉଭୟ ଶିଶୁ ଓ ମା' ଆରାମରେ ରହିବା ଉଚିତ। ଶିଶୁଟି ନିଦ୍ରାଗଲେ ଭଲ। ପ୍ରତିଦିନ ଏହା ଏକାଧିକବାର କରିବାକୁ ପଡ଼ିବ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ସୂଚନା ଅନୁସାରେ ଏହା ଦୈନିକ ୮ରୁ ୨୪ ଘଣ୍ଟା କରିବା ଦରକାର। 'କଙ୍ଗାରୁ ଯତ୍ନ' ସମୟରେ ମା' ଫୋନ୍ କିମ୍ବା କୌଣସି ଇଲେକ୍ଟ୍ରୋନିକ ଉପକରଣ ବ୍ୟବହାର କରିବା ଉଚିତ ନୁହେଁ। ଅନ୍ୟପକ୍ଷରେ, ଶିଶୁଟି ଯେପରି କୌଣସି ସଂକ୍ରମଣକାରୀ ପରିବେଶର ସମ୍ମୁଖୀନ ନ ହୁଏ ସେଥିପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ।

ଏଥିରୁ ଶିଶୁକୁ ମିଳୁଥିବା ଉପକାରଗୁଡ଼ିକ ମଧ୍ୟରେ ରହିଛି ତା'ର ହୃତ୍‌ପିଣ୍ଡର ସ୍ପନ୍ଦନ ହାର ସ୍ଥିର ରହିବା, ଶ୍ୱାସକ୍ରିୟା ନିୟମିତ ହେବା ଏବଂ ତାକୁ ସୁନିଦ୍ରା ହେବା। ପୁନଶ୍ଚ ଏହା ଫଳରେ ଶାରୀରିକ ଅଭିବୃଦ୍ଧି ମଧ୍ୟ ଅଧିକ ହେବାର ଦେଖାଯାଉଛି ଏବଂ ତା' ଶରୀର ଯନ୍ତ୍ରଣାମୁକ୍ତ ରହିଲା ବେଳେ ତା'ଠାରେ ସଂକ୍ରମଣ, ରୋଗବ୍ୟାଧି ଏବଂ ଅକାଳ ମୃତ୍ୟୁର ସମ୍ଭାବନା ହ୍ରାସ ପାଉଛି। ଅନ୍ୟପକ୍ଷରେ ମା' ଓ ଶିଶୁଙ୍କ ବନ୍ଧନ ଅଧିକ ଦୃଢ଼ ହେଉଛି ଏବଂ ମା'ଠାରେ ଅଧିକ କ୍ଷୀର ଉତ୍ପନ୍ନ ହେଉଛି।

ଏସବୁ ଦୃଷ୍ଟିରୁ ବିଚାର କଲେ ଅକାଳଜାତ (ପ୍ରିଟର୍ମ) ତଥା କମ୍ ଓଜନର ସଦ୍ୟଜାତ ଶିଶୁମାନଙ୍କ ପାଇଁ 'କଙ୍ଗାରୁ ଯତ୍ନ' ବିଶେଷ ଭାବେ ଫଳପ୍ରଦ। ତେବେ ସାଧାରଣ ଶିଶୁମାନଙ୍କ ପାଇଁ ମଧ୍ୟ ଏହା ବେଶ୍ ଉପକାରୀ। ଅତଏବ ଏହାକୁ ଜନପ୍ରିୟ କରାଯାଇ ପାରିଲେ ବିଶ୍ୱର ନିୟୁତ ନିୟୁତ ଶିଶୁଙ୍କୁ ଏହା ରୋଗ ଏବଂ ଅକାଳ ମୃତ୍ୟୁରୁ ସୁରକ୍ଷା ପ୍ରଦାନ କରିପାରିବ ବୋଲି ମନେ କରାଯାଏ।

**ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୩୦୧୪୬୦**

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନର ଆବଶ୍ୟକତା

ମହାଶୟ,

ଡାକ୍ତରମାନଙ୍କ ସୁରକ୍ଷାରେ ନୂତନ ଆଇନ ଓ ନୀତିନିୟମ ପ୍ରଣୟନ ଯଦି ଜରୁରୀ, ସେଇପରି ରୋଗୀମାନଙ୍କ ଚିକିତ୍ସା ସମୟରେ ସେମାନଙ୍କ ଜୀବନକୁ ମୂଲ୍ୟବାନ୍ ମନେକରି ପ୍ରାଥମିକତା ଦେବା ସ୍ୱରୂପ ସୁରକ୍ଷା କରିବା ଆଇନସମ୍ମତ ସେତିକି ଜରୁରୀ ଓ ଆବଶ୍ୟକତା ବାଞ୍ଛନୀୟ। ଡାକ୍ତରମାନେ ତାଙ୍କ ନିଯୁକ୍ତି ସମୟରେ ଚିକିତ୍ସା ସେବା ପ୍ରତି ସମର୍ପଣ ଭାବ ରଖିବାରେ ଯେଉଁ ଶପଥପାଠ କରନ୍ତି, ତା'ର ସମ୍ମାନ ରକ୍ଷା କରିବା ପରମଧର୍ମ । ଡାକ୍ତରମାନଙ୍କ ଅବହେଳା ଯଥା ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଔଷଧ ସେବନରେ ଭୁଲ୍ ପରାମର୍ଶଦେବା , ଭୁଲ ଇଞ୍ଜେକଶନ ଦେବା ଏବଂ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଇତ୍ୟାଦିରେ ସେମାନଙ୍କ ମୃତ୍ୟୁକୁ ଅପରାଧ ଶ୍ରେଣୀଭୁକ୍ତ କରିବା ସହ ଡ୍ୟୁଟିରେ ଥିବା ସମ୍ପୃକ୍ତ ଡାକ୍ତର ଦାୟୀ ରହିବେ ବୋଲି ସମାନ ଆଇନ ପ୍ରଣୟନ କରାଗଲେ ଆଇନର ଯଥାର୍ଥତା ଓ ସମ୍ମାନ ରହିବ। ଏହାଦ୍ୱାରା ଡାକ୍ତରମାନେ ରୋଗୀମାନଙ୍କ ଚିକିତ୍ସାରେ ସଚେତନ ହୋଇପାରିବା ସହ ଆଇନର କାର୍ଯ୍ୟାନୁଷ୍ଠାନ ପ୍ରତି ଭୟ ରହିବ।

**–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

### ଚିରନ୍ତନୀ

ସେ ମୋର ପ୍ରେମିକା ଦେଖିବାକୁ ମନ ଉଠଇ ମାତି
ତାହାରି ସ୍ୱପନେ ପୂରି ଉଠେ ମୋର ସକଳ ରାତି।
ତାହାରି ଭାବନା ଭାବ ଭାବି ସଦା ବିତଇ କାଳ
ସୁଖେ ତା'ର ସୁଖୀ ହୁଏଁ ଦୁଃଖ ଦେଖି ଝରଇ ଝାଳ।
–(ସେହି ମୁଁ ନିଜେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପୋଖରୀରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

ବୈଶିଙ୍ଗା,ରତନ ଦାଶ)–ବୈଶିଙ୍ଗା ଥାନା ଅଧୀନ ଦାରିହା ଗ୍ରାମରେ ଶୌଚ ହେବାକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଦାରିହା ଗ୍ରାମର ହରେକୃଷ୍ଣ ବେହେରାଙ୍କ ଝିଅ ଦେବୀ ଶୌଚ ହେବାକୁ ଘର ନିକଟ ପୋଖରୀକୁ ଯାଇଥିଲେ। ଗୋଡ଼ ଖସି ଯିବାରୁ ସେ ପୋଖରୀରେ ବୁଡ଼ି ଯାଇଥିଲେ। ଘର ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ମୟୂରଭଞ୍ଜ**

# ମା’ କୋଳରେ ଚାଲିଗଲା ଶିଶୁର ଜୀବନ

**ରାତି ଅଧରେ ମିଳିଲାନି ଚିକିତ୍ସା**

ଉଦଳା, ୧୯।୯(ସନ୍ତୋଷ କୁମାର ବାଛିନୀ)

ରାତି ଅଧରେ ମିଳିଲାନି ଚିକିତ୍ସା ସୁବିଧା। ଗୁରୁତର ଥିବା ୫ ମାସର ଶିଶୁକୁ ମେଡିକାଲରେ ଡାକ୍ତର ଦେଖିବା ପରେ ୱାର୍ଡକୁ ପଠାଇ ଦେଲେ। ହେଲେ ସେଠାରେ ଅଧଘଣ୍ଟା ପର୍ଯ୍ୟନ୍ତ ନର୍ସ କିମ୍ବା କାହାରି ଦେଖା ମିଳିଲାନି। ମା’ବାପା ଆକୁଳବିକଳ ହୋଇ ଚାହିଁ ରହିଥିବା ବେଳେ ଶେଷରେ ଚିକିତ୍ସା ନ ପାଇ ମା’ କୋଳରେ ଆଖିବୁଜିଦେଲା ଶିଶୁକନ୍ୟା। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଉଦଳା ମେଡିକାଲରେ। ମୃତଶିଶୁକୁ ଧରି ଉଭୟ ମା’ବାପା ଗୁରୁବାର ଉଦଳା ମେଡିକାଲ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଭୟ କୁମାର ଦାସ ଉଦଳା ମେଡିକାଲରେ ପହଞ୍ଚି ବୁଝାଶୁଝା କରିବା ପରେ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ମୃତ ଶିଶୁଙ୍କ ପରିବାର ଲୋକେ ଧାରଣାରୁ ଉଠିଥିଲେ।

କପ୍ତିପଦା ଥାନା ଦେୱାନବାହାଳୀ ଗ୍ରାମର ମଧୁସୂଦନ ରାଉତଙ୍କ ୫ ମାସର ଶିଶୁ କନ୍ୟାଙ୍କୁ ଜ୍ୱର ହୋଇଥିଲା। ସେ ଉଦଳାରେ ଡାକ୍ତର ଦେଖାଇ ଚିକିତ୍ସିତ ହୋଇଥିଲେ। ବୁଧବାର ଗତକାଲି ମଧୁସୂଦନଙ୍କ ଝିଅ ଘରେ ଥିବା ବେଳେ ଗ୍ରାମର ଆଶା କର୍ମୀ ଆସି ତାଙ୍କୁ ଟିକା ଦେଇଥିଲେ। ଟିକା ନେବାର ୧୨ ଘଣ୍ଟା ପରେ ହଠାତ୍ ଶିଶୁଟି ଅସୁସ୍ଥ ହୋଇପଡିଥିଲା। ଧୀରେ ଧୀରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ମଧୁସୂଦନ ଏବଂ ତାଙ୍କ ସ୍ତ୍ରୀ ବିଳମ୍ବିତ ରାତିରେ ଝିଅକୁ ଧରି ଉଦଳା ମେଡିକାଲକୁ ଚିକିତ୍ସା ନିମନ୍ତେ ଆସିଥିଲେ। ମେଡିକାଲରେ ପହଞ୍ଚି ଆଉଟଡୋରରେ ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ତାଙ୍କୁ ଶିଶୁ ୱାର୍ଡକୁ ଯିବାକୁ କହିଥିଲେ। ମା’ବାପା ପହଞ୍ଚିଥିଲେ ଶିଶୁ ୱାର୍ଡରେ। ହେଲେ ସେଠାରେ ଅଧ ଘଣ୍ଟା ପର୍ଯ୍ୟନ୍ତ କୌଣସି ନର୍ସ କିମ୍ବା କାହାରି ଦେଖା ପାଇ ନ ଥିଲେ। ଶେଷରେ ନର୍ସ ଆସି ଦେଖିବା ବେଳକୁ ଶିଶୁ କନ୍ୟାର ମୃତ୍ୟୁ ହୋଇସାରିଥିବା ଜାଣିବାକୁ ପାଇଥିଲେ। ଡାକ୍ତରଖାନାରେ ଠିକ ସମୟରେ ନର୍ସ ମାନେ ଚିକିତ୍ସା ନ କରିବାରୁ ତାଙ୍କ ଝିଅର ଜୀବନ ଯାଇଥିବା ଅଭିଯୋଗ କରି ଗୁରୁବାର ସକାଳୁ ମଧୁସୂଦନ ଏବଂ ତାଙ୍କ ସ୍ତ୍ରୀ ମୃତ ୫ ମାସର ଶିଶୁକନ୍ୟାର ମୃତଦେହକୁ ଧରି ଉଦଳା ମେଡିକାଲ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ଉପଖଣ୍ଡ ଡାକ୍ତରଖାନା ଅଧୀକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଲକ୍ଷ୍ମୀକାନ୍ତ ପତି କହିଛନ୍ତି ଆସିଥିବା ଅଭିଯୋଗ ସାଙ୍ଘାତିକ ତେଣୁ ଏହାର ତଦନ୍ତ କରଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ମୃତ ଶିଶକୁ ରାସ୍ତାରେ ଶୁଆଇ ପରିବାର ଲୋକେ ଧାରଣାରେ ବସିଛନ୍ତି।

## ୨ ମାସ ପରେ ଅଭିଯୁକ୍ତ ଗିରଫ

**ନାବାଳିକାଙ୍କୁ ବଳାତ୍କାର ମାମଲା**

ମୋରଡ଼ା,୧୯।୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୨ ମାସ ପରେ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ନାବାଳକ ହୋଇଥିବାରୁ ତାଙ୍କୁ ବାରିପଦାସ୍ଥିତ କିଶୋର ନ୍ୟାୟ ପରିଷଦକୁ ପଠାଯାଇଥିବା ପୋଲିସ ସୂଚନା ଦେଇଛି।

ସୂଚନା ମୁତାବକ, ଗତ ଜୁଲାଇ ୧୩ରେ ଥାନା ଅଞ୍ଚଳରେ ଜଣେ ୧୬ ବର୍ଷର ଆଦିବାସୀ ନାବାଳକ ବିଭିନ୍ନ ପ୍ରଲୋଭନ ଦେଖାଇ ସ୍ଥାନୀୟ ଜଣେ ସାଢେ ଚାରି ବର୍ଷର ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ମା’ ମୋରଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୧୯୧/୨୪) ରୁଜୁ କରିଥିଲା। ଘଟଣା ଘଟିବାର ପାଖାପାଖି ୨ ମାସ ପରେ ପୋଲିସ ନାବାଳକଙ୍କୁ ଗିରଫ କରି ପାରି ନ ଥିଲା। ଚଳିତ ମାସ ୧୧ ତାରିଖ ଦିନ ନାବାଳିକାଙ୍କ ମାତାପିତାଙ୍କ ସହିତ ସାମାଜିକକର୍ମୀ ଗୀତା ହେମ୍ବ୍ରମ, କୁଡୁମୀ ସେନା ସଦସ୍ୟ ବିଶ୍ୱନାଥ ମହାନ୍ତ, ବ୍ରଜକିଶୋର ନାଏକ, ପେସା ସଦସ୍ୟ ତପନ ମୁର୍ମୁ, ସ୍ଥାନୀୟ ଅଞ୍ଚଳବାସୀ ସାଗରାମ ମୁର୍ମୁ, ମଙ୍ଗଲ ହାଁସଦା, ଭାଜପା ମୋରଡ଼ା ମଣ୍ଡଳ ମହିଳା ସଭାପତି କୁମୁଦିନୀ ମହାକୁଡ଼ ମୋରଡ଼ା ଥାନା ଆଗରେ ଧାରଣାରେ ବସିଥିଲେ। ପରେ ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନାବାଳିକାଙ୍କ ମାତାପିତଙ୍କୁ ସାକ୍ଷାତ କରିବା ସହିତ ଥାନା ଅଧିକାରୀ ସତ୍ୟ ନାରାୟଣ ବଳଙ୍କୁ ତାଗିଦା କରିଥିଲେ। ବୁଧବାର ବିଳମ୍ବିତ ରାତିରେ ଥାନା ଅଧିକାରୀ ଓ ଟିମ୍ ଉକ୍ତ ଥାନା ଅଧୀନ ଭୋଳାଗଡ଼ିଆ ଗ୍ରାମରୁ ନାବାଳକଙ୍କୁ ଉଠାଇ ଆଣିଥିଲେ। ଗୁରୁବାର କିଶୋର ନ୍ୟାୟ ପରିଷଦକୁ ପଠାଇଥିବା ସୂଚନା ଦେଇଛନ୍ତି।

## ୨୨ରେ ମୁଖ୍ୟମନ୍ତ୍ରୀଙ୍କ ବାରିପଦା ଗସ୍ତ

ବାରିପଦା,୧୯।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଥର ସେପ୍ଟେମ୍ବର ୨୨ ରବିବାର ବାରିପଦା ଗସ୍ତରେ ଆସୁଛନ୍ତି। କେନ୍ଦୁଝରର କାର୍ଯ୍ୟକ୍ରମ ସାରି ହେଲିକପ୍ଟର ଯୋଗେ ବାରିପଦାରେ ପହଞ୍ଚିବେ। ପୋଲିସ ଲାଇନ ପଡ଼ିଆ ଅସ୍ଥାୟୀ ହେଲିପେଡରୁ ସେ ଛଉପଡ଼ିଆଠାରେ ଆୟୋଜିତ ସରକାରୀ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରରେ ମୋଦି ସରକାରଙ୍କ ୩ୟ ପାଳି ଓ ଓଡ଼ିଶାରେ ତାଙ୍କ ସରକାରଙ୍କ ୧୦୦ଦିନର ଉପଲବ୍ଧି ତଥା ପ୍ରତିଶ୍ରୁତି ପୂରଣ ସମ୍ପର୍କରେ ସୂଚନା ପ୍ରଦାନ କରିବେ। ସଭାରେ ମୟୂରଭଞ୍ଜ ଏମ୍‌ପି, ରାଜ୍ୟସଭା ସଦସ୍ୟ, ୨ ମନ୍ତ୍ରୀ ଓ ସମସ୍ତ ବିଧାୟକ ଉପସ୍ଥିତ ରହିବେ। ଗସ୍ତ କାର୍ଯ୍ୟକ୍ରମର ବିବରଣୀ ସମ୍ପର୍କରେ କୌଣସି ସୂଚନା ହସ୍ତଗତ ହୋଇ ନ ଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

## ପୌରପାଳିକା ପକ୍ଷରୁ ସହରାଞ୍ଚଳ ସଫେଇ

ରାଇରଙ୍ଗପୁର,୧୯।୯(ଜିତେନ୍ଦ୍ର କୁମାର ଅଗ୍ରୱାଲ/ ମାନସ ମହାନ୍ତି)

‘ସ୍ୱଚ୍ଛତା ହିଁ ସେବା’ ଅଭିଯାନ ପରିପ୍ରେକ୍ଷୀରେ ଗୁରୁବାର ରାଇରଙ୍ଗପୁର ପୌରପାଳିକା ପକ୍ଷରୁ କାର୍ଯ୍ୟାଳୟର କର୍ମଚାରୀମାନେ ହାତରେ ଝାଡୁ, ଅଳିଆ ଡାଲା ଓ ଅଳିଆ ବାକ୍ସ ଧରି ସହରାଞ୍ଚଳ ସଫେଇ କରିଛନ୍ତି। ରାଇରଙ୍ଗପୁର ବସ୍‌ଷ୍ଟାଣ୍ଡଠାରୁ ସହରର ବିଭିନ୍ନ ଅଞ୍ଚଳ ସଫେଇ କରାଯାଇଛି। ଏଥିସହ ପରିବେଶକୁ ପ୍ରଦୂଷଣମୁକ୍ତ ତଥା ରାଇରଙ୍ଗପୁର ସହରକୁ ସ୍ୱଚ୍ଛ, ସୁନ୍ଦର ଓ ନିର୍ମଳ ସହର ଭାବେ ଗଢ଼ି ତୋଳିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ଜନସାଧାରଣ, ବିଭିନ୍ନ ଛୋଟବଡ଼ ବ୍ୟବସାୟ ପ୍ରତିଷ୍ଠାନର ମାଲିକମାନଙ୍କୁ ନିବେଦନ କରାଯାଇଛି ଯେ, ପରିବେଶକୁ ପ୍ରଦୂଷଣମୁକ୍ତ ଓ ସ୍ୱଚ୍ଛ ରଖିବା ପାଇଁ ଦୈନନ୍ଦିନ ଜୀବନରେ ଏବଂ ବ୍ୟବସାୟିକ କାରବାରରେ ୧୨୦ ମାଇକ୍ରୋନରୁ କମ୍ ମୋଟେଇର ପ୍ଲାଷ୍ଟିକ, ଥର୍ମୋକଲରେ ତିଆରି ହୋଇଥିବା ସାମଗ୍ରୀ ଯଥା ପଲିଥିନ, ଜରି, କ୍ୟାରିବ୍ୟାଗ୍, ପ୍ଲେଟ, ଗ୍ଲାସ, ଚାମଚ ଇତ୍ୟାଦି ବ୍ୟବହାରକୁ ନିଶ୍ଚିତ ଭାବେ ପରିହାର କରିବାକୁ ସଂକଳ୍ପବଦ୍ଧ ହେବାକୁ ରାଇରଙ୍ଗପୁର ପୌରପାଳିକା ଓ ବାମନଘାଟି ଉପଖଣ୍ଡ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଉକ୍ତ ଅଭିଯାନ ଆସନ୍ତା ଅକ୍ଟୋବର ୨ ସ୍ୱଚ୍ଛ ଭାରତ ମିଶନ ଦିବସ ପର୍ଯ୍ୟନ୍ତ ଜାରି ରହିବ। ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, ଯୁବବର୍ଗ ତଥା ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ, ଜନସାଧାରଣ ସାମିଲ ହେବା ପାଇଁ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଅନୁରୋଧ କରିଛନ୍ତି।

## ‘ପ୍ରକୃତ ଶିକ୍ଷାବିତ୍ କ୍ଷମତା ପ୍ରତି ଲାଳାୟିତ ହୁଏନି’

ବାରିପଦା,୧୯।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସଦ୍ଭାବନା ସମିତିରେ ପୂର୍ଣ୍ଣମୀ ତିଥିରେ ୫୪୫ତମ ମାସିକ ସନ୍ଥଦିବସ ସମିତିର ସମ୍ପାଦକ ସତ୍ୟାନନ୍ଦ ଶେଜପଡ଼ାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସତ୍‌ସଙ୍ଗୀମାନେ ସମିତିର ‘ଜୟ ସନ୍ଥ ଜୟ ସମାଜ’ ସ୍ଲୋଗାନ ଦେଇ ଏମାସରେ ଆର୍ବିଭାବ ହଜରତ ମହମ୍ମଦ, ଠାକୁର ଅନୁକୂଳଚନ୍ଦ୍ର, ସ୍ୱାମୀ ଶିବାନନ୍ଦଙ୍କ ପ୍ରତି ପ୍ରଥମେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସମିତିର ପ୍ରତିଷ୍ଠାତାଙ୍କ ତରଫରୁ ଦିବସର ଆଲୋଚନାଚକ୍ରରେ ‘ପ୍ରକୃତ ପରୋପକାର ମରଣଠୁ ଯନ୍ତ୍ରଣାଦାୟକ, କିନ୍ତୁ ଜାତିକୁ ଅନୁଦାନ ଦିଏ’ ପ୍ରସଙ୍ଗ ରଖାଯାଇଥିଲା। ଇସଲାମ ଶାଖାର ଜନାବ ଏସକେ ମଇଉଦ୍ଦିନ ଅଜିଜ, ପ୍ରଜାପିତା ବ୍ରହ୍ମାକୁମାରୀ ଭଉଣୀ ମାମୁନି, ମୁନିସମାଜର ସଞ୍ଚାଳକ ଶିରିଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ ଖୁଣ୍ଟିଆ, ସାହିତ୍ୟିକ ଶଙ୍କର ଜେନା ପ୍ରମୁଖ କହିଥିଲେ, ଚାଣକ୍ୟଙ୍କ ନୀତି ମତେ ଶିକ୍ଷାର ବିକାଶ ବିନା ଜାତିକୁ ଅନୁଦାନ ଅସମ୍ଭବ। ସେ ନିଜେ ବହୁ କଷ୍ଟ ଭିତରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ସମ୍ରାଟ କରି ଅନେକ ହଜାର ଗୁରୁକୁଳ ଆଶ୍ରମ ପ୍ରତିଷ୍ଠା କରିଥିଲେ। ସେହିପରି ରବିନ୍ଦ୍ରନାଥ ଟାଗୋର ଶାନ୍ତିନିକେତନରେ ନୀତିଶିକ୍ଷାର ପ୍ରଚଳନ କରି ଇଂରେଜଙ୍କ ଦ୍ୱାରା ହାସ୍ୟାସ୍ପଦ ହୋଇଥିଲେ। ଏଭଳି ଯେଉଁମାନେ ଶିକ୍ଷାବିକାଶର ବିଦ୍ଧାଣୀ ହୋଇ ଜାତିକୁ ଅନ୍ନଦାନ ଦେଇଥାନ୍ତି, ସେମାନେ ଭୂମିରେ ଭୂମା। ସେହିମାନେ ହିଁ ପ୍ରକୃତରେ ହିଁ ଶିକ୍ଷାବିତ୍, ଯେଉଁମାନେ ବେତନଭୋଗୀ ବା କୌଣସି ଉପାଧି କ୍ଷମତା ପ୍ରତି ଲାଳାୟିତ ହୋଇ ନ ଥାନ୍ତି ବୋଲି କହିଥିଲେ। ସଭାରେ ସମିତିର ସହ ସମ୍ପାଦକ ଇଂ. ସରୋଜ ଦଣ୍ଡପାଟ ସାଧୁବାଦ ଜ୍ଞାପନ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ବକ୍ତାମାନେ।

## ନଭେମ୍ବର ୧୦ରେ ଭଂଜପୁର ଜଗଦ୍ଧାତ୍ରୀ ପୂଜା

ବାରିପଦା,୧୯/୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସ୍ଥାନୀୟ ଭଂଜପୁର ସ୍ଥିତ ଦୁର୍ଗା ମଣ୍ଡପରେ ଭଂଜପୁର ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜ୍ଞାନେନ୍ଦ୍ର ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପଦେଷ୍ଟା ସିଦ୍ଧେଶ୍ୱର ପାଣିଗ୍ରାହୀ, ପ୍ରିୟନାଥ ପାଣିଗ୍ରାହୀ, ସରୋଜ ଦାଶଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ । ନଭେମ୍ବର ୧୦ ରେ ମା ’ଙ୍କ ପୂଜାବିଧି ଆରମ୍ଭ ହେବ ଓ ୧୩ ରୁ ୨୪ ମଧ୍ୟରେ ମେଳା ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

## ବିଭିନ୍ନ ଦୋକାନରେ ଚଢ଼ାଉ: ପ୍ଲାଷ୍ଟିକ୍, ଥର୍ମୋକଲ ସାମଗ୍ରୀ ଜବତ

ରାଇରଙ୍ଗପୁର, ୧୯।୯ (ଜିତେନ୍ଦ୍ର କୁମାର ଅଗ୍ରୱାଲ)-ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରରେ ପ୍ଲାଷ୍ଟିକ ଓ ଥର୍ମାକୋଲ ଜାତୀୟ ସାମଗ୍ରୀର ବହୁଳ ବ୍ୟବହାର ହେଉଛି। ବ୍ୟବହାର ପରେ ଏହାକୁ ସହରର ନାଳଗୁଡ଼ିକରେ ଫିଙ୍ଗି ଦିଆଯାଉ ଥିବାରୁ ଜଳ ନିଷ୍କାସନରେ ବାଧାପ୍ରାପ୍ତ ହେଉଛି ଏବଂ ବିଭିନ୍ନ ଜାଗାରେ ପାଣି ଜମି ରହି ପ୍ରଦୂଷଣର ମୁଖ୍ୟ କାରଣ ସାଜୁଛି। ଏଥିପାଇଁ ଜନସାଧାରଣ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୁଧବାର ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାଡ୍ ସହରାଞ୍ଚଳର ବିଭିନ୍ନ ଦୋକାନରେ ଚଢ଼ାଉ କରିଛି। ୩, ୫, ୬, ୧୪ ଓ ୧୫ ନଂ. ୱାର୍ଡର କିଛି ବ୍ୟବସାୟିକ ପ୍ରତିଷ୍ଠାନରେ ଅଚାନକ ଚଢ଼ାଉ କରି ଏହି ସ୍କ୍ୱାଡ୍ ବହୁ ପରିମାଣର ୧୨୦ ମାଇକ୍ରୋନରୁ କମ୍ ମୋଟେଇ ପ୍ଲାଷ୍ଟିକ ଓ ଥର୍ମୋକଲ୍ ସାମଗ୍ରୀ ଜବତ କରିଛି। ରାଇରଙ୍ଗପୁର ସହରାଞ୍ଚଳରେ ପ୍ରଦୂଷଣକୁ ରୋକିବା, ସ୍ୱଚ୍ଛତା ବଜାୟ ରଖିବା ପାଇଁ ପୌରପାଳିକା ପକ୍ଷରୁ ଏହି ଚଢ଼ାଉ ଆହୁରି ବ୍ୟାପକ କରାଯିବ ବୋଲି କୁହାଯାଇଛି। ପ୍ରକାଶଥାଉ କି, କିଛିଦିନ ପୂର୍ବେ ପୌରପାଳିକା ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ୧୨୦ ମାଇକ୍ରୋନ୍‌ରୁ କମ୍ ମୋଟେଇ ପ୍ଲାଷ୍ଟିକ ଓ ଥର୍ମୋକଲ ଜାତୀୟ ସାମଗ୍ରୀ ଯଥା ଜରି, କ୍ୟାରିବ୍ୟାଗ୍, ଗ୍ଲାସ, ଚାମଚ ଇତ୍ୟାଦି ବ୍ୟବହାର ନ କରିବା ତଥା ବିକ୍ରି ନ କରିବାକୁ ସଚେତନ କରାଯାଇଥିଲା। ଏହାର ଉଲ୍ଲଂଘନ କଲେ ୧୦୦୦ରୁ ୫୦୦୦ ଟଙ୍କା ଜରିମାନା ଏବଂ ଆବଶ୍ୟକ ସ୍ଥଳେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସତର୍କ କରାଇ ଦିଆଯାଇଥିଲା।


**OFFICE OF THE SUPERINTENDING ENGINEER,**
**P.H. DIVISION, BHANJANAGAR, AT CHATRAPUR**
Phone-06811 263909/Email- eephchpr@gmail.com
No.C-624: **CANCELLATION OF TENDER**
Bid Identification No.36/03/SPH(C)/2024-25, dt.31.08.2024

| Sl.No. | Name of the Work | Estimated Cost (Rs. in Lakh) |
|---|---|---|
| 1 | Procurement of 100mm to 300mm dia DI pipes inconnection with the work- Improvement of water supply to Digapahandi NAC and Balliguda NAC under AMRUT 2.0 SWAP-III | Rs.540.73 Lakh |

The tender invited by this office for the above work vide Bid Identification 36/03/SPH(C)/2024-25 dt.31.08.2024 (Tender Id.2024_PHEO_104579_1) is hereby cancelled due to error in uploading of BOQ.
Sd./-Superintending Engineer
OIPR-13013/11/0007/2425 P.H. Division, Bhanjanagar at Chatrapur

**PARADIP PORT AUTHORITY**
TENDER CALL NOTICE
NO.EM/WS-25/2024
File No.EM/WS/TECH-05/2024/1298
Date: 11.09.2024
Name of the Work “Grant of license for Supply, Installation, Commissioning, Operation & Maintenance of 02 nos. 100 Ton Capacity HMC's for a period of 05 years” Last date and time of submission of bid: 21/10/2024 up to 1800 Hrs. Refer our website for details: https://eprocure.gov.in/eprocure/app.
Sd/- Executive Engineer (M)
Workshop Division-II
Paradip Port Authority
PPA/PR/37/2024-2025 dtd.18.09.2024

**GOVERNMENT OF ODISHA**
**FOREST, ENVIRONMENT & CLIMATE CHANGE DEPARTMENT**
**OFFICE OF THE DIVISIONAL FOREST OFFICER, ANGUL FOREST DIVISION - 759122**
E-mail ID - dfoangul@gmail.com, dfo.angul@odisha.gov.in
Phone No. - 9938022883
Corrigendum Notice No. - 3 DFO, ANG 03/2024-25
dated. 29.08.2024
Office Order No. 218/1F, Dated, Angul the 18th September - 2024
**CORRIGENDUM**
No.MM-161 : The date has been modified as follows in respect of tender call notice for Procurement of various items for the Angul Forest Division during 2024-2025, in the Tender Notice published vide Bid Identification No. DFO/ANG-03/2024-25, Dtd. 29.08.2024 in the same tender process as per the specification given below.

| Availability of Tender | | Date & Time of opening of the Tender |
|---|---|---|
| From | To | |
| 1 | 2 | 3 |
| 30.08.2024 at 10.00 A.M. | 03.10.2024 up to 5.30 P.M. | 04.10.2024 at 11.30 A.M. |

Others can see the details from Notice inviting Tenders, available in website - https://angul.odisha.gov.in. Corrigendum if any, shall only be published in the above website.
All other terms and conditions will remain same as published in the above referred tender notice. Inconvenience, if any is highly regretted.
Sd./- Divisional Forest Officer
OIPR-08027/11/0017/2425 Angul Forest Division

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
No.A–290
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ ନମ୍ବର- (06856) 222081 & ଇ-ମେଲ୍:- eemirgd@ymail.com
**ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି**
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ-୦୧/କ୍ଷୁ:ଜ:ବି ରାୟଗଡ଼ା/୨୦୨୪-୨୫
(BID IDENTIFICATION NO. ONLINE-01 / MID RGD/2024-25)
ପତ୍ର ସଂଖ୍ୟା: ୩୩୨୯/କ୍ଷୁ:ଜ:ବି ରାୟଗଡ଼ା/ ତାରିଖ ୧୨।୦୯।୨୪
ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract)ରେ ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନ୍‌ଲାଇନ ଜରିଆରେ ନିମ୍ନ ସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି।

| | | |
|---|---|---|
| ୧ | କାମର ନାମ | ରାୟଗଡ଼ା ଜିଲ୍ଲାରେ ଚେକ୍ ଡ୍ୟାମ୍‌ର ଉନ୍ନତୀକରଣ ଯୋଜନାରେ ୩୦ ଗୋଟି ଆଡ଼ି ବନ୍ଧ (Check Dam)ର ଉନ୍ନତିକରଣ, ମୁଖ୍ୟମନ୍ତ୍ରୀ ଆଡ଼ି ବନ୍ଧ ତିଆରି ଯୋଜନା (MATY)ରେ ୧ ଗୋଟି ନୂତନ ଆଡ଼ି ବନ୍ଧର ନିର୍ମାଣ ଏବଂ ରାଜ୍ୟ ଯୋଜନା (MIPSP)ରେ ୨ ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ |
| ୨ | ସର୍ବମୋଟ କାମର ସଂଖ୍ୟା | ୩୩ (ତେତିଶ) ମାତ୍ର |
| ୩ | ଅଟକଳ ମୂଲ୍ୟ | ଆନୁମାନିକ ୫.୦୪ରୁ ୪୦.୨୩ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲେଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲେଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | ତା୨୩।୦୯।୨୦୨୪ରିଖ ଦିବା ୧୦.୦୦ ଘଟିକାଠାରୁ ତା୦୩।୧୦।୨୦୨୪ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | ତା୦୩।୧୦।୨୦୨୪ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | ତା୦୪।୧୦।୨୦୨୪ରିଖ ଦିବା ୧୧.୦୦ ଘଟିକା ପର୍ଯ୍ୟନ୍ତ ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | ଅନ୍‌ଲାଇନ |
| ୧୧ | ସ୍ୱଚ୍ଛ ଭାଗ୍ୟଖେଳ (Transparent Lottery)ର ଆନୁମାନିକ ତାରିଖ ଓ ସମୟ ଏବଂ ନିର୍ଦ୍ଦିଷ୍ଟ ଜାଗା | ତା୨୫।୧୦।୨୦୨୪ରିଖ ଦିବା ୧୧.୦୦ ଘଟିକା ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |

OIPR-32524/11/0001/2425 ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା

**OFFICE OF THE PANCHAYAT SAMITI, KOIRA, SUNDARGARH**
Letter No. 2057 Dated: 18.09.2024
**TENDER CALL NOTICE No. 02/2024-25**
No. i-166: Sealed tenders are invited from the interested bidder for the civil work under BDO, Koira of Sundargarh district. The detail of works, eligibility, estimated cost, EMD, cost of tender paper has been uploaded in the district website **sundargarh.odisha.gov.in**. The bidder should be a “D, C & B” Class contractor. They have to submit the bid document to the undersigned in the address of “Office of the BDO, Koira, At/P.O.: Koira, PIN - 770048, Dist.: Sundargarh (Odisha)” through Registered Post/Speed Post only on or before 09.10.2024 (upto 05.00 P.M.). The sale of tender paper will be from dated 18.09.2024 to 03.10.2024 in the district website **sundargarh.odisha.gov.in**. The authority reserves the right to cancel or reject the entire process without assigning any reason thereof. The tender will be opened on dated 15.10.2024 at 11.00 A.M. in the office of the undersigned in the presence of the bidders or his/her representatives.
Sd./- Block Development Officer, Koira
OIPR-19341/11/0003/2425

**ଦ.ପୂ. ରେଳପଥ - ଟେଣ୍ଡର**
ଟେଣ୍ଡର ବିଜ୍ଞପ୍ତି ନଂ.: ସି-ବିଆଇଓଟି-୨୪ଆର୍-ଡିଟି-୧୮-୦୯-୨୪ । ଭାରତର ରାଷ୍ଟ୍ରପତିଙ୍କ ମାଧ୍ୟମରେ କାର୍ଯ୍ୟରତ ଏରିଆ ମ୍ୟାନେଜର, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର ଡିଭିଜନ ନିମ୍ନଲିଖିତ ବିବରଣୀ ଅନୁଯାୟୀ **www.ireps.gov.in** ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ କେବଳ **www.ireps.gov.in** ୱେବ୍‌ସାଇଟ୍‌ରେ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି । କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ଦେଖନ୍ତୁ । **କାର୍ଯ୍ୟର ନାମ:** ୦୩ ବର୍ଷ ଅବଧି ପାଇଁ ସାନ୍ତ୍ରାଗାଛି ଓ ପଦ୍ମାପୁକୁର ଟ୍ରେନ୍‌ଗୁଡ଼ିକରେ ବାୟୋ ଟଏଲେଟ୍‌ର ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଠିକା (ଏଏମ୍‌ଓସି) । **ଟେଣ୍ଡର ମୂଲ୍ୟ:** ଟ.୧୬,୮୪,୭୦,୭୭୦.୧୪ । **ଇଏମ୍‌ଡି:** ଟ.୯,୯୨,୪୦୦/-। **ଟେଣ୍ଡର ସମାପ୍ତି ତାରିଖ:** ତା୧୦।୧୦।୨୦୨୪ରିଖ ୧୨.୦୦ ଘଟିକା । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଟ.୧୦,୦୦୦/- (ଅଣ-ଫେରସ୍ତଯୋଗ୍ୟ) । (PR-626)

See Career Appointment on every Wednesday & Saturday

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning, Road Construction Department,**
**Nirupan Bhawan, 4th floor, 56-Set Chowk, Doranda, Ranchi-834002**
**e-mail--- eercdapfsdran-jhr@nic.in**
**e-Procurement Very Short Notice 2nd Call**
**e-Tender Reference No .-RCD/FSD /AP/ RAN/21/24-25 Dated 18.09.2024**

| | | |
|---|---|---|
| 1- | Name of Work | Consultancy services for Feasibility report for construction of 2-Lane configuration ROB beside the existing Kadru ROB , at Ranchi in the state of Jharkhand from Consultants empanelled in Category-II with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Work completion time | 15 Days |
| 3- | Tentative Length | 1.0 km |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD** :- Rs- 20,000/- (Rupees Twenty Thousand) through online mode only As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 20.09.2024, 05.00 PM |
| 6- | Last date and Time of submission of Tender (With Tender Fee and EMD) | 27.09.2024, 12.30 PM |
| 7- | Date and Timing of Bid opening | 30.09.2024, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |
| 10- | PR No- | 334411 Road (24-25) |

For further information please go through the website http://jharkhandtenders.gov.in
Executive Engineer
Field Survey Division,A.P
Road Construction Department,Ranchi .
PR 336061 (Road)24-25*D

**जिला अभियंता का कार्यालय, जिला परिषद, रामगढ़**
अति अल्पकालीन निविदा आमंत्रण सूचना
ई–निविदा सं० :– **ZP/RAMGARH/05/2024-25**
1.कार्य की विस्तृत विवरणी :–

| क्र. | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य (रु०) | कार्य पुर्ण करने की अवधि |
|---|---|---|---|---|---|---|
| 1 | Chitarpur | Construction of 4 ACR and New Boundary Wall & Reparing of Hall and 4 Classroom of UPG High School Barkipona. | 9974600 | 200000 | 10000 | 06 (छ) माह |
| 2 | Gola | Construction of 10 ACR and 01 Nos of Cycle Shed & Reparing of 10 Room of S.S High School, Gola. | 24329364 | 487000 | 10000 | 09 (नौ) माह |

1. वेबसाईट में निविदा प्रकाशन की तिथि – दिनांक 23.09.2024
2. ई–निविदा डालने / प्राप्ति की तिथि एवं समय – दिनांक 23.09.2024 से दिनांक 28.09.2024 अपराह्न 5:00 बजे तक।
3. निविदा खोलने की तिथि एवं समय– दिनांक – 30.09.2024 को पूर्वाह्न 11:00 बजे।
4. निविदा आमंत्रित करने वाले पदाधिकारी का पदनाम एवं पता– जिला अभियंता, जिला परिषद, रामगढ़।
5. ई–निविदा प्रकोष्ट का दुरभाष नं०– 9801557645
6. निविदा शुल्क एवं अग्रधन की राशि केवल *Online mode* द्वारा स्वीकार्य होगी।
7. निविदा शुल्क एवं अग्रधन की राशि का ई– भुगतान संवेदक द्वारा जिस बैंक खाता से किया जायेगा, उसी खाते मे अग्रधन की राशि वापस होगी। अगर बैंक खाता को बंद कर दिया जाता है। तो उसकी सारी जवाबदेही संवेदक की होगी।
8. निविदा Double Bid पद्धति से होगा।
9. इस निविदा में जिला परिषद, रामगढ़ के अंतर्गत पंजीकृत समुचित श्रेणी के संवेदक भाग ले सकेंगे।

विस्तृत जानकारी के लिए वेबसाईट *Jharkhandtenders.gov.in* एवं कार्यालय के सूचनापट्ट पर देखा जा सकता है।
ह०/–
जिला अभियंता,
जिला परिषद, रामगढ़
PR 336032 District(24-25).D

**OFFICE OF THE EXECUTIVE ENGINEER**
**DRINKING WATER AND SANITATION DIVISION, HATIA PROJECT, RANCHI**
VERY SHORT TENDER
E-Request For Proposal Short Notice (1st Call)
e-Tender Notice No.– LAB/DWSD/11/2024-25 Dated- 13.09.2024

| | | |
|---|---|---|
| 1 | कार्य का नाम | REQUEST PROPOSAL FOR SUPPLYING VARIOUS EQUIPMENTS, CHEMICALS, STANDARD REFERENCE MICROBIAL CULTURES, GLASSWARES / PLASTICWARES AND GENERAL ITEMS in 22 Numbers of District Level Water Testing Laboratories of Jharkhand (Ranchi, Ramgarh, Koderma, Chatra, Deoghar, Jamtara, Godda, Dumka, Pakur, Sahibganj, Medininagar, Latehar, Garhwa, Dhanbad, Chas, Giridih, Chaibasa, Saraikela, Khunti, Lohardaga, Simdega, Gumla) |
| 2. | परिमाण विपत्र मुल्य एव अग्रधन की राशिं | परिमाण विपत्र मुल्य (10,000) एवं अग्रधन की राशिं (4,62,200.00) |
| 3 | वेबसाइट में निविदा प्रकाषन की तिथि एवं समय | 20.09.2024 at 1:00 PM से। |
| 4 | प्री बीड बैठक की तिथि एवं समय | 23.09.2024 in the Office of the Chief Engineer-cum-Executive Director, Programme Management Unit, DWSD, Jharkhand, Doranda, Ranchi at 3:00PM |
| 5 | ई–निविदा प्राप्ति की अंतिम तिथि एवं समय | 30.09.2024 at 5:00PM |
| 6 | ई–निविदा खोलने की तिथि एवं समय | 01.10.2024 at 2:00PM से। |
| 7 | ई–निविदा आमंत्रित करने वाले पदाधिकारी का पदनाम एवं पता | Executive Engineer, Drinking Water and Sanitation Division, Hatia Project, Ranchi - 834002 |
| 8 | ई–मेल | dwsdhatiaproject@gmail.com |
| 9 | ई–निविदा प्रकोष्ठ का दूरभाष संख्या | 9204931335 |

**NB:- For Details**
1. निविदा अन्तर्गत परिमाण विपत्र का मूल्य एवं अग्रधन की राशि ई–गवर्नेस विभाग झारखण्ड मंत्रालय, धुर्वा, राँची के आदेश सह ज्ञापांक 120 दिनांक 03.10.2023 के अनुरुप प्राप्त की जाएगी।
2. निविदा शुल्क एवं अग्रधन की राशि का ई–भुगतान सम्वेदक द्वारा जिस बैंक खाता से किया जाएगा। उसी खाते में अग्रधन की राशि वापस होगी। अगर बैंक खाता को बन्द कर दिया जाता है तो उसकी सारी जवाबदेही सम्वेदक की होगी।
3. प्राक्कलित राशि घट अथवा बढ़ सकती है उसी प्रकार से अग्रधन एवं परिमाण विपत्र की राशि भी देय होगी है।
4. विस्तृत जानकारी के लिए वेबसाईट http//:jharkhandtenders.gov.in पर देखा जा सकता हैं।

कार्यपालक अभियंता
पेयजल एवं स्वच्छता प्रमंडल
हटिया योजना, राँची
PR 336101 Drinking Water and Sanitation (24-25)_D

DADLS-32



# ବିକଶିତ ଓଡ଼ିଶା@୨୦୩୬

## ପ୍ରଗତିର ନୂତନ ସୂର୍ଯ୍ୟୋଦୟ

"ଆମ ସରକାର ହେଉଛି ଲୋକଙ୍କ ସରକାର । ଓଡ଼ିଶାର ୪.୫ କୋଟି ଜନସାଧାରଣଙ୍କ ଆଶା-ଆକାଂକ୍ଷା ଏବଂ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ', ୨୦୪୭ ସଂକଳ୍ପର ରୂପାୟନ ନିମନ୍ତେ ଆମେ ପ୍ରତିବଦ୍ଧ । ୨୦୪୭ ସୁଦ୍ଧା ଆମେ ୧.୫ ଟ୍ରିଲିୟନ୍ ଆମେରିକୀୟ ଡଲାର ଅର୍ଥନୀତିର ଲକ୍ଷ୍ୟ ରଖିଛୁ । ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପାଳନ କଲାବେଳକୁ ଆମେ ବିକାଶର ନୂତନ ଶିଖର ସ୍ପର୍ଶ କରିବା । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପ୍ରଧାନମନ୍ତ୍ରୀଙ୍କ ଆକାଂକ୍ଷିତ 'ପୂର୍ବୋଦୟ' ଲକ୍ଷ୍ୟ ହାସଲ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ।"

ବନ୍ଦେ ଉତ୍କଳ ଜନନୀ

**ଶ୍ରୀ ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**

## ସଫଳତାର ୧୦୦ ଦିନ



### ଅର୍ଥ ଓ ବିତ୍ତ ବ୍ୟବସ୍ଥା

- ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା ଓ 'ନାରୀଶକ୍ତି' ଏବଂ 'ଅନ୍ନଦାତା'ଙ୍କୁ ସଶକ୍ତ କରିବା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୨.୬୫ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ
- ବିକଶିତ ଭାରତ@୨୦୪୭ ନିମନ୍ତେ ବିକଶିତ ଓଡ଼ିଶା@୨୦୩୬ର ଭିଜନ ଡକ୍ୟୁମେଣ୍ଟ ପ୍ରଣୟନ ପାଇଁ ନୀତି ଆୟୋଗ ସହ ରାଜ୍ୟର ମିଳିତ ପ୍ରୟାସ
  - ଓଡ଼ିଶାକୁ ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଆଶା




### ନାରୀଶକ୍ତିକୁ ଶକ୍ତି 'ସୁଭଦ୍ରା'

- **ପାଞ୍ଚ ବର୍ଷ ପାଇଁ ୫୫ ହଜାର କୋଟି ଟଙ୍କା ବ୍ୟବସ୍ଥାର ପ୍ରତିବଦ୍ଧତା**
- **ଉପକୃତ ହେବେ ୧ କୋଟିରୁ ଅଧିକ ମହିଳା**
- **୨୫.୧୧ ଲକ୍ଷ ମହିଳା ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲାଣି ୧୨୫୫.୫୭ କୋଟି ଟଙ୍କା**



### ଓଡ଼ିଆ ଅସ୍ମିତା

- ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ପାଇଁ ୨୦୦ କୋଟି ଟଙ୍କାର କର୍ପସ ପାଣ୍ଠି
- ଶତାୟୁ ବିଦ୍ୟାଳୟଗୁଡ଼ିକର ପୁନର୍ବିକାଶ ପାଇଁ 'ଐତିହ୍ୟ ବିକାଶ ଯୋଜନା'



### ଜନଜାତି ବିକାଶ

- ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ ହ୍ରାସ ଲକ୍ଷ୍ୟରେ 'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା'ରେ ୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ
- ୬ଟି ବିଶେଷ ଭାବେ ବିପଦସଙ୍କୁଳ ଆଦିମ ଜନଜାତି ଗୋଷ୍ଠୀ ଯଥା:- ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ, ନୂଆପଡ଼ାର ଚୁକଟିଆ ଭୁଞ୍ଜିଆ, ଗଜପତିର ସଉରା ଓ ମୟୂରଭଞ୍ଜର ମାଙ୍କିଡିଆ ଏବଂ ଖରିଆ ଜନଜାତି ଗୋଷ୍ଠୀଙ୍କୁ ବସତି ଅଧିକାର ପ୍ରଦାନ
- ଚଳିତ ଶିକ୍ଷା ବର୍ଷରୁ ୧୫ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ୧୦ଟି ନୂତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟକ୍ଷମ
- ପ୍ରଧାନମନ୍ତ୍ରୀ-ଜନମନ ଅଧୀନରେ ବିଶେଷ ଭାବେ ବିପଦସଙ୍କୁଳ ଆଦିମ ଜନଜାତି ଗୋଷ୍ଠୀଙ୍କ ପାଇଁ ୪୩ଟି ବନ ଧନ ବିକାଶ କେନ୍ଦ୍ର ଓ ୬୧ଟି ବହୁମୁଖୀ କେନ୍ଦ୍ରର ପ୍ରତିଷ୍ଠା
- ପ୍ରଧାନମନ୍ତ୍ରୀ-ଜନମନ ଅଧୀନରେ ୭୩ଟି ବିଶେଷ ଭାବେ ବିପଦସଙ୍କୁଳ ଆଦିମ ଜନଜାତି ବସତିକୁ ସର୍ବକାଳୀନ ଗମନାଗମନ ବ୍ୟବସ୍ଥା
- ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ପ୍ରତିଷ୍ଠା ହେବ ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର



### ଜନ ଅଭିଯୋଗ ଶୁଣାଣି

- ଦୀର୍ଘ ୧୬ ବର୍ଷର ବ୍ୟବଧାନ ପରେ ୦୧ ଜୁଲାଇ, ୨୦୨୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
- ଭବିଷ୍ୟତରେ ସମ୍ବଲପୁର ଓ ବ୍ରହ୍ମପୁରରେ ମଧ ହେବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି



### ଶ୍ରୀମନ୍ଦିର, ପୁରୀ

- ପ୍ରତିଶ୍ରୁତି ହେଲା ପୂରଣ: ଭକ୍ତଙ୍କ ପାଇଁ ଖୋଲିଲା ଶ୍ରୀମନ୍ଦିର ଚାରିଦ୍ୱାର
- ଖୋଲିଲା ପୁରୀ ଶ୍ରୀମନ୍ଦିରର ଭିତର ରତ୍ନ ଭଣ୍ଡାର
- ଜଗନ୍ନାଥ ସଂସ୍କୃତି ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ପ୍ରାବଧାନ



### ସ୍ୱାସ୍ଥ୍ୟସେବା

- ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ମଧ ସାମିଲ ହେବ ଓଡ଼ିଶା
- ରାଜ୍ୟର ପ୍ରାୟ ୧ କୋଟି ପରିବାରଙ୍କୁ ଦେଶର ୨୭ ହଜାରରୁ ଊର୍ଦ୍ଧ୍ୱ ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସା ପାଇଁ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
- ଯାଜପୁର, ବାଲେଶ୍ୱର, ବଲାଙ୍ଗୀର, ପୁରୀ, କୋରାପୁଟ, ମୟୂରଭଞ୍ଜ ଓ ତାଳଚେରସ୍ଥିତ ମେଡିକାଲ କଲେଜଗୁଡିକରେ ହେବ ନୂତନ ନର୍ସିଂ କଲେଜ ପ୍ରତିଷ୍ଠା
- ମେଡିକାଲ କଲେଜ ଓ ହସ୍ପିଟାଲରେ ଅତିରିକ୍ତ ଅତ୍ୟାବଶ୍ୟକ ଚିକିତ୍ସା ସାମଗ୍ରୀ କିଣିବା ପାଇଁ ୨୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା



### ସାମାଜିକ ସୁରକ୍ଷା

- ୮୦ ବର୍ଷରୁ ଅଧିକ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧୨୦୦ରୁ ୩,୫୦୦ ଟଙ୍କାକୁ ବୃଦ୍ଧି
- ନିର୍ମାଣ ଶ୍ରମିକଙ୍କୁ ଅନୁକମ୍ପାମୂଳକ ସହାୟତା ରାଶିରେ ଉଲ୍ଲେଖନୀୟ ବୃଦ୍ଧି: ଦୁର୍ଘଟଣାଜନିତ ମୃତ୍ୟୁରେ ଅନୁକମ୍ପାମୂଳକ ରାଶି ୪ ଲକ୍ଷ ରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁରେ ୨ ରୁ ୩ ଲକ୍ଷ ଟଙ୍କାକୁ ବଢ଼ିଲା



### ପରିବେଶ ଓ ଜଳବାୟୁ କାର୍ଯ୍ୟକ୍ରମ

"ମା' ନାମରେ ଗଛଟିଏ" ଅଭିଯାନରେ ଦେଶରେ ସର୍ବାଧିକ ପ୍ରାୟ ୪.୧୫ କୋଟି ଚାରା ରୋପଣ



### ବିଦ୍ୟାଳୟ ଶିକ୍ଷା

- ପିଏମ-ଶ୍ରୀ ଯୋଜନା ଅଧୀନରେ ରାଜ୍ୟରେ ଥିବା ୫୦୦ଟି ପ୍ରାଥମିକ ବିଦ୍ୟାଳୟ ଉତ୍କର୍ଷ କେନ୍ଦ୍ରରେ ପରିଣତ ହେବ
- 'ନିପୁଣ ଓଡ଼ିଶା' : ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆହରଣକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ଯୋଜନା
- 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ରେ ସୁନିଶ୍ଚିତ ହେବ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଗୁଣାତ୍ମକ ଶିକ୍ଷା



### ଉଚ୍ଚ ଶିକ୍ଷା

- ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ-ଉଷା)ର କାର୍ଯ୍ୟାନ୍ୱୟନ ନିମନ୍ତେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ
- ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ୪୦ଟି ପ୍ରାକ-ସ୍ନାତକ ପାଠ୍ୟକ୍ରମ ସଂଶୋଧିତ
- ଉଚ୍ଚଶିକ୍ଷାର ଉନ୍ନତି ପାଇଁ ମହାବିଦ୍ୟାଳୟ ନଥିବା ବ୍ଲକଗୁଡିକରେ ଖୋଲିଲା ୧୮ଟି ନୂଆ ସରକାରୀ କଲେଜ
- ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ-୨୦୨୦ ଉଚ୍ଛେଦ ପାଇଁ ନୀତିଗତ ନିଷ୍ପତ୍ତି



### ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

- ଆତିଥ୍ୟ ଓ ପରିଚର୍ଯ୍ୟା ପାଠ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଶିକ୍ଷାକେନ୍ଦ୍ର ଭାବରେ ଭୁବନେଶ୍ୱରରେ ପ୍ରତିଷ୍ଠା ହେଲା 'କୌଶଳ ଭବନ'
- ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ଡିଜିଟାଲ ସ୍କିଲିଂ ଅଭିଯାନକ୍ରମେ ୩୦ଟି ଦକ୍ଷତା ବିକାଶ ହବରେ ୩୦ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଦିଆଯିବ ୬ ହଜାରରୁ ଅଧିକ ପାଠ୍ୟକ୍ରମର ଶିକ୍ଷା




### ଜଳସମ୍ପଦ

- ୪୬ ବର୍ଷ ପରେ ହୀରାକୁଦ ଜଳସେଚିତ ଅଞ୍ଚଳରେ ଫଳପ୍ରଦ ଜଳ ପରିଚାଳନା ପାଇଁ ୮୫୫ କୋଟି ଟଙ୍କା ବ୍ୟୟରେ ହୀରାକୁଦ କେନାଲ ବ୍ୟବସ୍ଥାର ପୁନରୁଦ୍ଧାର
- ନୟାଗଡ଼ ଜିଲ୍ଲାର ୫ଟି ମରୁଡ଼ିପ୍ରବଣ ବ୍ଲକପାଇଁ ପ୍ରସ୍ତାବିତ ୨୩,୩୦୦ ହେକ୍ଟର ଆୟକଟ ବିଶିଷ୍ଟ ବୃହଙ୍ଗ ଜଳସେଚନ ପ୍ରକଳ୍ପ ନିମନ୍ତେ ଜଙ୍ଗଲ କିସମ ପରିବର୍ତ୍ତନ ପାଇଁ ଅନୁମତି
- ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲାଗି ସମ୍ବଲପୁର ଓ ଅନ୍ୟାନ୍ୟ ସ୍ଥାନରେ 'ମହାନଦୀ ରିଭର ଫ୍ରଣ୍ଟ ବିକାଶ' ପରିଯୋଜନା ହେବ କାର୍ଯ୍ୟକାରୀ



### ଗୃହ ନିର୍ମାଣ ଓ ନଗର ଉନ୍ନୟନ

- ଅମୃତ ୨.୦ ଅଧୀନରେ 'ଅମୃତ ମିତ୍ର' ଅଭିଯାନ : ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୬୦ଟି ଜଳାଶୟର ପୁନରୁଦ୍ଧାର
- ପ୍ରଧାନମନ୍ତ୍ରୀ ଇ-ବସ୍ ସେବା : ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ଖୁବଶୀଘ୍ର ୪୦୦ ଟି ଇ-ବସ୍ କରିବ ଚଳାଚଳ
- ସହଜ ଜୀବନଧାରାକୁ ପ୍ରୋତ୍ସାହନ : ଓଡ଼ିଶା ଲୋକସେବା ଅଧିକାର ଆଇନ, ୨୦୧୨ ଅଧୀନରେ ବିଲ୍ଡିଂ ପ୍ଲାନ୍ ଓ ବ୍ୟବସାୟ ଲାଇସେନ୍ସ ସମ୍ବନ୍ଧିତ ୫ଟି ଗୁରୁତ୍ୱପୂର୍ଣ୍ଣ ପୌର ସେବା ସାମିଲ
- ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ଆୟୋଜନ ଏବଂ ୭୯୧.୬୧ କୋଟି ଟଙ୍କା ବିନିଯୋଗ କ୍ରମେ ୧୩୬ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ: ଉପକୃତ ହେବେ ବିଭିନ୍ନ ସହରର ୨୨ ଲକ୍ଷ ଲୋକ
- ୩୫୯ କୋଟି ଟଙ୍କା ବିନିଯୋଗ କ୍ରମେ ୩୩୫ଟି ସହରାଞ୍ଚଳ ବିକାଶ ପ୍ରକଳ୍ପ ଲୋକାର୍ପିତ, ବିଭିନ୍ନ ସହରାଞ୍ଚଳର ୧୭ ଲକ୍ଷ ଲୋକ ହେବେ ଉପକୃତ



### କୃଷି ଓ ଆନୁଷଙ୍ଗିକ କ୍ଷେତ୍ର

- 'ସମୃଦ୍ଧ କୃଷକ ଯୋଜନା'ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ କ୍ୱିଣ୍ଟାଲ ପିଛା ଅଧିକ ୮୦୦ ଟଙ୍କା ବୃଦ୍ଧି : ଉପକୃତ ହେବେ ପ୍ରାୟ ୨୦ ଲକ୍ଷ କୃଷକ
- ବାଦ୍ ପଡ଼ିଥିବା ସମସ୍ତ ଯୋଗ୍ୟ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ, ଉପକୃତ ହେବେ ପ୍ରାୟ ୫ ଲକ୍ଷ କୃଷକ
- ଅଚଳ ଉଠା ଜଳସେଚନ ପ୍ରକଳ୍ପଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ୧୦୮୪ କୋଟି ଟଙ୍କାର ପ୍ରାବଧାନ
- 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' : ରାଜ୍ୟରେ ଦୈନିକ ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ଯୋଜନାର ଶୁଭାରମ୍ଭ, ୧୫ ଲକ୍ଷରୁ ଅଧିକ ଦୁଗ୍ଧଚାଷୀ ହେବେ ଉପକୃତ
- ଦୁଗ୍ଧ ସମବାୟ ସମିତିଗୁଡିକର ଦୃଢ଼ୀକରଣ ଓ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ଏନଡିଡିବି ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ, ୧.୫ ଲକ୍ଷ ଦୁଗ୍ଧଚାଷୀ ହେବେ ଉପକୃତ
- ବାଲେଶ୍ୱର ଜିଲ୍ଲାର ବସ୍ତାଠାରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟକର ପାଇକାରୀ ମତ୍ସ୍ୟ ବଜାର ନିର୍ମାଣ



### ଶିଳ୍ପ ଓ ବାଣିଜ୍ୟ ବିକାଶ

- ୫,୯୯୨ କୋଟି ଟଙ୍କାର ୨୬ଟି ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ପ୍ରାଧିକରଣର ଅନୁମୋଦନ, ସୃଷ୍ଟି ହେବ ୧୯ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ
- ଅଟୋମୋବାଇଲ, ବୈଦ୍ୟୁତିକ ଯାନ, ସେମିକଣ୍ଡକ୍ଟର ଏବଂ ଆଇଟି କ୍ଷେତ୍ର ଭଳି ଶିଳ୍ପ ପାଇଁ ରାଜ୍ୟ ରାଜଧାନୀ ଅଞ୍ଚଳରେ ପ୍ରତିଷ୍ଠା ହେବ ଏଫ୍.ଡି.ଆଇ. ପାର୍କ
- ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଖୋର୍ଦ୍ଧାର କାଳିବାଟି ଓ ଭୂଇଁପୁରରେ ପ୍ରତିଷ୍ଠା ହେବ ଦୁଇଟି ପୋଷାକ ତିଆରି ପାର୍କ
- ଖାଦ୍ୟ ସାମଗ୍ରୀ ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠା ହେବ ମେଗା ଫୁଡ୍ ପାର୍କ
- ୧୧ଟି ନୂତନ ଏମ୍ଏସ୍ଏମ୍ଇ ପାର୍କ ପ୍ରତିଷ୍ଠା ସାଙ୍ଗକୁ ରହିଥିବା ଏମ୍ଏସ୍ଏମ୍ଇ ପାର୍କଗୁଡିକର ହେବ ସଂପ୍ରସାରଣ
- 'କନେକ୍ଟ ଓଡ଼ିଶା' ଯୋଜନା ଅଧୀନରେ ବାଣିଜ୍ୟ ତଥା ଆନୁଷଙ୍ଗିକ ବ୍ୟବସ୍ଥାର ସୁବିଧା ପାଇଁ ୮ଟି ପ୍ରମୁଖ ସ୍ଥାନରେ ହେବ ମଲ୍ଟି ମୋଡାଲ ଲଜିଷ୍ଟିକ୍ ପାର୍କ
- ଇନଫୋ ଭ୍ୟାଲି ଇ.ଏମ୍.ସି. ଭୁବନେଶ୍ୱରରେ ଭାରତର ପ୍ରଥମ ସମନ୍ୱିତ ସିଲିକନ କାର୍ବାଇଡ ଉତ୍ପାଦନ କାରଖାନାର ଶୁଭାରମ୍ଭ
- ଭୁବନେଶ୍ୱର ନିକଟସ୍ଥ ଅରାଙ୍ଗଠାରେ ୨୦୦ ଏକର ପରିମିତ ଜମି ଉପରେ ଉତ୍ସର୍ଗୀକୃତ ସେମିକଣ୍ଡକ୍ଟର ପାର୍କର ପ୍ରତିଷ୍ଠା
- ବୈଷୟିକ ଶିଳ୍ପ ପାଇଁ ୧୦ ନିୟୁତ ବର୍ଗଫୁଟ ପ୍ଲଗ୍-ଆଣ୍ଡ-ପ୍ଲେ ସ୍ଥାନ ସ୍ଥିରୀକୃତ
- ଆଗାମୀ ୫ ବର୍ଷରେ ଆଇଟି/ଆଇଟିଇଏସ୍/ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ସୃଷ୍ଟି ହେବ ୫୦ ହଜାର ନୂତନ ନିଯୁକ୍ତି
- ଜୁନ ୨୦୨୭ ସୁଦ୍ଧା ରାଉରକେଲା, ସମ୍ବଲପୁର, ପାରାଦୀପ ଓ ଧାମରାକୁ ସଂଯୋଗ କରିବ ଶିଳ୍ପ କରିଡର
- କଳିଙ୍ଗ ନଗର, ଝାରସୁଗୁଡ଼ା, ରାଉରକେଲା, ଭୁବନେଶ୍ୱର, ଜଗତପୁର, କେନ୍ଦୁଝର ଓ ଦାମନଯୋଡ଼ି ଶିଳ୍ପାଞ୍ଚଳରେ 'ଦୀନଦୟାଲ କର୍ମଚାରୀ ନିବାସ ଯୋଜନା' ଅଧୀନରେ ନିର୍ମାଣ ହେବ ଶ୍ରମିକ ହଷ୍ଟେଲ
- ୫୦ ମିଲିଅନ ମେଟ୍ରିକ ଟନ ମାଲ ପରିବହନ ପାଇଁ ଗୋପାଳପୁର ବନ୍ଦରକୁ କରାଯିବ ଉନ୍ନୀତ



### ଗ୍ରାମ୍ୟ ଉନ୍ନୟନ

- 'ସେତୁ ବନ୍ଧନ ଯୋଜନା'ରେ ଗ୍ରାମାଞ୍ଚଳ ସଂଯୋଗୀକରଣ ପାଇଁ ନିର୍ମିତ ହେବ ୫୦୦ଟି ନୂତନ ସେତୁ
- ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା-୪ (ପିଏମଜିଏସୱାଇ-୪)ରେ ସଂଯୋଗବିହୀନ ୧୫୨୩ଟି ଗ୍ରାମକୁ ସର୍ବକାଳୀନ ସଡ଼କ ଯୋଗାଯୋଗ
- 'ବିକଶିତ ଗାଁ, ବିକଶିତ ଓଡ଼ିଶା': ଗ୍ରାମାଞ୍ଚଳ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ ପାଇଁ ୧,୦୦୦ କୋଟି ଟଙ୍କାର ବ୍ୟବସ୍ଥା
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମ୍ୟ)ରେ ଗତ ୧୦୦ ଦିନ ମଧ୍ୟରେ ପ୍ରାୟ ୧ ଲକ୍ଷ ଘର ହୋଇଛି ସମ୍ପୂର୍ଣ୍ଣ
- 'ଅନ୍ତ୍ୟୋଦୟ ଗୃହ ଯୋଜନା': ବାଦ୍ ପଡ଼ିଥିବା ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ବାସଗୃହ ନିର୍ମାଣ ସକାଶେ ୧୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା
- ଗତ ୧୦୦ ଦିନ ମଧ୍ୟରେ ବୃହତ, ଏକକ ଏବଂ ସୌରଚାଳିତ ପାଇପ୍ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ୧.୨୫ ଲକ୍ଷରୁ ଅଧିକ ପରିବାରକୁ ଟ୍ୟାପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟକ୍ଷମ



### ଯୁବସେବା ଓ କ୍ରୀଡା

- ତୃଣମୂଳସ୍ତରୀୟ କ୍ରୀଡ଼ାର ବିକାଶ, ମିନି ଷ୍ଟାଡିୟମ, ଜିଲ୍ଲାସ୍ତରୀୟ କ୍ରୀଡା ଏକାଡେମୀ ଓ ରାଜ୍ୟର ୪ଟି ଜୋନରେ ଅତ୍ୟାଧୁନିକ ଏକାଡେମୀର ପ୍ରତିଷ୍ଠା ପାଇଁ ୯୫୨ କୋଟି ଟଙ୍କାର ବ୍ୟୟବରାଦ
- ସମ୍ବଲପୁରରେ ଅତ୍ୟାଧୁନିକ ବହୁମୁଖୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣର ଯୋଜନା
- ଯୁବ ନେତୃତ୍ୱ ଓ ସ୍ୱେଚ୍ଛାସେବୀ ମନୋଭାବର ବିକାଶ, କ୍ରୀଡ଼ା ଓ କ୍ରୀଡ଼ାସଂସ୍କୃତିର ଅଭିବୃଦ୍ଧି ପାଇଁ 'ଯୁବ ଶକ୍ତି ଯୋଜନା'ରେ ୧୦୦ କୋଟି ଟଙ୍କାର ବ୍ୟୟବରାଦ



### ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହନ

ଜାତୀୟ ନେଟ୍ ଜିରୋ ଲକ୍ଷ୍ୟ ହାସଲ ପାଇଁ ଅକ୍ଷୟ ଶକ୍ତି ଉପରେ ଗୁରୁତ୍ୱ

- ୬୧୩ କୋଟି ଟଙ୍କାର 'ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଯୋଜନା'ର ଶୁଭାରମ୍ଭ
- 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା' ରାଜ୍ୟରେ ହେବ କାର୍ଯ୍ୟକାରୀ
- 'ସୌରଶକ୍ତି ପ୍ରୋତ୍ସାହନ ଯୋଜନା' ମାଧ୍ୟମରେ ଓଡ଼ିଶା ସରକାର ପ୍ରଦାନ କରିବେ ଅତିରିକ୍ତ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପରିପୂରକ ପାଣ୍ଠି



### ନିଯୁକ୍ତି ଓ ଜୀବିକାର୍ଜ୍ଜନକୁ ଗୁରୁତ୍ୱ

- ବ୍ୟାପକ ନିଯୁକ୍ତି ଅଭିଯାନ : ୫ ବର୍ଷରେ ପୂରଣ ହେବ ୧.୫ ଲକ୍ଷ ସରକାରୀ ପଦବୀ, ପ୍ରଥମ ଦୁଇ ବର୍ଷରେ ୬୫ ହଜାର ଏବଂ ୨୦୨୪ ଡିସେମ୍ବର ସୁଦ୍ଧା ୨୦ ହଜାର ପଦବୀରେ ନିଯୁକ୍ତି
- ପୂର୍ବତନ ଅଗ୍ନିବୀରମାନଙ୍କୁ ରାଜ୍ୟର ୟୁନିଫର୍ମ ସେବାର ସମସ୍ତ ଗ୍ରୁପ୍ 'ସି' ଓ 'ଡି' ପଦବୀରେ ନିଯୁକ୍ତି ପାଇଁ ସମାନ୍ତରାଳ ଭାବେ ସବୁ ବର୍ଗରେ ୧୦ ପ୍ରତିଶତ ସଂରକ୍ଷଣ ସହିତ ବୟସ ସୀମା ୩ ବର୍ଷ କୋହଳ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ଛାଡ
- ଲକ୍ଷପତି ଦିଦି : ୨୦୨୭ ସୁଦ୍ଧା ୨୫ ଲକ୍ଷ ମହିଳା ହେବେ ଲକ୍ଷପତି ଦିଦି
- ଆର୍ଥିକ କାର୍ଯ୍ୟକଳାପ ସୃଷ୍ଟି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଉତ୍ପାଦ ବୃଦ୍ଧି ପାଇଁ ୧,୧୭୨ କୋଟି ଟଙ୍କାର ବ୍ୟୟବରାଦ



### ଭାରତ ସରକାରଙ୍କ ପ୍ରମୁଖ ପଦକ୍ଷେପ

- ଓଡ଼ିଶାରେ ରେଳ ଭିତ୍ତିଭୂମି ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୦,୫୮୬ କୋଟି ଟଙ୍କାର ରେକର୍ଡ ବ୍ୟୟବରାଦ
- ସଂଯୋଗବିହୀନ, ଆକାଂକ୍ଷୀ ଏବଂ ଆଦିବାସୀ ଅଞ୍ଚଳକୁ ଗୁରୁତ୍ୱ ଦେଇ ୧୯,୦୦୦ କୋଟି ଟଙ୍କାର ୮ଟି ନୂଆ ରେଳ ପ୍ରକଳ୍ପ ଅନୁମୋଦିତ :
  - ବରଗଡ ରୋଡ – ନୂଆପଡା ରୋଡ (୧୩୮ କିମି) ନୂଆ ଲାଇନ
  - ସରଡେଗା – ଭାଲୁମୁଡ଼ା (୩୭ କିମି) ନୂଆ ଦୋହରା ଲାଇନ
  - ଗୁଣୁପୁର - ଥେରୁବାଲି (୭୩.୬ କିମି) ନୂଆ ଲାଇନ
  - ଜୁନାଗଡ଼ - ନବରଙ୍ଗପୁର (୧୧୬.୨ କିମି) ନୂଆ ଲାଇନ
  - ବାଦାମପାହାଡ଼ - କେନ୍ଦୁଝରଗଡ଼ (୮୨.୦୬ କିମି) ନୂଆ ଲାଇନ
  - ବାଙ୍ଗିରିପୋଷି - ଗୋରୁମହିଷାଣୀ (୮୫.୬ କିମି) ନୂଆ ଲାଇନ
  - ମାଲକାନଗିରି – ପାଣ୍ଡୁରଙ୍ଗାପୁରମ ଭାୟା ଭଦ୍ରାଚଳମ (୧୭୩.୬ କିମି) ନୂଆ ଲାଇନ
  - ବୁରାମରା – ଚକୁଳିଆ (୬୦ କିମି) ନୂଆ ଲାଇନ
- ଓଡ଼ିଶାର ରେଳ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଅଧିକ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ ଆରମ୍ଭ :
  - କେନ୍ଦୁଝରଗଡ଼ ଦେଇ ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍
  - ରାଉରକେଲା-ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍
  - ଓଡ଼ିଶାର ଖଡିଆଳ ରୋଡ୍, କଣ୍ଟାବାଞ୍ଜି, ଟିଟିଲାଗଡ଼, କେସିଙ୍ଗା ଓ ରାୟଗଡ଼ାକୁ ସଂଯୋଗ କରି ରାୟପୁର-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍
- ସଡ଼କ ସଂଯୋଗୀକରଣରେ ଉନ୍ନତି ଓ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ଜାତୀୟ ରାଜପଥ ବିକାଶ ପ୍ରକଳ୍ପ :
  - ୧୮୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୬ଲେନ ବିଶିଷ୍ଟ ଭୁବନେଶ୍ୱର-ପୁରୀ ରାଜପଥ
  - ୧୦ ହଜାର କୋଟି ଟଙ୍କା ବ୍ୟୟରେ ୨୦୦ କିଲୋମିଟର ଚଣ୍ଡିଖୋଲ-ବଡ଼ବିଲ ରାସ୍ତା
  - ୧୧୦୦ କୋଟି ଟଙ୍କା ବ୍ୟୟରେ ୫୭ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧ-ନୟାଗଡ଼ ୫୪ କି.ମି.ରାସ୍ତାକୁ ୪ ଲେନରେ ରୂପାନ୍ତରଣ
  - ୧୦୦୦ କୋଟି ଟଙ୍କା ବ୍ୟୟରେ ୨୬ ନମ୍ବର ରାଜପଥର କେସିଙ୍ଗା-ଜୁନାଗଡ଼ ୪୬ କି.ମି. ରାସ୍ତାକୁ ୪ ଲେନରେ ରୂପାନ୍ତରଣ

OIPR-15001/13/0182/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର | CMO_Odisha | CMO Odisha | IPR_Odisha | IPR Odisha | IPR Odisha

## ସଂକ୍ଷେପରେ

### ପୋଖରୀରୁ ମିଳିଲା ଯୁବକଙ୍କ ମୃତଦେହ

ତିହିଡ଼ି,୧୯।୯(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତର ବାଂଶବାଗ ଗ୍ରାମରେ ଥିବା ମହାଦେବ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଗୁରୁବାର ମିଳିଛି। ମୃତକଙ୍କ ନାଁ ସୁବାସ ଚନ୍ଦ୍ର ସାହୁ(୪୦)। ସୂଚନା ଅନୁଯାୟୀ, ସୁବାସ ମଙ୍ଗଳବାର ରାତିରେ ପୋଖରୀକୁ ଶୌଚ ହେବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରଦିନ ପରିବାର ଲୋକେ ପୋଖରୀ ଆଡ଼ିରେ ସୁବାସଙ୍କ ପ୍ୟାଣ୍ଟ ଓ ଶାର୍ଟ ଦେଖି ସେ ପୋଖରୀରେ ପଡ଼ି ବୁଡ଼ି ଯାଇଥିବା ସନ୍ଦେହ କରିଥିଲେ। ତିହିଡ଼ିରୁ ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ପୋଖରୀରେ ସୁବାସଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପୋଖରୀରୁ ମୃତଦେହ ବାହାର କରିଥିଲେ। ପରେ ପୋଲିସ ମୃତଦେହ ଜବତ କରିଥିଲା।

# ଗାଁକୁ ପଶିପାରିଲାନି ଆମ୍ବୁଲାନ୍ସ

## ଷ୍ଟ୍ରେଚରରେ ବୁହାହେଲେ ରୋଗୀ

ବନ୍ତ,୧୯।୯ (ହରିନାରାୟଣ ମହାନ୍ତି)



ରାସ୍ତା ଖରାପ ଯୋଗୁ ଗାଁକୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ଫଳରେ ରୋଗୀଙ୍କୁ ୧ କି.ମି. ପର୍ଯ୍ୟନ୍ତ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡ଼ିଥିଲା। ଗୁରୁବାର ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତର ବୃନ୍ଦାବନପୁର ଗ୍ରାମରେ ଏଭଳି ଦେଖିବାକୁ ମିଳିଛି।

ଗ୍ରାମର ଏକା ବାରିକ(୫୫) ୨ ବର୍ଷ ହେବ ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ଥିଲେ। ଗୁରବାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ରାସ୍ତା ଖରାପ ଯୋଗୁ ଗାଁ ଭିତରକୁ ଯାଇ ନ ପାରି ୧ କି.ମି. ଦୂରରେ ରହିଥିଲା। ଗାଁର ଯୁବକ ଓ ଛାତ୍ରମାନେ ଏକାଙ୍କୁ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବା ପରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଗତ ଫେବୃଆରୀରେ ନୂଆ ରାଜ୍ୟ ରାଜପଥର ସୁନାମୁହିଁ ଛକଠାରୁ ହାସିନପୁର ହନୁମାନ ମନ୍ଦିର ଛକ ଭାୟା ଦାସସାହି ଆର୍.ଡି ରାସ୍ତା, ମୁଣ୍ଡାସାହି ଛକ ଏବଂ ରୁପୁଡ଼ି ଶିବ ମନ୍ଦିର ଗ୍ରାମ୍ୟ ରାସ୍ତା ଛକ ପ୍ରକଳ୍ପ ପାଇଁ ୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହି ରାସ୍ତା କାର୍ଯ୍ୟ ଫେବୃଆରୀରେ ଆରମ୍ଭ ହେବାକୁ ଥିବାବେଳେ ନିର୍ବାଚନ ଆଚରଣ ବିଧି ଲାଗୁ ଯୋଗୁ ଜୁନ୍‌ରେ ଆରମ୍ଭ ହୋଇଥିଲା। ନଭେମ୍ବର ସୁଦ୍ଧା ଶେଷ ହେବାକୁ ଥିବାବେଳେ ୨ ମାସ ତଳେ ଏହି ରାସ୍ତା କାର୍ଯ୍ୟ ଚାଲିଥିବା ସମୟରେ କୌଣସି କାରଣରୁ ବିବାଦ ଯୋଗୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। କିଛିଦିନ ତଳେ ଏହି ବିବାଦର ସମାଧାନ ପରେ ରାସ୍ତା ନିର୍ମାଣ କାର୍ଯ୍ୟ ପୁନଃ ଆରମ୍ଭ ହୋଇଛି। ଏ ପରିପେକ୍ଷୀରେ ରାସ୍ତା ପାର୍ଶ୍ୱରୁ ମାଟି ଖୋଳାଯାଇ ପକା ଯିବା ସହ ବାଲି ପକାଯାଇଥିବା ଦେଖିବାକୁ ମିଳିଛି। ବର୍ଷା ହେବା ଯୋଗୁ ଉକ୍ତ ରାସ୍ତାରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ସୁରଥ ବେହେରା କହିଛନ୍ତି, ବିବାଦ ଯୋଗୁ ଏହି ରାସ୍ତାକାର୍ଯ୍ୟ ୨ ମାସ ବନ୍ଦ ରହିଥିଲା। ଏବେ ପୁନଃ କାମ ଆରମ୍ଭ ହୋଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଶେଷ ହେବ।

# 'ଅପରାଜେୟ ଥିଲେ ଅର୍ଜୁନ'



ପୂର୍ବତନ ମନ୍ତ୍ରୀ ଅର୍ଜୁନ ସେଠୀଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

ଆଗରପଡ଼ା,୧୯।୯(ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଆଗରପଡ଼ା ଲକ୍ଷ୍ମୀବଜାରଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ଏମ୍‌ପି ମହାନ ଜନନାୟକ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ୮୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱର୍ଗତ ସେଠୀ ଭଦ୍ରକରୁ ୮ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ବେଳେ ଭାଜପା ବିଜେଡି ମେଣ୍ଟ ସରକାରରେ କେନ୍ଦ୍ର ଜଳ ସମ୍ପଦ ବିଭାଗର ମନ୍ତ୍ରୀ ପଦ ପାଇଥିଲେ। ତାଙ୍କ ଜୀବଦଶା ମଧ୍ୟରେ କେବେ ନିର୍ବାଚନ ହାରି ନ ଥିବାରୁ ତାଙ୍କୁ ଅପରାଜେୟ ଅର୍ଜୁନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ପୁରୁଷଣ୍ଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱର୍ଗତ ସେଠୀଙ୍କ ପୁଅ ତଥା ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ଭାଜପା ନେତା ସୁଧାଂଶୁ ଶେଖର ନାୟକ, ମଳୟ ଜେନା, ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତାମୟୀ ବେହେରା, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଚୈତନ୍ୟ ଖିଲାର ପ୍ରମୁଖ ଯୋଗଦେଇ ଆନନ୍ଦପୁର ବ୍ୟାରେଜ ନିର୍ମାଣ ସହ ଭଦ୍ରକ ସଂସଦୀୟ କ୍ଷେତ୍ର ପ୍ରତି ସ୍ୱର୍ଗତ ସେଠୀଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ତାଙ୍କ ରାଜନୈତିକ ଜୀବନ ଆଦର୍ଶର ସ୍ତୁତିଚାରଣ କରିଥିଲେ। ମଣ୍ଡଳ ସଭାପତି ଶିବାନନ୍ଦ ଦାସ ଅଧିକାରୀ, ପୂର୍ବତନ ମଣ୍ଡଳ ସଭାପତି ଗୋପାଳକୃଷ୍ଣ ଦାଶ, ହେମନ୍ତ ସିଂହ, ଅମୂଲ୍ୟରତ୍ନ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଆର୍ଥିକ ଦଣ୍ଡ ଗଣିବେ ନେସ୍କୋ କର୍ତ୍ତୃପକ୍ଷ

ଭଦ୍ରକ,୧୯।୯(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗ ବୁଧବାର ଏକ ବିଦ୍ୟୁତ୍ ଉପଭୋକ୍ତାଜନିତ ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ଏହି ରାୟରେ ତ୍ରୁଟିପୂର୍ଣ୍ଣ ରିପୋର୍ଟ ପାଇଁ ନେସ୍କୋ କର୍ତ୍ତୃପକ୍ଷଙ୍କୁ ଆର୍ଥିକ ଦଣ୍ଡ ଗଣିବାକୁ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ୨୦୧୯ ସେପ୍ଟେମ୍ବର ୨୩ରେ ନେସ୍କୋ ପକ୍ଷରୁ ତିହିଡ଼ି ଥାନା ଅଧୀନ ଦୋଳସାହି ଗ୍ରାମର ପ୍ରଶାନ୍ତ ମହଲାଙ୍କ ଘରେ ବିଦ୍ୟୁତ୍ ସଂଯୋଗ ଯାଞ୍ଚ କରାଯାଇଥିଲା। ନିର୍ବାହୀ ଯନ୍ତ୍ରୀ, ଭିଜିଲାନ୍ସ ଟିମ୍ ଓ କର୍ମଚାରୀଙ୍କ ସହ ଯାଞ୍ଚ କରି ବେଆଇନ ବିଦ୍ୟୁତ୍ ବ୍ୟବହାର କରୁଥିବା ନେଇ ୧୪୪୦ ଟଙ୍କା ଫାଇନ୍ କାଟିଥିଲେ। ସେ ୧ କିଲୋ ୱାଟ୍‌ର ବିଦ୍ୟୁତ୍ ସଂଯୋଗ ନେଇ ସାଢ଼େ ୩ କିଲୋ ୱାଟ୍ ବିଦ୍ୟୁତ୍ ବ୍ୟବହାର କରୁଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏହି ଯାଞ୍ଚ ରିପୋର୍ଟରେ ପ୍ରଶାନ୍ତ କିମ୍ବା ତାଙ୍କ ପରିବାର ଲୋକଙ୍କ ଦସ୍ତଖତ ନ ଥିଲା। ଏହି ଘଟଣାକୁ ନେଇ ପ୍ରଶାନ୍ତ ଉପଭୋକ୍ତା ବିବାଦ ସମାଧାନ ଆୟୋଗରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଥିଲା। ଉପଭୋକ୍ତା ବିବାଦ ସମାଧାନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ନେସ୍କୋ କର୍ତ୍ତୃପକ୍ଷ ଗତ ଅଗଷ୍ଟ ୨୨ରେ ଆଉଥରେ ସର୍‌ଜମିନ୍ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ପରେ ତାଙ୍କ ଘରେ ୧ କିଲୋ ୱାଟ୍‌ର ବିଦ୍ୟୁତ୍ ବ୍ୟବହାର ହେଉଥିବା ଜଣାପଡ଼ିଥିଲା। ନେସ୍କୋ ପକ୍ଷରୁ ପୂର୍ବରୁ ଦିଆଯାଇଥିବା ରିପୋର୍ଟ ତ୍ରୁଟି ବୋଲି ପ୍ରମାଣିତ ହେବା ପରେ ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି, ସଭ୍ୟା ମଧୁସ୍ମିତା ସ୍ୱାଇଁ ଉପଭୋକ୍ତା ପ୍ରଶାନ୍ତଙ୍କୁ କ୍ଷତିପୂରଣ ବାବଦକୁ ନେସ୍କୋ କର୍ତ୍ତୃପକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାୟ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରା ନ ଗଲେ ବାର୍ଷିକ ୬ ପ୍ରତିଶତ ସୁଧ ହାରରେ ଉକ୍ତ ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ରହିଛି।

# ଚିଙ୍ଗୁଡ଼ି ମାଫିଆଙ୍କ କବ୍‌ଜାରେ ସ୍ଲୁଇସ୍ ଗେଟ୍



ଚାଷୀମାନେ ମତ୍ସ୍ୟ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଚାନ୍ଦବାଲି,୧୯।୯(କିଷାନ ପାତ୍ର)

## ଲୁଣାପାଣି ମାଡ଼ି ନଷ୍ଟ ହେଉଛି ଚାଷ

ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳରେ ଚିଙ୍ଗୁଡ଼ି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅଧିକ ରୋଜଗାର ପାଇଁ ଚାଷୀଙ୍କ ପେଟକୁ ପ୍ରହାର କରୁଛନ୍ତି ଚିଙ୍ଗୁଡ଼ି ମାଫିଆମାନେ। ସମବାୟରୁ ଋଣ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷ କରୁଥିବା ବେଳେ ଏବେ ଲୁଣାପାଣି ମାଡ଼ି ସବୁ ନଷ୍ଟ ହୋଇଯାଉଛି। ଏନେଇ ଚାଷୀମାନେ ଗୁରୁବାର ମତ୍ସ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଚାଷୀମାନେ ଦର୍ଶାଇଛନ୍ତି ଯେ, ଚାନ୍ଦବାଲି ଏନ୍‌ଏସିସ୍ଥିତ ହରିପୁର, ଉତ୍ତରଖମା, ସୋମପୁର, କୁଆଁରସର ଆଦି ଗ୍ରାମର ଶତାଧିକ ଚାଷୀଙ୍କ ହଜାର ହଜାର ଏକର ଜମିରେ ଏବେ ଲୁଣାପାଣି ମାଡ଼ି ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯିବାକୁ ବସିଲାଣି। ଉକ୍ତ ଜମିଗୁଡ଼ିକୁ ମଧୁର ଜଳ ଯୋଗାଇବା ନିମନ୍ତେ ଜଳ ସମ୍ପଦ ବିଭାଗ ପକ୍ଷରୁ ହରିପୁର ନିକଟରେ ଏକ ସ୍ଲୁଇସ୍‌ଗେଟ୍ ନିର୍ମାଣ କରାଯାଇଛି। କିନ୍ତୁ ତାହା ଏବେ ଚିଙ୍ଗୁଡ଼ି ମାଫିଆଙ୍କ କବ୍‌ଜାରେ। ସେମାନେ ଜୋରଜବରଦସ୍ତ ବେନାମୀ ଚିଙ୍ଗୁଡ଼ି ଚାଷ ପାଇଁ ଲୁଣାପାଣି ନେଉଛନ୍ତି। ଫଳରେ ସେହି କେନାଲ ଦେଇ ଲୁଣାପାଣି ମାଡ଼ି ଚାଷ ତଳି ସବୁ ନଷ୍ଟ ହୋଇଯାଇଛି। ଏନେଇ ନିରଞ୍ଜନ ସାହୁ, ଉମେଶ ଚନ୍ଦ୍ର ସାହୁ, ସୁରେନ୍ଦ୍ର ସାହୁ, ବାଉରୀ ବାରିକ, ଚକ୍ରଧର ଦାସ, ସୁବାସ ଚନ୍ଦ୍ର ସେଠୀ, ଗୋଲେଖ ମହାକୁଡ଼, ମହେଶ୍ୱର ଦାସଙ୍କ ସମେତ ଶତାଧିକ ଚାଷୀ ଚାନ୍ଦବାଲି ମତ୍ସ୍ୟ ଅଧିକାରୀ ଶାନ୍ତନୁ କୁମାର ସାହୁଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏଥିସହ ସାଙ୍ଗରେ ଜମିକୁ ଯାଇ ଲୁଣାପାଣି ମାଡ଼ି ଚାଷ କେମିତି ନଷ୍ଟ ହୋଇଛି ଦେଖିବାକୁ ସେମାନଙ୍କ ଜିଦ୍ ଧରିଥିଲେ। ତୁରନ୍ତ ସମସ୍ୟା ସମାଧାନ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଶୁକ୍ରବାର ଚାଷଜମି ପରିଦର୍ଶନ କରିବେ ବୋଲି ମତ୍ସ୍ୟ ଅଧିକାରୀ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ରେଳ ମହାପ୍ରବନ୍ଧକଙ୍କ ସହ ସଂଗ୍ରାମ ସମିତି କର୍ମକର୍ତ୍ତାଙ୍କ ଆଲୋଚନା

ଯାଜପୁର,୧୯।୯(ହର୍ଷବର୍ଦ୍ଧନ ବେହେରା)

## ପ୍ରସ୍ତାବିତ ଯାଜପୁର ରୋଡ୍-ଧାମରା ନୂତନ ରେଳପଥ

ପ୍ରସ୍ତାବିତ ଯାଜପୁର ରୋଡ୍-ଧାମରା ନୂତନ ରେଳପଥର ଅଗ୍ରଗତି ସମ୍ପର୍କରେ ଗୁରୁବାର ସଂଗ୍ରାମ ସମିତି ପକ୍ଷରୁ ଏକ ପ୍ରତିନିଧି ଦଳ ପୂର୍ବତଟ ରେଳବାଇର ମହାପ୍ରବନ୍ଧକଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ ପୂର୍ବକ ଆଲୋଚନା କରିଛନ୍ତି। ରେଳବାଇ ବୋର୍ଡ଼ ସହ ପୂର୍ବତଟ ରେଳପଥ ମଧ୍ୟରେ ହୋଇଥିବା ମତ ଆଦାନ ପ୍ରଦାନରେ ଅଗ୍ରଗତି ହୋଇଛି । ଏଥିପାଇଁ ତତ୍ପରତା ପ୍ରକାଶ ପାଇବା ସହ ପ୍ରକଳ୍ପର ମୂଲ୍ୟାୟନ ଚାଲିଛି ବୋଲି ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍ଗୱାଲ ସୂଚନା ଦେଇଛନ୍ତି।

ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତିର ପ୍ରତିନିଧି ଦଳ ତାଙ୍କ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି, ରେଳବାଇ ବୋର୍ଡ଼ ପାଖରେ ଉପସ୍ଥାପିତ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର)ର ମୂଲ୍ୟାୟନକୁ ନେଇ ବୋର୍ଡ଼ ପକ୍ଷରୁ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କ ସହ ବାରମ୍ବାର ଆଲୋଚନା କରାଯିବା ସ୍ୱାଗତଯୋଗ୍ୟ। ମାତ୍ର ଏହି ମୂଲ୍ୟାୟନ ସମୟରେ ଲାଭର ସମ୍ଭାବନା ସଂକ୍ରାନ୍ତୀୟ ଆକଳନ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି। ଡିପିଆରରେ ୧୪.୫୧ ପ୍ରତିଶତ ଫାଇନାନ୍ସିଆଲ ଇଣ୍ଟରନାଲ ରେଟ ଅଫ୍ ରିଟର୍ନ(ଏଫଆଇଆରଆର) ଓ ୨୪.୨୨ ପ୍ରତିଶତ ଇକୋନୋମିକ ଇଣ୍ଟରନାଲ ରେଟ୍ ଅଫ୍ ରିଟର୍ନ(ଇଆଇଆର୍‌ଆର୍)ର ଯେଉଁ ଆକଳନ କରାଯାଇଛି, ତାହା ବାସ୍ତବତାଠାରୁ ଯଥେଷ୍ଟ କମ ଅଟେ। ପ୍ରକଳ୍ପ ମଞ୍ଜୁରୀ ପାଇଁ ଲାଭର ସମ୍ଭାବନା ସଂକ୍ରାନ୍ତୀୟ ଆକଳନ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହାର ଯଥାଯଥ ସଂଶୋଧନ କରାଯିବା କଥା। ଏପରି କି ଡିପିଆରରେ ଯେଉଁ ଆକଳନ କରାଯାଇଛି, ତାହା ମଧ୍ୟ ପ୍ରକଳ୍ପ ମଞ୍ଜୁରୀ ପାଇଁ ଆବଶ୍ୟକତା ଥିବା ଶତକଡା ୧୦ ଭାଗ ଲାଭର ସମ୍ଭାବନାଠାରୁ ଅଧିକ ଥିବାରୁ କାଳବିଳମ୍ବ ନ କରି ପ୍ରକଳ୍ପକୁ ରେଳବାଇ ବୋର୍ଡ଼ ମଞ୍ଜୁରୀ ପ୍ରଦାନ କରିବାକୁ ପ୍ରତିନିଧି ଦଳ ଦାବି କରିଥିଲେ। ଡିପିଆରରେ ପ୍ରଥମରୁ ସ୍ୱୀକାର କରାଯାଇଛି ଯେ, ଏହି ରେଳପଥ ନିର୍ମାଣ ପାଇଁ ଜନସାଧାରଣଙ୍କ ପକ୍ଷରୁ ବ୍ୟାପକ ଦାବି ହେଉଛି। ଆହୁରି ଦର୍ଶାଯାଇଛି ଯେ, ଭଦ୍ରକ-ଧାମରା ଘରୋଇ ରେଳପଥ ବ୍ୟତୀତ ବନ୍ଦରରୁ ଓ ବନ୍ଦରକୁ ମାଲ ପରିବହନ ପାଇଁ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ପ୍ରାକୃତିକ ଦୁର୍ବିପାକ ସମୟରେ ବନ୍ଦର ଓ ରେଳପଥ ଅଚଳ ହୋଇଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଯାଜପୁର ରୋଡ୍-ଧାମରା ରେଳପଥ ନିର୍ମାଣ କରାଯାଇ ବିକଳ୍ପ ବ୍ୟବସ୍ଥା କରିବାକୁ ଡିପିଆରରେ ପ୍ରସ୍ତାବ ଦିଆଯାଇଛି।

ଏହି ପ୍ରତିନିଧି ଦଳରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଓ ପ୍ରଫୁଲ୍ଲ ସାମଲ, ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ମଳୟ କୁମାର ପଣ୍ଡା, ଭବପ୍ରସାଦ ଦାସ, ସତ୍ୟପ୍ରକାଶ ବେହୁରିଆ, ପ୍ରଫୁଲ୍ଲ ନାୟକ, ଭାଗୀରଥୀ ସାହୁ, ଦିଲ୍ଲୀପ କୁମାର ଦଳେଇ, ସୁବାସ ଧଳ, ଚନ୍ଦ୍ରଶେଖର ନାୟକ, ବାବୁଲି ପାତ୍ର, ଇତିଶ୍ରୀ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ୯୬ ୟୁନିଟ୍ ରକ୍ତ ସଂଗୃହୀତ



ଶିବିରରେ ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ଓ ଅନ୍ୟମାନେ।

ଚାନ୍ଦବାଲି, ୧୯।୯(କିଷାନ ପାତ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଭାଜପା ପକ୍ଷରୁ ଚଳିତ ସପ୍ତାହକୁ ସେବା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ଚାନ୍ଦବାଲି ବ୍ଲକ ମତୋ କଲ୍ୟାଣ ମଣ୍ଡପଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୬ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତିରଞ୍ଜନ ନାୟକ ସଂଯୋଜନା କରିଥିଲେ। ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣି, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ରାଉଳ, ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, କୃଷକମୋର୍ଚ୍ଚା ଜିଲା ସଭାପତି ଅଶୋକ କୁମାର ରାଉଳ, ଯୁବମୋର୍ଚ୍ଚା ଜିଲା ଉପସଭାପତି ସନ୍ଦୀପ କୁମାର ନାୟକ, ମଣ୍ଡଳ ସଭାପତି ରତ୍ନରାଜ ଦାଶ, ବିଳାସ ରଞ୍ଜନ ନାୟକ, ସଂଗ୍ରାମ ସାହୁ, ଚନ୍ଦନ ଦାଶ, ଗୌରହରି ରାଉତ, ନିଲୁ ନାୟକ, ସଂଗ୍ରାମ ପୁହାଣ, ପ୍ରସାଦ ନାୟକ, ମୟୁର ସାହୁ, ପ୍ରକାଶ ରାଉଳ, ପ୍ରମୋଦ ମହାନ୍ତି, ନନ୍ଦିନୀ ବେହେରା, ସୁଶ୍ରୀ ଦାଶ, ଚିତ୍ତରଞ୍ଜନ ମହାନ୍ତି, କାହ୍ନୁ ମହାଲିକ, ବିଘ୍ନେଶ ରଥ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

# ଭାଜପା ପକ୍ଷରୁ ସଫେଇ, ଜନସଚେତନତା

ଭଣ୍ଡାରିପୋଖରୀ,୧୯।୯(ରାଜେନ୍ଦ୍ର ଶତପଥୀ)

ଭାଜପାର ସେବା ପକ୍ଷ ପାଳନ ଅବସରରେ ସୁବର୍ଣ୍ଣମୁଖୀ ମଣ୍ଡଳ ପକ୍ଷରୁ ଗୁରୁବାର ନେରଡ଼ା ପଞ୍ଚାୟତର ପୁରିପଡ଼ା ଡାହାଲାଠାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବଜାର ଅଞ୍ଚଳ, ମନ୍ଦିର ପରିସର ସଫେଇ କରାଯିବା ସହ ପରିବେଶ ସଫାସୁତୁରା ରଖିବାକୁ ଜନସଚେତନତା ସୃଷ୍ଟି କରାଯାଇଥିଲା। ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ, ପୂର୍ବତନ ସମିତିସଭ୍ୟ ପ୍ରଣବ ରାଉତ, ପୂର୍ବତନ ମଣ୍ଡଳ ସଭାପତି ପ୍ରଦୀପ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସେନାପତି, ପ୍ରହ୍ଲାଦ ସାହୁ, ନେରଡ଼ା ପଞ୍ଚାୟତ ସଭାପତି ବିବେକାନନ୍ଦ ସାହୁ, କୈଳାସ ସାହୁ, ତରଣୀସେନ ପଣ୍ଡା, ରାଜେଶ ବିଶ୍ୱାଳ, ରବୀନ୍ଦ୍ର ଦେଓ, ରଶ୍ମିରଞ୍ଜନ ଜେନା, ଅକ୍ଷୟ ରାଉତଙ୍କ ସମେତ ଦଳୀୟ କର୍ମୀ ଏଥିରେ ସାମିଲ ଥିଲେ।

# ଦୃଷ୍ଟିହୀନ ଶଶିକାନ୍ତଙ୍କ ପରିବାରକୁ ଛେଳି ସହାୟତା

ଚାନ୍ଦବାଲି,୧୯।୯(କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସି ଅଧୀନ କନ୍ଧା ଗ୍ରାମର ଦୃଷ୍ଟିହୀନ ଶଶିକାନ୍ତ ନାୟକଙ୍କୁ ଚାନ୍ଦବାଲି ବିକାଶ ପରିଷଦ ପକ୍ଷରୁ ଆର୍ଥିକ ସ୍ୱଚ୍ଛଳତା ପାଇଁ ସହାୟତା ସ୍ୱରୂପ ୪ଟି ଛେଳି ପ୍ରଦାନ କରାଯାଇଛି। କିଛିଦିନ ତଳେ ଶଶିକାନ୍ତ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ମୁଣ୍ଡରେ ଟ୍ୟୁମର ଅପରେଶନ କରିଥିଲେ। ତା'ପରେ ତାଙ୍କ ଆଖିକୁ ଆଉ ଦେଖାଯାଇ ନ ଥିଲା। ପରୀକ୍ଷା ନିରୀକ୍ଷା ପରେ ସେ ଦୃଷ୍ଟିଶକ୍ତି ହରାଇଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ବିକାଶ ପରିଷଦର କାର୍ଯ୍ୟକର୍ତ୍ତା ଜାଣିବା ପରେ ଶଶିକାନ୍ତଙ୍କ ପାଖରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି। ପରିଷଦର ଉପଦେଷ୍ଟା ବଂଶୀଧର ଭୋଇ, ସଭାପତି ନିରୋଜ କୁମାର ରାଉତ, ସମ୍ପାଦକ ମହେଶ୍ୱର ବଳ, ଡ. ଦିଲୀପ କୁମାର ମହାନ୍ତି, ଡ. ସନ୍ତୋଷ କୁମାର ବେହେରା, ଡ. ସୁଜିତ କୁମାର ସାହୁଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଉଦ୍‌ଘାଟନ ଅପେକ୍ଷାରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ

ବାସୁଦେବପୁର,୧୯।୯(ନାରାୟଣ ପ୍ରସାଦ ବାରିକ୍)



ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍।

- ଠିକାଦାରଙ୍କୁ ମିଳୁନି ବକେୟା ପ୍ରାପ୍ୟ
- ହସ୍ତାନ୍ତର ନ ହେବାରୁ କାର୍ଯ୍ୟକ୍ଷମ ହୋଇପାରୁନି

ଭଦ୍ରକ ଜିଲା ବାସୁଦେବପୁର ସହରର ଅଟଳ ବିହାରୀ ହାଇସ୍କୁଲ ପାର୍ଶ୍ୱରେ ନିର୍ମିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ନିର୍ମାଣ ସରିଥିଲେ ହେଁ ଦୀର୍ଘଦିନ ହେଲା ଉଦ୍‌ଘାଟନ ଅପେକ୍ଷାରେ ରହିଛି। ଏହି ଷ୍ଟାଡିୟମ୍ ନିର୍ମାଣ ପାଇଁ ୧୦ କୋଟି ୫୦ ଲକ୍ଷ ବ୍ୟୟବରାଦ ହୋଇଥିଲା ବେଳେ ଟେଣ୍ଡର ପ୍ରକ୍ରିୟାରେ ୭.୩୫ କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା। ରାଜ୍ୟ ସରକାର ୨୦୨୨ ମାର୍ଚ୍ଚ ୨୮ରେ ଟେଣ୍ଡର ମାଧ୍ୟମରେ ଏମ୍‌ଡିଏସ୍‌ଏଚ୍ କନଷ୍ଟ୍ରକ୍‌ସନ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ସହ ଚୁକ୍ତିବଦ୍ଧ ହୋଇଥିଲେ। ୩ମହଲା ବିଶିଷ୍ଟ ଏହି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ୨ଟି ଯୋଗକେନ୍ଦ୍ର ଗୃହ, ୨ଟି ଜିମ୍ ଗୃହ, ୪ଟି ବ୍ୟାଡ୍‌ମିଣ୍ଟନ କୋଟ୍ ଓ ୩ଟି ଟେବୁଲ ଟେନିସ୍ କୋଟ୍ ନିର୍ମାଣ ହୋଇଛି। ଷ୍ଟାଡିୟମ୍‌ର ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ଠିକାଦାର ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରି ନ ଥିବାରୁ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ।

୨୦୨୩ ମାର୍ଚ୍ଚ ୨୮ରେ ଏହି ଷ୍ଟାଡିୟମ୍‌ର ନିର୍ମାଣ କାର୍ଯ୍ୟ ସରିବାକୁ ଧାର୍ଯ୍ୟ ହୋଇଥିଲା। ପୂର୍ବତନ ରାଜ୍ୟ ସରକାର ସମ୍ପୃକ୍ତ ଠିକାଦାର ଗୋପାଳ ଅଗ୍ରୱାଲଙ୍କୁ ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରି କ୍ରୀଡ଼ା ବିଭାଗକୁ ହସ୍ତାନ୍ତର କରିବାକୁ ପୁନଶ୍ଚ ନିର୍ଦ୍ଦେଶ ଦେଇଥିଲେ। ଧାର୍ଯ୍ୟ ସମୟଠାରୁ ୪ ମାସ ପୂର୍ବରୁ ଷ୍ଟାଡିୟମ କାର୍ଯ୍ୟ ଶେଷ କରିବାକୁ ଠିକାଦାର ଅମଙ୍ଗ ହେବାରୁ ଏନେଇ ତାଙ୍କ ବିରୋଧରେ ହାଇକୋର୍ଟରେ କେସ୍ ହୋଇଥିଲା। ଏହି କେସ୍‌ରେ ଠିକାଦାରଙ୍କ ଜିତାପଟ ହେବା ପରେ ରାଜ୍ୟ ସରକାର ଏନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଠିକାଦାରଙ୍କ ସପକ୍ଷରେ ଯିବା ପରେ ଠିକାଦାର ଷ୍ଟାଡିୟମ କାର୍ଯ୍ୟ ତ୍ୱରାନ୍ୱିତ କରି ଶେଷ କରିଥିଲେ। ତାଙ୍କ ବକେୟା ପ୍ରାପ୍ୟ ୪ କୋଟି ଓ ଷ୍ଟାଡିୟମ ଡ୍ରଇଂସିଟ୍‌ରେ ନ ଥିବା କିଛି ଆବଶ୍ୟକ ଓ ଆନୁସଙ୍ଗିକ କାର୍ଯ୍ୟ ବାବଦକୁ ୨.୫ କୋଟି ଏହିପରି ମୋଟ ୬.୫ କୋଟି ଟଙ୍କା ବକେୟା ଥିବାରୁ ଷ୍ଟାଡିୟମ୍ ହସ୍ତାନ୍ତର କ୍ଷେତ୍ରରେ ସମସ୍ୟା ଉପୁଜିଛି ବୋଲି ଠିକାଦାର ଅଗ୍ରୱାଲ କହିଛନ୍ତି। ତୁରନ୍ତ ତାଙ୍କୁ ଏହି ଅର୍ଥ ପ୍ରଦାନ କରାଯିବାକୁ ସେ ନିବେଦନ କରିଛନ୍ତି।

ବାସୁଦେବପୁର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଇନ୍‌ଡୋର ଷ୍ଟାଡିୟମ୍ ନ ଥିବାବେଳେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଉଦ୍ୟମରେ ଏବି ହାଇସ୍କୁଲ ପଛପାର୍ଶ୍ୱରେ ଥିବା ସ୍କୁଲ ଜମିରେ ଏହି ଷ୍ଟାଡିୟମ୍ ନିର୍ମାଣ କରାଯାଇଥିଲା। ବିଶେଷକରି ସ୍କୁଲ ଓ କଲେଜରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ଦକ୍ଷତା ବୃଦ୍ଧି ଏହାର ମୌଳିକ ଲକ୍ଷ୍ୟ। ନିର୍ମାଣ କାର୍ଯ୍ୟ ପ୍ରାୟତଃ ସରିଥିବା ବେଳେ ପ୍ରଶାସନିକ ଓ ରାଜ୍ୟ ସରକାରଙ୍କ ଉଦାସୀନତା ପାଇଁ ଏହା କାମରେ ଆସିପାରୁ ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଏବେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ଥିବାବେଳେ ଏ ଦିଗରେ ସେ ହସ୍ତକ୍ଷେପ କରି ତୁରନ୍ତ ଇନ୍‌ଡୋର ଷ୍ଟାଡିୟମ୍‌କୁ ଉଦ୍‌ଘାଟନ ଓ କାର୍ଯ୍ୟକ୍ଷମ ଦିଗରେ ପଦକ୍ଷେପ ନେଲେ ଶତାଧିକ କ୍ରୀଡ଼ାବିତ୍ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଉଛି। ସେହିପରି ବିଧାୟକ ଅଶୋକ କୁମାର ଦାସ ଏହି ଷ୍ଟାଡିୟମ୍ କିପରି ତୁରନ୍ତ କାର୍ଯ୍ୟକ୍ଷମ ହୋଇପାରିବ, ସେ ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଆର୍ ଆଣ୍ଡ ବି ବିଭାଗର ଭାରପ୍ରାପ୍ତ ବାସୁଦେବପୁର ଏସ୍‌ଡିଓ ଡମ୍ବରୁଧର ମଣ୍ଡଳ କହିଛନ୍ତି, ଠିକାଦାର ଷ୍ଟାଡିୟମର କିଛି ଅଂଶ କାର୍ଯ୍ୟ ବାକି ରଖିଥିବା ବେଳେ ଚାରିପାଖରେ ପେଭର ବ୍ଲକ କାର୍ଯ୍ୟ ଶେଷ ହୋଇନାହିଁ। ଶୀଘ୍ର ଶେଷ କରିବାକୁ ଠିକାଦାରଙ୍କୁ କୁହାଯାଇଛି। ପ୍ରାୟ ୧ ମାସ ମଧ୍ୟରେ ଏହା କାର୍ଯ୍ୟକ୍ଷମ କରିବାକୁ ଆଶା ରଖାଯାଇଛି। ଏହି ଷ୍ଟାଡିୟମକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ ମଧ୍ୟ ସରିନାହିଁ। ଏ ଦିଗରେ ବିଭାଗ ଦୃଷ୍ଟି ଦେଉଛି। ଅପରପକ୍ଷେ ଠିକାଦାର ଅଗ୍ରୱାଲ କହିଛନ୍ତି, ଷ୍ଟାଡିୟମ କାର୍ଯ୍ୟ ଶେଷ ହୋଇଥିବା ବେଳେ ପ୍ରାୟ ୧୦ ପ୍ରତିଶତ କାର୍ଯ୍ୟ ପେଭର ବ୍ଲକ କାମ ଚାଲୁ ରହିଛି। ତୁରନ୍ତ ବକେୟା ଟଙ୍କା ପ୍ରଦାନ କଲେ ସପ୍ତାହ ମଧ୍ୟରେ ସେ ସମସ୍ତ କାର୍ଯ୍ୟ ସାରି ବିଭାଗକୁ ହସ୍ତାନ୍ତର କରିପାରିବେ। ଚଳିତବର୍ଷ ମେ ସୁଦ୍ଧା ୯୦ ପ୍ରତିଶତ କାର୍ଯ୍ୟ ଶେଷ କରି ସାରିଛନ୍ତି।

**ଚକମହାସମପୁର ପ୍ରାଥମିକ ବିଦ୍ୟାଳୟରୁ ଚୋରି**

**ଖଇରା,(ଉତ୍କଳବନ୍ଧୁ ପଣ୍ଡା)**-ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ ଚକମହାସମପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟରୁ ସୋମବାର ରାତିରେ ଚୋରି ହୋଇଯାଇଥିବା ନେଇ ଖଇରା ପ୍ରଧାନଶିକ୍ଷକ ବିବେକାନନ୍ଦ ଦାସ ଥାନାରେ ଅଭିଯୋଗ କରିଛନ୍ତି। ଚୋରମାନେ ବିଦ୍ୟାଳୟ ଫାଟକ ତାଲା ଭାଙ୍ଗି ୧ କୁଇଣ୍ଟାଲ ଚାଉଳ, ରୋଷେଇ ଉପକରଣ, ହୋମ ଥିଏଟର ଚୋରାଇ ନେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ବାଲେଶ୍ୱର



ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ. ରାଜ୍ୟ ରାଜପଥର ପଟିସାହି ଗ୍ରାମ ରାସ୍ତାରେ ପ୍ରବାହିତ ବନ୍ୟାଜଳ।



ଜଳେଶ୍ୱର ବ୍ଲକ ପଶ୍ଚିମବାର୍ଡ ଅଞ୍ଚଳରେ ବନ୍ୟାଜଳ।

## ସୁବର୍ଣ୍ଣରେଖା ବନ୍ୟା କମୁଛି
# ଯନ୍ତ୍ରଣାରେ ବିପନ୍ନ

**ଭୋଗରାଇ(ପ୍ରଦୀପ ଦାସ)/ ଜଳେଶ୍ୱର(ରବିନାରାୟଣ ପାତ୍ର), ୧୯।୯**

ସୁବର୍ଣ୍ଣରେଖା ବନ୍ୟାର ୪ଦିନ ବିତିଥିଲେ ମଧ୍ୟ ୪ ବ୍ଲକର ସ୍ଥିତି ଉଦବେଗଜନକ ରହିଛି। ଭୋଗରାଇ, ବାଲିଆପାଳ ସ୍ଥିତି କ୍ରମଶଃ ବିଗିଡିବାରେ ଲାଗିଛି। ଏଭଳି ସ୍ଥିତିରେ ପୂର୍ଣ୍ଣିମା ଜୁଆରରେ ବନ୍ୟାପାଣି ଗାଁମୁହାଁ ହେଉଥିବା ବେଳେ ସମୁଦ୍ରକୁ ପାଣି ନିଷ୍କାସନ କମ୍ ହେଉଛି। ସୁବର୍ଣ୍ଣରେଖା ଗେଜ୍‌ଠାରେ ଖବର ଲେଖାକୁ ଜଳସ୍ତର ବିପଦସଂକେତ ଉପରେ ୧୦.୫୦ମିଟରରେ ପ୍ରବାହିତ ହେଉଛି। ଏହି ଜଳସ୍ତର ମଧ୍ୟରାତ୍ରୀ କିମ୍ବା ଶୁକ୍ରବାର ସକାଳୁ ବିପଦସଂକେତ ତଳକୁ ଖସିବ ବୋଲି କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲ୍ୟୁସି) ସୂଚନା ଦେଇଛନ୍ତି। ରାଜଘାଟ ଜଳସ୍ତର କମୁଥିବା ବେଳେ ଜଳବନ୍ଦୀ ଥିବା ୪ ବ୍ଲକର ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଜଳ ଯନ୍ତ୍ରଣାରେ କଲବଲ ହେଉଛନ୍ତି।

ଭୋଗରାଇ ବ୍ଲକ ୨୨ପଞ୍ଚାୟତର ଶତାଧିକ ଗ୍ରାମର ୧ଲକ୍ଷ ୫୦ହଜାର ଲୋକ ଜଳବନ୍ଦୀ ହୋଇଥିବା ବେଳେ ତଳିଆ ଅଞ୍ଚଳର ସମସ୍ତ ରାସ୍ତାଘାଟ ବୁଡ଼ିଯାଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ବାତ୍ୟାଶ୍ରୟସ୍ଥଳୀ ଓ ଉଚ୍ଚ ବିଦ୍ୟାଳୟରେ ୫ହଜାରରୁ ଊର୍ଦ୍ଧ୍ୱ ବିପନ୍ନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଥିବା ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ ହିମାଂଶୁ ଶେଖର ଗିରି ସୂଚନା ଦେଇଛନ୍ତି। ଗୋଟିଏ ଗାଁରୁ ଅନ୍ୟ ଗ୍ରାମକୁ ଯିବାକୁ ହେଲେ ଡଙ୍ଗାରେ ଯିବାକୁ ଆସିବାକୁ ପଡୁଛି। ବନ୍ୟାଞ୍ଚଳରେ ସମସ୍ତ ସ୍କୁଲ ବନ୍ଦ ରହିଥିବା ବେଳେ ଭୋଗରାଇରେ ୧୭ହଜାର ହେକ୍ଟର ଧାନ ଚାଷଜମି କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଥିବା କୃଷି ବିଭାଗ ପକ୍ଷରୁ କୁହାଯାଉଛି। ସେଚ ବିଭାଗର ସମସ୍ତ କର୍ମଚାରୀ ନଦୀବନ୍ଧରେ ୨୪ଘଣ୍ଟିଆ ପହରା ଦେଉଥିବା ଏସ୍‌ଇ ନବ କୁମାର ମହାଳିକ କହିଛନ୍ତି। ଜଳେଶ୍ୱର ବ୍ଲକ ପଶ୍ଚିମବାର୍ଡ ପଞ୍ଚାୟତର ଚଡଚୋରମରା, ଦଳେଇସାହି, ମୁଖୀ ସାହି, ହରିଜନ ସାହିର ବହୁ ଘରେ ପାଣି ପଶିଥିବା ବେଳେ ଏବେ ବି ଗାଁ ଦାଣ୍ଡରେ ୪ଫୁଟରୁ ଊର୍ଦ୍ଧ୍ୱ ବନ୍ୟାପାଣି ପ୍ରବାହିତ ହେଉଛି । ପଶ୍ଚିମବାର୍ଡ ଗାଁର ଗୋଟିଏପଟେ ସୁବର୍ଣ୍ଣରେଖା ନଦୀ ରହିଛି । ଗାଁ ମଝିଦେଇ ଯୋଡଖାଲ ପ୍ରବାହିତ ହୋଇଥିବାରୁ ବନ୍ୟା ପରିସ୍ଥିତି ଅଦ୍ୟାବଧି ଗମ୍ଭୀର ରହିଛି । ଦଳେଇ ସାହିରେ ବହୁ ଗରିବ ଲୋକେ ଘରଛାଡି ଆଶ୍ରୟସ୍ଥଳରେ ରହିଛନ୍ତି। ଏହି ପଞ୍ଚାୟତରେ ପ୍ରାୟ ୧ହଜାର ହେକ୍ଟର ଜମିର ଧାନଚାଷ ପଚିଥିବା ସମ୍ପର୍କରେ ସରପଞ୍ଚ ଶମ୍ଭୁନାଥ ଜେନା ଓ ପୂର୍ବତନ ସରପଞ୍ଚ ରବି ରାୟ ତଥା ସାମାଜିକ କର୍ମୀ ସୁକୁମାର ମିଶ୍ର କହିଛନ୍ତି। ପଞ୍ଚାୟତରେ ହୋଇଥିବା ୩୫ ହେକ୍ଟର ଲଳିତା ଚାଷ ପଚିସଢି ଯାଇଛି । ୧୧ନଂ. ୱାର୍ଡରେ ବହୁ ଘରର କାନ୍ଥ ଖସିଥିବା କୁହାଯାଇଛି। ଏବେ ଗାଁରେ ଚଡନମକନା, ପଶ୍ଚିମବାର୍ଡ ମଇ ବିଦ୍ୟାଳୟ ଓ ଗୋରାଦେଇପାଟଣା ସ୍କୁଲରେ ଲୋକେ ସୁରକ୍ଷିତ ଭାବେ ରହିଛନ୍ତି । ଜଳେଶ୍ୱର ବ୍ଲକର ୭ଟି ପଞ୍ଚାୟତର ୧୯ଟି ଗାଁ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି ବୋଲି ସରକାରୀ ଭାବେ ରିପୋର୍ଟ ପଠାଯାଇଛି। ୧୧ଶହ ଲୋକ ବିପନ୍ନ ହୋଇ ବିଭିନ୍ନ ଆଶ୍ରୟସ୍ଥଳରେ ରହିଥିବାରୁ ସେମାନଙ୍କୁ ମାଗଣାଖାଦ୍ୟ ଯୋଗାଇ ଦିଆଯାଉଥିବା ତହସିଲଦାର ସତ୍ୟଜିତ୍ ମହାନ୍ତି ସୂଚନା ଦେଇଛନ୍ତି ।

# ୬୨ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ଟଙ୍କା ହଡ଼ପ




ବାଡୁଳିରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

**ସିମୁଳିଆ,୧୯।୯(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଡୁଳି ଅଞ୍ଚଳର ଖଜୁରେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୨ଜଣ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ଅର୍ଥ ହେରଫେର ସହିତ ବିଭିନ୍ନ ଅନିୟମିତତା କାରଣକୁ ନେଇ ସ୍ଥାନୀୟବାସିନ୍ଦା, ଅଭିଭାବକ ଓ ପୁରାତନ ଛାତ୍ର ସଂସଦ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ କେନ୍ଦ୍ରକରି ଗୁରୁବାର ସ୍ଥାନୀୟ ଅଞ୍ଚଳରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହାର ପର୍ଦ୍ଦାଫାଶ୍ କରାଯାଇଛି । ଏ ସମ୍ପର୍କରେ ଜିଲାପାଳ, ମୁଖ୍ୟମନ୍ତ୍ରୀ, ଜିଲା ଶିକ୍ଷା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି।

ସୂଚନା ଯେ, ଖଜୁରେଶ୍ୱର ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୦ଛାତ୍ରୀ ଓ ୧୦୨ ଛାତ୍ର ପାଠ ପଢୁଛନ୍ତି। ସେହିପରି ଶିକ୍ଷାଦାନ ପାଇଁ ୪ଜଣ ଶିକ୍ଷୟିତ୍ରୀ ଓ ୨ଜଣ ଶିକ୍ଷକ ଅଛନ୍ତି। ଗତ ୨୦୨୨-୨୩ ଶିକ୍ଷା ବର୍ଷରେ ହରିଜନ ଓ ଆଦିବାସୀ ଛାତ୍ରୀଛାତ୍ରମାନଙ୍କୁ ଷ୍ଟାଇପେଣ୍ଡ ଟଙ୍କା ମିଳିଥିଲା। ତେବେ ଗତ ୨୦୨୧-୨୨ରେ ଏହା ମିଳି ନ ଥିବାରୁ ଖୋଳତାଡ ପରେ ୬୨ଜଣ ଛାତ୍ରୀଛାତ୍ରଙ୍କ ବାବଦରେ ଆସିଥିବା ୧୩ହଜାର ୯୮୦ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା। ବିଭାଗ ପକ୍ଷରୁ ଘଟଣାର ସମାଧାନ ପାଇଁ ଏହି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୂରଲୀଧର ମଲ୍ଲିକଙ୍କୁ ଡେପୁଟେଶନରେ ବାଲିକଣା ପ୍ରାଥମିକ ବିଦ୍ୟାଳୟକୁ ପଠାଇ ଦିଆଯାଇଥିଲା। ଏହି ବିଦ୍ୟାଳୟରେ ସରକାରଙ୍କ ମୋ ସ୍କୁଲ ଅର୍ଥ, କମ୍ପୋଜିଟ୍ ଅର୍ଥ ଆଦି ହେରଫେର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଭାବକ ମହେଶ୍ୱର ଜେନା ତାଙ୍କ ପିଲା ଷ୍ଟାଇପେଣ୍ଡ ପାଇ ନ ଥିବା କହିଥିଲେ। ଏହି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାକର ଜେନା ତାଙ୍କ ଦସ୍ତଖତକୁ ବିଭିନ୍ନ ସ୍ଥାନରେ ଜାଲ କରାଯାଇ ତାଙ୍କ ଅଗୋଚରରେ ବିଭିନ୍ନ ଅର୍ଥ ଉଠାଣ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୂରଲୀଧର ମଲ୍ଲିକଙ୍କ ଅବସର ଆଉ ୧୫ମାସ ରହିଥିବା ବେଳେ ସେ ଏହି ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ ପାଇଁ ଜିଦ୍ ଧରିଛନ୍ତି। ଅପରପକ୍ଷେ ଶିକ୍ଷକ ମୂରଲୀଧରଙ୍କ ଘର ଏହି ଗ୍ରାମରେ ହୋଇଥିବା ବେଳେ ତାଙ୍କୁ ପୁଣି ଏଠାକୁ ବଦଳି କରାଗଲେ ଅଭିଭାବକ ଓ ଗ୍ରାମବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ବିଦ୍ୟାଳୟର ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବାରିକ କହିଛନ୍ତି ୨୦୨୪ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛି। ତେବେ ପୂର୍ବତନ ପ୍ରଧାନ ଶିକ୍ଷକ ଓ ଗ୍ରାମବାସୀଙ୍କ ମଧ୍ୟରେ ତିକ୍ତତା ବିଦ୍ୟାଳୟରେ ସମସ୍ୟା ସୃଷ୍ଟି କରୁଛି। ଏ ସମ୍ପର୍କରେ ସମ୍ପୃକ୍ତ ଶିକ୍ଷକ ମୂରଲୀଧର କହିଛନ୍ତି, ସେ ଖଜୁରେଶ୍ୱର ବିଦ୍ୟାଳୟରେ ଗତ ୨୦୦୭ରୁ ଶିକ୍ଷକ ଓ ଗତ ୨୦୧୬ରୁ ୨୩ ପର୍ଯ୍ୟନ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଥିଲେ। ବିଦ୍ୟାଳୟର ଗେଟ୍ ନିର୍ମାଣ ପାଇଁ ୫୦ହଜାର ଟଙ୍କା ଆସିଥିବା ବେଳେ ୯୬ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ସେ ଏହି ଷ୍ଟାଇପେଣ୍ଡ ଟଙ୍କା ଗେଟ୍ ନିର୍ମାଣରେ ଲଗାଇ ଦେଇଥିଲେ। ଅନ୍ୟାନ୍ୟ କାମ ବାବଦରେ ସେ ଓଲଟି ବିଦ୍ୟାଳୟରୁ ୪୮ହଜାର ଟଙ୍କା ପାଇବାକୁ ଅଛି। ବର୍ତ୍ତମାନର ପ୍ରଧାନ ଶିକ୍ଷକ ଓ ଗ୍ରାମବାସୀ ତାଙ୍କ ନାମରେ ମିଥ୍ୟା ଆରୋପ ଲଗାଉଥିବା ସେ କହିଛନ୍ତି। ଏ ସମ୍ପର୍କରେ ସିମୁଳିଆ ବିଇଓ ପ୍ରକାଶ ଚନ୍ଦ୍ର ମହାଳିକ କହିଛନ୍ତି, ଅଭିଯୋଗ ଆସିଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଅତ୍ୟାଧୁନିକ ଅଗ୍ନି ନିର୍ବାପକ କେନ୍ଦ୍ର ଉଦ୍‌ଘାଟିତ

**ବାଲେଶ୍ୱର, ୧୯।୯(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ବାଲିଆସ୍ଥିତ ମଣ୍ଡଳ କାର୍ଯ୍ୟାଳୟ ଓ ସ୍ଥାନୀୟ କାର୍ଯ୍ୟାଳୟଗୁଡ଼ିକରେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ଅଗ୍ନି ନିର୍ବାପକ ବ୍ୟବସ୍ଥା ସୁଦୃଢ଼ ଉଦ୍ଦେଶ୍ୟରେ ନବନିର୍ମିତ ଅଗ୍ନି ଚିହ୍ନଟ, ଆଲାର୍ମ ଏବଂ ସୁରକ୍ଷା ଷ୍ଟେଶନ ଉଦ୍‌ଘାଟିତ ହୋଇଯାଇଛି। ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଦ୍ୱିଜଦାସ ବସକ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ପୂର୍ଣ୍ଣ ଅତ୍ୟାଧୁନିକ ପଦ୍ଧତିରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ପରିଚାଳିତ ହେବାକୁ ଥିବା ବେଳେ ଏଥିଲାଗି ସମସ୍ତ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି। ଏଠାରେ ୨.୪ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ ହୋଇଥିବା ବେଳେ ସମ୍ପୃକ୍ତ ଟାଙ୍କିରୁ ସ୍ଥାନୀୟ କାର୍ଯ୍ୟାଳୟଗୁଡ଼ିକୁ ମୋଟର ଏବଂ ପାଇପ ସଂଯୋଗ କରାଯାଇଛି। କୌଣସି ପରିସ୍ଥିତିରେ ଅଗ୍ନିଜନିତ ଦୁର୍ଘଟଣା ଘଟିଲେ ପ୍ରଥମେ 'ଫାୟାର ଆଲାର୍ମ' ସତର୍କ କରାଇବ। ଏହାପରେ ନବ ନିର୍ମିତ ଅଗ୍ନି ସୁରକ୍ଷା କେନ୍ଦ୍ରରୁ ନିଆଁ ଲିଭାଇବା ପାଇଁ ପାଣି ଛଡ଼ାଯିବ। ଫଳରେ ଧନଜୀବନ ହାନିକୁ ସହଜରେ ରୋକାଯାଇପାରିବ। ଏଥିପାଇଁ ଜଣେ ତାଲିମପ୍ରାପ୍ତ ଅଗ୍ନି ସୁରକ୍ଷା ଅଧିକାରୀଙ୍କୁ ମଧ୍ୟ ସେଠାରେ ନିଯୁକ୍ତ କରାଯାଇଥିବା ସେ କହିଥିଲେ। ଏହି ଅବସରରେ ପରିଚାଳନା ମୁଖ୍ୟ ନୀଲେଶ ଚନ୍ଦ୍ରକାନ୍ତ ପୋଟଫଡ଼େ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ଭିଜିଲାନ୍ସ ମୁଖ୍ୟ ହରିଶ ଶର୍ମା, ବାଲେଶ୍ୱର ଏସ୍‌ଇ ସିଦ୍ଧାର୍ଥ ରାୟ, ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ର, ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସତର୍କ କରାଇବ 'ଫାୟାର ଆଲାର୍ମ'



ଟିପିଏନଓଡିଏଲ୍ ପକ୍ଷରୁ ଅଗ୍ନି ନିର୍ବାପକ କେନ୍ଦ୍ର ଉଦ୍‌ଘାଟିତ।

## ୨୮୫ ଗ୍ରାମ୍ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

ଜଳେଶ୍ୱର, ୧୯।୯(ନବୀନ ସାହୁ)- ବାଲେଶ୍ୱର ଜିଲା ଅଧୀନ ଜଳେଶ୍ୱର ଅଞ୍ଚଳ ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଛି। ବ୍ରାଉନସୁଗାର ବେପାରୀ ଭିନ୍ନ ଭିନ୍ନ ତରିକାରେ କାରବାର ଚଳାଇ ଆସୁଛନ୍ତି। ଗୁରୁବାର ଜଣେ ବେପାରୀ ପଶ୍ଚିମବଙ୍ଗରୁ ବ୍ରାଉନସୁଗାର ଆଣୁଥିବା ବେଳେ ଅଗ୍ରୱାଲା ଛକ ନାକାଠାରେ ପୋଲିସ ଚଢ଼ାଉ କରି ଗିରଫ କରିଛି। ଗିରଫ ଯୁବକଙ୍କ ଘର ଜଳେଶ୍ୱର ଥାନା ରାଜପୁର ଅଞ୍ଚଳରେ। ତାଙ୍କଠାରୁ ୨୮୫ଗ୍ରାମ୍ ଓଜନର ବ୍ରାଉନସୁଗାର ଜବତ ହୋଇଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କଠାରୁ ନଗଦ ୮୮୦ ଟଙ୍କା, ଗୋଟିଏ ସ୍କୁଟି (ଏଚ୍‌ଆର୍-୨୬-ୟୁ-୪୧୨୩) ସହ ଏକ ମୋବାଇଲ ଜବତ ହୋଇଛି। ଏନେଇ ଜଳେଶ୍ୱର ଥାନାରେ ମାମଲା (ନଂ.୪୭୮/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଛି। ଖବରଦାତା ସମ୍ମିଳନୀରେ ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର୍ ସେଠୀ ଉପସ୍ଥିତ ଥିଲେ।

## କୁରୁଣ୍ଟାରେ ଆୟୁଷ୍ମାନ୍ ଆରୋଗ୍ୟ ଶିବିର



ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ଦ୍ୱାରା ଯୋଗ ପ୍ରଦର୍ଶନ।

**ଖଇରା, ୧୯।୯(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବ୍ଲକ ଅଧୀନ କୁରୁଣ୍ଟା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଆନୁକୂଲ୍ୟରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଆସିଥିବା ରୋଗୀମାନଙ୍କର ସିକିଲ ସେଲ, ମ୍ୟାଲେରିଆ, ମଧୁମେହ, ଅଣସଂକ୍ରାମକ ରୋଗ ଚିହ୍ନଟ କରାଯିବା ସହ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଏଥିସହ ଡେଙ୍ଗୁ ଜ୍ୱର ସମ୍ପର୍କରେ ରୋଗୀ ଓ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା । ଶେଷରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ଦ୍ୱାରା ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା। ଡା ଦେବକାନ୍ତ ପାଢୀ, ସରପଞ୍ଚ ରଘୁନାଥ ଜେନା, ସିଏଚ୍‌ଓ ଦିବ୍ୟାଭାରତୀ ସାହୁ, ଏଏନ୍‌ଏମ୍ ସଂଯୁକ୍ତାରାଣୀ ଦାସ ଓ ଆଶାକର୍ମୀ ପବିତ୍ରା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମନିପର୍ସ ସହ ୨୨ହଜାର ଟଙ୍କା, ଏଟିଏମ୍ କାର୍ଡ ଫେରାଇଲେ

ଖଇରା, ୧୯।୯(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା ପଞ୍ଚାୟତ ତ୍ରିଲୋଚନପୁର ଗ୍ରାମର ଶ୍ୟାମସୁନ୍ଦର ରଣା ଜଣେ ବ୍ୟକ୍ତିଙ୍କର ହଜିଯାଇଥିବା ମନିପର୍ସ ଫେରାଇ ମଣିଷପଣିଆର ପରିଚୟ ଦେଇଛନ୍ତି । ସୋର ଖରିଦା ଗ୍ରାମର ତପନ ରାଉତ ଗୁରୁବାର ସକାଳେ କୌଣସି କାମରେ ଉତ୍ତରେଶ୍ୱର ଯାଇଥିବା ବେଳେ ୨୨ହଜାର ଟଙ୍କା ଓ ଏଟିଏମ କାର୍ଡ ଥିବା ମନିପର୍ସଟି ଖସି ପଡିଥିଲା। କଳିଙ୍ଗ ଉତ୍କଳ ଡିଫେନ୍ସ ଏକାଡେମୀର ବର୍ତ୍ତମାନ ତାଲିମ ନେଉଥିବା ତ୍ରିଲୋଚନପୁର ଗ୍ରାମର ଶ୍ୟାମସୁନ୍ଦର ସୋର ଯାଇଥିବା ବେଳେ ମନିପର୍ସଟି ପାଇଥିଲେ। ସାମାଜିକ ଗଣମାଧ୍ୟମରେ ହଜିଯାଇଥିବା ଖବର ଜାଣିବା ପରେ ତପନଙ୍କ ସହ ଯୋଗାଯୋଗ କରି ଡିଫେନ୍ସ ଏକାଡେମୀର ଅନ୍ୟଛାତ୍ରଙ୍କ ଉପସ୍ଥିତିରେ ଅପରାହ୍ନରେ ମନିପର୍ସ ,ଏଟିଏମ ଓ ଅନ୍ୟାନ୍ୟକାଗଜ ପତ୍ର ଫେରାଇଥିଲେ।

# ସବାଇ ଘାସ ହସ୍ତଶିଳ୍ପ କାରିଗରଙ୍କ ସୁବିଧା କେନ୍ଦ୍ର ଉଦ୍‌ଘାଟିତ

**ବାରିପଦା,୧୯।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ୍ ଅନ୍ତର୍ଗତ ରଙ୍ଗମାଟିଆଠାରେ ଏକ ସାଧାରଣ ସୁବିଧା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ପ୍ରକଳ୍ପଟି ଦେଢ଼ କୋଟି ଟଙ୍କା ବ୍ୟୟରେ ଓ ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମର ଆର୍ଥିକ ସହାୟତାରେ ନିର୍ମାଣ କରାଯାଇଛି। ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜ ଜିଲାର ପ୍ରାୟ ଏକ ହଜାର ସବାଇ ଘାସ କାରିଗର ଉପକୃତ ହେବେ। ଏହି ସାଧାରଣ ସୁବିଧା କେନ୍ଦ୍ରକୁ ବାରିପଦା ବିଧାୟକ ପ୍ରକାଶ ସୋରେନ ଶୁଭ ଉଦ୍‌ଘାଟନ କରିଥିଲେ। ହସ୍ତଶିଳ୍ପ କାରିଗରଙ୍କ ସୂକ୍ଷ୍ମ କଳା ଓ ନୈପୁଣ୍ୟ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ରାଜ୍ୟ ସରକାରଙ୍କ ଅନୁମୋଦିତ ମୋଟ ୫୧ ଗୋଟି ହସ୍ତଶିଳ୍ପରେ ଏକ ଲକ୍ଷ୍ୟ ୬୦ ହଜାରରୁ ଊର୍ଦ୍ଧ୍ୱ କାରିଗର କାର୍ଯ୍ୟରତ ଅଛନ୍ତି। ହସ୍ତଶିଳ୍ପ କ୍ଷେତ୍ର ଓ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆତ୍ମନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେଉଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଓ ସରକାରଙ୍କ ଅଧୀନସ୍ଥ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଓ ହସ୍ତଶିଳ୍ପ କ୍ଷେତ୍ର ତଥା ହସ୍ତଶିଳ୍ପ କାରିଗରଙ୍କ ସର୍ବାଙ୍ଗୀନ ପ୍ରଗତି ପାଇଁ ସର୍ବଦା କାର୍ଯ୍ୟ କରିଆସୁଛି। ଏହି କ୍ରମରେ ସବାଇ ଘାସ ହସ୍ତଶିଳ୍ପ କାରିଗରଙ୍କ ଉତ୍ପାଦିକତା ବୃଦ୍ଧି ତଥା ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଅଳ୍ପ ସମୟରେ ଅଧିକ ସାମଗ୍ରୀ ପ୍ରସ୍ତୁତ କରିବା ନିମନ୍ତେ ସୁବିଧା କେନ୍ଦ୍ର ପ୍ରତିଷ୍ଠା କରାଯାଇଥିବା ଅତିଥି କହିଥିଲେ। କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ଶିଶିର ରଥ, ଉପ ନିର୍ଦ୍ଦେଶକ ସୌମ୍ୟା ସୁରଭିତା ସିଂହ, ସହକାରୀ ନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମର ଅଧିକାରୀ ନିହାରକାନ୍ତ ସାହୁ, ଟିମ୍ ଲିଡର ମହେନ୍ଦ୍ର ପାଢ଼ୀ, ଏସ୍‌ଓଏଲଇ ତଥା ବଡ଼ଜୋଡ଼ ଅଞ୍ଚଳର ସାମାଜିକ କର୍ମୀ କାଳୀଚରଣ ନାଏକ ତଥା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ମଦରନ୍ଧା କାରଖାନା ଉପରେ ଚଢ଼ାଉ, ଜଣେ ଗିରଫ

ସୋର, ୧୯।୯(ଜନ୍ମେଜୟ ମିଶ୍ର): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଗୁଡପୋଚ ନଷ୍ଟ କରାଯିବା ସହ ଦେଶୀମଦ ଜବତ କରାଯାଇଛି। ଏଥିରେ ଜଣଙ୍କୁ ଗିରଫ କରାଯାଇଛି। ସୋର ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଶିଙ୍ଗାଖୁଣ୍ଟା ପଞ୍ଚାୟତ ଅଫିସ ପଛପଟେ ବେଆଇନ ଭାବେ ଗଢି ଉଠିଥିବା ମଦରନ୍ଧା କାରଖାନା ଉପରେ ଚଢାଉ କରି ୨୮୫୦ ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୨୧୦ ଲିଟର ଦେଶୀମଦ ଜବତ କରିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେହିପରି ଗୁଜଡିହା ଗ୍ରାମରେ ଚଢାଉ କରି ଶୁକମଣି ଜେନାଙ୍କ ନିକଟରୁ ୧୧୦ ଲିଟର ଦେଶୀମଦ ଜବତ କରି ତାଙ୍କୁ ଗିରଫ କରି କୋର୍ଟଚାଲଣ କରାଯାଇଛି।

## ବରିପଦାରେ ସୁନାମି ସତର୍କତା, ସୁରକ୍ଷା ପ୍ରଶିକ୍ଷଣ ଶିବିର

**ବାହାନଗା, ୧୯।୯(ଅରୂପ୍ କୁମାର ଦାସ)**



ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ସୁନାମୀ ସତର୍କତା ଓ ସୁରକ୍ଷା ପ୍ରଶିକ୍ଷଣ ଅଭ୍ୟାସ ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କାରାଯାଇଥିଲା। ମୁଖ୍ୟ ଭାବେ ବାଙ୍ଗାଲୋରର ଏନଟିଆରବି(ନ୍ୟାଶନାଲ ସୁନାମି ରେଡି ବୋର୍ଡ)ର ବୈଜ୍ଞାନିକ ଡ.ସୁନନ୍ଦା ଏମ୍ ଯୋଗଦେଇ ପ୍ରଥମେ ଛାତ୍ରୀଛାତ୍ରମାନଙ୍କୁ ବାତ୍ୟା ଓ ସୁନାମୀ ବିଷୟରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଡ. ମହେନ୍ଦ୍ର ଆର.ଏସ., ଡ. ଆର ଠାକୁର୍ ,ଡ. ଏ. ମିଶ୍ର ସମେତ ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ତହସିଲଦାର ସସ୍ମିତା ମୁର୍ମୁ, ବାହାନଗା ବିଡିଓ ରବୀନ୍ଦ୍ର କୁମାର ସେଠୀ, ଏବିଇଓ ରୋହିଆ ଟୁଡୁ, ସରପଞ୍ଚ ସୂର୍ଯ୍ୟକାନ୍ତ ମାଝି, ଜିଲା ଏମର୍ଜେନ୍ସି ଅଫିସର ସାଇକୃଷ୍ଣ ଯେନା, ସମିତିସଭ୍ୟ ସୁଧାକର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏନଡିଆରଏଫ ଟିମ୍ , ଦମକଳ ବାହିନୀ, ଏସଏଚଜି ସଦସ୍ୟା, ଅଙ୍ଗନୱାଡି କର୍ମୀ ଓ ସୁନାମି ପାଇଁ ପ୍ରଶିକ୍ଷଣ ନେଇଥିବା ଯୁବତୀଯୁବକମାନେ ଉପସ୍ଥିତ ଥିଲେ। ଏନଡିଆରଏଫ ଟିମ୍ ଓ ଦମକଳ ବାହିନୀଙ୍କ ଦ୍ୱାରା କିପରି ସୁନାମି ବେଳେ ଲୋକମାନେ ସୁରକ୍ଷିତ ସ୍ଥାନକୁ ଯିବେ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ରୋଗୀ, ଗର୍ଭବତୀ, ବୃଦ୍ଧାବୃଦ୍ଧମାନଙ୍କୁ କିପରି ସତର୍କ ସାଇରନ୍ ବଜାଇ ଷ୍ଟ୍ରେଚର ସାହାଯ୍ୟରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ବୋହି ନିଆଯିବ ତାହା ଦେଖାଇଥିଲେ। ଜଗନ୍ନାଥପୁର ଓ ମହାରୁଦ୍ରପୁର ଗ୍ରାମର ଲୋକମାନେ ସାଇରନ୍ ବାଜିବା ପରେ ନିଜର ଆସବାବପତ୍ର ଧରି ମହାରୁଦ୍ରପୁର ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇଥିଲେ। ଏମାନଙ୍କ ସହିତ ଅଧିକାରୀ ଓ ବୈଜ୍ଞାନିକମାନେ ଯାଇଥିଲେ। ଆସିଥିବା ଟିମ୍ ଲୋକମାନେ ସୁରକ୍ଷା ନିମନ୍ତେ ସଚେତନ ଥିବା ହୃଦବୋଧ କରିଲେ ବୈଜ୍ଞାନିକମାନଙ୍କ ରିପୋର୍ଟ ଅନୁସାରେ ୟୁନେସ୍କୋପ୍ ତରଫରୁ ଗ୍ରାମକୁ ଏକ ସାର୍ଟିଫିକେଟ ଦିଆଯିବ ବୋଲି ଜଣାପଡିଛି ।

# କରଞ୍ଜିଆ ଏନ୍‌ଏସି ରାସ୍ତା ବିପର୍ଯ୍ୟସ୍ତ

**କରଞ୍ଜିଆ,୧୯।୯(କବିତା ମହାନ୍ତ)**



ମୟୂରଭଞ୍ଜ ଜିଲା କରଞ୍ଜିଆ ଏନ୍‌ଏସି ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବର୍ଷକ ମଧ୍ୟରେ ନିର୍ମିତ ରାସ୍ତା ଭାଙ୍ଗି ରୁଜି ଗଲାଣି। ଫେଭର ବ୍ଲକ୍ ଖାଲ ହୋଇ ପାଣି ଜମୁଥିବା ବେଳେ ଅନେକ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ସହରର ପ୍ରାୟ ୪୦ଭାଗ ରାସ୍ତା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଯେଉଁ ରାସ୍ତା ମାତ୍ର ବର୍ଷକ ଆଗରୁ ହୋଇଥିଲା ତାହା ମଧ୍ୟ ନଷ୍ଟ ହେବାକୁ ବସିଲାଣି। ସହରର ଅନେକ ରାସ୍ତାର ପିଚୁ ଉଠିଯାଇ ମେଟାଲ ବାହାରି ଗଲାଣି। କରଞ୍ଜିଆ ଫରେଷ୍ଟ ଅଫିସଠାରୁ ମହାବୀର ଛକ ପର୍ଯ୍ୟନ୍ତ ରାଜାବନ୍ଧ ରାସ୍ତା ଅତି ଦୟନୀୟ ହୋଇପଡ଼ିଛି। ବଣ ସାହିର କେନାଲ ପଟକୁ ଯାଇଥିବା ରାସ୍ତା ଚଳ ପ୍ରଚଳନ ପାଇଁ ଅନୁପଯୁକ୍ତ ହୋଇଛି। ସେହିପରି ଅମ୍ବିକା ମନ୍ଦିରଠାରୁ ନୂଆ ସାହି ପର୍ଯ୍ୟନ୍ତ ରାସ୍ତା ଓ ସେଠୀ ୱାର୍ଡ଼ରେ ଥିବା ଅନେକ ଗଳି ରାସ୍ତା ଅବସ୍ଥା ଖରାପ ହୋଇଯାଇଛି। ଯେଉଁ ରାସ୍ତାଗୁଡ଼ିକ କଂକ୍ରିଟ କରାଯାଇଛି, ସେଥିରୁ ସିମେଣ୍ଟ ବାଲିର ଭାଗ ମାପ ଠିକ ନ ଥିବାରୁ ତାହା ଭାଙ୍ଗିରୁଜି ଗଲାଣି। ପଟାକାଟ ଛକରୁ ଖଜୁରୀସାଗର ପର୍ଯ୍ୟନ୍ତ ଯାଇଥିବା ରାସ୍ତା, ୱାର୍ଡ଼ ନମ୍ବର ୧୦, ୯ ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ହୋଇଛି। ଏଥିପ୍ରତି ଏନ୍‌ଏସିର ଦୃଷ୍ଟି ପଡୁ ନ ଥିବାରୁ ଜନସାଧାରଣ ଯିବା ଆସିବା କରିବାକୁ ହଇରାଣ ହେଉଛନ୍ତି। ଏନ୍‌ଏସି ଏକ୍ଜିକ୍ୟୁଟିଭ ଅଫିସର ଲଳିତ କୁମାର ନାଏକ ଠିକାଦରଙ୍କୁ କହି ରାସ୍ତା ମରାମତି କରିଦେବାକୁ କହିଥିଲେ। ମାତ୍ର ଏହା ମଧ୍ୟରେ ୧ ମାସ ବିତିଯାଇଥିଲେ ହେଁ ରାସ୍ତା ମରାମତି ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ବସ୍ତାରୁ ବାହାରିଲା ମୃତ ବାର୍ହା

### ଜଙ୍ଗଲରେ ଅଜଣା ମୃତଦେହ ପଡ଼ିବା ଘଟଣା

ଘସିପୁରା/ ରାମଚନ୍ଦ୍ରପୁର, ୧୯।୯ (ଗଣେଶ୍ୱର ସା/ ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଗୋହିରା ପଞ୍ଚାୟତ ସୈଲଙ୍ଗ ହୁଡ଼ି ବାଘଦପା ଜଙ୍ଗଲରେ ଅଜଣା ମୃତଦେହ ପଡିଥିବା ଘଟଣା ଅଲଗା ମୋଡ଼ ନେଇଛି। ଗୁରୁବାର ପୋଲିସ ଘଟଣାର ତଦନ୍ତ କରିଥିବା ବେଳେ ବସ୍ତାରୁ ଏକ ବାର୍ହାର ମୃତଦେହ ମିଳିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବୁଧବାର ଗ୍ରାମର କେତେଜଣ ଯୁବକ ଜଙ୍ଗଲରେ ଭୋଜି କରୁଥିଲେ। ସେଠାରେ ଦୁର୍ଗନ୍ଧ ହେବାରୁ ଏକ ବସ୍ତାରେ ମୃତଦେହ ଥିବା ଗ୍ରାମରେ କହିଥିଲେ। ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିବା ବେଳେ ଗୁରୁବାର ସାଇଣ୍ଟିଫିକ୍ ଟିମ ଓ ଘସିପୁରା ପୋଲିସ ଉପସ୍ଥିତିରେ ବସ୍ତା ମୁହଁ ଫିଟାଇ ଯାଞ୍ଚ କରିଥିଲା। ବସ୍ତାରୁ ଏକ ବାର୍ହା ଥିବା ଜଣାପଡ଼ିଛି। ଶିକାରି ଅତି ବାର୍ହାକୁ ମାରି ଦାନ୍ତ କାଟି ନେଇ ଏକ ଲତା ବୁଦା ମୂଳେ ବସ୍ତାରେ ପୁରାଇ ଫୋପାଡ଼ିଥିବା ଥାନା ଅଧିକାରୀ ସୁନୀଲ କୁମାର କର କହିଛନ୍ତି। ଘଟଣାକୁ ନେଇ ଆନନ୍ଦପୁର ବନ ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନ ଉଠୁଛି।

# ପଲିଥିନ ଖାଉଛନ୍ତି ବୁଲାଗୋରୁ

**ଅକାରଣରେ ଜୀବନ ଯାଉଛି, କାରବାରରେ ଲଗାମ ଲାଗୁନି**

ଚମ୍ପୁଆ,୧୯।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସିରେ ପଲିଥିନ କଟକଣା ବାଟବଣା ହୋଇପଡ଼ିଛି। ବ୍ୟବହାର ଓ କାରବାର ଲଗାମ ଲାଗୁ ନ ଥିବାରୁ ବେଧଡ଼କ ଭାବେ ବିକ୍ରି ହେଉଛି। ମାତ୍ର ଏନ୍‌ଏସି ପ୍ରଶାସନ ପକ୍ଷରୁ ଏଥିପାଇଁ ପଦକ୍ଷେପ ନିଆଯାଉନାହିଁ। ଫଳରେ ପଲିଥିନ ପରିବେଶକୁ ପ୍ରଦୂଷଣ କରିବାର ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ବେଳେ ଏବେ ଏହା ସହରୀ ଗୋରୁଙ୍କ ଖାଦ୍ୟରେ ପରିଣତ ହୋଇଛି। ଫଳରେ ଗୋରୁ ଏହାକୁ ଖାଇ ମୃତ୍ୟୁମୁଖରେ ପଡୁଥିବା ପରିଲକ୍ଷିତ ହୋଇଛି। ସୂଚନା ଅନୁସାରେ, ଚମ୍ପୁଆ ମୁଖ୍ୟ ବଜାରରେ ଏନ୍‌ଏସି ପକ୍ଷରୁ ସର୍ବସାଧାରଣ ତଥା ବ୍ୟବସାୟୀଙ୍କ ବ୍ୟବହାର ନିମନ୍ତେ ବଜାର ମଧ୍ୟରେ ଥିବା ଡଷ୍ଟବିନ ରଖାଯାଇଥିଲା। ଉଠାଦୋକାନୀଙ୍କଠାରୁ ଆରମ୍ଭ କରି ସ୍ଥାୟୀ ଦୋକାନୀ ଦୋକାନରୁ



ଏକ ଗୋରୁ ଅଳିଆ ଗଦାରୁ ପଲିଥିନ ଖାଉଛି।

ନିତିଦିନ ବାହାରୁଥିବା ମଇଳା ଏହି ଡଷ୍ଟବିନ୍‌ରେ ପକାଉଥିଲେ। ମାତ୍ର ଦିନକୁ ଦିନ ଏହି ଡଷ୍ଟବିନ ସଂଖ୍ୟା କମିବାରେ ଲାଗିଛି। ଫଳରେ ଦୋକାନୀମାନେ ରାତିହେଲେ ଦୋକାନରୁ ବାହାରୁଥିବା ମଇଳା ରାସ୍ତା ଉପରେ ଜମା କରୁଛନ୍ତି। ରାତିହେଲେ ବୁଲାଗୋରୁ ବଜାର ଉପରେ ରୁଣ୍ଡହୋଇ ରାସ୍ତା ଉପରେ ପଡ଼ିଥିବା ପଲିଥିନ ଯୁକ୍ତ ଅଳିଆ ଗଦାରେ ଖାଦ୍ୟ ଅନ୍ୱେଷଣ କରୁଛନ୍ତି। ଗୁଡ, ତେଲ ତଥା ଅନ୍ୟଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନକୁ ଖାଉଥିବା ଦେଖିବାକୁ ମିଳୁଛି। ଜରି ପେଟରେ ଜମା ହୋଇ ଗୋରୁ ରୋଗାଗ୍ରସ୍ତ ହେଉଛନ୍ତି। ଅନେକ ସମୟରେ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହୋଇଛି। ଏ ନେଇ ଏନ୍‌ଏସି ନିର୍ବାହୀ ଅଧିକାରୀ ସୁଜିତ କୁମାର ସ୍ୱାଇଁ କହିଛନ୍ତି, ସେ ନିଜେଯାଇ ଘଟଣା ଅନୁଧ୍ୟାନ କରିବେ। ଖୁବ୍‌ଶୀଘ୍ର ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଆଜିଠାରୁ ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ କେନ୍ଦୁଝର ଗସ୍ତ

କେନ୍ଦୁଝର,୧୯।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ୩ ଦିନିଆ କେନ୍ଦୁଝର ଗସ୍ତରେ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ଏହା ନିଜ ଜିଲା ତଥା ଗ୍ରାମକୁ ଦ୍ୱିତୀୟ ଗସ୍ତ। ଏଣୁ ଦଳୀୟ ନେତା ଓ କର୍ମୀ ବେଶ ଉତ୍ସାହିତ ଥିବା ବେଳେ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ପ୍ରସ୍ତୁତି କରିଛନ୍ତି।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ କେନ୍ଦୁଝରକୁ ଆସି ରାଇସୁଆଁ ଏୟାର ଷ୍ଟ୍ରିପ୍‌ରେ ସକାଳ ୧୦ଟା ୪୦ରେ ଓହ୍ଲାଇବେ। ସେଠାରୁ ସ୍ଥାନୀୟ ଅଡିଟୋରିୟମ ଯାଇ ଲାଇଫ୍ ସେଭର୍ସ ଗ୍ରୁପର ତୃତୀୟ ବାର୍ଷିକ ଉତ୍ସବରେ ଯୋଗଦେବେ। ପରେ ନିଜ ଗାଁ ରାଇକଳା ଯାଇ ମା' ତାରିଣୀ କ୍ଲବ୍ ପକ୍ଷରୁ ଚାଲିଥିବା ଫୁଟବଲ ଉଦ୍‌ଯାପନୀ ପ୍ରତିଯୋଗିତାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ଫେରି ହୋଟେଲ କାସଭି ଇଣ୍ଟରନ୍ୟାସନାଲରେ ଏମ୍‌ପି ଓ ବିଧାୟକଙ୍କ ସହ ଆଲୋଚନା କରିବେ। ସର୍କିଟ ହାଉସରେ ରାତ୍ରୀ ଯାପନ କରି ଶନିବାର ସକାଳ ୭ଟା ୩୦ ରେ କେନ୍ଦୁଝର ଷ୍ଟାଡିୟମରେ ପ୍ରାତଃ ଭ୍ରମଣ କରିବା ସହ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଭାଗ ନେବେ। ପୂର୍ବାହ୍ନ ୧୦ଟା ୧୦ରେ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ହେବାକୁଥିବା ମେଗା ଚକ୍ଷୁ ଶିବିର, କୃତିମ ଅଙ୍ଗ ବିତରଣ ଶିବିର, ମେଗା ସ୍ୱାସ୍ଥ୍ୟ ଶିବିରରେ ଯୋଗଦେବେ। ସେଠାରୁ ସେଲ ଅଡିଟୋରିୟମଠାରେ ପରିବେଶ ପଞ୍ଚାୟତ କାର୍ଯ୍ୟକ୍ରମରେ ଯୋଗ ଦେଇ ଝାଡ଼ଖଣ୍ଡ ରାଜ୍ୟକୁ ଗସ୍ତ କରିବେ ବୋଲି ସୂଚନା ମିଳିଛି। ସେଠାରୁ ଫେରି ସନ୍ଧ୍ୟା ୫ଟା ୩୫ରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ରୌପ୍ୟଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ୬ଟା ୪୦ ମିନିଟରେ ଭାଜପା ଜିଲା କାର୍ଯ୍ୟାଳୟରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ସର୍କିଟ ହାଉସରେ ରାତ୍ରୀ ଯାପନ କରି ରବିବାର ପୂର୍ବାହ୍ନ ୧୧ଟାରେ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆକୁ ଯାଇ ରାଜ୍ୟ ସରକାରଙ୍କ ୧୦୦ ଦିନ ପୂର୍ତ୍ତି କାର୍ଯ୍ୟକ୍ରମରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ୧୨ଟା ୫୦ ମିନିଟରେ ହେଲିକପ୍ଟରେ ଯୋଗେ ମୟୂରଭଞ୍ଜ ଜିଲା ବାରିପଦା ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ ନେତା ଓ କର୍ମୀଙ୍କ ସହିତ ଆଲୋଚନା କରିବେ ବୋଲି ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କହିଛନ୍ତି। ଜିଲାପାଳ ବିଶାଳ ସିଂହ ଓ ଏସ୍‌ପି ନୀତିନ କୁଶଲକାରଙ୍କ ନେତୃତ୍ୱରେ କାର୍ଯ୍ୟାକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି।

## ବେଙ୍ଗାଲୁରୁରେ ଚମକିଲେ କୁନି ନୃତ୍ୟଶିଳ୍ପୀ ସୁମନ

କେନ୍ଦୁଝର,୧୯।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର କୁନି ନୃତ୍ୟଶିଳ୍ପୀ ବେଙ୍ଗାଲୁରୁରେ ଚମକିଛନ୍ତି। ଓଡ଼ିଶୀ ନୃତ୍ୟରେ ନିଜର ପରାକାଷ୍ଠା ଦେଖାଇ ଜିଲା ତଥା ରାଜ୍ୟ ପାଇଁ ଗର୍ବ ଆଣିଦେଇଛନ୍ତି। ସେ ହେଲେ କେନ୍ଦୁଝର ସହର କାଶିପୁରଠାରେ ରହୁଥିବା ସୁଶାନ୍ତ କୁମାର ପାତ୍ର ଏବଂ ମମିତା ପାତ୍ରଙ୍କ ସୁପୁତ୍ରି ଅଭିକାଙ୍କ୍ଷା ପାତ୍ର (ସୁମନ)। ମାତ୍ର ୬ ବର୍ଷ ବୟସରେ ସେ ନିଜ ନୃତ୍ୟ କଳାରେ ସମସ୍ତଙ୍କ ମନ ଜିଣି ପାରିଛନ୍ତି।

ଉଲ୍ଲେଖ ଯୋଗ୍ୟ, ସେପ୍ଟେମ୍ବର ୧୪ ଓ ୧୫ ତାରିଖ କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ସର୍ବ ଭାରତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କନିଷ୍ଠ ବିଭାଗରେ ସୁମନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥି ସହିତ ଆସନ୍ତା ନଭେମ୍ବର ୧୦ରେ ନେପାଳର ରାଜଧାନୀ କାଠମାଣ୍ଡୁଠାରେ ହେବାକୁ ଥିବା ଆନ୍ତର୍ଜାତୀୟ ନୃତ୍ୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସଫଳତା ପରେ ସୁମନଙ୍କୁ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଛି। ଏତେ କମ ବୟସର କୁନି ଝିଅଟିଏ ନିଜର କଠିନ ପରିଶ୍ରମ ଏବଂ ସାଧନା ବଳରେ ଏତେ ବଡ଼ ସଫଳତା ପାଇ ପାରିଛନ୍ତି। ମାତା, ପିତା




ଝିଅର ସବୁ ସଫଳତାର ଶ୍ରେୟ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ଗୁରୁ ଶୁଭଶ୍ରୀ ପଟ୍ଟନାୟକଙ୍କୁ ଦେଇଛନ୍ତି। ତାଙ୍କରି ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏବଂ ପ୍ରଶିକ୍ଷଣରେ ସେ ଏତେ ବାଟ ପହଞ୍ଚି ପାରିଛନ୍ତି। ସୁମନ କେନ୍ଦୁଝରର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଇନ୍ଦ୍ରଧନୁର ଛାତ୍ରୀ ଅଟନ୍ତି। ସୁମନଙ୍କ ସଫଳତା ପାଇଁ ଇନ୍ଦ୍ରଧନୁ ଅନୁଷ୍ଠାନର ଅଧକ୍ଷ ପ୍ରିୟଦର୍ଶୀ ପଟ୍ଟନାୟକ ଅଶେଷ ଶୁଭେଚ୍ଛା ଓ ଆଶୀର୍ବାଦ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ କେନ୍ଦୁଝର ଗସ୍ତ ସମୟରେ ସୁମନ ତାଙ୍କୁ ସାକ୍ଷାତ କରିଥିବା ବେଳେ ସେ ଆଶୀର୍ବାଦ ପ୍ରଦାନ କରିଥିଲେ।

## ୨ ଆମ୍ବୁଲାନ୍ସ କର୍ମଚାରୀଙ୍କ ପରିବାରକୁ ସହାୟତା

**ଦୁର୍ଘଟଣାରେ ସହାୟକ, ଡ୍ରାଇଭର ମୃତ୍ୟୁବରଣ କରିଥିଲେ**

ରାମଚନ୍ଦ୍ରପୁର,୧୯।୯(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ଓ ଘସିପୁରା ବ୍ଲକ୍ ଅଞ୍ଚଳର ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨ ଆମ୍ବୁଲାନ୍ସ କର୍ମଚାରୀଙ୍କ ପରିବାକୁ ରାଜ୍ୟ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଆନନ୍ଦପୁର ବ୍ଲକ୍ ବାଇଲୋ ପଞ୍ଚାୟତ ଗୁହାଳିଆ ଗ୍ରାମର ଡ୍ରାଇଭର ଗୋବର୍ଦ୍ଧନ ଜେନାଙ୍କ ପରିବାରକୁ ୧ ଲକ୍ଷ ୩୦ ହଜାର ଓ ସହାୟକ ଘସିପୁରା ବ୍ଲକ୍ ବଳରାମପୁର ଗ୍ରାମର ହେମନ୍ତ ଆଚାର୍ଯ୍ୟଙ୍କୁ ୨ ଲକ୍ଷ ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଛି।

ସୂଚନା ମୁତାବକ, ଆମ୍ବୁଲାନ୍ସ ସେପ୍ଟେମ୍ବର ୮ରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରୁ ରୋଗୀ ନେଇ କଟକ ଶିଶୁଭବନରେ ଛାଡ଼ି ଫେରୁଥିଲା। ଧର୍ମଶାଳା ଥାନା ରଥିଆ ଛକ ନିକଟରେ ଏକ ଟ୍ରକ୍ ପଛରେ ଧକ୍କା ଦେବା ଫଳରେ ଆମ୍ବୁଲାନ୍ସର ସହାୟକ ହେମନ୍ତ ଆଚାର୍ଯ୍ୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡ୍ରାଇଭର ମୃତ୍ୟୁବରଣ କରିଥିଲେ। ରାଜ୍ୟ ଆମ୍ବୁଲାନ୍ସ ମହାସଂଘ ଓ ଜିଲା ମହାସଂଘ ପକ୍ଷରୁ ୨ କର୍ମଚାରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶୋଭାଯାତ୍ରା କରାଯାଇଥିଲା। ରାଜ୍ୟ କମିଟିର ସଭାପତି ସୁବୋଧ ନାଥ ଶର୍ମା, ଶ୍ରୀରାମ ଚନ୍ଦ୍ର ଆଚାର୍ଯ୍ୟ, ଗୋପାଳ ଚନ୍ଦ୍ର ସାହୁ, ନୀଳାମ୍ବର ଦାସ, କେନ୍ଦୁଝର ଜିଲା କମିଟିର ସଭାପତି ବିପିନି ବିହାରୀ ମହାନ୍ତ, ଗିରିଜା ପ୍ରସାଦ ଖୁଣ୍ଟିଆଙ୍କ ସମେତ ଶତାଧିକ ଆମ୍ବୁଲାନ୍ସ କର୍ମଚାରୀ ଉପସ୍ଥିତ ଥିଲେ।



## ଚୋରି ମାମଲା: ଦୋଷୀଙ୍କୁ ୨ ବର୍ଷ ଜେଲ

ଚମ୍ପୁଆ,୧୯।୯(ମହେଶ୍ୱର ଦାସ): ରାତ୍ରଜଗୁଆଳି ଅନୁପସ୍ଥିରେ ମାଜିଷ୍ଟ୍ରେଟଙ୍କ ଘରୁ ଚୋରି ମାମଲାର ବିଚାର କରି ଚମ୍ପୁଆ ଏସ୍‌ଡିଜେଏମ ଦିପକ କୁମାର ସାଥୁଆ ଅଭିଯୁକ୍ତଙ୍କୁ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୧ ହଜାର ଟଙ୍କା ଜରିମାନ କରିଛନ୍ତି। ମାମଲା ବିବରଣୀ ଅନୁଯାୟୀ, ୩ ମଇ ୨୦୧୪ରେ ଅତିରିକ୍ତ ଜିଲା ଦୌରାଜଜଙ୍କ ଘରୁ ରାତ୍ର ଜଗୁଆଳି ପୂର୍ଣ୍ଣଚନ୍ଦ୍ର ମୁର୍ମୁଙ୍କ ଅନୁପସ୍ଥିରେ ଚୋରି ହୋଇଥିଲା। ଏ ନେଇ ଚମ୍ପୁଆ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ ୫୬/୧୪) ରୁଜୁ କରି ଯୋଡ଼ା ହନୁମାନ ହାଟିଂ ସାହିର ଚମୁ ମହାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଚୋରିମାମଲାର ବିଚାର କରି ଏସ୍‌ଡିଜେଏମ ଉପରସ୍ତ ରାୟ ଶୁଣାଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ କିଶୋର କିଶାନ ଓ ପ୍ରିୟନାଥ ପତି କହିଛନ୍ତି।

## ଲାକ୍ ବଦ୍ରାଙ୍କ ୧୦୫ତମ ଜୟନ୍ତୀ

ଯୋଡ଼ା,୧୯।୯(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳର ୧୦ ନମ୍ବର ୱାର୍ଡର ଜିଓଲୋଜିକାଲ କ୍ୟାମ୍ପ ମାଝିହାଟିଂ ପରିଚୟ ଗୃହଠାରେ ୱାରଙ୍ଗ ଚିତିର ସ୍ରଷ୍ଟା ଅତଗୁରୁ ଲାକ ବଦ୍ରାଙ୍କ ୧୦୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଡ଼ା ଆଦିବାସୀ ହୋ ସମାଜର ଉପ ସଭାପତି ରାଜେଶ ମୁଣ୍ଡାଙ୍କ ନେତୃତ୍ୱରେ ୱାରାଙ୍ଗଚିତି ଶିକ୍ଷକ ଦୀନେଶ ମୁଣ୍ଡା, ରାସିକା ମୁଣ୍ଡା, ଜାମାଦାର ସିଂ ଲାଗୁରୀ ପ୍ରମୁଖ ଯୋଗଦେଇ ଲାକ ବଦ୍ରାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଥମେ ଆଦିବାସୀ ୱାରାଙ୍ଗ ଚିତି ଲିପି ଶିକ୍ଷକ ଦିନେଶ ମୁଣ୍ଡା ଅଭିଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୱାରାଙ୍ଗ ଚିତିର ଲିପିକୁ କିପରି ଲୋକେ ପଢ଼ି ପାରିବେ ଆଲୋଚନା ହୋଇଥିଲା। ଯୋଡ଼ା ପୌରାଞ୍ଚଳର ୧୪ ଗୋଟି ୱାର୍ଡର ପ୍ରାୟ ୨୦୦ ଶହରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆଦିବାସୀ ହୋ ସମାଜର ସଦସ୍ୟ ସାତାରି ମୁଣ୍ଡା, କଳ୍ପନା ମୁଣ୍ଡା ପ୍ରମୁଖ ପରିଚଳନା କରିଥିଲେ।

**OFFICE OF THE CHIEF DISTRICT VETERINARY OFFICER, ANGUL**
AT:HEMSURPADA, PO/DIST:ANGUL,ODISHA-759122
Mail:cdvoangul@gmail.com
**TENDER CALL NOTICE**
**No.M-35:**Bids in sealed cover are invited from wholesalers/distributors/C & F agencies & suppliers approved by manufacturers for supply of Veterinary medicines, Feed additives & Medical consumables in district of Angul under CDVO, Angul. The details of the render can be downloaded from the website: (https://angul.odisha.gov.in).
**Sd./- Chief District Veterinary Officer, Angul**
OIPR-06069/11/0001/2425

## ମହିଳା ନିଖୋଜ ଅଭିଯୋଗ

ପାଟଣା,୧୯।୯(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ଫାଣ୍ଡି ଅନ୍ତର୍ଗତ ଗୋରାସ ପଞ୍ଚାୟତ ଗୋରାସ ଗ୍ରାମର ଜଣେ ମହିଳା ନିଖୋଜ ହୋଇଯାଇଛନ୍ତି। ଏ ନେଇ ମହିଳାଙ୍କ ସ୍ୱାମୀ ସୁବାସ ଚନ୍ଦ୍ର ନାଏକ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ସୁବାସ ଭୁବନେଶ୍ୱରରେ ରହି କାମ କରନ୍ତି। ତାଙ୍କ ସ୍ତ୍ରୀ କୁନ୍ତଳା ଅଗଷ୍ଟ ୧୧ରେ ବାପ ଘର ମୟୂରଭଞ୍ଜ ଜିଲା ଶୁକ୍ରୁଳି ବ୍ଲକ୍ କେଶନା ନିକଟସ୍ଥ କାଶିପାଳ ଗ୍ରାମକୁ ୨ ପୁଅଙ୍କୁ ନେଇ ଯାଇଥିଲେ। ଅଗଷ୍ଟ ୧୩ରେ ଆଧାର ସଂଶୋଧନ କରିବା ପାଇଁ ଗୋରାସ ଯାଉଛି କହି ବାହାରିଥିଲେ। ଘରକୁ ଫେରି ନ ଥିଲେ। ସୁବାସ ଗ୍ରାମକୁ ଯାଇ ଖୋଜାଖୋଜି କରିଥିଲେ ହେଁ ନ ପାଇ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୪୦/୨୪) ରୁଜୁ କରି ତଦନ୍ତ କରୁଛି।

## ମୂଲ୍ୟବାନ ଗଛ କାଟିଦେଲେ

**କାଠ, ପଟ୍ଟା ଜବତ କରି ବିଭାଗ ଚୁପ୍**

ଯୋଡ଼ା,୧୯।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ବଡ଼ବିଲ ରେଞ୍ଜର ବିଲେଇପଦା ଫରେଷ୍ଟ ବିଟ୍ ଅନ୍ତର୍ଗତ ବନେଇକଳାଠାରେ ଥିବା ବହୁ ମୂଲ୍ୟବାନ ଗଛକୁ ଜଣେ ଠିକାଦାର କାଟିଦେଇଛନ୍ତି। ବନ ବିଭାଗ ଚଢ଼ାଉ କରି ଶାଳ ଚୌକାଠ ୨୭ ଖଣ୍ଡ, ସିମିଳି ପଟା ୧୨ ଖଣ୍ଡ ଏବଂ ଆମ୍ବ, ସିମିଳି, ପଣସ, ନିମ୍ବ କାଠ ଗଣ୍ଡି ଜବତ ହୋଇଛି। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ବନେଇକଳାଠାରେ ଆଦିବାସୀଙ୍କ ଜମି ଓ ସରକାରୀ ଜମିରେ ବହୁ ବର୍ଷ ଧରି ଆମ୍ବ, ପଣସ, ନିମ୍ବ, ସିମିଳି ପ୍ରଭୃତି ୧୦ ରୁ ଊର୍ଦ୍ଧ୍ୱ ବଡ଼ ଗଛ ରହିଥିଲା। ଜଣେ ଠିକାଦାର ଆଦିବାସୀ ଜମିରେ ନିଜର ଏକ ଅଟ୍ଟାଳିକା ନିର୍ମାଣ କରି ରାସ୍ତା ଉପରେ ଓ ଜମିରେ ଥିବା ବୃକ୍ଷଗୁଡ଼ିକୁ କାଟି ସଫା କରୁଛନ୍ତି। ବଡ଼ ବୃକ୍ଷ କାଟିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଦେଖା ଦେବା ସହିତ ଗଛ କାଟିବା ପାଇଁ କିଏ ଅନୁମତି ଦେଲା ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଅଭିଯୋଗ ପରେ ବନ ବିଭାଗ ପକ୍ଷରୁ ପଟ୍ଟା, କାଠ ଗଣ୍ଡି ଜବତ କରାଯାଇଛି। ମାତ୍ର ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଲେଇପଦା ବନପାଳ ମୋହନୀ ମହାନ୍ତ କହିଛନ୍ତି, ଠିକାଦାର ଗଛ କାଟିବା ନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ଏଥିରେ ମୁସଲିମ ବସ୍ତିର ଜଣେ ଯୁବକ ସମ୍ପୃକ୍ତ ଅଛନ୍ତି। ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ କହିଛନ୍ତି, ବେସରକାରୀ ଜମି ହୋଇଥିଲେ ବି ଗଛ କାଟିବାକୁ ବନ ବିଭାଗ ଅନୁମତି ଦେଉଛି। ମାତ୍ର ବାହାରକୁ ପଟ୍ଟା ଚାଲାଣ ହେଲେ ଏହା ଅପରାଧ।

**NOTICE**

**No.C-618:**The following contractor, who were registered as "C" Class Contractor under S.E.P.H Circle, Bhubaneswar. (Now Addl. Chief Engineer, P.H. Circle Bhubaneswar) and their Registration Certificate are hereby cancelled as per his written request and their one time deposit in shape of NSC will be refunded to him.

| Sl. No. | Name and Address | Regn.No. & Class | This Office order No.& Date |
|---|---|---|---|
| 1) | Mohammed Suhel Saad S/o. Mohammed Afser Ali At-Hata Sahi PO- Pipili, Dist-Puri | Regd.No. 1526 of 2018-19 'C' Class | S.E.P.H. Circle, BBSR No.3152, Dt.25.06.2018 |
| 2) | Sri Soumya Ranjan Jena S/o. Raj Kishore Jena At-Balipatana, Tarin Mandir PO-Balipatana, PS-Pattamundei Dist-Kendrapara,Pin-754215 | CDMS Regd. No.647WR724 'C' Class **(Valid upto 31.03.2022)** | S.E.P.H. Circle, BBSR, Dt.02.04.2019 |

This notice is required to be published for information of all Govt. Deptt./ Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30(thirty) days from the date of publication of this notice for recovery/adjustment to Govt. accounts.
In case no report from any office / Deptt are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.
**Sd.- Additional Chief Engineer, P.H.Circle, Bhubaneswar**
OIPR-13039/11/0004/2425

## ଇପିଏଫ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

କେନ୍ଦୁଝର,୧୯।୯(ଦୀପକ ମିଶ୍ର):

ଇପିଏଫ-୯୫ ପେନ୍‌ସନ୍ ହିତାଧିକାରୀଙ୍କ ସର୍ବନିମ୍ନ ପେନସନ ୫ ହଜାର ଟଙ୍କା, ଭିଡିଓ ଏବଂ ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଭାରତୀୟ ମଜଦୁର ସଂଘ କେନ୍ଦ୍ରୀୟ କମିଟିର ନିଷ୍ପତ୍ତି ଅନୁଯାୟୀ ଦେଶର ସମସ୍ତ ଇପିଏଫ ଆଞ୍ଚଳିକ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲା ଭାରତୀୟ ମଜଦୁର ସଂଘ ତରଫରୁ ଏକ ଶୋଭାଯାତ୍ରା କରଞ୍ଜିଆ ବସ୍‌ଷ୍ଟାଣ୍ଡରୁ ବାହାରି କେନ୍ଦୁଝର ଇପିଏଫ ଆଞ୍ଚଳିକ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏଥି ସହିତ ଇପିଏଫ୍ ଆଞ୍ଚଳିକ ଆୟୁକ୍ତଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘର



ଭାରତୀୟ ମଜଦୁର ସଂଘ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପୂର୍ବ କ୍ଷେତ୍ରୀୟ ସଂଗଠନ ସମ୍ପାଦକ ଗିରିଶ ଚନ୍ଦ୍ର ମହାନ୍ତ, ରାଜ୍ୟ ସାଧାରଣ ସମ୍ପାଦକ ପୃଥିରାଜ ପଣ୍ଡା, ରାଜ୍ୟ ଉପସଭାପତି ତଥା କେନ୍ଦୁଝର ଜିଲା ପ୍ରଭାରୀ ଡାକ୍ତର ମହାନ୍ତ ଓ ରାଜ୍ୟ କୋଷାଧକ୍ଷ ସଞ୍ଜୟ ଦେହୁରୀ, ଅଲ ଓଡ଼ିଶା ଆଶାକର୍ମୀ ସଂଘ ରାଜ୍ୟ ସମ୍ପାଦିକା ଧରିତ୍ରୀ ବାରିକ ପ୍ରମୁଖ ଉପସ୍ଥିତ ରହି ଶ୍ରମିକଙ୍କ ପେନ୍‌ସନ୍ ସମ୍ପର୍କରେ ଆଞ୍ଚଳିକ ଆୟୁକ୍ତଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ସିରାଜୁଦ୍ଦିନ ମାଇନ୍ସ ମଜଦୁର ସଂଘ, ବିଛାକୁଣ୍ଡି ମାଇନ୍ସ ମଜଦୁର ସଂଘ, ବଲାଣି ମାଇନ୍ସ ମଜଦୁର ସଂଘ, ଓଏମ୍‌ଡିସି କର୍ମଚାରୀ ସଂଘ, ମା' ତାରିଣୀ ଟୋଲ ପ୍ଲାଜା ୱାର୍କସ ୟୁନିୟନ, ମା' ଟାଙ୍ଗରାଣୀପାଟ ଟୋଲ ପ୍ଲାଜା ୱାର୍କସ ୟୁନିୟନ ଖିରେଇଟାଙ୍ଗିରୀ, ଖଣ୍ଡଘର ଟୋଲ ପ୍ଲାଜା, ଏମଏସପି ସ୍ପଞ୍ଜ ଆଇରନ ମଜଦୁର ସଂଘ, ରେଲୱେ ରନିଂ ରୁମ କର୍ମଚାରୀ ସଂଘ, ଓଡ଼ିଶା କୃଷି ଓ ଗ୍ରାମୀଣ ମଜଦୁର ସଂଘ, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ଆଦି ସଂଘ କର୍ମଚାରୀମାନେ ସାମିଲ ହୋଇଥିଲେ।

## କେନ୍ଦୁପୋଷିରେ ବିଶ୍ୱକର୍ମା ଭସାଣି

କେନ୍ଦୁଝର,୧୯।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଷି ଗ୍ରାମରେ ବାବାସାହେବ ସାଂସ୍କୃତିକ କ୍ଲବ୍ ପକ୍ଷରୁ ବିଶ୍ୱକର୍ମା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଯୁବଗୋଷ୍ଠୀ, ଗ୍ରାମବାସୀ ଡିଜେ ସାଉଣ୍ଡର ତାଳେ ତାଳେ ସ୍ଥାନୀୟ ନରସିଂହପୁର ଗ୍ରାମ ପରିକ୍ରମା କରିଥିଲେ। ପରେ ଗ୍ରାମର ପୁଷ୍କରିଣୀରେ ବିଶ୍ୱକର୍ମା ମୂର୍ତ୍ତି ବିଷର୍ଜନ କରାଯାଇଥିଲା। ଏଥିସହ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଚଳିତ ବର୍ଷ ୱାର୍ଡମେମ୍ବର ତଥା ବାବାସାହେବ ସାଂସ୍କୃତିକ କ୍ଲବ୍ ସଭାପତି ଦୁର୍ଯ୍ୟୋଧନ ପାତ୍ର, ସମ୍ପାଦକ ଦିଲ୍ଲିପ ପାତ୍ର ସଦସ୍ୟ ପ୍ରତାପ ପାତ୍ର, ସନାତନ ପାତ୍ର(ଏ), ଲମ୍ବୋଧର ପାତ୍ର, ମଙ୍ଗୁଲୁ ଚରଣ ପାତ୍ର, ବୁଦ୍ଧଦେବ ପାତ୍ର, ମଧୁସୂଦନ ପାତ୍ର, ଭରତ ପାତ୍ର, ସନାତନ ପାତ୍ର(ବି), ପୁରୁଷୋତ୍ତମ ପାତ୍ର ପ୍ରମୁଖ ପରିଚଳନା କରିଥିଲେ।

**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय**
ग्रामीण कार्य विभाग, कार्य प्रमण्डल, जमशेदपुर

**ई–अति अल्पकालिन निविदा आमंत्रण सूचना**

ई–अति अल्पकालिन निविदा संख्या:- **09/2024-25/RWD/EE/JSR** दिनांक :- **18.09.2024**
कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशनसंख्या /पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि |
|---|---|---|---|---|---|
| 1. | RWD/ JAMSHEDPUR/ 22/2024-25 | कसकोमगोड़ा चौक से बैद्यनाथडीह, शांतिपुर तक पथ निर्माण कार्य। (लं–1.800 कि0मी0) | 1,86,84,600.00 | एक करोड़ छियासी लाख चौरासी हजार छः सौ रू0 मात्र | 12 माह |
| 2. | RWD/ JAMSHEDPUR/ 23/2024-25 | बैद्यनाथडीह, बाछाई नाला से खैरबनी रेलवे फाटक तक पथ निर्माण कार्य। (लं–1.550 कि0मी0) | 1,35,29,100.00 | एक करोड़ पैंतीस लाख उन्तीस हजार एक सौ रू0 मात्र | 9 माह |

2. वेबसाईट में निविदा प्रकाशन की तिथि :– **20.09.2024** ।
3. ई–निविदा प्राप्ति की अंतिम तिथि एवं समय :– **27.09.2024** अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– **28.09.2024** अपराह्न 5.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

**कार्यपालक अभियंता,**
ग्रामीण कार्य विभाग, कार्य प्रमण्डल, जमशेदपुर

PR 336143 (REO) 24-25 (D)

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..............................



ସୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମଉଳୁଛି ପେଟ୍ରୋଲ, ଡିଜେଲ ଶସ୍ତା ହେବା ଆଶା

ଭୁବନେଶ୍ୱର,୧୯।୯ (ଅନୁରାଧା ମହାରଣା)

ନିକଟରେ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ପାଇବା ପରେ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ହ୍ରାସ ପାଇବ ବୋଲି ଆଶା କରାଯାଉଥିଲା। ମାତ୍ର ଏହି ଆଶା ମଉଳିବାରେ ଲାଗିଛି। ପେଟ୍ରୋଲିୟମ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଅଶୋଧିତ ତୈଳ ମୂଲ୍ୟରେ ଅନେକ ପରିବର୍ତ୍ତନ ଆସିଛି। ଯଦିଓ ଏହାର ମୂଲ୍ୟ ନିକଟରେ ବ୍ୟାରେଲ ପ୍ରତି ୭୦ ଡଲାରରୁ ତଳକୁ ଖସି ଆସିଥିଲା ମାତ୍ର ପରବର୍ତ୍ତୀ ସମୟରେ ଏହା ବୃଦ୍ଧି ପାଇଥିଲା। ଯେପର୍ଯ୍ୟନ୍ତ ଅଶୋଧିତ ତୈଳର ଅସ୍ଥିରତା ଜାରି ରହିବ, ସରକାରୀ ପେଟ୍ରୋଲିୟମ କମ୍ପାନୀଗୁଡ଼ିକ ମୂଲ୍ୟକୁ ସଂଶୋଧନ କରିବାର ସମ୍ଭାବନା କମ୍ ରହିଛି। ଭାରତୀୟ ତୈଳ ନିଗମ (ଆଇଓସି),



ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ୨୦୨୧ ପରଠାରୁ ସେମାନଙ୍କର ମୂଲ୍ୟ ପରିବର୍ତ୍ତନକରି ନ ଥିବାବେଳେ ସେମାନଙ୍କର ମୂଲ୍ୟ ହ୍ରାସ ପାଇଛି। ପେଟ୍ରୋଲ ଏବଂ ଡିଜେଲର ଘରୋଇ ମୂଲ୍ୟରେ ହ୍ରାସ ସତ୍ତ୍ୱେ କୌଣସି ହ୍ରାସ କରାଯାଉ ନାହିଁ ଏବଂ ଏହା ପଛର କାରଣ ହେଉଛି ଅଶୋଧିତ ତୈଳର ଅନ୍ତର୍ଜାତୀୟ ମୂଲ୍ୟରେ ଅନେକ ଅସ୍ଥିରତା ଦେଖାଯାଉଛି। ୩ଟି ସରକାରୀ ତୈଳ ମାର୍କେଟିଂ କମ୍ପାନୀ ଏବଂ ଇନ୍ଧନ ଖୁଚୁରା ବ୍ୟବସାୟୀ ଦୀର୍ଘଦିନ ଧରି ପେଟ୍ରୋଲ ଏବଂ ଡିଜେଲରେ ଭଲ ଲାଭ କରିଆସୁଥିଲେ ମଧ୍ୟ ମୂଲ୍ୟ ହ୍ରାସ କରିବାକୁ ନିଷ୍ପତ୍ତି ନେବା ପୂର୍ବରୁ ଏ କ୍ଷେତ୍ରରେ ମୂଲ୍ୟବୃଦ୍ଧି ଧାରା ଜାରି ରହିଥିବା ସେମାନେ ନିଶ୍ଚିତ କରିବାକୁ ଚାହୁଁଛନ୍ତି। ଗତ ସପ୍ତାହରେ ବିଶ୍ୱ ତୈଳ ମାନଦଣ୍ଡ ବ୍ରେଣ୍ଟ ଅଶୋଧିତ ଫ୍ୟୁଚର ବ୍ୟାରେଲ ପିଛା ୭୦ ଡଲାରରୁ ହ୍ରାସ ପାଇଥିଲା। ଏହା ଡିସେମ୍ବର ୨୦୨୧ ପରଠାରୁ ସର୍ବନିମ୍ନ ସ୍ତର । ମାତ୍ର ଏହାର ମୂଲ୍ୟ ପୁଣି ବୃଦ୍ଧି ପାଇ ବ୍ରେଣ୍ଟ ବ୍ୟାରେଲ ପିଛା ୭୪.୫୮ ଡଲାରରେ କାରବାର କରୁଛି।

ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟକୁ ଦେଖିବାକୁ ଗଲେ ଚଳିତ ବର୍ଷ ଆରମ୍ଭରେ ଲୋକ ସଭା ନିର୍ବାଚନ ପୂର୍ବରୁ ସେମାନଙ୍କ ମୂଲ୍ୟରେ ହ୍ରାସ ଘଟିଥିବାର ଦେଖାଯାଇଥିଲା। ଏହା ପୂର୍ବରୁ ୨ ବର୍ଷରୁ ଅଧିକ ସମୟ ଧରି ସେମାନଙ୍କ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ପେଟ୍ରୋଲିୟମ କମ୍ପାନୀଗୁଡ଼ିକ ଏପ୍ରିଲ ୨୦୨୨ରେ ଖୁଚୁରା ମୂଲ୍ୟ ସ୍ଥିର କରିଥିଲେ। ଏହା ପରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଲିଟର ପିଛା ମାତ୍ର ୨ ଟଙ୍କା ହ୍ରାସ କରାଯାଇଥିଲା ।

ଅଶୋଧିତ ତୈଳ ବିଶୋଧନାଗାରରେ ପେଟ୍ରୋଲ ଏବଂ ଡିଜେଲ ପରି ଇନ୍ଧନରେ ପରିଣତ ହୁଏ। ଏଭଳି ପରିସ୍ଥିତିରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ହେତୁ ଇନ୍ଧନ ମୂଲ୍ୟରେ ହ୍ରାସ ହେବା ଆଶା କରାଯାଉଥିଲେ ମଧ୍ୟ ସେପରି କିଛି ହୋଇନାହିଁ। ଆମଦାନୀରୁ ଭାରତ ଏହାର ପେଟ୍ରୋଲିୟମ ଆବଶ୍ୟକତାର ୮୫ ପ୍ରତିଶତ ହାସଲକରେ ଏବଂ ଏହାର ମୂଲ୍ୟ ଅନ୍ତର୍ଜାତୀୟ ହାର ଅନୁଯାୟୀ ନିର୍ଣ୍ଣୟ କରାଯାଏ।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧୯।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୩୭ (୨୩୬.୫୭) ପଏଣ୍ଟ ବଢି ୮୩,୧୮୫ (୮୩,୧୮୪.୮୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୮ (୩୮.୨୫) ପଏଣ୍ଟ ବୃଦ୍ଧି ଘଟି ୨୫,୪୧୬ (୨୫,୪୧୫.୮୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## ବଜାରରେ ଏଚ୍‌ପିର ନୂତନ ଉତ୍ପାଦ



ନୂଆଦିଲ୍ଲୀ,୧୯।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଇ-ଉତ୍ପାଦନକାରୀ ବ୍ରାଣ୍ଡ ଏଚ୍‌ପିର ନୂତନ ଉତ୍ପାଦ ରେଞ୍ଜର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ଅଫିସ୍ ପ୍ରିଣ୍ଟ ପୋର୍ଟଫୋଲିଓରେ ଏକ ନୂତନ ଯୋଗ ଭାବେ ଏଚ୍‌ପି କଲର ଲେଜର ଜେଟ୍ ପ୍ରୋ ୩୦୦୦ ସିରିଜ୍‌ର ନୂଆ ରେଞ୍ଜର ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଭାରତରେ ଏଚ୍‌ପି କଲର୍‌ଲେଜରଜେଟ୍‌ପ୍ରୋ ୩୦୦୦ସିରିଜରେ ଦୁଇଟି ମଡେଲ ଯଥା ସିଙ୍ଗଲ୍-ଫଙ୍କ୍ସନ ଏଚ୍‌ପି କଲର ଲେଜରଜେଟ୍ ପ୍ରୋ ପ୍ରିଣ୍ଟର ୩୨୦୩ ଡିଡବ୍ଲ୍ୟୁ ଓ ମଲ୍ଟି-ଫଙ୍କ୍ସନ ଏଚ୍‌ପି କଲର୍ ଲେଜରଜେଟ୍ ପ୍ରୋ ପ୍ରିଣ୍ଟର ୩୩୦୩ ଏସ୍‌ଡିଡବ୍ଲ୍ୟୁ ସାମିଲ ରହିଛି, ଯାହା କଲର ଏବଂ କଳା ଓ ଧଳାରେ ପ୍ରିଣ୍ଟିଂ, ସ୍କାନିଂ ଓ କପି କରିବା କ୍ଷମତା ପ୍ରଦାନ କରୁଛି। ଏଚ୍‌ପି ଇଣ୍ଡିଆ ମାର୍କେଟର ପ୍ରିଣ୍ଟିଂ ସିଷ୍ଟମ୍‌ସ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ସୁନିଶ ରାଘବନ କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ତଥା ଏଚ୍‌ପି ନ୍ୟୁ କଲର ଲେଜରଜେଟ୍ ପ୍ରୋ ୩୦୦୦ସିରିଜକୁ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଅଭିନବ ଟେରାଜେଟ୍ ଟେକ୍ନୋଲୋଜି ଥିବା ଏହି ସିରିଜ ଏକ କମ୍ପାକ୍ଟ ଡିଜାଇନରେ ଚମତ୍କାର ରଙ୍ଗ ଗୁଣବତ୍ତା, ପ୍ରଫେସନାଲ ସ୍ପିଡ୍ ଓ ଶକ୍ତି ଦକ୍ଷତା ପ୍ରଦାନ କରୁଛି। ଏହି ସମାଧାନକୁ ବ୍ୟବସାୟଗୁଡ଼ିକୁ ଡାଉନଟାଇମ୍ ହ୍ରାସ କରିବା, ପରିଚାଳନାଗତ ଦକ୍ଷତାକୁ ବଜାୟ ରଖିବା ଏବଂ ଏକ ବିକଶିତ ବଜାରରେ ପ୍ରତିଯୋଗୀପୂର୍ଣ୍ଣ ରହିବାରେ ସହଯୋଗ କରିବା ପାଇଁ ଡିଜାଇନ କରାଯାଇଛି।

## ଫୁଲ୍‌ଫିଲ୍‌ମେଣ୍ଟ ନେଟ୍‌ୱର୍କର ସମ୍ପ୍ରସାରଣ

ନୂଆଦିଲ୍ଲୀ,୧୯।୯ (ଅଭୟ ଦାଶ)

ଚଳିତ ବର୍ଷ ପାର୍ବଣ ଋତୁରେ ଇ-କର୍ମସ କମ୍ପାନୀ ଆମାଜନ ଇଣ୍ଡିଆ ତା'ର କାରବାର ଓ ସେବା ବୃଦ୍ଧି ପାଇଁ ଫୁଲ୍‌ଫିଲ୍‌ମେଣ୍ଟ ନେଟ୍‌ୱର୍କର ସମ୍ପ୍ରସାରଣ କରିଛି। କମ୍ପାନୀ ପକ୍ଷରୁ ଦିଲ୍ଲୀ ଏନ୍‌ସିଆର୍, ଗୁଆହାଟୀ ଓ ପାଟ୍‌ନାଠାରେ ୩ଟି ନୂଆ ଫୁଲ୍‌ଫିଲମେଣ୍ଟ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ଆମାଜନର ବିଦ୍ୟମାନ ଫୁଲ୍‌ଫିଲମେଣ୍ଟ ନେଟ୍‌ୱର୍କର ସମ୍ପ୍ରସାରଣ ସମେତ ଏହି ନୂଆ ଫୁଲ୍‌ଫିଲ୍‌ମେଣ୍ଟ ସେଣ୍ଟରଗୁଡିକ ଉତ୍ତର ଓ ପୂର୍ବ ଭାରତ ରାଜ୍ୟରେ ଗ୍ରାହକଙ୍କ ପାଇଁ ଡେଲିଭରି ବେଗକୁ ବହୁମାତ୍ରାରେ ବୃଦ୍ଧି କରିବ। ଏହି ବିନିଯୋଗ ଉପରୋକ୍ତ ଅଞ୍ଚଳଗୁଡିକରେ ସେଲରମାନଙ୍କୁ ଆବଶ୍ୟକ ଟ୍ରେନିଂ ସହ ବ୍ରାଣ୍ଡର ଗ୍ରାହକଙ୍କୁ ଅଧିକ ଉତ୍ତମ ଓ ଉନ୍ନତ ସେବା ପ୍ରଦାନ ଏବଂ ବହୁ ହଜାର ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ନିଯୁକ୍ତିଗୁଡିକରେ ଫୁଲ୍ ଓ ପାର୍ଟ ଟାଇମ୍ ନିଯୁକ୍ତି ସୁଯୋଗ ସମେତ ଆମାଜନର ପରିଚାଳନା ନେଟ୍‌ୱର୍କରେ ମଧ୍ୟ ବିଭିନ୍ନ ପ୍ରକାର ଭୂମିକା ସାମିଲ ରହିଛି। ଆମାଜନ ଇଣ୍ଡିଆର ଅପରେଶନ୍ସ ବିଭାଗର ଉପାଧ୍ୟକ୍ଷ ଅଭିନବ ସିଂହ କହିଛନ୍ତି, ଆମେ ଭାରତର ପ୍ରତ୍ୟେକ ପିନ୍‌କୋଡ୍‌ରେ ଆମର ଗ୍ରାହକଙ୍କୁ ସେବା ଯୋଗାଇବା ଏବଂ ସେମାନଙ୍କ ପାଇଁ ବିଶେଷକରି ପାର୍ବଣ ଋତୁ ସମୟରେ ନିଜ ପସନ୍ଦର ଉତ୍ପାଦଗୁଡିକୁ ଶୀଘ୍ର ଓ ନିର୍ଭରଯୋଗ୍ୟ ଆଣିବା ପାଇଁ ପ୍ରତିବଦ୍ଧ ରହିଛୁ।

## ରେଡ୍ ଡଟ୍ ହେଲ୍‌ଥ ସହ ଉତ୍କଳ ହସ୍ପିଟାଲର ବୁଝାମଣା



ଏଏଲ୍‌ଏସ୍ ଆମ୍ବୁଲାନ୍ସକୁ ପତାକା ଦେଖାଇ ହସ୍ପିଟାଲ କର୍ତ୍ତୃପକ୍ଷ ଆନୁଷ୍ଠାନିକ ଭାବେ ହସ୍ପିଟାଲ ସେବାରେ ସାମିଲ କରାଇଥିଲେ। ଏହି ଅବସରରେ ଉତ୍କଳ ହସ୍ପିଟାଲର ସିଓଓ ମାନବ, ସିଏଫ୍‌ଓ ଆଣ୍ଡ ୟୁନିଟ୍ ହେଡ୍ ଅରୁଣ ଖିଲାରଙ୍କ ସମେତ ଉତ୍କଳ ହସ୍ପିଟାଲ ଜରୁରିକାଳୀନ ବିଭାଗର ଏଚ୍‌ଓଡି ଡା. ଅବିନାଶ ମହାନ୍ତି ଏବଂ ରେଡ୍ ଡଟ୍ ହେଲ୍‌ଥର ହସ୍ପିଟାଲ ବ୍ୟବସାୟ ଉପସଭାପତି ପ୍ରଶାନ୍ତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ଭୁବନେଶ୍ୱର,୧୯।୯ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଉତ୍କଳ ହସ୍ପିଟାଲ ଏବଂ ରେଡ୍ ଡଟ୍ ହେଲ୍‌ଥ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଓଡ଼ିଶା ସମେତ ଭୁବନେଶ୍ୱର ସହରରେ ପ୍ରମୁଖ ସମସ୍ୟା ସୃଷ୍ଟି କରୁଥିବା ଓ ସ୍ୱାସ୍ଥ୍ୟସେବାର ଜଟିଳ ସମସ୍ୟାର ମୁକାବିଲା ପାଇଁ ଉଭୟ ସଂସ୍ଥା ମଧ୍ୟରେ ଏହି ରଣନୈତିକ ଭାଗୀଦାରି ସମ୍ପର୍କରେ ଘୋଷଣା କରାଯାଇଛି।

ଏହି ପରିପ୍ରେକ୍ଷୀରେ ରେଡ୍ ଡଟ୍ ହେଲ୍‌ଥ ପକ୍ଷରୁ ଉତ୍କଳ ହସ୍ପିଟାଲଠାରେ ଏକ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ସଜ୍ଜିତ ଆଡଭାନ୍ସ ଲାଇଫ ସପୋର୍ଟ (ଏଏଲ୍‌ଏସ୍) ଆମ୍ବୁଲାନ୍ସକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହ ହସ୍ପିଟାଲର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିୟୋଜିତ କରାଯିବ ବୋଲି କୁହାଯାଇଛି।

ଏ ସମ୍ପର୍କରେ ରେଡ୍ ଡଟ୍ ହେଲ୍‌ଥର ପ୍ରତିଷ୍ଠାତା ତଥା ସିଇଓ ପ୍ରଭଦୀପ ସିଂହ କହିଥିଲେ, ଆମେ ଉତ୍କଳ ହସ୍ପିଟାଲ ସହ ଜଡ଼ିତ ହୋଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ସଙ୍କଟ ସମୟରେ ପ୍ରତ୍ୟେକ ସେକେଣ୍ଡ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ସେହିଭଳି ଉତ୍କଳ ହସ୍ପିଟାଲର ସିଏଫ୍‌ଓ ତଥା ୟୁନିଟ୍ ମୁଖ୍ୟ ଅରୁଣ ଖିଲାର ରେଡ୍ ଡଟ୍ ହେଲ୍‌ଥକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ଏପରିକି ଏହି ଭାଗୀଦାରି ଆମର ଜରୁରିକାଳୀନ ସେବାକୁ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ,ଯାହା ଆମକୁ ଅଭାବୀ ଲୋକଙ୍କୁ ଠିକ୍ ସମୟରେ ଏବଂ ଜୀବନ ରକ୍ଷାକାରୀ ସେବା ଯୋଗାଇବାରେ ସକ୍ଷମ କରିବ। ସେହିପରି ଉତ୍କଳ ହସ୍ପିଟାଲର ସିଓଓ ମାନବ କହିଛନ୍ତି, ରେଡ୍ ଡଟ୍ ହେଲ୍‌ଥ ସହ ଆମର ଭାଗୀଦାରି ନୂଆ ସମ୍ଭାବନା ସୃଷ୍ଟି କରିଛି।

## ରିଲାଏନ୍ସ ଡିଜିଟାଲରେ ଆଇଫୋନ୍ ୧୬ ରେଞ୍ଜ

ମୁମ୍ବାଇ,୧୯।୯(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଲାଏନ୍ସ ଗ୍ରୁପ୍‌ର ଅଗ୍ରଣୀ ପ୍ଲାଟ୍‌ଫର୍ମ 'ରିଲାଏନ୍ସ ଡିଜିଟାଲ'ରେ ବହୁ ପ୍ରତୀକ୍ଷିତ ଆଇଫୋନ୍-୧୬ର ସମସ୍ତ ଭାରିଆଣ୍ଟ (ରେଞ୍ଜ) ଉପଲବ୍ଧ ହେଉଛି। ଏପରିକି ସର୍ବଭାରତୀୟ ସ୍ତରରେ ଥିବା ରିଲାଏନ୍ସ ଡିଜିଟାଲ ଅଫ୍‌ଲାଇନ ଷ୍ଟୋର (ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍) ଏବଂ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଉପଲବ୍ଧ ଥିଲାବେଳେ ଆଶାୟୀ ଗ୍ରାହକମାନେ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ପ୍ଲାଟ୍‌ଫର୍ମରେ ପ୍ରି ବୁକିଂ କରିପାରିବେ। ଏପରିକି ରିଲାଏନ୍ସ ଡିଜିଟାଲ ଗ୍ରାହକଙ୍କ ଦ୍ୱାରା ପ୍ରାକ୍-ବୁକିଂ କରାଯାଇଥିବା ଠିକ୍ ଭାରିଆଣ୍ଟର ଡେଲିଭରି ଗ୍ୟାରେଣ୍ଟି ପ୍ଲାଟ୍‌ଫର୍ମ ପକ୍ଷରୁ ଦିଆଯାଇଛି। ଯଦି ରିଟେଲର ଏହି ପ୍ରତିଶ୍ରୁତି ପୂରଣ କରିବାରେ ଅସମର୍ଥ ହୁଅନ୍ତି, ତେବେ ପ୍ରାକ୍ ବୁକିଂ ରାଶିର ୨ଗୁଣା ଅର୍ଥ ଫେରସ୍ତ ପାଇଁ ମଧ୍ୟ ପ୍ରତିଶ୍ରୁତି ଦିଆଯାଉଛି। ଅପରପକ୍ଷରେ ଆଇଫୋନ୍-୧୬ ରେଞ୍ଜ ପାଇଁ ସବୁ ବର୍ଗର ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି ବୋଲି ଉଭୟ ବ୍ରାଣ୍ଡ ଓ




ପ୍ଲାଟ୍‌ଫର୍ମ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଆଇଫୋନ୍-୧୬ରେଞ୍ଜର ପ୍ରାକ୍ ବୁକିଂ ରିଲାଏନ୍ସ ଡିଜିଟାଲ ପ୍ଲାଟ୍‌ଫର୍ମରେ ଆଶାତୀତ ଭାବେ ବୃଦ୍ଧି ପାଇଛି। ଏପରିକି ଗତ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ଲାଟ୍‌ଫର୍ମରେ ୨ ଗୁଣା ଅଧିକ ହୋଇଛି ବୋଲି ରିଲାଏନ୍ସ ଡିଜିଟାଲ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ବଜାର ଚାହିଦାରେ ଅତ୍ୟଧିକ ବୃଦ୍ଧି ସତ୍ତ୍ୱେ କମ୍ପାନୀ ତା'ର ପ୍ରାକ୍ ବୁକ୍ତି ପ୍ରତିଶ୍ରୁତି ପୂରଣ କରିବା ନେଇ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତି ରହିଛି। ଆଶାୟୀ ଗ୍ରାହକମାନେ ମଧ୍ୟ ରିଲାଏନ୍ସ ଡିଜିଟାଲ ଷ୍ଟୋରରୁ କିମ୍ବା ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଆଇଫୋନ୍-୧୬ ରେଞ୍ଜର ମଡେଲ କିଣିବାକୁ ଅପେକ୍ଷାକରି ରହିଛନ୍ତି।


### ଜନ୍ମଦିନ ଶୁଭେଚ୍ଛା



ପ୍ରାଂଶୁ ଦାଶ (ସାଇ, ସୋନୁ)
ମିଶ୍ରପଡ଼ା, ଅନୁଗୁଳ
ଜନ୍ମଦିନର ଶୁଭ ଅବସରରେ ଆମେ ପ୍ରାର୍ଥନା କରୁଛୁ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରି ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ- ଜେପା, ଜେମା, ଆଈ, ବାପା, ମାମା, ସାନଭାଇ: ପ୍ରନୀଳ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୩୮୫

STAR MANAGEMENT COLLEGE



Courses Offered
B.Sc (Comp. Sc) Hons
BBA / BCA
MA PMIR
FREE Course Fees & Hostels for SC / ST Students
Contact for more Details :-
0674-2595970, 9337835703, 9937337659
Address: Forestpark, Bhubaneswar-751009


## ଆଇସିଆଇସିଆଇ ପ୍ରୁ ସିଗ୍ନେଚର ପେନ୍‌ସନର ଶୁଭାରମ୍ଭ

ନୂଆଦିଲ୍ଲୀ,୧୯।୯ (ଅଭୟ ଦାଶ)

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ନୂତନ ଉତ୍ପାଦ 'ଆଇସିଆଇସିଆଇ ପ୍ରୁ ସିଗ୍ନେଚର ପେନ୍‌ସନ' ପ୍ଲାନ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ବଜାର ସଂଯୋଜିତ ପେନ୍‌ସନ ଉତ୍ପାଦ ହୋଇଥିଲାବେଳେ ଗ୍ରାହକଙ୍କୁ ଏହା ଏକ ମୂଲ୍ୟ ଓ ଟିକସ ଦକ୍ଷ ଅବସରକାଳୀନ ପାଣ୍ଠି ନିର୍ମାଣ କରିବା ପାଇଁ ସକ୍ଷମ କରୁଛି। ସେହିଭଳି ଅବସରକାଳୀନ ଯୋଜନା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିଲାବେଳେ ଆର୍ଥିକ ରୂପେ ସ୍ୱାଧୀନ ହେବା ଦ୍ୱାରା ଏହା ସମସ୍ତ ଗ୍ରାହକଙ୍କ ଲାଗି ଜରୁରୀ ହୋଇଥାଏ। ଏହି ସ୍ୱତନ୍ତ୍ର ଉତ୍ପାଦ ଗ୍ରାହକଙ୍କୁ ଅବସର ଯୋଜନାର ଉଭୟ ପାଣ୍ଠି ସଂଗ୍ରହ ଓ ଆୟ ସୃଷ୍ଟି ପର୍ଯ୍ୟାୟ ପାଇଁ ପ୍ରଭାବୀ ରୂପେ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରୁଛି। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିତ୍ ପାଲ୍‌ଟା କହିଛନ୍ତି, ଆମେ ଆଇସିଆଇସିଆଇ ପ୍ରୁ ସିଗ୍ନେଚର ପେନ୍‌ସନ ପ୍ରଦାନକରି ଖୁସି ଅନୁଭବ କରୁଛୁ। ଏହା ହେଉଛି ଏକ ବଜାର ସଂଯୋଜିତ ଉତ୍ପାଦ ଯାହା ଗ୍ରାହକଙ୍କୁ ନିଜର ଅବସରକାଳୀନ ପାଣ୍ଠି ନିର୍ମାଣ କରିବା ପାଇଁ ଭାରତୀୟ ଅଭିବୃଦ୍ଧି କାହାଣୀରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେଉଛି। ଏହି ଉତ୍ପାଦ ରିଟର୍ନକୁ ସର୍ବାଧିକ କରିବା ପାଇଁ ଇକ୍ୱିଟି, ଋଣ ଓ ସନ୍ତୁଳିତ ଫଣ୍ଡଗୁଡିକ ମଧ୍ୟରେ ଅସୀମିତ ମାଗଣା ସ୍ଥାନାନ୍ତର ପ୍ରଦାନ କରିବା ବ୍ୟତୀତ ଗ୍ରାହକଙ୍କୁ ଇକ୍ୱିଟି ପାଇଁ ୧୦୦% ଏକ୍ସପୋଜର ରଖିବାକୁ ଅନୁମତି ଦେଉଛି। ଏହି ଉତ୍ପାଦ ସହିତ କମ୍ପାନୀ ଦୁଇଟି ନୂତନ ଫଣ୍ଡ-ଆଇସିଆଇସିଆଇ ପ୍ରୁ ପେନ୍‌ସନ ଇଣ୍ଡିଆ ଗ୍ରୋଥ୍ ଫଣ୍ଡ ଓ ଆଇସିଆଇସିଆଇ ପ୍ରୁ ପେନ୍‌ସନବାଲାନ୍ସଡ ଫଣ୍ଡ ମଧ୍ୟ ପ୍ରଦାନ କରୁଛି।


# Classified Everyday

0674-2580101, 2549949



REAL ESTATE

SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584. D-1382

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964. D-1383

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452. D-75784

ମାତ୍ର 7,80,000/- ଟଙ୍କାରେ ପିପିଲି ଦାଣ୍ଡମୁକୁନ୍ଦପୁର (NH) ପ୍ରସ୍ତାବିତ ମେଟ୍ରୋରେଳ ନିକଟରେ ୩୦ ଫୁଟ୍ ରାସ୍ତା, ପାଚେରି, ଘରବାରି ପ୍ଲଟ୍ କିଣନ୍ତୁ। 8984911275. D-1360




Newly open Jyoti SPA positively health benefits (Expert therapist). 8458067955. D-76157

Newly open health benefits SPA by expert therapist. Contact- 9938843929. D-76155

Full body massage experience, good looking therapist @ 999 (Bhubaneswar). 9078484455. D-1347

Newly open health benefits SPA special offer @ 799 Bapujinagar. 8018429809. D-76156

AFFIDAVIT

By virtue of an affidavit before the Executive Magistrate, Balasore, I, Ranjita Tripathy after my marriage to Shaktipriya Acharya of Panisulia, Balasore had changed my surname from Tripathy to Acharya. Henceforth, I shall be known as Ranjita Tripathy for all purposes. D-75821

I, Tulasi Das, W/o- Harekrishna Das, resident of Vill- Padhanpara, P.O.- Barha Damodarpur, P.S.- Rajkanika, Via- Singhpur, Dist.- Kendrapara, Odisha, PIN- 755016 declared by this affidavit No.-72, dt.- 18.09.2024. That now onwards I shall be known as Tulsi Das for all future purposes. D-1390

I Kalpana Das Adhikari, aged about 53 years, D/o- Late Purna Chandra Das Adhikari of Village/ P.O.- Remu, P.S.- Baliapal, Dist.- Balasore, Odisha, Pin-756081. I have got married with Bijay Ketan Giri as per Hindu rites and customs on dt. 27/06/2003. Hereby declare that Kalpana Das Adhikari and Kalpana Giri is one and same person. I have changed my name from Kalpana Giri to Kalpana Das Adhikari for all future purposes. D-1359

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



୰ଅପରାଜିତା ମହାପାତ୍ର
ଲୁଇସ୍ ରୋଡ୍, ଭୁବନେଶ୍ୱର
ଆବିର୍ଭାବ: ୧୩।୦୭।୧୯୫୭
ତିରୋଧାନ: ୧୨।୦୯।୨୦୨୨
ତୁମେ ସ୍ୱର୍ଗଧାମକୁ ଯିବାର ଦୁଇବର୍ଷ ହୋଇଗଲା। ତେବେ ତୁମେ ଆମ ହୃଦୟରେ ସଦାସର୍ବଦା ରହିଅଛ। ତୁମର ଆଦର୍ଶ, ସ୍ନେହ, ଶ୍ରଦ୍ଧା, ଭଗବତ୍ ବିଶ୍ୱାସ, କଷ୍ଟସହିଷ୍ଣୁ ସ୍ୱଭାବ ଓ ପରୋପକାରୀ ଗୁଣଗୁଡ଼ିକ ଆମର ପ୍ରେରଣାଦାୟକ ହୋଇ ରହିବ। ମହାପ୍ରଭୁଙ୍କ ନିକଟରେ ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୭୬୦୨୩

ଦ୍ୱାଦଶାହ ଉପଲକ୍ଷେ



୰ଇଂ. ଅନନ୍ତପଦ ଦାଶ (ଲୁଲା)
୧୭, ସୂର୍ଯ୍ୟନଗର, ଭୁବନେଶ୍ୱର, ଗ୍ରାମ- ସାରଙ୍ଗପୁର
ଆବିର୍ଭାବ-୦୧।୦୭।୧୯୫୯
ତିରୋଧାନ- ୦୯।୦୯।୨୦୨୪
ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଶାନ୍ତ ସରଳ ଓ ଆଦର୍ଶ ଜୀବନଧାରା ଆମ ଜୀବନପଥର ପାଥେୟ ହେଉ। ତୁମର ଅମ୍ଳାନ, ଅମର ଆତ୍ମାର ସଦ୍‌ଗତି ଓ ମୋକ୍ଷ ପ୍ରାପ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ- ପତ୍ନୀ: ମାମା (ଶ୍ୱେତପଦ୍ମା), କନ୍ୟା: ଗୁଗୁଲ (ପ୍ରଜ୍ଞାଦିତି), ଜାମାତା: ବିଜୟ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୩୮୬

# ଭରତପୁର ଥାନା: ଆଉ ଏକ ନୂଆ ଗୁମର

## ଚୋରି ବାଇକ୍ ଖୋଜିବାକୁ ପୋଲିସ ମାଗିଲା ଟଙ୍କା



ଭରତପୁର ଥାନା।

ଭୁବନେଶ୍ୱର,୧୯।୯ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଭରତପୁର ଥାନାରେ ଜଣେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ପୋଲିସର ଅକଥନୀୟ ନିର୍ଯାତନା ଘଟଣା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଥିବା ବେଳେ ଏହାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି। ଏହି ବର୍ବରକାଣ୍ଡ ପାଇଁ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସମେତ ଥାନାର ୫ଜଣଙ୍କୁ ନିଲମ୍ବିତ କରାଯାଇଛି। ଏଭଳିସ୍ଥଳେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଲମ୍ବିବାରେ ଲାଗିଛି। ବାଇକ୍ ଚୋରି ସଂକ୍ରାନ୍ତରେ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ଜଣେ ଏତଲାକାରୀ କିଭଳି ପୋଲିସ ଦ୍ୱାରା ହଇରାଣ ହରକତ ହୋଇ ନ୍ୟାୟ ପାଇବାରୁ ବିଫଳ ହୋଇଛନ୍ତି, ତାହା ଗୁରୁବାର ସାମ୍ନାକୁ ଆସିଛି। ଅଭିଯୋଗକାରୀ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣ ତଳସାହି ଗ୍ରାମର ଧୀରେନ୍ଦ୍ର କୁମାର ଭୁତିଆ (୩୧) ଭରତପୁର ଥାନା ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଧୀରେନ୍ଦ୍ର କହିଛନ୍ତି, ଗତ ଅଗଷ୍ଟ ୨୨ରେ ଭରତପୁର ଥାନା ଅଧୀନରେ ଥିବା ଏକ ଘରୋଇ ହସ୍ପିଟାଲରେ ତାଙ୍କ ବାପା ଅସୁସ୍ଥ ହୋଇ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲ ସମ୍ମୁଖ ପାର୍କିଂରେ କଳା ରଙ୍ଗର ହୋଣ୍ଡା ସାଇନ୍ ବାଇକ୍ (ଓଡ଼ିଶା-୩୩ଏଲ୍-୯୩୩୧) ରଖି ବାପାଙ୍କୁ ହସ୍ପିଟାଲରେ ଜଗିଥିଲେ। ଗତ ୨୯ତାରିଖ ରାତି ୧୧ଟା ବେଳେ ପାର୍କିଂରୁ ଦେଖିବାରୁ ତାଙ୍କ ଗାଡ଼ି ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ନିକଟସ୍ଥ ଦୋକାନର ସିସିଟିଭି ଯାଞ୍ଚ କରିବାରୁ ଚୋର ରାତି ଅଟୋରୁ ଓହ୍ଲାଇ ଚାଲି ଚାଲି ଆସି ବାଇକ୍ ଚୋରି କରିଥିବା ଜଣାପଡ଼ିଥିଲା। ସେହିଦିନ ରାତିରେ ସେ ସିସିଟିଭି ଫୁଟେଜ୍ ସହ ଭରତପୁର ଥାନାକୁ ଚୋରି ସଂକ୍ରାନ୍ତରେ ଏତଲା ଦେବାକୁ ଯାଇଥିଲେ। ସଙ୍ଗେ ସଙ୍ଗେ ଘଟଣାସ୍ଥଳକୁ ଗଲେ ଚୋର ଧରାପଡ଼ିବା ସହ ବାଇକ୍ ମିଳିଯିବ ବୋଲି ମଧ ଧୀରେନ୍ଦ୍ର କହିଥିଲେ। ହେଲେ ଥାନାରେ ଡ୍ୟୁଟିରେ ଥିବା ଅଫିସର ଓ କର୍ମଚାରୀମାନେ ତାଙ୍କୁ ସହଯୋଗ କରି ନ ଥିଲେ। ପିସିଆର୍ ଖରାପ ଏବଂ ତେଲ ନାହିଁ ଆଦି ବାହାନା ଦେଖାଇ ଥାନାରେ ସମୟ ଗଡ଼ାଇଥିଲେ। ଯଦି ଥାନା ଗାଡ଼ିରେ କିଛି ତେଲ ପକାଇବେ ତା'ହେଲେ ଦେଖିବା ବୋଲି ପୋଲିସ କର୍ମଚାରୀମାନେ କହିଥିଲେ। ଏହାପରେ ଧୀରେନ୍ଦ୍ର ତେଲ ପକାଇବାକୁ ହଜାରେ ଟଙ୍କା ମଧ ଯାଚିଥିଲେ। ହେଲେ ପରେ ଥାନା କର୍ମଚାରୀମାନେ ଡ୍ରାଇଭର ନାହାନ୍ତି ବୋଲି କହିଥିଲେ। ଏଭଳି ହଇରାଣର ସମ୍ମୁଖୀନ ହୋଇ ଧୀରେନ୍ଦ୍ର ରାତି ୨ଟାରେ ଘରକୁ ଫେରି ଆସିଥିଲେ। ଏପରିକି ମାମଲାର ଏଫ୍ଆଇଆର୍ କପି ପାଇବାକୁ ଧୀରେନ୍ଦ୍ରଙ୍କୁ ୫/୬ଥର ଥାନାକୁ ଦୌଡ଼ିବାକୁ ପଡ଼ିଥିଲା। ପରେ ଜୋନ ଏସିପିଙ୍କୁ ଭେଟିବା ପରେ ସେପ୍ଟେମ୍ବର ୨ରେ ତାଙ୍କୁ ଏଫ୍ଆଇଆର୍ କପି ଦିଆଯାଇଥିଲା। ତେବେ ଏହାରି ଭିତରେ ତତ୍କାଳୀନ ଥାନାଧିକାରୀ ଦୀନକୃଷ୍ଣଙ୍କୁ ଧୀରେନ୍ଦ୍ର ଯୋଗାଯୋଗ କରି ଚୋରି ବିଷୟରେ କହିବାରୁ, ସେ ମଧ ଅବାନ୍ତର ଯୁକ୍ତି କରିଥିଲେ। ସହରରେ ବାରମ୍ବାର ଗାଡ଼ି ଚୋରି ହେଉଛି, କାହିଁକି ଚେନ୍ ପକାଇଲ ନାହିଁ ବୋଲି କହି ଦୀନକୃଷ୍ଣ ତାଙ୍କୁ ରାଗିଯାଇ ତାଗିଦ୍ କରିଥିଲେ। ଧୀରେନ୍ଦ୍ର ପ୍ରଶ୍ନ କରିବାରୁ ଦୀନକୃଷ୍ଣ ତାଙ୍କୁ ଗାଳିଗୁଲଜ ମଧ କରିଥିଲେ। ଏପରି କି ମାଲକାନଗିରି ଆଡ଼େ ଗାଡ଼ିଟି ଡଙ୍ଗା ହୋଇଯାଇଥିବ ବୋଲି ଧୀରେନ୍ଦ୍ରଙ୍କୁ ଜଣେ ଏସ୍ଆଇ ମଧ କହିଥିଲେ। ତେବେ ପରେ ମୋଦିଙ୍କ ଗସ୍ତ ସମୟରେ ଡିସିପି ଓ ପୋଲିସ କମିଶନରଙ୍କୁ ଭେଟି ଏହି ଘଟଣା ବିଷୟରେ ଧୀରେନ୍ଦ୍ର ଜଣାଇଥିବା କହିଛନ୍ତି। ଏନେଇ ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ କହିବା ହେଲା, ଗାଡ଼ି ଚୋରି ନେଇ ଭରତପୁର ଥାନାରେ ହୋଇଥିବା ଅଭିଯୋଗ ଉପରେ ତାଙ୍କ ସହିତ କେହି ଭେଟି ନାହାନ୍ତି। ଯଦିବି ଏମିତି କିଛି ଘଟଣା ଘଟିଥାଏ, ସେନେଇ ଜଣାଇଲେ ଆମେ ପଦକ୍ଷେପ ନେବୁ ବୋଲି କହିଛନ୍ତି।

# ସମ୍ବଲପୁରୀ ଗାୟିକା ରୁକ୍ସାନାଙ୍କ ମୃତ୍ୟୁ

## ସ୍କ୍ରବ୍ ଟାଇଫସ୍ ନୁହେଁ, ସ୍ଲୋ ପଏଜନ ଦେଇ ହତ୍ୟା କରାଯାଇଛି: ମା'



ଗାୟିକା ରୁକ୍ସାନା ବାନୋ।

ଭବାନୀପାଟଣା,୧୯।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାର ଜଣାଶୁଣା ସମ୍ବଲପୁରୀ ଗାୟିକା ରୁକ୍ସାନା ବାନୋ (୨୭)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ୧୫ ଦିନ ତଳେ ବଲାଙ୍ଗୀରରେ ଶୁଟିଂ ବେଳେ ରୁକ୍ସାନା ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଭବାନୀପାଟଣା ଓ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବରଗଡ଼ସ୍ଥିତ ଏକ ଘରୋଇ ମେଡିକାଲ ଓ ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ରୁକ୍ସାନାଙ୍କ ସ୍କ୍ରବ୍ ଟାଇଫସ୍‌ରେ ମୃତ୍ୟୁ ହୋଇଥିବା କୁହାଯାଉଥିବାବେଳେ ତାଙ୍କୁ ସ୍ଲୋ ପଏଜନ୍ ଦେଇ ହତ୍ୟା କରାଯାଇଛି ବୋଲି ରୁକ୍ସାନାଙ୍କ ମା' ଏବଂ ଭଉଣୀ ଅଭିଯୋଗ ଆଣିଛନ୍ତି। ଗତ ୨ମାସ ଧରି ଗାୟକ ରୁକୁ ସୁନା ନିର୍ଯାତନା ଦେଇ ଆସୁଥିବା ରୁକ୍ସାନାଙ୍କ ମା' ସୋସିଆଲ ମିଡିଆରେ କହିଛନ୍ତି। ଅପରପକ୍ଷରେ ରୁକ୍ସାନାଙ୍କ ମୃତ୍ୟୁକୁ ନେଇ କଳାହାଣ୍ଡି ଜିଲାରେ ଶୋକର ଛାୟା ଖେଳିଯାଇଛି। ବହୁ ସଂଖ୍ୟାରେ ଲୋକ ସୋସିଆଲ ମିଡିଆରେ ତାଙ୍କ ଫଟୋ ପୋଷ୍ଟ କରି ଦୁଃଖ ପ୍ରକାଶ କରିଛନ୍ତି।

ବରଗଡ଼ରେ ଶୁଟିଂ ହୋଇଥିବା 'ସମ୍ବଲପୁରିଆ ଫୁଲ' ଗୀତରେ ରୁକ୍ସାନା ଅଭିନୟ କରିବା ପରେ ବିବାଦ ଆରମ୍ଭ ହୋଇଥିବା ତାଙ୍କ ମା' କହିଛନ୍ତି। ଏପରି କି ଏହି ଗୀତରେ ଅଭିନୟ ପରେ ତାଙ୍କୁ ଅନ୍ୟସମସ୍ତ ପ୍ରଡକ୍ସନରୁ ଜାଣିଶୁଣି ବାଦ୍ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ସମ୍ବଲପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ମନୋଜ ମିଶ୍ରଙ୍କ ସହ ରୁକ୍ସାନା ଯୋଗଦେବା ଘଟଣା ପରେ ରୁକୁ ନିର୍ଯାତନା ଦେବା ଆରମ୍ଭ କରିଥିବା ସେ ଅଭିଯୋଗ କରିଛନ୍ତି। ଶୁଟିଂ ସେଟରେ ରୁକ୍ସାନା ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ତେବେ ପରିବାର ପ୍ରତି ବିପଦ ଥିବାରୁ ସେମାନେ କୌଣସି ଥାନାରେ ଅଭିଯୋଗ କରି ନ ଥିବା କହିଛନ୍ତି। ଗୁରୁବାର ଅପରାହ୍ନରେ ରୁକ୍ସାନାଙ୍କ ମୃତଦେହ ଭବାନୀପାଟଣାରେ ପହଞ୍ଚିଛି। ପରେ ସ୍ଥାନୀୟ ଜେନାଖାଲ ନିକଟରେ ଥିବା କବର ସ୍ଥାନରେ ତାଙ୍କୁ କବର ଦିଆଯାଇଛି। ଏହି ସମୟରେ ରୁକ୍ସାନାଙ୍କ ସମ୍ପର୍କୀୟ ଓ ବହୁ ସମର୍ଥକ ଉପସ୍ଥିତ ଥିଲେ। ଗାୟକ ରୁକୁ ସୁନାଙ୍କୁ କଳାହାଣ୍ଡିରେ ବ୍ୟାନ କରିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଉପସ୍ଥିତ ସମ୍ପର୍କୀୟ ଓ ସମର୍ଥକ ଦାବି କରିଥିଲେ। ଅନ୍ୟପଟେ ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ଗାୟକ ରୁକୁ ସୁନା ନିଜ ମତ ରଖିଛନ୍ତି। ରୁକ୍ସାନାଙ୍କ ମୃତ୍ୟୁକୁ ନେଇ ସେ ଦୁଃଖିତ। ତାଙ୍କୁ ସବୁବେଳେ ସେ ତାଙ୍କ ଭଉଣୀ ବୋଲି ମାନୁଥିଲେ। ଅଯଥାରେ ବଦନାମ କରିବାକୁ ତାଙ୍କୁ ଏହି ଘଟଣାରେ ଫସାଯାଉଛି ବୋଲି ସେ କହିଛନ୍ତି।

# ଗଣବଳାତ୍କାର ଘଟଣା: ନାବାଳକଙ୍କ ସମେତ ୩ ଗିରଫ

କୁତ୍ରା,୧୯।୯ (ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଝାରବେଡ଼ା ଗ୍ରାମରେ ଗତ ୧୬ ତାରିଖ ରାତିରେ ଘଟିଥିବା ଗଣବଳାତ୍କାର ଘଟଣାରେ ପୋଲିସ ୨ ନାବାଳକଙ୍କୁ ଅଟକ ରଖିବା ସହ ପୀଡିତାଙ୍କ ସମ୍ପର୍କୀୟ ମାମୁଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନିକେଟ ଲାକଡା(୨୩)। ଗୁରୁବାର ୩ ଅଭିଯୁକ୍ତଙ୍କ ଡାକ୍ତରୀମାଇନା ପରେ ୨ ନାବାଳକଙ୍କୁ ସୁନ୍ଦରଗଡ଼ ଜୁଭେନାଇଲ କୋର୍ଟ ଏବଂ ଅନିକେଟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଘଟଣା ରାତିରେ ଝାରବେଡା ଗାଁରେ କର୍ମା ପର୍ବ ଚାଲିଥିବା ବେଳେ ଯୁବତୀ ଜଣଙ୍କ ଏଥିରେ ସାମିଲ ହୋଇ ରାତି ୧୦ଟାରେ ନିଜ ଘରକୁ ଫେରୁଥିଲେ। କିଛି ସମୟ ପରେ ରାଏବଗା ଥାନା ଅନ୍ତର୍ଗତ ଦାଣ୍ଡପାନି ଗ୍ରାମରୁ ଆସିଥିବା ଯୁବତୀଙ୍କ ସମ୍ପର୍କୀୟ ମାମୁ ପୁଅ ଭାଇ(ନାବାଳକ) ଘର ନିକଟକୁ ଆସି ତାଙ୍କୁ ବାହାରକୁ ଆସିବା ପାଇଁ ଫୋନ କରିଥିଲେ। ସେ ବାହାରକୁ ଆସିବା ପରେ ଉକ୍ତ ନାବାଳକ ତାଙ୍କୁ ଘରଠାରୁ କିଛି ଦୂରରେ ଥିବା ଆମ୍ବ ବଗିଚାକୁ ନେଇ ବଳାତ୍କାର କରିଥିଲେ। ପରେ ଅନ୍ୟ ଅଭିଯୁକ୍ତ ପୀଡିତାଙ୍କ ମାମୁ ଅନିକେଟ ସେଠାରେ ପହଞ୍ଚି ବଳାତ୍କାର କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଅନ୍ୟ ଜଣେ ନାବାଳକ ସହଯୋଗ କରିଥିଲେ। ପୀଡିତା ଜଣଙ୍କ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଏନେଇ କୁତ୍ରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୧୫୦/୨୪) ରୁଜୁ କରିବା ସହ ଡାଣ୍ଡପାନି ଓ ଝାରବେଡ଼ା ଗ୍ରାମରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ୪ ମିଲିସିଆ ଗିରଫ

ମାଲକାନଗିରି,୧୯।୯ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଓ ତେଲଙ୍ଗାନା ସଙ୍ଗଠନର ବିଭିନ୍ନ କାର୍ଯ୍ୟରେ ଜଡ଼ିତ ଥିବା ୪ ମିଲିସିଆ ମାଓବାଦୀଙ୍କୁ ବସ୍ତର ଜିଲାରୁ ତେଲଙ୍ଗାନା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ଗିରଫ କରିଛି। ଏମାନେ ଅନେକ ସମୟରେ ଛତିଶଗଡ଼ରୁ ତେଲଙ୍ଗାନା ଯାଏ ଯାତାୟାତକରି ମାଓବାଦୀ ସଙ୍ଗଠନର ବିଭିନ୍ନ କାର୍ଯ୍ୟରେ ଲିପ୍ତଥିଲେ। ଅନେକ ସମୟରେ ନଦୀ ଓ ଜଙ୍ଗଲିଆ ରାସ୍ତା ଦେଇ ଏମାନେ ସଙ୍ଗଠନ ନିକଟରେ ଖାଦ୍ୟ ପଦାର୍ଥ, ବିସ୍ଫୋରକ ସାମଗ୍ରୀ ସହ ଅନ୍ୟାନ୍ୟ ଜିନିଷ ପହଞ୍ଚାଇବା ଆଦି କାର୍ଯ୍ୟ କରୁଥିଲେ। ସେମାନେ ଛତିଶଗଡ଼ର ବସ୍ତର ଜିଲାରେ ଲୁଚିଥିବା ଖବରପାଇ ତେଲଙ୍ଗାନା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉକରି ଗିରଫ କରିଛି। ଗିରଫଙ୍କ ନିକଟରୁ ୨ ଡଙ୍ଗା, ୨ ଟ୍ରାକ୍ଟର ସହ ବିସ୍ଫୋରକ ସାମଗ୍ରୀ ପୋଲିସ ଜବତ କରିଛି।

## କୁଲଡିହା ଅଭୟାରଣ୍ୟରେ ହାତୀ ମୃତ୍ୟୁ ଘଟଣା

# ୫ ବନ କର୍ମଚାରୀ ଗିରଫ




କୁଲଡିହା ଅଫିସ ସମ୍ମୁଖରେ ଉତ୍ତେଜନା।

ନୀଳଗିରି,୧୯।୯ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟରେ ଗତ କିଛି ମାସ ପୂର୍ବରୁ ଏକ ହାତୀର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ଚପାଇ ଦେବା ଉଦ୍ଦେଶ୍ୟରେ ବନକର୍ମଚାରୀମାନେ ମୃତ ହାତୀର ଅଙ୍ଗକୁ ଜଙ୍ଗଲର ବିଭିନ୍ନ ସ୍ଥାନରେ ଲୁଚାଇ ଦେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ଫରେଷ୍ଟଗାର୍ଡ ଓ ୪ ସବୁଜବାହିନୀ କର୍ମଚାରୀଙ୍କୁ ଗୁରୁବାର ଗିରଫ କରାଯାଇଥିଲା। କୋର୍ଟଚାଲାଣ ବେଳେ ସବୁଜ ବାହିନୀଙ୍କ ସମ୍ପର୍କୀୟମାନେ କୁଲଡ଼ିହା ଅଫିସରେ ତାଲା ପକାଇବା ସହ ବନ ବିଭାଗ ଗାଡ଼ିକୁ ଅଟକାଇଥିଲେ। ନୀଳଗିରି ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ କୁଲଡ଼ିହା ବନବିଭାଗ ପକ୍ଷରୁ ମାମଲା (ନଂ. ୧୫/ଏସ୍ ୨୦୨୪-୨୫) ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ଯେ, କୁଲଡିହା ଅଭୟାରଣ୍ୟର ଦକ୍ଷିଣରେ ଥିବା ଔପଦା ରେଞ୍ଜ ବେତେଇ ବିଟ୍ ହାଉସ ଅଧୀନ ଜଙ୍ଗଲରେ ଗତ ମେ' ମାସରେ ଏକ ହାତୀର ମୃତ୍ୟୁ ହୋଇଥିଲା। ଅଭୟାରଣ୍ୟରେ ହାତୀର ମୃତ୍ୟୁ ସମ୍ପର୍କରେ ପାଟ୍ରୋଲିଂରେ ଯାଇଥିବା ବନ କର୍ମଚାରୀ ଜାଣି ପାରିଥିଲେ। ହାତୀ ମୃତ୍ୟୁ ସମ୍ବନ୍ଧରେ ବିଭାଗୀୟ ଉଚ୍ଚ ଅଧିକାରୀ ଜାଣିନେବେ, ଚାକିରି ଯିବା ଭୟରେ କାର୍ଯ୍ୟରତ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ରଙ୍କ ନିର୍ଦ୍ଦେଶରେ ୪ଜଣ ସବୁଜ ବାହିନୀ ତଥା ବେତେଇ ଅଞ୍ଚଳର କରମା ବେହେରା, ମହେଶ୍ୱର ବେହେରା, ପ୍ରଫୁଲ୍ଲ ଦେହୁରୀ, ବୁଲୁ ଦେହୁରୀ ହାତୀକୁ ଖଣ୍ଡ ବିଖଣ୍ଡିତ ମୃତଦେହକୁ ପଥର ତଳେ ରଖି ଦେଇଥିଲେ। କୌଣସି ସୂତ୍ରରୁ ଖବର ବାହାରକୁ ଆସିବା ପରେ ବାଲେଶ୍ୱର ବନବିଭାଗର ଡିଏଫ୍ଓ ଖୁସବନ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ଓ ଦିଗନ୍ତ ଶୋଭିନ ଚାନ୍ଦ ଓ ରେଞ୍ଜର ମନୋରଞ୍ଜନ ନାୟକଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉକ୍ତ ଅଞ୍ଚଳ ଗସ୍ତ କରି ମୃତ ହାତୀର ହାଡ଼, କଙ୍କାଳ ଜବତ କରି ଭୁବନେଶ୍ୱର ଲାବ୍‌କୁ ପଠାଇଥିଲେ। ହାଡ଼, କଙ୍କାଳଗୁଡ଼ିକ ଏକ ହାତୀର ବୋଲି ରିପୋର୍ଟର ସତ୍ୟତା ଆସିବା ପରେ ଗୁରୁବାର ସମ୍ପୃକ୍ତ ଥିବା ଉକ୍ତ ଫରେଷ୍ଟଗାର୍ଡ ଓ ୪ ସବୁଜବାହିନୀଙ୍କୁ ଗିରଫ କରାଯାଇଥିଲା। ଗିରଫକୁ ନେଇ ସବୁଜବାହିନୀ କର୍ମଚାରୀଙ୍କ ସମ୍ପର୍କୀୟମାନେ ନୀଳଗିରି କୁଲଡ଼ିହା ଅଫିସରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିଥିଲେ। ସବୁଜ ବାହିନୀଙ୍କ ସମ୍ପର୍କୀୟମାନେ ସବୁଜ ବାହିନୀମାନେ ନିର୍ଦ୍ଦୋଷ ବୋଲି କହୁଥିବା ବେଳେ ଫରେଷ୍ଟର ଏଭଳି କିଛି ହୋଇ ନ ଥିବା କହିଛନ୍ତି।

# ସୁନା ଚୋରିକରି ବ୍ୟାଙ୍କରେ ରଖିଥିବା ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ



ଗିରଫ ଅଭିଯୁକ୍ତ ଶଙ୍କର ମଜୁମଦାର।

ମାଲକାନଗିରି, ୧୯।୯ (ଦୁର୍ଯ୍ୟୋଧନ ପାତ୍ର)

ସୁନା ଚୋରିକରି ବ୍ୟାଙ୍କରେ ରଖିଥିବା ଅଭିଯୁକ୍ତଙ୍କୁ ମାଲକାନଗିରି ପୋଲିସ ଗୁରୁବାର ଗିରଫ କରିଛି। ଏ ସମ୍ପର୍କରେ ମାଲକାନଗିରି ଥାନା ଭାରପ୍ରାପ୍ତ ଅଧିକାରୀ ରିଗାନ କିଣ୍ଡୋ ଦେଇଥିବା ସୂଚନା ଅନୁଯାୟୀ ୨।୯।୨୪ରେ ପରଜାଗୁଡା ଗ୍ରାମର ଅଜୟ କୁମାର ବିଶ୍ୱାସ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧।୯।୨୪ରେ ଅଜୟ ଓ ତାଙ୍କ ପରିବାର ବାହାରକୁ ଯାଇଥିବା ବେଳେ ଉକ୍ତ ରାତିରେ ତାଙ୍କ ଘର ସମ୍ମୁଖ ଗେଟ୍ ତାଲା ଭାଙ୍ଗି ଘର ଭିତରେ ପଶି ଆଲମିରା ଭାଙ୍ଗି ମଙ୍ଗଳସୂତ୍ର, ହାର, ସଂଖା, ପଲା, ରୁଟ୍ କାନଫୁଲ, ମୁଦି, ବ୍ରେସ୍‌ଲେଟ୍ ଓ ନଗଦ ୬୦ ହଜାର ଚୋରି ହୋଇଥିଲା। ତେବେ ବିଶ୍ୱାସ ଘରକୁ ଫେରି ଦେଖିଲା ବେଳକୁ ଘରେ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତକରି ଏମ୍‌ଭି ୧୧ ଗ୍ରାମର ଶଙ୍କର ମଜୁମଦାରଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚୁରା କରିବାରୁ ସେ ଚୋରି ସୁନାରୁ କିଛି ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଆଉ କିଛି ଡିସିବି ବ୍ୟାଙ୍କରେ ରଖିଥିବା ବେଳେ ବଳକା ଘରେ ରଖିଥିବା ସ୍ୱୀକାର କରିଥିଲେ। ଏ ସମ୍ପର୍କରେ ପୋଲିସ ଘରେ ଥିବା ସୁନା ଜବତ କରିବା ସହ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇ ଉକ୍ତ ସୁନାକୁ କୋର୍ଟରେ ଦାଖଲ କରିବାକୁ ଆଦେଶ ଦେଇଥିଲେ। ଏ ନେଇ ନଂ. ୨୦୭/୨୪ ରେ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଭୁବନେଶ୍ୱରରେ ଗାଡ଼ି, ଝାରସୁଗୁଡ଼ାରେ କଟିଲା ଚାଲାଣ

## ଗୋଟିଏ ନମ୍ବରରେ ୨ଟି ଗାଡ଼ି

ଭୁବନେଶ୍ୱର,୧୯।୯ (ସୂର୍ଯ୍ୟକାନ୍ତ ବେହେରା)

ଗୋଟିଏ ନମ୍ବରରେ ଦୁଇଟି ଗାଡ଼ି ଗଡୁଛି। ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଜଣେ କାର୍ ଚାଳକ ଦେବାଶିଷ ନାୟକ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ସେ ଗାଡ଼ି ସହ ଭୁବନେଶ୍ୱରରେ ଥିବାବେଳେ ଝାରସୁଗୁଡ଼ାରେ ତାଙ୍କ ଗାଡ଼ି ନମ୍ବରରେ ଚାଲାଣ କଟାଯାଇଛି। ଦ୍ରୁତଗତିରେ ଗାଡ଼ି ଚଳାଇବା ଓ ଡ୍ରାଇଭିଂ ଲାଇସେନ୍ସକୁ ନେଇ ଝାରସୁଗୁଡ଼ା ପୋଲିସ ପକ୍ଷରୁ ୭ ହଜାର ଟଙ୍କା ଚାଲାଣ କଟାଯାଇଥିବା ନେଇ ତାଙ୍କ ମୋବାଇଲ୍ ଫୋନ୍‌କୁ ମେସେଜ ଆସିଥିବା ସେ ବୁଧବାର ରାତିରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଦେବାଶିଷ କହିଛନ୍ତି, ଗାଡ଼ି କିଣିବା ଦିନଠାରୁ କେବେ ବି ଝାରସୁଗୁଡ଼ା ଯାଇନାହାନ୍ତି। ଏପରି କି ତାଙ୍କ ଗାଡ଼ି ମଧ୍ୟ କେବେ ସେଠାକୁ ଯାଇନାହିଁ। ତା' ହେଲେ ତାଙ୍କ ଗାଡ଼ି ନମ୍ବରରେ କେମିତି ଚାଲାଣ କଟିଲା ତାକୁ ନେଇ ସେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତେଣୁ ତାଙ୍କ ଗାଡ଼ି ନମ୍ବରରେ ଆଉ କେଉଁ ଗାଡ଼ି ଚାଲୁଛି ବା ଆଉ କିଏ ବ୍ୟବହାର କରୁଛି ବୋଲି ସେ ଅଭିଯୋଗ ଆଣି ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏଥିସହ ତାଙ୍କ ଗାଡ଼ି ନମ୍ବରରେ ଆସିଥିବା ଚାଲାଣକୁ ନେଇ ସେ ଚିନ୍ତା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଜରିମାନାରୁ ବର୍ତ୍ତିବା ଲାଗି କିମ୍ବା ବିଭିନ୍ନ ଆପରାଧିକ ଘଟଣା ଘଟାଇବା ସମୟରେ ଅପରାଧୀମାନେ ଅନ୍ୟର ଗାଡ଼ି ନମ୍ବର କିମ୍ବା ନକଲି ନମ୍ବର ପ୍ଲେଟ୍ ଲଗାଉଥିବା ପୂର୍ବରୁ ନଜର ରହିଛି।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)



**ଉଇ, ଓଡ଼ଶ, ପିମ୍ପୁଡ଼ି, ମଶା**
**ଏ ଚାରିଜାତି ଭାଙ୍ଗନ୍ତି ବସା ।**

ଉଇ, ଓଡ଼ଶ, ପିମ୍ପୁଡ଼ି ଓ ମଶା ଭଳି କୀଟପତଙ୍ଗ ସବୁବେଳେ ଭୀତତ୍ରସ୍ତ ଅବସ୍ଥାରେ ରହିଥା'ନ୍ତି। ଗୋଟିଏ ସ୍ଥାନରୁ ତଡ଼ିଦେଲେ ଅନ୍ୟ ସ୍ଥାନରେ ବସା ବାନ୍ଧିଥା'ନ୍ତି। ଏହି ଚାରିଜାତି କେତେବେଳେ କେଉଁ ବସା ଗଢ଼ନ୍ତି ବା ଭାଙ୍ଗନ୍ତି ତା'ର ହିସାବ କେବଳ ତାଙ୍କୁ ହିଁ ଜଣା। ଏମାନଙ୍କ ଦାଉରେ ମଣିଷ ଅସ୍ତବ୍ୟସ୍ତ ହୋଇଯିବା ସହ ସୁଖ ଶାନ୍ତିରେ ରହି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଲୁରା ଘର ମୁକୁଳା ବାଳ**
**ଏହା ନ ରଖିବ ବହୁତ କାଳ।**

ଛାଉଣି ପାଇଁ ଉଲୁରା ଯାଇଥିବା ଚାଳକୁ ବେଶି ଦିନ ଖୋଲା ପକାଇ ରଖିବା ଅଶୁଭ ଲକ୍ଷଣ ହୋଇଥାଏ। ନାରୀଙ୍କ ପକ୍ଷେ ବାଳ ବା କେଶ ମୁକୁଳା ରଖିବା କୁଲକ୍ଷଣ ବୋଲି କୁହାଯାଇଥାଏ। ତେଣୁ ଉଲୁରା ଘର ଓ ମୁକୁଳା ପଡ଼ିଥିବା ବାଳକୁ ଅଧିକ ସମୟ ପର୍ଯ୍ୟନ୍ତ ଖୋଲା ନ ରଖିବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବିବାହ ପ୍ରତିଶ୍ରୁତି ଦେଇ ୧.୩୦ ଲକ୍ଷ ଠକେଇ, ଯୁବକ ଗିରଫ

ଭୁବନେଶ୍ୱର,୧୯।୯ (ସୂର୍ଯ୍ୟକାନ୍ତ ବେହେରା)

ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣ କରିବା ସହ ତାଙ୍କଠାରୁ ୧.୩୦ ଲକ୍ଷ ଟଙ୍କା ଠକିବା ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ନୟାଗଡ଼ର ଲିଟୁ ଡଙ୍ଗା। କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ଲିଟୁଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ପୀଡ଼ିତା ଯୁବତୀ ପୂର୍ବରୁ ଇନ୍‌ଫୋସିଟି ଅଞ୍ଚଳରେ ଥିବା ଘରୋଇ କଲେଜରେ ସୁଇପର ଥିବାବେଳେ ଅଭିଯୁକ୍ତ ଲିଟୁ ସେଠାରେ ସପ୍ଲାୟର ଭାବେ କାମ କରୁଥିଲେ। ସମୟକ୍ରମେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ହୋଇଥିଲେ। ପରବର୍ତ୍ତୀ ସମୟରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ୬ ମାସ ଧରି ଖୋର୍ଦ୍ଧାରେ ଏକ ଭଡା ଘରେ ତାଙ୍କ ସହିତ ରହିଥିଲେ। ସେଠାରେ ରହିବାର କିଛିଦିନ ପରେ ଅଭିଯୁକ୍ତ ତାଙ୍କଠାରୁ ୧ ଲକ୍ଷ ୩୦ ହଜାର ଟଙ୍କା ନେଇଥିଲେ। ଗତ ୭ରେ ଉଭୟ ଭୁବନେଶ୍ୱର ବସ୍‌ଷ୍ଟାଣ୍ଡରୁ ନିଜ ଘରକୁ ଯାଇଥିଲାବେଳେ ଅଭିଯୁକ୍ତ ଲିଟୁ ଆଉ ଗାଁରୁ ଫେରି ନ ଥିଲେ। ପୀଡିତା ଅଭିଯୁକ୍ତଙ୍କୁ ବାରମ୍ବାର ଫୋନ୍ କରିବା ସତ୍ତ୍ୱେ ସେ ଉଠାଇ ନ ଥିଲେ। ଫଳରେ ପୀଡ଼ିତା ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ଏହି ବିଷୟରେ ଜଣାଇ ତାଙ୍କ ଘରକୁ ଯିବାକୁ କହିବାରୁ ଅଭିଯୁକ୍ତ ଓ ତାଙ୍କ ପରିବାର ଲୋକେ ଘରକୁ ଆସିଲେ ହତ୍ୟା କରିବାକୁ ଧମକ ଦେଇଥିଲେ।

# ଗୋଷ୍ଠୀ ସଂଘର୍ଷ ପରେ ୧୬୩ ଧାରା ଜାରି

- ୪ ଆହତ, ୨ ଗୁରୁତର
- ମହମ୍ମଦ ଜୟନ୍ତୀରେ ଲାଗିଥିବା ପତାକା କାଢ଼ି ଦେବାରୁ ଉତ୍ତେଜନା
- ଘଟଣାସ୍ଥଳକୁ ଗଲେ ଏସ୍‌ପି, ପୂର୍ବାଞ୍ଚଳ ଡିଆଇଜି



ଗୋଡ଼ିପୋଖରୀରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

ଅସୁରାଳି, ୧୯।୯ (ସନ୍ତୋଷ ପ୍ରଧାନ)

ଭଦ୍ରକ ଜିଲା ଧାମନଗର ବ୍ଲକ ଧୁଷୁରୀ ଥାନା ଅଧୀନ ବୟାଙ୍ଗଡିହୀ ପଞ୍ଚାୟତର ଗୋଡ଼ିପୋଖରୀ ବଜାରରେ ଗୁରୁବାର ଗୋଷ୍ଠୀ ସଂଘର୍ଷ ଘଟିଛି। ମହମ୍ମଦ ଜୟନ୍ତୀରେ ଲାଗିଥିବା ପତାକା କାଢ଼ିଦେବାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଥିବା ବେଳେ ଏଥିରେ ୪ଜଣ ଆହତ ହୋଇଛନ୍ତି। ୨ଜଣ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବାବେଳେ ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୨ ଜଣଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଉଭୟ ପକ୍ଷରୁ ଅଭିଯୋଗକ୍ରମେ ଧୁଷୁରୀ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଅପରାହ୍ନରେ ପ୍ରଶାସନ ପକ୍ଷରୁ ବିଏନ୍‌ଏସ୍‌ଏସ୍ (ଭାରତୀୟ ନାଗରିକ ସୁରକ୍ଷା ସଂହିତା) ୧୬୩ ଧାରା ଲାଗୁ କରାଯାଇଛି। ସନ୍ଧ୍ୟାରେ ଏସ୍‌ପି ବରୁଣ ଗୁଣ୍ଟୁପାଲି, ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ସୂଚନା ଅନୁଯାୟୀ, ମହମ୍ମଦ ଜୟନ୍ତୀ ପାଇଁ ବୟାଙ୍ଗଡିହୀ ପଞ୍ଚାୟତର ଅରୁଣବଜାର ରାସ୍ତାକଡ଼ରେ ୧୬ଟି ପତାକା ଲଗାଯାଇଥିଲା। ବୁଧବାର ରାତିରେ ଲଗାଯାଇଥିବା ପତାକା ବାଉଁଶକୁ କେହି ଉପାଡ଼ି ଫିଙ୍ଗି ଦେଇଥିଲେ। ଗୁରୁବାର ସକାଳେ ଏହା ଜାଣିବା ପରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ସହ ତଦନ୍ତ ଆରମ୍ଭ କରିଥିଲା। ପରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ଏକାଠି ହୋଇ ସ୍ଥାନୀୟ ବଜାରରେ ୪ ଦୋକାନୀଙ୍କୁ ଆକ୍ରମଣ କରିଥିଲେ। ପରେ ବିଭିନ୍ନ ଛକରେ ସାଧାରଣ ଲୋକଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ଏହି ଆକ୍ରମଣରେ ଭଟ୍ଟସାହିର ସୁଶାନ୍ତ ବେହେରା(୩୪) ଓ ବୟାଙ୍ଗଡିହୀର ପ୍ରଶାନ୍ତ ସାହୁ(୪୫) ଗୁରୁତର ହୋଇଛନ୍ତି। ପତାକା କାଢ଼ିଦେବାକୁ ନେଇ ସେକ୍ ଏକ୍ରାମଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୩୧୭/୨୪) ଏବଂ ଅପରପକ୍ଷରୁ ଗୁରୁତର ସୁଶାନ୍ତଙ୍କ ବାପା ପୁରୁଷୋତ୍ତମ ବେହେରାଙ୍କ ଅଭିଯୋଗକ୍ରମେ ଅନ୍ୟ ଏକ ମାମଲା (ନଂ. ୩୧୮/୨୪) ରୁଜୁ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେବା ସହ ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ମନୋଜ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଗୋଡ଼ିପୋଖରୀ ଓ ଏହାର ୧ କି.ମି. ପରିଧି ମଧ୍ୟରେ ୧୬୩ ଧାରା ଜାରି କରାଯାଇଛି। ଅପରାହ୍ନ ୨ଟାଠାରୁ ୨୧ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହାମଧ୍ୟରେ କୌଣସି ସଭାସମିତି କିମ୍ବା ୫ ଜଣରୁ ଅଧିକ ଲୋକ ଏକତ୍ର ହୋଇପାରିବେ ନାହିଁ ବୋଲି ଧୁଷୁରୀ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଘୋଷଣା କରାଯାଇଛି। ତହସିଲଦାର ଦୀପକ ଦାସ, ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଧାମନଗର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ ଓ ଧୁଷୁରୀ ଭାରପ୍ରାପ୍ତ ଥାନାଧିକାରୀ ଶାନ୍ତନୁ ଜେନା ଘଟଣାସ୍ଥଳରେ ଉପସ୍ଥିତ ରହି ନଜର ରଖିଥିବା ବେଳେ ୬ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି।





ପୁରୀ ଶରଧାବାଲିଠାରେ ଭାଜପା ସରକାରର ୧୦୦ ଦିନ ପୂର୍ତ୍ତି ଅବସରରେ ଗୁରୁବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି। ସମାବେଶରେ ଉପସ୍ଥିତ ମହିଳା। (ଫଟୋ : ଯଜ୍ଞେଶ୍ୱର ମହାନ୍ତି)

# ଭାଜପା ଅଫିସ୍‌କୁ ଧସେଇ ପଶିବାବେଳେ କଂଗ୍ରେସ କର୍ମୀ-ପୋଲିସ ଧସ୍ତାଧସ୍ତି

## ରାହୁଲଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ

ଭୁବନେଶ୍ୱର, ୧୯।୯(ସୁନିତ୍ ମିଶ୍ର)

କଂଗ୍ରେସ ନେତା ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି କେନ୍ଦ୍ରମନ୍ତ୍ରୀ, ଭାଜପା ଓ ତା'ର ସହଯୋଗୀ ଦଳର ନେତାମାନେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ବିରୋଧରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆଜି ଭୁବନେଶ୍ୱରରେ ବିଶାଳ ରାଲି କରାଯାଇଛି। ଗୁରୁବାର ଅନେକ ହଜାର କଂଗ୍ରେସ ନେତା ଓ କର୍ମୀ ପ୍ରଦେଶ କଂଗ୍ରେସ ଷ୍ଟିୟରିଂ କମିଟିର ସଦସ୍ୟ ତଥା କାର୍ଯ୍ୟକ୍ରମର ସଂଯୋଜକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ ଏକ ରାଲିରେ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ଦେଇ ଭାଜପା କାର୍ଯ୍ୟାଳୟ ଆଡ଼କୁ ଯାଇଥିଲେ। ଏହି ସମୟରେ ଶ୍ରୀୟା ଛକ ନିକଟ ବ୍ୟାରିକେଡ୍‌ଠାରେ କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କଂଗ୍ରେସ କର୍ମୀମାନେ ରାହୁଲ ଗାନ୍ଧୀ ଜିନ୍ଦାବାଦ ସ୍ଲୋଗାନ ଦେଇ ବ୍ୟାରିକେଡ୍ ଉପରକୁ ଚଢ଼ି ଆଗକୁ ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ପୋଲିସ ବଳପୂର୍ବକ ବହୁ କଂଗ୍ରେସ କର୍ମୀ ଓ ନେତାଙ୍କୁ ଅଟକ ରଖି ପରବର୍ତ୍ତୀ ସମୟରେ ଛାଡ଼ିଦେଇଛି।

ଏହି ଅବସରରେ ମୋକିମ କହିଛନ୍ତି, ଦେଶରେ ନରେନ୍ଦ୍ର ମୋଦିଙ୍କ ସରକାର ଆସିବା ପରେ ଭାଜପା ଓ ତା'ର ସହଯୋଗୀ ଦଳର ନେତାମାନେ ବିରୋଧୀ ଦଳ ନେତାମାନଙ୍କ ପ୍ରତି ଲଗାତର ଆପତ୍ତିଜନକ ମନ୍ତବ୍ୟ ଦେବା ସେମାନଙ୍କ ନୀଚ ମାନସିକତାକୁ ଦର୍ଶାଉଛି। ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ମୋଦି ସରକାରଙ୍କ ମନ୍ତ୍ରୀ ରବନିତ୍ ସିଂ ବିଟୁ ଲଗାତର ଆପତ୍ତିଜନକ ଟିପ୍ପଣୀ ଦେଇଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ଏନେଇ ମୁହଁ ନ ଖୋଲିବା ଓ ଭାଜପା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସୂଚାଇଦେଉଛି ଯେ ଏହାକୁ ସେମାନେ ସମର୍ଥନ ଜଣାଉଛନ୍ତି। କେବଳ ବିଟୁ ନୁହନ୍ତି, ଭାଜପାର ଅନେକ ନେତା ଯଥା ପୂର୍ବତନ ବିଧାୟକ ତଲଭିନ୍ଦର ମରୱା, ଶିବସେନା ସିନ୍ଦେ ଗ୍ରୁପ୍‌ର ବିଧାୟକ ସଞ୍ଜୟ ଗାଏକୱାଡ଼୍‌ଙ୍କ ଭଳି ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଅତ୍ୟନ୍ତ କଟୁ ଓ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଏପରିକି ଜୀବନରୁ ମାରିଦେବା, ଜିଭ କାଟିବା ପାଇଁ ଆହ୍ୱାନ ଦେବା ପରି ଅତ୍ୟନ୍ତ ଘୃଣ୍ୟ, ଜଘନ୍ୟ, ନିନ୍ଦନୀୟ ଓ ହିଂସାକୁ ଉସୁକାଇବା ଭଳି କାମ କରୁଛନ୍ତି। ଏହାକୁ ଭାରତବର୍ଷର ସଭ୍ୟ ସମାଜ ଓ ଶାନ୍ତିପ୍ରିୟ ଜନତା କେବେହେଲେ ବରଦାସ୍ତ କରିବେ ନାହିଁ ବୋଲି ମୋକିମ କହିଛନ୍ତି।



କଂଗ୍ରେସ ନେତା ଓ କର୍ମୀମାନେ ପୋଲିସ ସହ ଧସ୍ତାଧସ୍ତି ହେଉଛନ୍ତି।

ଏଭଳି ପରିପ୍ରେକ୍ଷୀରେ ଏହି ନେତାମାନଙ୍କ ପ୍ରତି ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପିସିସି ପକ୍ଷରୁ ଭୁବନେଶ୍ୱରସ୍ଥିତ ଖାରବେଳ ନଗର ଥାନାରେ ଏକ ଏତଲା ଦାଏର କରାଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ସୂଚନା ଦେଇଥିଲେ ମଧ୍ୟ କୌଣସି ଉତ୍ତର ଏ ପର୍ଯ୍ୟନ୍ତ ମିଳି ନ ଥିବା କଂଗ୍ରେସ ଅଭିଯୋଗ କରିଛି। ଭାଜପାର ନେତାମାନେ ଯଦି ଏପରି ବୟାନ ଦେଇ ହିଂସାତ୍ମକ ପରିସ୍ଥିତି ସୃଷ୍ଟିକରିବା ପାଇଁ ଉଦ୍ୟମ କରନ୍ତି, ତେବେ ଆଗାମୀ ଦିନରେ ଏହା ବିରୋଧରେ ଲଗାତର କାର୍ଯ୍ୟକ୍ରମ କରିବା ସହ ଅନେକ ଲକ୍ଷ କର୍ମୀ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶାରେ ଓହ୍ଲାଇଦେବେ ନାହିଁ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ଅନ୍ୟ ବରିଷ୍ଠ ନେତାମାନଙ୍କ ମଧ୍ୟରେ ଜୟଦେବ ଜେନା, ଶରତ ପଟ୍ଟନାୟକ ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ବିଶ୍ୱରଞ୍ଜନ ମହାନ୍ତି, ଅଶୋକ ଦାଶ, ସୋଫିଆ ଫିର୍ଦୋସ, କିଶୋର ଜେନା, ସନତ ଦାସଙ୍କ ସମେତ ଦଳର ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।

# ୧୦୦ ଦିନର ଭାଜପା ସରକାର ହେଉଛି ପ୍ରତାରଣାର: ବିଜେଡି




ଶଙ୍ଖଭବନଠାରେ ବିଜେଡି ନେତା ପ୍ରିୟବ୍ରତ ମାଝୀ ଓ ଲେନିନ୍ ମହାନ୍ତି।

ଭୁବନେଶ୍ୱର, ୧୯।୯(ଅନିଲ ଦାସ)

ଅସ୍ମିତା ଓ ବିକାଶର ସ୍ଲୋଗାନ ଦେଇ ରାଜ୍ୟରେ ଶାସନକୁ ଆସିଥିବା ଭାଜପା ସରକାର ଏକ ବିଫଳ ଓ ପ୍ରତାରଣାର ସରକାର ବୋଲି ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି। ଗୁରୁବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଭାଜପାର ଏହି ୧୦୦ ଦିନ ସରକାରରେ ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡ଼ିବା ସହ ସାଧାରଣ ଲୋକଙ୍କ ଜୀବନଯାପନ ଦୁର୍ବିଷହ ହୋଇଯାଇଛି। ଅସ୍ମିତା ନାଁରେ ସେମାନେ ରାଜ୍ୟ ଶାସନର ଦୁଇ ମୁଖ୍ୟ ପଦ ଯଥା ଡିଜିପି ଓ ମୁଖ୍ୟ ଶାସନ ସଚିବ ୨ ଅଣଓଡ଼ିଆ ଅଫିସରଙ୍କ ହାତକୁ ଟେକି ଦେଇଛନ୍ତି ; ଯାହା ରାଜ୍ୟ ପାଇଁ ଦୁର୍ଭାଗ୍ୟଜନକ। ଭାଜପାର କଥା ଓ କାମ ମଧ୍ୟରେ ଆକାଶ ପାତାଳର ପ୍ରଭେଦ ରହିଛି। ରାଜ୍ୟପାଳଙ୍କ ପୁଅ ଜଣେ ଓଡ଼ିଆ ଅଧିକାରୀଙ୍କୁ ଲହୁଲୁହାଣ କରି ମାଡ଼ମାରିଲେ। କିନ୍ତୁ ସେ ଅଧିକାରୀଙ୍କୁ ନ୍ୟାୟଦେବା ପରିବର୍ତ୍ତେ ନିଜ ଶାସନ କଳର ଉପଯୋଗ କରି ଏ କଥାକୁ ଭାଜପା ସରକାର ଚପାଇ ଦେଇଛି। କେବଳ ଏତିକି ନୁହେଁ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ଚରମ ନିଦର୍ଶନ ସ୍ୱରୂପ, ଭାରତୀୟ ସେନାର ଜଣେ ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ଭରତପୁର ଥାନାରେ ପୋଲିସ ଅମାନବୀୟ ଭାବେ ମାଡ଼ମାରିଲେ। ଏହା ଭାଜପା ସରକାରର କେଉଁ ଅସ୍ମିତାର ପରିଚୟ ବୋଲି ସେ ପ୍ରଶ୍ନ କରିଛନ୍ତି। ଦରଦାମ୍ ବୃଦ୍ଧିରେ ଖାଉଟି ହନ୍ତସନ୍ତ ହେଉଛନ୍ତି। ଉତ୍ତର ପ୍ରଦେଶ ତଥା ପଞ୍ଜାବରୁ ଆସୁଥିବା ଆଳୁ ଟ୍ରେନ କେଉଁ ଷ୍ଟେଶନରେ ପହଞ୍ଚିଛି ବୋଲି ସେ ପଚାରିଛନ୍ତି। ସେହିପରି ୧୦୦ ଦିନ ମଧ୍ୟରେ ଭାଜପା ସରକାର ଗୋଟିଏ ନୂଆ ଶିଳ୍ପ ମଧ୍ୟ ରାଜ୍ୟକୁ ଆଣିପାରିଲେ ନାହିଁ। ଅନ୍ୟ ପଟେ ଶିଳ୍ପ ନ କରି ଜେଏସ୍‌ଡବ୍ଲ୍ୟୁ ରାଜ୍ୟରୁ ଚାଲିଯାଇଛି।

ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାର ବିକାଶ ଦେଶର ଅନ୍ୟ ପ୍ରମୁଖ ରାଜ୍ୟମାନଙ୍କଠାରୁ ସର୍ବାଧିକ ବୋଲି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ତା'ର ୱାର୍କିଂ ପେପର ରିପୋର୍ଟରେ ପ୍ରକାଶ କରିଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ରାଜ୍ୟ ଶାସନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ରାଜ୍ୟର ବିକାଶ କିଭଳି ଶିଖରରେ ପହଞ୍ଚିଥିଲା ବୋଲି ଲେନିନ କହିଛନ୍ତି।

# ଗଞ୍ଜାମ ଜିଲା: ଶିକ୍ଷକ ନିଯୁକ୍ତି ବୈଠକ ବର୍ଜନ କଲେ ବିଜେଡି ଜିଲାପରିଷଦ ସଭ୍ୟ


## ଭାଜପାର ନିନ୍ଦା

ଛତ୍ରପୁର, ୧୯।୯
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ପ୍ରାୟ ବର୍ଷେ ହେଲା ଜିଲା ପରିଷଦ ବୈଠକ ହୋଇ ନ ଥିବା, ୭ ଦିନ ପୂର୍ବରୁ ନୋଟିସ ନ ଦେଇ ବୈଠକକୁ ଦିନକ ପୂର୍ବରୁ ଡକାଯିବାକୁ ବିରୋଧ କରି ଗୁରୁବାର ଗଞ୍ଜାମ ଜିଲାର ସମସ୍ତ ବିଜେଡି ଜିଲା ପରିଷଦ ସଭ୍ୟ କକ୍ଷତ୍ୟାଗ କରିଛନ୍ତି। ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ ଗୃହରେ କନିଷ୍ଠ ଶିକ୍ଷକ ନିଯୁକ୍ତି ଅନୁମୋଦନ ନେଇ ବୈଠକ ଆୟୋଜନ କରାଯାଇଥିଲା। ଗଞ୍ଜାମ ଜିଲ୍ଲା ପରିଷଦରେ ବିଜେଡିର ସଂଖ୍ୟା ଗରିଷ୍ଠତା ରହିଛି। ଜିଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ଉଭୟେ ବିଜେଡିର। ତେବେ ସଭ୍ୟମାନଙ୍କ କକ୍ଷ ତ୍ୟାଗ ଯୋଗୁ ବୈଠକରେ ଶିକ୍ଷକ ତାଲିକା ଅନୁମୋଦନ ହୋଇପାରିନାହିଁ।

ବୈଠକର ପ୍ରାରମ୍ଭରେ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ ଜିଲାରେ କନିଷ୍ଠ ଶିକ୍ଷକ ନିଯୁକ୍ତି ଅନୁମୋଦନ ନେଇ ପ୍ରସ୍ତାବ ସମ୍ପର୍କରେ କହିବା ମାତ୍ରେ ବିଜେଡିର ସମସ୍ତ ଜିଲା ପରିଷଦ ସଭ୍ୟ ନିଜ ଆସନରୁ ଉଠି ପ୍ରତିବାଦ କରିଥିଲେ। ବୈଠକ ସମ୍ପର୍କରେ ସେମାନଙ୍କୁ ଆଗରୁ ତଥା ନିୟମ ଅନୁଯାୟୀ ୭ ଦିନ ପୂର୍ବରୁ ଚିଠି କରା ନ ଯାଇ ଅଚାନକ କାହିଁକି ଡକାଗଲା ବୋଲି ସଭ୍ୟମାନେ ପ୍ରଶ୍ନ କରିଥିଲେ। ପ୍ରାୟ ବର୍ଷେ ହେଲା ବୈଠକ ହେଉ ନ ଥିବାରୁ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁ ନ ଥିବା କହିବା ସହ କ୍ଷୋଭ ପ୍ରକାଶ କରିଥିଲେ। ପରେ ବିଜେଡି ଜିଲା ପରିଷଦ ସଭ୍ୟମାନେ ବାହାରକୁ ଚାଲିଯାଇଥିଲେ। ବୈଠକରେ ଉପସ୍ଥିତ ସୋରଡା ବିଧାୟକ ନୀଳମଣୀ ବିଷୋୟୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଏବଂ ଜିଲାପାଳଙ୍କ ଅନୁରୋଧ ସତ୍ତ୍ୱେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ।

୨୪ ବର୍ଷ ଧରି ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ ଥିଲା ବେଳେ ଏବେ ନୂଆ ସରକାର ଆସିବା ପରେ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଚାଲିଥିବା ସରକାରୀ କାର୍ଯ୍ୟକ୍ରମରୁ ବିଜେଡି ସଭ୍ୟମାନେ ଉଠି ଚାଲିଯିବା ଘଟଣାକୁ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି। ଦଳୀୟ ମନୋଭାବ ରଖି ବିଜେଡି ସଭ୍ୟମାନେ କକ୍ଷତ୍ୟାଗ କରିଛନ୍ତି ବୋଲି ଉପସ୍ଥିତ ଭାଜପା ବିଧାୟକମାନେ କହିଛନ୍ତି। ମାତ୍ର ୧୦୦ ଦିନର ସରକାରକୁ ବିଜେଡି ପ୍ରଶ୍ନ କରିବା ହାସ୍ୟାସ୍ପଦ ବୋଲି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଗଣମାଧ୍ୟମକୁ କହିଛନ୍ତି। ତେବେ ଏହି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ପୂର୍ବ ସରକାରଙ୍କ ସମୟରେ ହୋଇଥିଲା ବୋଲି ଜଣାପଡିଛି। ଆସନ୍ତା ୨୭ ତାରିଖରେ ଏ ନେଇ ଆଉ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ବୈଠକକୁ ପୂର୍ବରୁ ଗଣମାଧ୍ୟମକୁ ଡକାଯାଇଥିଲା। ହେଲେ ଅଚାନକ ସମ୍ମିଳନୀ ଗୃହରେ ଉପସ୍ଥିତ ନ ରହିବାକୁ ପ୍ରଶାସନ ପକ୍ଷରୁ କୁହାଗଲା। ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ କେବଳ ଫଟୋ ଉଠାଇ ଆସିଯାନ୍ତୁ ବୋଲି କହିଥିଲେ।



ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତ ବୈଠକରୁ ଉଠି ପଳାଉଛନ୍ତି ବିଜେଡି ଜିଲା ପରିଷଦ ସଭ୍ୟମାନେ।

# ଭାଜପା ସରକାର କେବଳ ରଙ୍ଗ ବଦଳାଇବା କାମ କରିଛି: ଦେବାଶିଷ

କଟକ, ୧୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶାରେ ଭାଜପା ସରକାର ଗଠନକୁ ୧୦୦ ଦିନ ପୂରଣ ହୋଇଛି। ଭାଜପା ସରକାରକୁ ଟାର୍ଗେଟ୍ କରିଛନ୍ତି ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ। କଟକ ବିଜୁ ପଟ୍ଟନାୟକ ଛକଠାରେ ଆୟୋଜିତ ଏକ ବୈଠକରେ ଯୋଗଦେବା ପରେ ଦେବାଶିଷ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଭାଜପା ସରକାର ୧୦୦ ଦିନରେ କୌଣସି କାମ କରିନାହିଁ। ଏପର୍ଯ୍ୟନ୍ତ କୌଣସି ଦଳର ସରକାର ଗଠନ ହେବାର ୧୦୦ ଦିନ ପାଳନ କରାଯାଇ ନାହିଁ। ଭାଜପା ସରକାର କହିପାରିବେ ଏହି ୧୦୦ ଦିନରେ କ'ଣ କାମ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶମୂଳକ କାର୍ଯ୍ୟ କରିଥିଲେ। ଏବେ ଭାଜପା ସରକାର ଏହି ସମୟରେ କେବଳ ସମସ୍ତ ରଙ୍ଗ ବଦଳାଇବା କାମ କରିପାରିଛି। ଶାସନ କିଏ ଚଳାଉଛି ଓ ଚାବି କାହା ପାଖରେ ସେ ବିଷୟରେ କେବଳ ଭାଜପା ସରକାର କହିପାରିବ ବୋଲି ସାମନ୍ତରାୟ କହିଛନ୍ତି।

# ଅସିଦ୍ଧ ସାବ୍ୟସ୍ତ ହେଲା ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷାଙ୍କ ପଦବୀ



ରମାଦେବୀ ରାଉତରାୟ



ବାସନ୍ତି ସାହୁ

ଡେଲାଙ୍ଗ/ପିପିଲି, ୧୯।୯
(ରଶ୍ମିରଞ୍ଜନ ପ୍ରଧାନ/ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷା ତଥା ହରିରାଜପୁର ପଞ୍ଚାୟତର ସମିତି ସଭ୍ୟା ବାସନ୍ତୀ ସାହୁଙ୍କ ପଦବୀକୁ ଗୁରୁବାର ପିପିଲି ସିଭିଲ ଜଜ୍ ସିନିୟର ଡିଭିଜନ ଅସିଦ୍ଧ ଘୋଷଣା କରିଛନ୍ତି। ଅନ୍ୟପଟେ ଅଧ୍ୟକ୍ଷା ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଡେଲାଙ୍ଗ କୋଠବାଡ଼ ପଞ୍ଚାୟତର ସମିତି ସଭ୍ୟା ରମାଦେବୀ ରାଉତରାୟଙ୍କୁ ନୂତନ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ଭାବେ କୋର୍ଟ ଘୋଷଣା କରିଛନ୍ତି।

ସୂଚନା ଥାଉକି ଗତ ପଞ୍ଚାୟତ ନିର୍ବାଚନରେ ବାସନ୍ତୀ ସାହୁ ହରିରାଜପୁର ପଞ୍ଚାୟତର ସମିତି ସଭ୍ୟା ରୂପେ ନିର୍ବାଚିତ ହୋଇଥିଲେ। ପରେ ସାହୁ ଡେଲାଙ୍ଗ ବ୍ଲକର ୨୧ଟି ସମିତି ସଭ୍ୟ ଭୋଟରୁ ୧୨ ଖଣ୍ଡ ଭୋଟ ପାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ସେହିପର ପ୍ରତିଦ୍ୱନ୍ଦ୍ୱୀ ରମାଦେବୀ ରାଉତରାୟ ମାତ୍ର ୯ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ପରାଜୟ ପରେ ବାସନ୍ତୀଙ୍କ ୩ଟି ସନ୍ତାନ ଥିବା ଦର୍ଶାଇ ରମାଦେବୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିଦିନଠାରୁ ମାମଲାଟି କୋର୍ଟରେ ବିଚାରାଧୀନ ଥିବା ବେଳେ ଗୁରୁବାର କୋର୍ଟ ନିଜର ଚୂଡ଼ାନ୍ତ ଘୋଷଣା ଶୁଣାଇଛନ୍ତି।

# ପଶ୍ଚିମ ଓଡ଼ିଶାରେ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ଲୋକଙ୍କ ସମ୍ମୁଖକୁ ଆଣ

ଭୁବନେଶ୍ୱର, ୧୯।୯(ଅନିଲ ଦାସ)

ରାଜ୍ୟରେ ଭାଜପା ସରକାର ଲୋକଙ୍କୁ ମିଥ୍ୟା କଥା କହି କ୍ଷମତାକୁ ଆସିଛି। ଖୁବ୍ କମଦିନ ଭିତରେ ଏମାନଙ୍କ ଅସଲ ଚେହେରା ପଦାରେ ପଡ଼ିବ। ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବରଗଡ଼ ଓ ବୌଦ୍ଧ ଜିଲା କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି।

ଗୁରୁବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ବରଗଡ଼ ଓ ବୌଦ୍ଧ ଜିଲା ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ନବୀନ ପଟ୍ଟନାୟକ ଯୋଗଦେଇ ଜିଲା କାର୍ଯ୍ୟକର୍ତ୍ତାଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ପ୍ରଥମେ ସେ ବୌଦ୍ଧ ଜିଲା କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ କିଭଳି ବିଜେଡି ସଙ୍ଗଠନକୁ ଜିଲାରେ ମଜଭୁତ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ଏହି ସଭାରେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ ଓ ପୂର୍ବତନ ବିଧାୟକ ମହୀଧର ରଣା ପ୍ରମୁଖ ବୌଦ୍ଧ ଓ କନ୍ଧମାଳ ନିର୍ବାଚନମଣ୍ଡଳୀ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ନବୀନ କହିଥିଲେ, ଗତ ୨୪ ବର୍ଷରେ ଦାରିଦ୍ର୍ୟ ହାର ଶତକଡା ୭୦ରୁ ଖସି ୧୦ରେ ପହଞ୍ଚିଛି। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଗମନାଗମନ କ୍ଷେତ୍ରରେ ଓଡ଼ିଶା ବହୁ ଅଗ୍ରଗତି କରିଛି। ସାଧାରଣ ଜନତାଙ୍କ ସହିତ ରହି କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ସେହିଭଳି ବରଗଡ଼ ଜିଲା କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ବିଧାୟିକା ବର୍ଷା ସିଂ ବରିହା, ଜିଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର, ଜିଲା ପରିଷଦ ସଭାପତି ମାନିନୀ ଭୋଇ ପ୍ରମୁଖ ଉପସ୍ଥିତ ରହି ସଙ୍ଗଠନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଉପରେ କେନ୍ଦ୍ର ସରକାର ଜିଏସ୍‌ଟି ଲାଗୁ କରିବାରୁ ବୁଣାକାର ସମାଜ ଉପରେ ଆର୍ଥିକ ବୋଝ ବଢୁଛି। କେନ୍ଦ୍ର ସରକାର ତୁରନ୍ତ ଜିଏସ୍‌ଟି ଛାଡ଼ କରିବା ଆବଶ୍ୟକ। ଲୋକମାନେ ରକ୍ତ ଅଭାବରେ ମେଡିକାଲରେ ହଇରାଣ ହେଉଛନ୍ତି। ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ରକ୍ତଦାନ କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ନବୀନ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ଉଭୟ ଜିଲାର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଆଗାମୀ ଦିନରେ ଦଳ ସଭାପତିଙ୍କ ନେତୃତ୍ୱରେ ସଙ୍ଗଠନକୁ ସୁଦୃଢ଼ କରିବା ସହ ଭାଜପା ସରକାରର ପ୍ରତ୍ୟେକ ଜନବିରୋଧୀ କାର୍ଯ୍ୟକୁ ବିରୋଧ କରି ଆନ୍ଦୋଳନକୁ ଜୋରଦାର କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ବରଗଡ଼, ବୌଦ୍ଧ ଜିଲା ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ନବୀନଙ୍କ ପରାମର୍ଶ



ଶଙ୍ଖ ଭବନଠାରେ ଗୁରୁବାର ଅନୁଷ୍ଠିତ ବରଗଡ଼ ଓ ବୌଦ୍ଧ ଜିଲା ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଦଳର ସଭାପତି ନବୀନ ପଟ୍ଟନାୟକ।

ପ୍ୟାରିସ୍ ପାରାଲିମ୍ପିକ୍ସ

# ଭାରତ ପାଇଁ ସ୍ମରଣୀୟ

**ପ୍ୟାରିସ୍ ପାରାଲିମ୍ପିକ୍ସ ଭାରତ ପାଇଁ ସ୍ମରଣୀୟ ରହିଛି। ଭାରତ ପ୍ରଥମଥରପାଇଁ ୭ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ୨୯ ପଦକ ଜିତି ତାଲିକାର ୧୮ଶ ସ୍ଥାନରେ ରହିବା ମଧ୍ୟ ପ୍ରଥମ। ଆଥ୍ଲେଟିକ୍ସର ଟ୍ରାକ୍ ଆଣ୍ଡ ଫିଲ୍ଡରୁ ପ୍ରଥମଥରପାଇଁ ପଦକ ଜିତିଛି ଭାରତ। ଅଭନୀ ଲେଖରା ଓ ସୁମିତ ଆଣ୍ଟିଲ ସ୍ୱର୍ଣ୍ଣ ପଦକ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି...**



ନିର୍ମଳ କୁମାର ମିଶ୍ର

ପ୍ୟାରିସ୍ ପାରାଲିମ୍ପିକ୍ସରେ ଚମକ ଦେଖାଇଛନ୍ତି ଭାରତୀୟ ଆଥଲେଟ। ସେପ୍ଟେମ୍ବର ୮ରେ ଶେଷ ହୋଇଥିବା ଏହି ମେଗା ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀମାନେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବା ସହିତ ଦେଶବାସୀଙ୍କ ହୃଦୟ ଜିତିଛନ୍ତି। ଗତ ୨୦୨୦ ଟୋକିଓ ପାରାଲିମ୍ପିକ୍ସ ଅପେକ୍ଷା ଭଲ ପ୍ରଦର୍ଶନ କରିବା ସହିତ ଭାରତ ଏଥର ପଦକ ସଂଖ୍ୟା ବୃଦ୍ଧି କରିଛି। ୭ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୩ ବ୍ରୋଞ୍ଜ ଜିତିବା ସହ ପଦକ ତାଲିକାରେ ପ୍ରଥମଥରପାଇଁ ଟପ୍-୨୦ ଅର୍ଥାତ୍ ୧୮ଶ ସ୍ଥାନରେ ରହିଛି। ପଦକ ତାଲିକାକୁ ଦେଖିଲେ ଆମ ପାରା ଆଥଲେଟ୍ସମାନେ ଆଇଲେଟିକ୍ସରେ ବହୁତଭଲ ପ୍ରଦର୍ଶନ କରିଥିବା ନଜରକୁ ଆସେ। ମୋଟ ପଦକ ମଧ୍ୟରୁ ୧୭ଟି ପଦକ ଆମେ ଆଥଲେଟକ୍ସର ବିଭିନ୍ନ ଇଭେଣ୍ଟରେ ହାସଲ କରିଛୁ। ଅନ୍ୟ ପକ୍ଷରେ ବ୍ୟାଡମିଣ୍ଟନ ଓ ଶୁଟିଂରେ ମଧ୍ୟ ଆମର ପ୍ରଦର୍ଶନ ସ୍ମରଣୀୟ ରହିଛି। ଟୋକିଓ ପାରାଲିମ୍ପିକ୍ସ ଓ ପ୍ୟାରିସ ମଧ୍ୟରେ ତୁଳନା କଲେ ଦେଖାଯାଏ ଯେ, ଆମର ପ୍ରତିଯୋଗୀମାନେ ଦେଶର ପାରା ସ୍ପୋର୍ଟ୍ସକୁ ଏକ ନୂଆ ସୋପାନରେ ପହଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ବିଶେଷ କରି ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ପଦକ ହାସଲ ଆଇଓସି (ଭାରତୀୟ ଅଲିମ୍ପିକ୍ସ କମିଟି)ର ସଦସ୍ୟମାନଙ୍କୁ ବେଶ ଉତ୍ସାହିତ କରିଛି। ପଦକ ତାଲିକାରେ ଯଦିଓ ଚାଇନା, ବ୍ରିଟେନ ଓ ଆମେରିକା ଶୀର୍ଷରେ ରହିଛନ୍ତି ତେବେ ଭାରତ ପାରାଲିମ୍ପିକ୍ସ ଇତିହାସରେ ପ୍ରଥମ ଥର ପାଇଁ ୨୦ଟି ଦେଶ ମଧ୍ୟରେ ସାମିଲ ହୋଇଛି।

ଟୋକିଓ ପାରାଲିମ୍ପିକ୍ସରେ ଭାରତ ପଦକ ତାଲିକାରେ ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ସହ ୨୪ ତମ ସ୍ଥାନରେ ରହିଥିଲା। ଏଥର ଆମ ଆଥଲେଟ୍‌ମାନେ ୧୦ଟି ପଦକ ଅଧିକ ଜିତିଛନ୍ତି ଏବଂ ସ୍ୱର୍ଣ୍ଣ ପଦକ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ୧୯୬୦ରୁ ପାରାଲିମ୍ପିକ୍ସରେ ଭାଗନେଇଥିବା ଭାରତ ଏହି ୧୨ଶ ସଂସ୍କରଣରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏପର୍ଯ୍ୟନ୍ତ ହାସଲ ହୋଇଥିବା ମୋଟ ୬୦ ପଦକ ମଧ୍ୟରେ ୧୬ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୨୩ଟି ବ୍ରୋଞ୍ଜ ପଦକ ରହିଛି। ଆୟୋଜକ ଫ୍ରାନ୍ସ ପଦକ ତାଲିକାର ୮ମ ସ୍ଥାନରେ ରହିଥିଲେ ମଧ୍ୟ ବିଭିନ୍ନ ଇଭେଣ୍ଟ ଗୁଡିକୁ ଦେଖିବାକୁ ଷ୍ଟାଡିୟମରେ ଦର୍ଶକମାନେ ଭରପୁର ରହିବା ସହିତ ଶ୍ରେଷ୍ଠ ଖେଳାଳିମାନଙ୍କ ଉତ୍ସାହିତ କରିବା ଥିଲା ଉଲ୍ଲେଖନୀୟ ଘଟଣା।

ଭାରତୀୟ ଦଳର ଏହି ନିଆରା ସଫଳତା ପଛରେ ଅନେକ କାରଣ ରହିଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ ଟୋକିଓ ପାରାଲିମ୍ପିକ୍ସଠାରୁ ପ୍ୟାରିସ୍ ପାରାଲିମ୍ପିକ୍ସ ମଧ୍ୟରେ ଭାରତ ସରକାର ୭୪ କୋଟି ଟଙ୍କାର ବଜେଟ କାର୍ଯ୍ୟକାରୀ କରିଥିଲେ। ଯାହାର ସୁଫଳ ମିଳିଛି। ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ସମସ୍ତ ୮୪ଜଣ ଆଥଲେଟ୍‌ଙ୍କୁ ସରକାରୀ ପ୍ରୋତ୍ସାହନ ମିଳିଛି। ଏଥି ସହିତ ଅନ୍ତର୍ଜାତୀୟ ସ୍ତରରେ ଖେଳିବାର ଅଭିଜ୍ଞତା, ବିଶେଷଜ୍ଞଙ୍କ ପରାମର୍ଶ, ପ୍ୟାରିସର ଜଳବାୟୁ ସହିତ ଅଭ୍ୟସ୍ତ ହେବା, ବିଦେଶୀ କୋଚମାନଙ୍କୁ ନିୟୋଜିତ କରିବା ସହିତ ଖାଦ୍ୟପେୟ ଉପରେ ଭଲ ପୂର୍ବ ପ୍ରସ୍ତୁତି କରାଯାଇଥିଲା।

କେବଳ ସେତିକି ନୁହେଁ ଚଳିତ ଥର ପ୍ରଥମ ଥର ପାଇଁ ଆଘାତପ୍ରାପ୍ତ ଖେଳାଳିମାନଙ୍କ ପାଇଁ ବହୁ ପୂର୍ବରୁ ରିକଭରି ସେଣ୍ଟର ମଧ୍ୟ କରାଯାଇଥିଲା। ପ୍ରତିଯୋଗିତା ସମୟରେ ଆହତ ହେଲେ ଶୀଘ୍ର ଆରୋଗ୍ୟ ଲାଭ ପାଇଁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଶିବିରର ବ୍ୟବସ୍ଥା କ୍ରୀଡା ଗ୍ରାମରେ କରାଯିବା ଖେଳାଳିମାନଙ୍କ ମନରେ ଉତ୍ସାହ ଆଣିଥିଲା। ଏଥର ପଦକ ସଂଖ୍ୟା ବୃଦ୍ଧି ପାଇବା ସହିତ ଭଲ ପ୍ରଦର୍ଶନର ଏହା ଅନ୍ୟଏକ ବଡ କାରଣ। ଟୋକିଓ ପାରାଲିମ୍ପିକ୍ସ ପାଇଁ ମାତ୍ର ୨୬କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ପ୍ୟାରିସ ପାରାଲିମ୍ପିକ୍ସ ପାଇଁ ୭୪ କୋଟି ଟଙ୍କା ସରକାର ଖର୍ଚ୍ଚ କରିଥିଲେ। ସଫଳତାର ଅନ୍ୟଏକ କାରଣ ଯଦି ଆମେ ଦେଖିବା ତାହାଲେ ଜଣାଯିବ ଯେ ଏଥର ଭାରତ ସରକାର ଓ ଆଇଓସି ପକ୍ଷରୁ ମୋଟ ୭୭ ଜଣ କୋଚ୍ ଏବଂ ସପୋର୍ଟ ଷ୍ଟାଫ ପ୍ୟାରିସକୁ ଯାଇଥିଲେ। ୨୦୨୧ ଟୋକିଓ ପାରା ଅଲିମ୍ପିକ୍ସରେ ଏହି ସଂଖ୍ୟା ମାତ୍ର ୪୫ ରହିଥିଲା।

ଗତ ପାରାଲିମ୍ପିକ୍ସରେ ଭାରତର ଲକ୍ଷ୍ୟ ୨୫ଟି ପଦକ ରହିଥିଲା। ମାତ୍ର ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ୪ଟି ପଦକ ହାସଲ କରିବା ଆମ ସଫଳତାର କାହାଣୀ ପ୍ରକାଶ କରୁଛି। ମୋଟ ଉପରେ ଦେଖିବାକୁ ଗଲେ ପଦକ ଅଭିଯାନ ସ୍ୱର୍ଣ୍ଣରୁ ଆରମ୍ଭ ହୋଇ ସ୍ୱର୍ଣ୍ଣ ପଦକ ସହ ଶେଷ ହୋଇଥିଲା। ଭାରତ ପାଇଁ ମହିଳା ଶୁଟର ଅଭନୀ ଲେଖରା ସ୍ୱର୍ଣ୍ଣ ପଦକ ସହ ଖାତା ଖୋଲିଥିଲେ। ଗତ ୨୦୨୦ ପାରାଲିମ୍ପିକ୍ସର ସ୍ୱର୍ଣ୍ଣ ସଫଳତା ସେ ଦୋହରାଇ ଥିଲେ। ସେହିପରି ନଭଦୀପ ସିଂ ଜାଭେଲିନ୍ ଥ୍ରୋରେ ସୌଭାଗ୍ୟ ବଶତଃ ସ୍ୱର୍ଣ୍ଣ ପଦକ ଜିତିବା ଭାରତର ଖୁସିକୁ ଦ୍ୱିଗୁଣିତ କରିଥିଲା। ଇରାନ୍ ଆଥଲେଟ ବେଟ୍ ସାୟାହ ସାଦେଘ ଅଲିମ୍ପିକ୍ସ ନିୟମକୁ ଉଲଂଘନ କରିବା ଯୋଗୁଁ ତାଙ୍କର ସ୍ୱର୍ଣ୍ଣ ପଦକ ହରାଇଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ଭାରତର ଭିନେଶ ଫୋଗଟ ମାତ୍ର ୧୦୦ ଗ୍ରାମ୍ ଓଜନ ଅଧିକ ପାଇଁ ନିଶ୍ଚିତ ପଦକରୁ ବଞ୍ଚିତ ହୋଇଥିଲେ। ସେତେବେଳେ ଏହାକୁ ନେଇ ଅନେକ ଚର୍ଚ୍ଚା ହୋଇଥିଲା। ସେହିପରି ପାରାଲିମ୍ପିକ୍ସରେ ସାଦେଘଙ୍କ ଆପତ୍ତିଜନକ ପତାକା ପ୍ରଦର୍ଶନ ତାଙ୍କୁ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ କରିଥିଲା।

୧୯୬୦ରୁ ପାରା ଅଲିମ୍ପିକ୍ସ ପ୍ରତିଯୋଗିତା ଆରମ୍ଭ ହୋଇଥିଲେ ମଧ୍ୟ ଭାରତ ୧୯୬୮ରୁ ଅଂଶ ଗ୍ରହଣ କରୁଛି। ଭାରତ ୧୯୭୬ ଓ ୧୯୮୦ରେ ପାରା ଅଲିମ୍ପିକ୍ସରେ ବିଭିନ୍ନ କାରଣ ଯୋଗୁଁ ଅଂଶ ଗ୍ରହଣ କରିପାରି ନ ଥିଲା। ବେଶ୍ ଘଟଣା ବହୁଳ ରହିଥିଲା ଏହି ପ୍ୟାରିସ୍ ପାରାଲିମ୍ପିକ୍ସ। ତେବେ ଭାରତୀୟ ଆଥଲେଟ୍ସଙ୍କ ମନରେ ଏହା ବେଶ୍ ଉତ୍ସାହ ଭରିଛି। ଜମ୍ମୁକଶ୍ମୀରର ବାହୁବିହୀନ ମହିଳା ତୀରନ୍ଦାଜ ଶୀତଲ ଦେବୀ ସର୍ବକନିଷ୍ଠ ଭାରତୀୟ ମହିଳା ଭାବେ ପଦକ ଜିତିବାର ରେକର୍ଡ କରିଛନ୍ତି। ସେହିପରି ନାଗାଲାଣ୍ଡର ସୀମା ହୋକାଟୋ ଶଟପୁଟ ଥ୍ରୋ ଇଭେଣ୍ଟରେ ଏସୀୟ ରେକର୍ଡକୁ ଭାଙ୍ଗିଛନ୍ତି। ପାରା ଧାବିକା ପ୍ରୀତି ପାଲ ପାରାଲିମ୍ପିକ୍ସରେ ଏକମାତ୍ର ଭାରତୀୟ ଭାବେ ୨ଟି ପଦକ ହାସଲ କରିବାରେ ସଫଳ ହୋଇଛନ୍ତି। ଅନ୍ୟପକ୍ଷରେ ଶୁଟର ଅଭନୀ ଲେଖରା ଓ ଜାଭେଲିନ୍‌ରେ ସୁମିତ ଆଣ୍ଟିଲ ଅଲିମ୍ପିକ୍ସରେ କ୍ରମାଗତ ସ୍ୱର୍ଣ୍ଣ ପଦକ ଜିତିବା ଆମର ଅନନ୍ୟ ସଫଳତା।

ଉପଯୁକ୍ତ ସୁବିଧା ସୁଯୋଗ ପାଇଲେ ଆମେ ଆହୁରି ଆଗକୁ ଯିବା। ଏହା ସ୍ପଷ୍ଟ କରୁଛି ପ୍ୟାରିସ୍ ପାରାଲିମ୍ପିକ୍ସ। ଖୁସିର କଥା ଯେ, ସରକାର କ୍ରୀଡା ଓ କ୍ରୀଡାବିତ୍‌ମାନଙ୍କୁ ବେଶ୍ ପ୍ରୋତ୍ସାହିତ କରୁଛନ୍ତି। ଭାରତ ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ପରି ଅନ୍ୟାନ୍ୟ ବିଶ୍ୱସ୍ତରୀୟ ଚାମ୍ପିୟନଶିପ୍ ଆୟୋଜନ କଲେ ଅନେକ ଯୁବ ଖେଳାଳି ସୃଷ୍ଟି ହୋଇପାରିବେ। 'ଖେଲୋ ଇଣ୍ଡିଆ' ଯୁବ ଖେଳାଳିଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ହୋଇଛି। ଏହା ତୃଣମୂଳସ୍ତରରୁ ଖେଳାଳି ଚୟନ କରିବା ସହିତ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ତେବେ ମେଗା ଇଭେଣ୍ଟ ପୂର୍ବରୁ ଖେଳାଳି ଚୟନରେ ସ୍ୱଚ୍ଛତା ରହିବା ଆବଶ୍ୟକ। ଏଥି ସହିତ ଟ୍ରେନିଂ କ୍ୟାମ୍ପ ଗୁଡିକୁ ଅଧିକ ବ୍ୟାପକ କଲେ ଏବଂ ଦେଶ ପାଇଁ ଗୌରବ ଆଣୁଥିବା ଖେଳାଳିମାନଙ୍କୁ ଅଧିକ ପ୍ରୋତ୍ସାହିତ କରାଗଲେ ଆମ ଦେଶ ନିଶ୍ଚିତ ଆଗାମୀ ଲସଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବ। ସ୍ମରଣୀୟ ରହିବ ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ। ଏହା ଭାରତୀୟ କ୍ରୀଡା ପାଇଁ ଶୁଭ ସୂଚନା।



ସୁମିତ ଆଣ୍ଟିଲ



ଅଭନୀ ଲେଖରା


ପ୍ୟାରିସରେ ପଦକ ବିଜୟୀ ପାରାଲିମ୍ପିଆନ

# ହାର୍ଡ କୋର୍ଟ କୁଇନ୍

**ବେଲାରୁଷର ମହିଳା ଟେନିସ ତାରକା ଆରିନା ସାବାଲେଙ୍କା ଏପର୍ଯ୍ୟନ୍ତ ୩ଟି ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। କ୍ୟାରିୟରରେ ସେ ୨ଥର ଅଷ୍ଟ୍ରେଲିଆନ ଓପନ ଓ ଥରେ ୟୁଏସ୍ ଓପନ ଚାମ୍ପିୟନ ହୋଇଛନ୍ତି। ଏଥିପାଇଁ ତାଙ୍କୁ ହାର୍ଡକୋର୍ଟ କୁଇନ୍ ଆଖ୍ୟା ଦିଆଯାଉଛି...**

ବେଲାରୁଷର ଆରିନା ସାବାଲେଙ୍କା ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ୪ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ମଧ୍ୟରୁ ୨ଟି ହାର୍ଡ କୋର୍ଟରେ ଖେଳା ଯାଇଥିବା ବେଳେ ଗୋଟିଏ ଗ୍ରାସ୍ ଓ ଗୋଟିଏ କ୍ଲେରେ ଖେଳା ଯାଇଥାଏ। ହାର୍ଡ କୋର୍ଟରେ ଗୋଟିଏ ପରେ ଗୋଟିଏ ଟାଇଟଲ ଜିତିବା ସହ ନିଜକୁ ହାର୍ଡ କୋର୍ଟର କୁଇନ୍ ଭାବରେ ପ୍ରତିପାଦିତ କରିଛନ୍ତି ସାବାଲେଙ୍କା। ଅଷ୍ଟ୍ରେଲିଆନ୍ ଓପନ ଓ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ହାର୍ଡ କୋର୍ଟରେ ଖେଳା ଯାଇଥିବା ବେଳେ ଏଥିରେ ସାବାଲେଙ୍କା ନିଜକୁ ପ୍ରଥମରେ ରଖିଛନ୍ତି। ପୂର୍ବରୁ ୨୦୨୩ ଓ ୨୪ରେ ସାବାଲେଙ୍କା ଅଷ୍ଟ୍ରେଲିଆନ ଓପନରେ ଚାମ୍ପିୟନ ହୋଇ ସାରିଥିବା ସାବାଲେଙ୍କା ୨୦୨୪ରେ ୟୁଏସ୍ ଓପନରେ ଚାମ୍ପିୟନ ହୋଇଛନ୍ତି। ବେଲାରୁଷର ମିନ୍ସକରେ ଜନ୍ମ ଗ୍ରହଣ କରିଥିବା ସାବାଲେଙ୍କାଙ୍କ ପିତା ସର୍ଜେଇ ଜଣେ ଆଇସ୍ ହକି ଖେଳାଳି। ୬ ଫୁଟ ଉଚ୍ଚର ସାବାଲେଙ୍କା ଆରମ୍ଭରୁ ଟେନିସ୍ ପ୍ରତି ଆଗ୍ରହୀ ନ ଥିଲେ। ପିତାଙ୍କ ସହ ଥରେ କାର୍‌ରେ ଯାଉଥିବା ସମୟରେ ଏକ ଟେନିସ୍ କୋର୍ଟ ଦେଖିଥିଲେ। କୋର୍ଟ ପସନ୍ଦ ଆସିବାରୁ ଖେଳିବାକୁ ନେଇ ଆଗ୍ରହ ପ୍ରକାଶ କରିଥିଲେ। ଏହା ପରଠାରୁ ଟେନିସ୍ ପ୍ରତି ସାବାଲେଙ୍କାଙ୍କ ଭଲ ପାଇବା ବଢି ଚାଲିଥିଲା। ବେଲାରୁଷର ନ୍ୟାଶନାଲ ଟେନିସ୍ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ବେଳେ ଜୁନିୟର ସ୍ତରର ଖେଳ ସ୍କିପ୍ କରି ପ୍ରଫେଶନାଲ କରିବାକୁ ଟେନିସ୍ ଫେଡେରେଶନ ପରାମର୍ଶ ଦେଇଥିଲା।

ଜୁନିୟର ସ୍ତରରେ ସଫଳତା ପରେ ସାବାଲେଙ୍କା ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ କ୍ୟାରିୟର ଆରମ୍ଭ କରିଥିଲେ। ତେବେ ଆରମ୍ଭରୁ ସିଙ୍ଗଲ୍ସ ଅପେକ୍ଷା ଡବଲ୍ସରେ ସାବାଲେଙ୍କାଙ୍କୁ ଅଧିକ ସଫଳତା ମିଳିଥିଲା। ଏଲେନ ମର୍ଟେନ୍ସଙ୍କୁ ସାଥୀ କରି ଖେଳୁଥିବା ସାବାଲେଙ୍କା ୨୦୧୯ରେ ୟୁଏସ୍ ଓପନ ଓ ୨୦୨୧ରେ ଅଷ୍ଟ୍ରେଲିଆନ୍ ଓପନରେ ଚାମ୍ପିୟନ ହୋଇଥିଲା। ୨୦୨୧ ପରଠାରୁ ଡବଲ୍ସ ଛାଡି ସିଙ୍ଗଲ୍ସ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ ସାବାଲେଙ୍କା। ପରବର୍ତ୍ତୀ ୩ ବର୍ଷ ମଧ୍ୟରେ ମହିଳା ସିଙ୍ଗଲ୍ସର ଗ୍ରାଣ୍ଡସ୍ଲାମରେ ୫ ଥର ସେମି ଫାଇନାଲ ପ୍ରବେଶ କରିଥିବା ବେଳେ ୪ ଥର ଫାଇନାଲରେ ପ୍ରବେଶ କରିଥିଲେ। ଏହା ମଧ୍ୟରୁ ୩ଥର ସେ ଟାଇଟଲ ହାସଲ କରିଥିଲେ। ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସର ହାର୍ଡ କୋର୍ଟ ଇଭେଣ୍ଟ ଅଷ୍ଟ୍ରେଲିଆନ୍ ଓପନ ଓ ୟୁଏସ୍ ଓପନରେ ସାବାଲେଙ୍କାଙ୍କ ବିଜୟ ପ୍ରତିଶତ ଯଥାକ୍ରମେ ୮୨ ଓ ୮୧ ପ୍ରତିଶତ ରହିଛି। ଫ୍ରେଞ୍ଚ ଓପନରେ ସାବାଲେଙ୍କାଙ୍କ ବିଜୟ ପ୍ରତିଶତ ୭୦ ଓ ୱିମ୍ବେଲଡନରେ ଏହା ୬୯ ପ୍ରତିଶତ ରହିଛି। ଗ୍ରାଣ୍ଡସ୍ଲାମରେ ସାବାଲେଙ୍କା ୭୭ ମ୍ୟାଚ ଜିତିଥିବା ବେଳେ ୨୩ଟି ମ୍ୟାଚରେ ପରାଜିତ ହୋଇଛନ୍ତି।

୨୦୨୪ ୟୁଏସ୍ ଓପନ ବିଜୟ ତାଙ୍କୁ ଅନେକ କିଛି ଶିକ୍ଷା ଦେଇଛି ବୋଲି କହିଛନ୍ତି ସାବାଲେଙ୍କା। ବିଗତ କିଛି ଦିନର ପାରିପାର୍ଶ୍ୱିକ ସ୍ଥିତିର ଚାପ ରହିଥିଲେ ମଧ୍ୟ ଏହାକୁ ଠିକ୍ ଭାବରେ ମୁକାବିଲା କରିବା ପାଇଁ ମାନସିକ ଭାବରେ ସେ ପ୍ରସ୍ତୁତ ଥିବା କହିଥିଲେ ସାବାଲେଙ୍କା। ୨୦୧୯ରେ ସାବାଲେଙ୍କା ନିଜ ପିତାଙ୍କୁ ହରାଇଥିବା ବେଳେ ଅନ୍ତର୍ଜାତୀୟ ଟେନିସ୍‌ରେ ପରିବାରର ନାମ ଜାହିର କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ରହିଥିଲା ବୋଲି ସେ କହିଛନ୍ତି। ୨୦୨୪ ସାବାଲେଙ୍କାଙ୍କ ପାଇଁ ବ୍ୟକ୍ତିଗତ ଭାବରେ ବେଶ ଦୁଃଖଦାୟକ ରହିଥିଲା। ମାର୍ଚ୍ଚ ୨୦୨୪ରେ ପୂର୍ବତନ ପ୍ରେମିକ କନଷ୍ଟାଣ୍ଟାଇନ କୋଲ୍ଟସୋଭଙ୍କ ମୃତ୍ୟୁ ଘଟିଥିଲା। ମାୟାମିରେ ଅବସ୍ଥାନ କରୁଥିବା କନଷ୍ଟାଣ୍ଟାଇନ ଆତ୍ମହତ୍ୟା କରିଥିବା ନେଇ ଖବର ଆସିଥିଲା। ମାୟାମି ଓପନର ଠିକ୍ ପୂର୍ବରୁ ବୟଫ୍ରେଣ୍ଡଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ସାବାଲେଙ୍କା ଏଥିରେ ଅଂଶଗ୍ରହଣ କରିଥିଲେ। ଏପରିକି ୱିମ୍ବେଲଡନ୍‌ର ଠିକ୍ ପୂର୍ବରୁ କାନ୍ଧରେ ଆଘାତ କାରଣରୁ ତାଙ୍କୁ ଓହରିବାକୁ ମଧ୍ୟ ପଡିଥିଲା। ଏହି ସମୟରେ ପରିବାର ଲୋକଙ୍କ ସାହାଯ୍ୟ ତାଙ୍କୁ ଆଗକୁ ବଢିବାରେ ବେଶ୍ ସହାୟକ ହୋଇଥିଲା ବୋଲି କୁହନ୍ତି ସାବାଲେଙ୍କା। ବର୍ତ୍ତମାନ ମହିଳା ଖେଳାଳିଙ୍କ ମଧ୍ୟରେ ସାବାଲେଙ୍କାଙ୍କ ସର୍ଭିସ୍ ବେଶ ଶକ୍ତିଶାଳୀ। ୨୦୧ କି.ମି (୧୨୪ ମି.) ବେଗରେ ସର୍ଭିସ୍ କରିବାର ରେକର୍ଡ ରଖିଛନ୍ତି ସାବାଲେଙ୍କା। ପୋଲାଣ୍ଡର ଇଗା ସ୍ୱିଟେକଙ୍କ ସହିତ ସାବାଲେଙ୍କାଙ୍କ ରାଇଭାଲରି ବେଶ ଜଣାଶୁଣା। ଉଭୟ ୧୨ ଥର ସାମ୍ନା ସାମ୍ନି ହୋଇଥିବା ବେଳେ ସ୍ୱିଟେକ୍ ୮ ଥର ବିଜୟୀ ହୋଇଛନ୍ତି।

-ପ୍ରସ୍ତୁତି: ସରୋଜ ଜେନା

## ସଂକ୍ଷେପରେ...

ନାମ: ଆରିନା ସାବାଲେଙ୍କା
ବିଜୟ/ପରାଜୟ: ୪୦୬/୧୮୫
ସିଙ୍ଗଲ୍ସ ଟାଇଟଲ୍-୧୬
ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମ-୩
ଗ୍ରାଣ୍ଡସ୍ଲାମରେ ବିଜୟ/ପରାଜୟ: ୭୭/୨୩
ଅଷ୍ଟ୍ରେଲିଆନ୍ ଓପନ-(୨୦୨୩, ୨୦୨୪)
ୟୁଏସ୍ ଓପନ-୨୦୨୪
ଫ୍ରେଞ୍ଚ ଓପନ-୨୦୨୩(ସେମି ଫାଇନାଲ)
ୱିମ୍ବେଲଡନ୍-୨୦୨୧, ୨୦୨୩ (ସେମି ଫାଇନାଲ)
ଡବଲ୍ସ ଟାଇଟଲ୍-୬
ଡବଲ୍ସ ଗ୍ରାଣ୍ଡସ୍ଲାମ-୨
ଗ୍ରାଣ୍ଡସ୍ଲାମରେ ବିଜୟ/ପରାଜୟ: ୨୯/୯
ଅଷ୍ଟ୍ରେଲିଆନ୍ ଓପନ-(୨୦୨୧)
ୟୁଏସ୍ ଓପନ-୨୦୧୯
ଫ୍ରେଞ୍ଚ ଓପନ-୨୦୧୯(ସେମି ଫାଇନାଲ)
ୱିମ୍ବେଲଡନ୍-୨୦୧୯(କ୍ୱାର୍ଟର ଫାଇନାଲ)


ଆରିନା ସାବାଲେଙ୍କା

## ସ୍ପୋର୍ଟ୍ସ ପଲିଟିକ୍ସ

ଶହେ ଗ୍ରାମ ୱେଟ ଜ୍ୟାଦା ହୋଇବାରୁ
ପ୍ୟାରିସରୁ ହୋଇ ବିଦା
ଜୁଲାନା ଆଖଡ଼ାରେ କଂଗ୍ରେସ ପ୍ରାର୍ଥିନୀ
ଭି. ଫୋଗଟ କୁସ୍ତିଯୋଦ୍ଧା
କ୍ରୀଡ଼ାରୁ ପଲିଟିକ୍ସ ସିଧା
ସମୟ କହିବ ନାରୀନେତ୍ରୀ ହେବ
ଅବା ବନିଯିବ ବୋଦା।

ମୋଟ ଅଣତିରିଶ ପଦକରେ ଅଛି
ସାତଟି ପଦକ ସୁନା
ଧନ୍ୟ ଆମ ଦେଶ ପାରା ଆଥଲେଟ୍ସ
ଚମକନ୍ତି ଏଠି ସିନା
ରାଜନୀତି ଖେଳ ଛେନା
ପାଇଁ ବଜରଙ୍ଗ ପୁନିଆ କଂଗ୍ରେସ
ମଙ୍ଗ ଧରିଅଛି ଅନା।



ଦେଶର ବେକାରି ନପାରନ୍ତି ଉଠି
ତେଲିଆ ମୁଣ୍ଡରେ ତେଲ
ନେତା ମନ୍ତ୍ରୀ ଚିହ୍ନା ପୁଣି ହାତଗୁଞ୍ଜା
ନ ଦେଲେ ଜାଣିଥା ଝୁଲ
ପ୍ରତିଭା ଥାଇବି ମଲ
ବଣମଲ୍ଲୀ ବଣେ ଝଡ଼ିଯାନ୍ତି ଏଠି
ଦାୟୀ ରାଜନୀତି ଜାଲ।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୦/୨୦୨୪ Bhubaneswar, Friday, September 20/ 2024

# ଅଶ୍ୱିନଙ୍କ ଶତକ ସମ୍ମାନ ରଖିଲା


ଶତକ ହାସଲକାରୀ ରବିଚନ୍ଦ୍ରନ ଅଶ୍ୱିନ (ବାମ)ଙ୍କ ସହ ରବୀନ୍ଦ୍ର ଜାଡେଜା।

## ଏଲିଟ୍ କ୍ଲବ୍‌ରେ ଅଶ୍ୱିନ୍

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଶତକ ହାସଲ ସହ ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ୮ ନମ୍ବର ସ୍ଥାନରେ ବ୍ୟାଟିଂ କରି ସର୍ବାଧିକ ଶତକ ହାସଲକାରୀ ବ୍ୟାଟରଙ୍କ ମଧ୍ୟରେ ଅଶ୍ୱିନ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଟେଷ୍ଟ କ୍ୟାରିୟରରେ ଏହା ଅଶ୍ୱିନଙ୍କ ପଞ୍ଚମ ଶତକ ହୋଇଥିବା ବେଳେ ୮ ନମ୍ବର ସ୍ଥାନରେ ବ୍ୟାଟିଂ କରିବା ସମୟରେ ସେ ୪ଟି ଶତକ ମାରିଛନ୍ତି। ୫ ଶତକ ସହ ନ୍ୟୁଜିଲାଣ୍ଡର ଡାନିଏଲ ଭିଟୋରୀ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ଗୁରୁବାରର ଶତକ ସହିତ ଏହି ତାଲିକାରେ ଯୁଗ୍ମ ତୃତୀୟ ସ୍ଥାନରେ ଥିବା ଅଶ୍ୱିନ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ପାକିସ୍ତାନର କମରାନ୍ ଆକମଲ ଓ ୱେଷ୍ଟଇଣ୍ଡିଜ୍‌ର ଜାସନ ହୋଲ୍ଡର ୩ଟି ଲେଖାଏ ଶତକ ସହ ଏହି ତାଲିକାରେ ଯୁଗ୍ମ ତୃତୀୟ ସ୍ଥାନରେ ଅଛନ୍ତି।
ଏହା ସହ ଗୋଟିଏ ଭେନ୍ୟୁରେ ଶତକ ହାସଲ ସହ ୫ ଉଇକେଟ ସଫଳତା ନେବାରେ ଅଶ୍ୱିନ ମଧ୍ୟ ରେକର୍ଡ ନିଜ ନାମରେ କରିଛନ୍ତି। ଚେନ୍ନାଇରେ ଅଶ୍ୱିନଙ୍କର ଏହା ଦ୍ୱିତୀୟ ଶତକ ହୋଇଥିବା ବେଳେ ପୂର୍ବରୁ ୪ ଥର ୫ ଉଇକେଟ ସଫଳତା ହାସଲ କରି ସାରିଛନ୍ତି। ଗ୍ୟାରଫିଲ୍ଡ ସୋବର୍ସ ହେଡିଙ୍ଗଲିରେ ଦୁଇଟି ଶତକ ଓ ୨ ଥର ୫ ଉଇକେଟ ସଫଳତା ହାସଲ କରିଥିଲେ। ଭାରତୀୟ କିମ୍ବଦନ୍ତୀ କପିଳ ଦେବ ସମାନ ଚେନ୍ନାଇ ଭେନ୍ୟୁରେ ଦୁଇଟି ଶତକ ଓ ୨ ଥର ୫ ଉଇକେଟ ସଫଳତାର ରେକର୍ଡ ନିଜ ନାମରେ ରଖିଛନ୍ତି। ନ୍ୟୁଜିଲାଣ୍ଡର କ୍ରିସ୍ କେର୍ନସ ଅକଲାଣ୍ଡରେ ଦୁଇଟି ଶତକ ଓ ୨ ଥର ୫ ଉଇକେଟ ସଫଳତା ଅର୍ଜନ କରିଛନ୍ତି। ଇଂଲିଶ ଅଲରାଉଣ୍ଡର ଇଆନ୍ ବୋଥାମ ହେଡିଙ୍ଗଲିରେ ଦୁଇଟି ଶତକ ଓ ୩ ଥର ୫ ଉଇକେଟ ସଫଳତା ହାସଲ କରି ଏହି ତାଲିକାରେ ସାମିଲ ଅଛନ୍ତି।

ଚେନ୍ନାଇ,୧୯।୯(ପି.ଟି.)

ଚେନ୍ନାଇରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର ସମ୍ମାନ ରକ୍ଷା କରିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ଭାରତ ୧୪୪ ରନ୍‌ରେ ୬ ଉଇକେଟ ହରାଇ ସଂଘର୍ଷ କରୁଥିବା ବେଳେ ଅଶ୍ୱିନ ନିଜ ଟେଷ୍ଟ କ୍ୟାରିୟରର ପଞ୍ଚମ ଶତକ ହାସଲ କରିଥିଲେ। ଏହା ସହିତ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୬ ଉଇକେଟ ହରାଇ ୩୩୯ ରନ୍ ସଂଗ୍ରହ କରିଛି।

### ପ୍ରଥମ ଟେଷ୍ଟ
### ଜାଡେଜା, ଜୟସ୍ୱାଲଙ୍କ ଅର୍ଦ୍ଧଶତକ

### ମେହମୁଦଙ୍କ ଘାତକ ସ୍ପେଲ୍

ବାଂଲାଦେଶ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଚେନ୍ନାଇର ଲାଲ ମାଟିର ପିଚ୍‌ରେ ସାମାନ୍ୟ ବାଉନ୍ସ ରହିଥିବା ବେଳେ ଭ୍ରମଣକାରୀ ବାଂଲାଦେଶ ପକ୍ଷରୁ ହସନ ମେହମୁଦ ଅଗ୍ନିବର୍ଷୀ ବୋଲିଂ କରିଥିଲେ। ପ୍ରଥମ ସେସନ୍‌ରେ ୫-୨-୬-୩ର ଚମତ୍କାର ସ୍ପେଲ ବୋଲିଂ କରିଥିଲେ। ଏହା ମଧ୍ୟରେ ରୋହିତ ଶର୍ମା(୬), ଶୁବମାନ ଗିଲ୍(୦) ଓ ବିରାଟ କୋହଲି(୬)ଙ୍କ ପ୍ରାଇଜ୍ ଉଇକେଟ ସାମିଲ ଥିଲା। ପରେ ଯଶସ୍ୱୀ ଜୟସ୍ୱାଲ(୫୬) ଓ ରିଷଭ ପନ୍ତ(୩୯) ଚତୁର୍ଥ ଉଇକେଟରେ ୬୨ ରନ୍ ଯୋଡି ସ୍ଥିତି ସୁଧାରିବାକୁ ପ୍ରୟାସ କରିଥିଲେ। ଲଞ୍ଚ ପରେ ପନ୍ତଙ୍କୁ ନିଜର ଚତୁର୍ଥ ଶିକାର କରିଥିଲେ ହସନ।

### ଜାଡେଜା-ଅଶ୍ୱିନ ମ୍ୟାଜିକ

ପନ୍ତଙ୍କ ଉଇକେଟର ପତନ ପରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଅର୍ଦ୍ଧଶତକ କରିଥିଲେ ଜୟସ୍ୱାଲ। ୧୧୮ ବଲ ଖେଳି ୯ ଚୌକା ମାରି ସେ ୫୬ ରନ୍ କରିଥିଲେ। ନାହିଦ୍ ରାଣାଙ୍କ ବଲରେ ଜୟସ୍ୱାଲ ଆଉଟ ହେବା ପରେ ପରବର୍ତ୍ତୀ ବ୍ୟାଟର ଲୋକେଶ ରାହୁଲ ୧୬ ରନ୍ କରି ମେହିଦୀ ହସନ ମିରାଜଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପରେ ଚେନ୍ନାଇର ଦର୍ଶକଙ୍କୁ ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ମ୍ୟାଜିକ ଦେଖିବାକୁ ମିଳିଥିଲା। ଲୋକାଲ ବୟ ଅଶ୍ୱିନ ୧୧୨ ବଲ୍ ଖେଳି ୧୦ ଚୌକା ଓ ୨ ଛକା ସହ ୧୦୨ ରନରେ ଅପରାଜିତ ରହିଛନ୍ତି। ଅନ୍ୟପକ୍ଷରେ ଜାଡେଜା ୧୧୭ ବଲ୍ ଖେଳି ୧୦ ଚୌକା ଓ ୨ ଛକା ସହ ୮୬ ରନରେ ବ୍ୟାଟିଂ କରୁଛନ୍ତି। ଉଭୟ ଖେଳାଳି ସପ୍ତମ ଉଇକେଟରେ ୨୨୭ ବଲ ଖେଳି ଅବିଭାଜିତ ୧୯୫ ରନ୍ ଯୋଡିଛନ୍ତି। ବାଂଲାଦେଶ ପକ୍ଷରୁ ହସନ୍ ମେହମୁଦ୍ ୪ ଉଇକେଟ ନେଇଥିବା ବେଳେ ମେହିଦୀ ହସନ ମିରାଜ ଓ ନାହିଦ ରାଣା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୮୦ ଓଭରରେ ୩୩୯/୬ (ଅଶ୍ୱିନ-୧୦୨*, ଜାଡେଜା-୮୬*, ଜୟସ୍ୱାଲ-୫୬, ହସନ ମେହମୁଦ-୪/୫୮, ମେହିଦୀ ହସନ ମିରାଜ-୧/୭୭, ନାହିଦ୍ ରାଣା-୧/୮୦)।

# ପ୍ରଭାବୀ ପ୍ରଦର୍ଶନ ଲକ୍ଷ୍ୟରେ କୋଣାର୍କ ସୂର୍ଯ୍ୟସ


ନେଟ୍ ସେସନରେ ଅମ୍ବାତି ରାୟୁଡୁ।

ଯୋଧପୁର, ୧୯।୯ (ତପନ ସ୍ୱାଇଁ)

ଯୋଧପୁରର ବର୍କତୁଲା ଖାଁ ଷ୍ଟାଡିୟମ ପ୍ରସ୍ତୁତ। ଏଠାରେ ଶୁକ୍ରବାର ଉଦ୍‌ଘାଟିତ ହେବ ଲିଜେଣ୍ଡ୍‌ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ସଂସ୍କରଣ। ପ୍ରତିଯୋଗିତାରେ ଏଥର ୬ଟି ଦଳ ଅଂଶଗ୍ରହଣ କରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏଥର ପ୍ରଥମ ଥରପାଇଁ ଓଡ଼ିଶାରୁ ଏକ ଦଳ ଅଂଶଗ୍ରହଣ କରିବାକୁ ଯାଉଛି। ଭୁବନେଶ୍ୱର ଭିତ୍ତିକ ଏହି ଦଳର ନାମହେଲା କୋଣାର୍କ ସୂର୍ଯ୍ୟସ ଓଡ଼ିଶା। ଏହା ବ୍ୟତୀତ ମଣିପାଲ ଟାଇଗର୍ସ, ଇଣ୍ଡିଆ କ୍ୟାପିଟାଲ୍ସ, ଅର୍ବାନାଇଜର୍ସ ହାଇଦ୍ରାବାଦ, ଗୁଜରାଟ ଜାଏଣ୍ଟ୍ସ ଓ ସଦର୍ନ ସୁପର ଷ୍ଟାର୍ସ ଦଳ ଏଥିରେ ଭାଗ୍ୟ ପରୀକ୍ଷା କରିବେ। ସନ୍‌ପ୍ରିୟା ଗ୍ରୁପ ମାଲିକାନାରେ ଥିବା କୋଣାର୍କ ସୂର୍ଯ୍ୟସ ଓ ମଣିପାଲ ଟାଇଗର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଶୁକ୍ରବାର ଏଠାରେ ଅନୁଷ୍ଠିତ ହେବ। କୋଣାର୍କ ସୂର୍ଯ୍ୟସ ଦଳର ନେତୃତ୍ୱ ନେଉଛନ୍ତି ଭାରତୀୟ ଦଳର ପୂର୍ବତନ ତାରକା ଅଲ୍‌ରାଉଣ୍ଡର ଇର୍‌ଫାନ ପଠାନ। ସେହିପରି ପୂର୍ବତନ ଟିମ୍ ଇଣ୍ଡିଆ ତାରକା ସ୍ପିନର ହରଭଜନ ସିଂ ମଣିପାଲ ଟାଇଗର୍ସ ଦଳର ନେତୃତ୍ୱ ନେବେ। ଅପରାହ୍ନରେ କୋଣାର୍କ ସୂର୍ଯ୍ୟସ ଓ ସନ୍ଧ୍ୟାରେ ମଣିପାଲ ଟାଇଗର୍ସ ଦଳର ଖେଳାଳିମାନେ ବେଶ୍ କିଛି ସମୟ ଝାଳ ବୁହାଇଛନ୍ତି।

### ଆଜିଠୁ ଲିଜେଣ୍ଡ୍‌ସ ଲିଗ୍ କ୍ରିକେଟ

ମଣିପାଲ ଟାଇଗର୍ସ ହେଉଛି ଗତ ବର୍ଷର ଚାମ୍ପିୟନ ଦଳ। ତେଣୁ ଡିଫେଣ୍ଡିଂ ଚାମ୍ପିୟନକୁ ପ୍ରଥମ ମ୍ୟାଚ୍‌ରେ ଭେଟିବାକୁ ଯାଉଥିବାରୁ ମ୍ୟାଚ ସ୍ୱାଭାବିକଭାବେ ଚ୍ୟାଲେଞ୍ଜପୂର୍ଣ୍ଣ ହେବ ବୋଲି ସୂଚନା ଇଛନ୍ତି କୋଣାର୍କ ସୂର୍ଯ୍ୟସ ଅଧିନାୟକ ଇର୍‌ଫାନ। କୋଣାର୍କ ସୂର୍ଯ୍ୟସର ସିଓଓ ଇନାକ୍ଷୀ ପ୍ରିୟମ ଓ ଡିରେକ୍ଟର ଅଫ୍ ସ୍ପୋର୍ଟ୍ସ ଶ୍ରେୟା ଗୁପ୍ତା ଦଳକୁ ଉତ୍ସାହିତ କରିଥିଲେ।

### ନଟରାଜ ବେହେରା ଖେଳିବେ

କୋଣାର୍କ ସୂର୍ଯ୍ୟସ ଦଳରେ ଅନେକ କିମ୍ବଦନ୍ତୀ ଖେଳାଳି ସାମିଲ ହୋଇଥିଲେ ହେଁ ଓଡ଼ିଶା ଛାପ ମଧ୍ୟ ରହିଛି। ଦଳର ଖେଳାଳିଙ୍କ ସହ ଓଡ଼ିଶାର ନଟରାଜ ବେହେରା ଦୀର୍ଘ ସମୟ ଅଭ୍ୟାସ କରିଥିବା ପରିଲକ୍ଷିତ ହୋଇଛି। ପୂର୍ବରୁ ତାଙ୍କ ନାମ ଘୋଷଣା କରାଯାଇ ନ ଥିଲେ ହେଁ ସନ୍ଦେହ ଉପରୁ ପରଦା ହଟାଇଛନ୍ତି ଅଧିନାୟକ ଇର୍‌ଫାନ। ନଟରାଜ ଦଳସହ ଅଛନ୍ତି ଏବଂ ସେ ଖେଳିବେ ବୋଲି ଇର୍‌ଫାନ ପ୍ରକାଶ କରିଛନ୍ତି। ସେହିପରି ଘରୋଇ କ୍ରିକେଟରେ ଓଡ଼ିଶାର ପରିଚିତ ନାମ ଦୀପକ ମଙ୍ଗରାଜଙ୍କୁ ମଧ୍ୟ ପଡ଼ିଆରେ ଦେଖିବାକୁ ମିଳିଥିଲା। ସେ ଚଳିତ ଓଡ଼ିଶା ସୂର୍ଯ୍ୟସ ଦଳର ସହକାରୀ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଭିନ୍ନ ସ୍ଥାନରୁ ଖେଳାଳିମାନେ ଆସି ଗୁରୁବାର ଯୋଗ ଦେଇଛନ୍ତି। ପ୍ରଥମ ଦିବସରେ ଅଭ୍ୟାସ ସେସନ ଖୁବ୍ ଭଲ ରହିଛି ବୋଲି ଦୀପକ ପ୍ରକାଶ କରିଛନ୍ତି।




### କାର୍ଯ୍ୟସୂଚୀ

ସେପ୍ଟେମ୍ବର ୨୦: କୋଣାର୍କ ସୂର୍ଯ୍ୟସ୍ ବନାମ ମଣିପାଲ ଟାଇଗର୍ସ (ଜୋଧପୁର), ସନ୍ଧ୍ୟା ୭.୦୦।
ସେପ୍ଟେମ୍ବର ୨୭: କୋଣାର୍କ ସୂର୍ଯ୍ୟସ୍ ବନାମ ମଣିପାଲ ଟାଇଗର୍ସ (ସୁରଟ), ସନ୍ଧ୍ୟା ୭.୦୦।
ସେପ୍ଟେମ୍ବର ୨୯: କୋଣାର୍କ ସୂର୍ଯ୍ୟସ୍ ବନାମ ଇଣ୍ଡିଆ କ୍ୟାପିଟାଲ୍ସ (ସୁରଟ), ସନ୍ଧ୍ୟା ୭.୦୦।
ଅକ୍ଟୋବର ୨ : କୋଣାର୍କ ସୂର୍ଯ୍ୟସ୍ ବନାମ ସଦର୍ନ ସୁପରଷ୍ଟାର (ସୁରଟ), ସନ୍ଧ୍ୟା ୭.୦୦।
ଅକ୍ଟୋବର ୪: କୋଣାର୍କ ସୂର୍ଯ୍ୟସ୍ ବନାମ ଇଣ୍ଡିଆ କ୍ୟାପିଟାଲ୍ସ (ଜମ୍ମୁ), ଅପରାହ୍ନ ୩.୦୦।
ଅକ୍ଟୋବର ୪: କୋଣାର୍କ ସୂର୍ଯ୍ୟସ୍ ବନାମ ହାଇଦ୍ରାବାଦ (ଜମ୍ମୁ), ସନ୍ଧ୍ୟା ୭.୦୦।
ଅକ୍ଟୋବର ୬: କୋଣାର୍କ ସୂର୍ଯ୍ୟସ୍ ବନାମ ହାଇଦ୍ରାବାଦ (ଜମ୍ମୁ), ସନ୍ଧ୍ୟା ୭.୦୦।
ଅକ୍ଟୋବର ୧୧: କୋଣାର୍କ ସୂର୍ଯ୍ୟସ୍ ବନାମ ଗୁଜରାଟ (ଶ୍ରୀନଗର), ସନ୍ଧ୍ୟା ୭.୦୦।

# ୨୭ ପଦକ ସହ ଓଡ଼ିଶା ଚାମ୍ପିୟନ


ଓଡ଼ିଶା ଶକ୍ତି ଉତ୍ତୋଳନ ଦଳ।

ଭୁବନେଶ୍ୱର,୧୯।୯(ସରୋଜ ଜେନା)

### ଜାତୀୟ ସିନିୟର ଶକ୍ତି ଉତ୍ତୋଳନ

ହରିୟାଣାର ସୋନିପତ୍‌ଠାରେ ଅନୁଷ୍ଠିତ ଜାତୀୟ ସିନିୟର ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଇଭେଣ୍ଟରେ ଓଡ଼ିଶା ମୋଟ ୨୭ ପଦକ ହାସଲ କରିଥିଲା। ବିଭିନ୍ନ ରାଜ୍ୟର କ୍ରୀଡ଼ାବିତ୍‌ଙ୍କ ସହ ଓଡ଼ିଶାରୁ ୩୦ ପୁରୁଷ ଏବଂ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ପୁରୁଷ ବର୍ଗରେ ରୋଶନ୍ ପ୍ରଧାନ, ନିଖିଲ ରଞ୍ଜନ ବେହେରା, ରାହୁଲ ପାତ୍ର, ଦିବ୍ୟରଞ୍ଜନ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଲବ ମହାନନ୍ଦୀ, ସୁନୀଲ ନାୟକ, ସୁଦୀପ ମହାରଣା, ଶରତ ମିଶ୍ର, ସୋମନାଥ ପଟ୍ଟନାୟକ ରୋପ୍ୟ ଏବଂ ଦୁଷ୍ମନ୍ତ ସାହୁ, ସଞ୍ଜୟ ନାୟକ ଓ ସୁମନ୍ତ କୁମାର ସାହୁ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମହିଳା ବର୍ଗରେ ଦେବସ୍ମିତା ରଥ, ସୁନିତା ନାୟକ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ବନାନୀ ବିଶ୍ୱାସ, ଡଲି ପୂଜାରୀଙ୍କ ରୌପ୍ୟ ପଦକ ଏବଂ କଲ୍ୟାଣୀ ସିଂହ, ସାଗରିକା ରାୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ଉର୍ମିଳା ବେହେରା ମାଷ୍ଟର ବର୍ଗରେ ସ୍ୱର୍ଣ୍ଣ ଜିତି ଷ୍ଟ୍ରଙ୍ଗଓମେନ୍ ବିବେଚିତ ହୋଇଥିଲେ।

# ହୃଦାନନ୍ଦଙ୍କୁ ଡବଲ୍ ମେଡାଲ



ଭୁବନେଶ୍ୱର,୧୯।୯
(ସରୋଜ ଜେନା)

### ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

ଫିଜିର ସୁଭାରେ ଚାଲିଥିବା ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ହୃଦାନନ୍ଦ ଦାସ ଡବଲ୍ ମେଡାଲ ହାସଲ କରିଛନ୍ତି। ୮୯ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ହୃଦାନନ୍ଦ ଦାସ ମୋଟ ୨୯୯ କିଗ୍ରା ଭାରୋତ୍ତୋଳନ କରିଥିଲେ। ସେ ସ୍ନାଚ୍‌ରେ ୧୨୯ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୭୦ କିଗ୍ରା ଭାରୋତ୍ତୋଳନ କରିଥିଲେ। ଏହା ସହିତ ସେ ୟୁଥ୍ କାଟାଗୋରୀରେ ରୌପ୍ୟ ଓ ଜୁନିୟର କାଟାଗୋରୀରେ ବ୍ରୋଞ୍ଜ ପଦକ ହାତେଇଛନ୍ତି।
ମଙ୍ଗଳବାର ପ୍ରତିଯୋଗିତାର ପ୍ରଥମ ଦିବସରେ ମୀନା ସାନ୍ତା ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ଏବଂ ଜ୍ୟୋତ୍ସ୍ନା ଶବର ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଫଳରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦ୍ୱିତୀୟ ଦିବସ ଶେଷସୁଦ୍ଧା ଓଡ଼ିଶା ପ୍ରତିଯୋଗୀମାନେ ୪ ସ୍ୱର୍ଣ୍ଣ,୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି।

# 'ଓଡ଼ିଶାର ନାମ ଉଜ୍ଜ୍ୱଳ କରିବା ଆମର ଲକ୍ଷ୍ୟ'

**ଯୋଧପୁର, ୧୯।୯ (ତପନ ସ୍ୱାଇଁ): ଲିଜେଣ୍ଡ୍‌ସ କ୍ରିକେଟ ଲିଗ୍ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ପ୍ରଥମଥରପାଇଁ ଭାଗନେବାକୁ ଯାଉଥିବା କୋଣାର୍କ ସୂର୍ଯ୍ୟସ ଦଳର ସମ୍ଭାବନାକୁ ନେଇ ନିଜର ମତ ରଖିଛନ୍ତି ଅଧିନାୟକ ଇରଫାନ ପଠାନ।**


ଇରଫାନ ପଠାନ

**● ଓଡ଼ିଶା ଦଳ ସହ ଯୋଡ଼ି ହୋଇଥିବାରୁ କିପରି ଅନୁଭବ କରୁଛନ୍ତି।**
▶ଓଡ଼ିଶା ଟିମ୍ ସହିତ ଯୋଡ଼ି ହୋଇଥିବାରୁ ବହୁତ ଖୁସି ଲାଗୁଛି। ଏହି ଦଳ ସହ ଯେତେଲୋକ ଯୋଡ଼ି ହୋଇଛନ୍ତି ସମସ୍ତଙ୍କର ଅନେକ ଆଶା ରହିଛି। ଅନେକ କିଛି ଆଶାନେଇ ଏହି ଦଳ ଗଠନ କରାଯାଇଛି। କିଛି ଆଶା ନେଇ ଯେଉଁ କାର୍ଯ୍ୟ କରାଯାଏ ସେଥିରୁ ସଫଳତା ନିଶ୍ଚିତ ମିଳିଥାଏ। ମୁଁ ଜମ୍ମୁ କଶ୍ମୀର କ୍ରିକେଟ ସହ ୨ ବର୍ଷ ଯୋଡ଼ି ହୋଇଥିଲି। ସେଠାରେ ମଧ୍ୟ ଏପରି ଦେଖିବାକୁ ମିଳିଥିଲା। ମୁଁ ମଧ୍ୟ ବହୁତ ପରିଶ୍ରମ କରି ସେଠାରେ କ୍ରିକେଟକୁ ସଜାଡ଼ିବାକୁ ଚେଷ୍ଟା କରିଥିଲି। ଓଡ଼ିଶାର ନାମ ଉଜ୍ଜ୍ୱଳ କରିବା ଆମର ଏକମାତ୍ର ଲକ୍ଷ୍ୟ। ଆମ ଦଳ ଭଲ ଖେଳିବ ବୋଲି ମୋର ପୂରା ବିଶ୍ୱାସ ରହହିଛି।

**● କୋଣାର୍କ ସୂର୍ଯ୍ୟସ ଦଳ ସମ୍ପର୍କରେ କ'ଣ କହିବେ।**
▶ଭୁବନେଶ୍ୱରରେ ଟିମ୍ ଯେତେବେଳେ ନୂଆକରି ଆରମ୍ଭ ହେଲା ସେତେବେଳେ ମୁଁ ଉପସ୍ଥିତ ଥିଲି। ଏତେ ଖୁସିଥିଲି ଯେ ମୁଁ ମଧ୍ୟ କିଛି ଓଡ଼ିଆ କହିବାକୁ ଚେଷ୍ଟା କରିଥିଲି। ଓଡ଼ିଶା ସରକାର ଖେଳପାଇଁ ବହୁତ କିଛି କରୁଛନ୍ତି। ଦଳର ମାଲିକ ମଧ୍ୟ ରାଜ୍ୟରେ ଖେଳର ବିକାଶ ପାଇଁ ଅନେକ ଆଶା ବାନ୍ଧିଛନ୍ତି। ଆମେ ତାକୁ ସାକାର କରିବାକୁ ଉଦ୍ୟମ କରିବୁ। ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ଯେଉଁ ପଦକ୍ଷେପମାନ ନିଆଯାଉଛି ମୁଁ ଭାବୁଛି ଆଗାମୀ କିଛିବର୍ଷ ମଧ୍ୟରେ ଏହାର ଫଳ ମିଳିବ।

**● ବର୍ତ୍ତମାନ ପର୍ଯ୍ୟନ୍ତ ଅଭ୍ୟାସ କିପରି ରହିଛି।**
▶ବୁଧବାର କିଛି ଖେଳାଳି ଏକାଠି ହୋଇଥିଲେ। ଅନ୍ୟମାନେ ଗୁରୁବାର ଦଳସହ ଯୋଗ ଦେଇଛନ୍ତି। ଜେସି ରାଇଡର ଓ ରସ୍ ଟେଲରଙ୍କ ପରି ଖେଳାଳି ଦୀର୍ଘ ସମୟ ଯାତ୍ରା କରି ଏଠାରେ ପହଞ୍ଚିଛନ୍ତି। ସେମାନେ କିଛି ବିଶ୍ରାମ ଆବଶ୍ୟକ କରୁଛନ୍ତି। ଟୁର୍ନାମେଣ୍ଟ ଦୀର୍ଘଦିନ ଧରି ଚାଲିବ। ତେଣୁ ସବୁ ଦିଗକୁ ଗୁରୁତ୍ୱ ଦିଆଯାଉଛି। ଦଳରେ ବହୁ ଅଭିଜ୍ଞ ଖେଳାଳି ଅଛନ୍ତି। ୟୁସୁଫ ପଠାନ କୁହନ୍ତୁ ବା ଅମ୍ବାତି ରାୟୁଡୁ ଅବା ଜେସି ରାଇଡର ସେମାନେ ଯଦିଓ ଅବସର ନେଇଛନ୍ତି ତେବେ ସେମାନଙ୍କ ଦାୟିତ୍ୱକୁ ଭଲଭାବେ ବୁଝିଛନ୍ତି। ତେଣୁ ଆମେ ନିଶ୍ଚିତ ଭଲ ପ୍ରଦର୍ଶନ କରିବା ନେଇ ଆଶା ରହିଛି।

**● ମଣିପାଲ ଟାଇଗର୍ସ ଦଳକୁ ଆପଣ କିପରି ଦେଖୁଛନ୍ତି।**
▶ମଣିପାଲ ଟାଇଗର୍ସ ଗତ ବର୍ଷର ଚାମ୍ପିୟନ। ଏହା ଏକ ଶକ୍ତିଶାଳୀ ଦଳ। ମାତ୍ର ଆମେ ଯେତେବେଳେ ଗ୍ରାଉଣ୍ଡକୁ ଯିବୁ ସେ ସବୁକୁ ଭୁଲିଯିବୁ। କାରଣ କୌଣସି ଦଳ କେବେହେଲେ ହାରିବାକୁ ଚାହେଁନାହିଁ। ବିପକ୍ଷ ଦଳକୁ କିପରି ହରାଇବୁ ଏହା ଆମର ମୁଖ୍ୟ ଲକ୍ଷ୍ୟ ରହିବ।

**● ଭାଷ୍ୟକାରରୁ ଅଧିନାୟକ କେତେ କଷ୍ଟକର।**
▶ମୁଁ ୨୦ ବର୍ଷ ଧରି କ୍ରିକେଟ ଖେଳି ଆସୁଛି। ସବୁବେଳେ କଠିନ ପରିଶ୍ରମ ମୋର ଏକମାତ୍ର ଲକ୍ଷ୍ୟ । ଏବେ ମଧ୍ୟ ମୁଁ କଠିନ ପରିଶ୍ରମ କରୁଛି। ଭାଷ୍ୟକାର ଥିବାବେଳେ ସେ ଦାୟିତ୍ୱ ଭିନ୍ନ ଥିଲା। ଏବେ ଭିନ୍ନ ଦାୟିତ୍ୱ। ଓଡ଼ିଶା ଦଳ ଏ ବର୍ଷ ଯୋଡ଼ି ହେଲା, ମାତ୍ର ମୁଁ ପୂର୍ବରୁ ଖେଳି ଆସୁଛି। କହିବା ବହୁତ ସହଜ। ମାତ୍ର ପଡ଼ିଆରେ ତାହାହକୁ କାର୍ଯ୍ୟରେ ପରିଣତ କରିବା କଷ୍ଟକର। ମୁଁ ପଡ଼ିଆରେ ଭଲ ପ୍ରଦର୍ଶନ ପାଇଁ ଚେଷ୍ଟା କରୁଛି।

**● କୋଣାର୍କ ସୂର୍ଯ୍ୟସ ଦଳର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ କୁହନ୍ତୁ।**
▶ଆମର ଏକ ଭଲ ଅଲରାଉଣ୍ଡ ଦଳ। ମାତ୍ର ସବୁ ମ୍ୟାଚରେ ଯେ ଆମେ ଜିତିପାରିବୁ ସେ ଗ୍ୟାରେଣ୍ଟି କେହି ଦେଇ ପାରିବେ ନାହିଁ। ଆମ ଦଳରେ ରାୟୁଡୁ, ୟୁସୁଫ, ଟେଲରଙ୍କ ପରି ଅଭିଜ୍ଞ ଖେଳାଳି ଅଛନ୍ତି। ସେହିପରି ବୋଲିଂ ବିଭାଗରେ ବହୁତ କ୍ୱାଲିଟି ସ୍ପିନର ଅଛନ୍ତି। ପ୍ରବୀଣ ଟାମ୍ବେ, ଶାହାବାଜ ଓ ଅପନା ବହୁତ ଭଲ ଖେଳାଳି। ସେହିପରି ଠିକ୍ ସ୍ଥାନରେ ବୋଲିଂ ପାଇଁ ଉନ୍ନତ ଫାଷ୍ଟ ବୋଲର ବି ଅଛନ୍ତି। ତେଣୁ ଯେଉଁ ଦଳ ଚୟନ ହୋଇଛି ସେ ଯେ କୌଣସି ବିପକ୍ଷ ଦଳକୁ ହରାଇବାକୁ କ୍ଷମତା ରଖିଛି।

**● ପିଚ୍ ସମ୍ପର୍କରେ କ'ଣ କହିବେ।**
▶ଏଠାକାର ପିଚ୍‌ରେ ବହୁ ଦିନରୁ କ୍ରିକେଟ ଖେଳାଯାଇନାହିଁ। ତେଣୁ ପିଚ୍ କିପରି ବ୍ୟବହାର କରିବ ତାହା କେହି ଜାଣିନାହାନ୍ତି। ତେବେ ପ୍ରଥମ ମ୍ୟାଚରେ ଦଳ କିପରି ଖେଳୁଛି ତାକୁ ଦେଖି ଭବିଷ୍ୟତ ପାଇଁ ରଣନୀତି ପ୍ରସ୍ତୁତ କରାଯିବ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ